GEN - - ODIA

ଉପକ୍ରମ

ପରମେଶ୍ୱରଙ୍କ ସୃଷ୍ଟିର କଥା ଆଦିପୁସ୍ତକ ପ୍ରକାଶକରେ । ପୃଥିବୀରେ ଶୃଙ୍ଖଳା ଭୂମି, ସମୁଦ୍ର, ଗଛଲତା, ପଶୁ ପକ୍ଷୀ, ଜଳଚର ଜୀବ ଓ ମନୁଷ୍ୟ ପୁଣି ଆକାଶ ମଣ୍ଡଳରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ ସୃଷ୍ଟିର କଥା ଏହି ପୁସ୍ତକରେ ଲେଖାଅଛି । ଅନେକ ବିଷୟର ଆରମ୍ଭ ଯଥା, ମାନବ ଜୀବନ, ଈଶ୍ୱରଙ୍କ ସହିତ ମନୁଷ୍ୟର ସହଭାଗିତା, ପାପ, ଅଭିଶାପ, ମନୁଷ୍ୟର ପ୍ରାର୍ଥନା, ପରମେଶ୍ୱରଙ୍କର ଉପାସନା, ବାଦ୍ୟଯନ୍ତ୍ରର ବ୍ୟବହାର, ଲୁହା ଓ ତମ୍ବାର ଉପକରଣ ବ୍ୟବହାର କରିବା ଇତ୍ୟାଦିର ଆରମ୍ଭ ବିଷୟରେ ଆଦିପୁସ୍ତକ ପ୍ରକାଶକରେ । ଆଦିପୁସ୍ତକ ମୁଖ୍ୟତଃ ୪ଟି ବିଷୟ ପ୍ରକାଶକରେ, ଯଥା, ମନୁଷ୍ୟର ସୃଷ୍ଟି, ପାପରେ ପତନ, ଈଶ୍ୱରଙ୍କଠାରୁ ପୃଥକ୍ ହେବା ଓ ମାନବଜାତିର ପରିତ୍ରାଣ ନିମନ୍ତେ ଈଶ୍ୱର ଯୋଜନା । ଏହାସହ ମାନବଜାତିର ଆଦି ପିତାମାତା ଆଦମ ଓ ହବାଙ୍କ ଜୀବନ ସହିତ ନୋହ, ଅବ୍ରାହାମ, ଇସ୍‌ହାକ, ଯାକୁବ, ଯୋଷେଫ ଇତ୍ୟାଦି ବ୍ୟକ୍ତିଙ୍କ ଜୀବନ ବିଷୟରେ ଏହି ପୁସ୍ତକ ପ୍ରକାଶକରେ ।

### ଆଦିପୁସ୍ତକର ମୂଖ୍ୟ ବିଷୟ

୧. ସୃଷ୍ଟିର କଥା: ୧:୧-୨:୨୫
୨. ମନୁଷ୍ୟର ପାପ ଓ ଦଣ୍ଡ: ୩:୧-୪:୨୪
୩. ମହା ଜଳପ୍ଳାବନ: ୬:୧-୯:୨୯
୪. ମାନବଜାତିର ବୃଦ୍ଧି: ୧୦:୧-୧୧:୩୨
୫. ଅବ୍ରାହାମଙ୍କ କଥା: ୧୨:୧-୨୫:୧୮
୬. ଇସ୍‌ହାକଙ୍କ କଥା: ୨୫:୧୯-୨୬:୩୫
୭. ଯାକୁବ ଓ ତାଙ୍କ ପୁଅମାନଙ୍କ କଥା: ୨୭:୧ - ୫୦:୨୬

# 1

### ସୃଷ୍ଟିର କଥା

1ପରମେଶ୍ୱର, ଆରମ୍ଭରେ ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟିକଲେ ।

2ସେହି ସମୟରେ ପୃଥିବୀ ଠିକ୍ ଆକାରରେ[a] ନ ଥିଲା ପୁଣି ଏହା ଶୂନ୍ୟ ଥିଲା । ଗଭୀର ପାଣି ଉପରେ ଅନ୍ଧକାର ଥିଲା, ପୁଣି ପରମେଶ୍ୱରଙ୍କ ଆତ୍ମା ପାଣି ଉପରେ ବିଚରଣ[b] କରୁଥିଲେ ।

3ପୁଣି ପରମେଶ୍ୱର କହିଲେ, ଆଲୁଅ ସୃଷ୍ଟି ହେଉ, ଏଣୁ ଆଲୁଅ ସୃଷ୍ଟି ହେଲା ।

4ଆଉ ପରମେଶ୍ୱର ଦେଖିଲେ ଯେ ଆଲୁଅ ଉତ୍ତମ; ପୁଣି ସେ ଆଲୁଅକୁ ଅନ୍ଧାରରୁ ଅଲଗା କଲେ ।

5ପରମେଶ୍ୱର ଆଲୁଅକୁ 'ଦିନ' ଓ ଅନ୍ଧାରକୁ 'ରାତି' ନାମ ଦେଲେ । ଏହିପରି ସକାଳ ହେଲା ଓ ତାପରେ ସନ୍ଧ୍ୟା ହୋଇ[c] ପ୍ରଥମ ଦିନ ହେଲା ।

6ପୁଣି ପରମେଶ୍ୱର କହିଲେ, ପାଣି ମଝିରେ ଶୂନ୍ୟ ଜାତ ହେଉ, ପୁଣି ତାହା ତଳ ପାଣିରୁ ଉପର ପାଣିକୁ ଅଲଗା କରୁ ।

7ଏହିପରି ପରମେଶ୍ୱର ପାଣି ମଝିରେ ଶୂନ୍ୟ ଜାତକରି, ତଳ ପାଣିରୁ ଉପର ପାଣିକୁ ଅଲଗା କଲେ ।

---

[a]**1.2** ପରମେଶ୍ୱର ପୃଥିବୀକୁ ଯେଉଁ ରୂପ ଦେବାକୁ ଇଚ୍ଛା କରିଥିଲେ, ପୃଥିବୀ ସେହି ରୂପରେ ନ ଥିଲା । ପରମେଶ୍ୱଙ୍କ ତୃତୀୟ ଦିନର ସୃଷ୍ଟିର କାର୍ଯ୍ୟ ଶେଷ ହେବା ପରେ ପୃଥିବୀରେ ଶୃଙ୍ଖଳା ଭୂମି, ସମୁଦ୍ର, ନଦୀ ଓ ପାହାଡ଼ ଦେଖାଯାଇ ପୃଥିବୀ ଠିକ୍ ରୂପ ହେଲା ।

[b]**1.2** ବୁଲାବୁଲି

[c]**1.5** ଯିହୁଦୀ ଲୋକମାନଙ୍କର ଦିନ ସନ୍ଧ୍ୟାରୁ ଆରମ୍ଭ ହୋଇ ଆରଦିନ ସନ୍ଧ୍ୟାରେ ଶେଷ ହୁଏ, ତେଣୁ ହିବ୍ରୁ ପାଣ୍ଡୁଲିପିରେ ପ୍ରଥମେ ସନ୍ଧ୍ୟା ହୋଇ ସକାଳ ହେଲା ବୋଲି ଉଲ୍ଲେଖ ଅଛି ।

8ପରମେଶ୍ୱର ସେହି ଶୂନ୍ୟକୁ 'ଆକାଶ' ନାମ ଦେଲେ । ଏହିପରି ସକାଳ ହେଲା ଓ ତାପରେ ସନ୍ଧ୍ୟା ହୋଇ ଦ୍ୱିତୀୟ ଦିନ ହେଲା ।

9ଏହାପରେ ପରମେଶ୍ୱର କହିଲେ, ଆକାଶ ତଳେ ଥିବା ସବୁ ପାଣି ଗୋଟିଏ ସ୍ଥାନରେ ଜମା ହେଉ ଓ ଶୁଖିଲା ସ୍ଥାନ ଦେଖାଯାଉ । ଏଣୁ ସେହିପରି ହେଲା ।

10ପରମେଶ୍ୱର ସେହି ଶୁଖିଲା ସ୍ଥାନକୁ 'ଭୂମି' ଓ ଏକାଠି ହୋଇଥିବା ପାଣିକୁ 'ସମୁଦ୍ର' ନାମ ଦେଲେ । ପରମେଶ୍ୱର ଦେଖିଲେ ଯେ ସେସବୁ ଉତ୍ତମ ।

11ଏହାପରେ ପରମେଶ୍ୱର କହିଲେ, ଭୂମି, ନିଜ ନିଜ ଜାତି ଅନୁସାରେ, ମଞ୍ଜି ଜାତ କରୁଥିବା ବିଭିନ୍ନ ପ୍ରକାରର ଗଛ, ଲତା, ଶାଗ, ଘାସ ଓ ଫଳ ଗଛ ଇତ୍ୟାଦି ଜାତ କରୁ । ଏଣୁ ସେହିପରି ହେଲା ।

12ଏଣୁ ଭୂମି, ନିଜ ନିଜ ଜାତି ଅନୁସାରେ, ମଞ୍ଜି ଜାତ କରୁଥିବା ବିଭିନ୍ନ ପ୍ରକାରର ଗଛ, ଲତା, ଶାଗ, ଘାସ ଓ ଫଳ ଗଛ ଇତ୍ୟାଦି ଜାତ କଲା । ପରମେଶ୍ୱର ଦେଖିଲେ ଯେ ସେହିସବୁ ଉତ୍ତମ ।

13ଏହିପରି ସକାଳ ଏବଂ ତାପରେ ସନ୍ଧ୍ୟା ହୋଇ ତୃତୀୟ ଦିନ ହେଲା ।

14ଏହାପରେ ପରମେଶ୍ୱର କହିଲେ, ଦିନକୁ ରାତିରୁ ଅଲଗା କରିବା ପାଇଁ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ ସୃଷ୍ଟି ହୁଅନ୍ତୁ; ଯେପରି ସେସବୁ ଦ୍ୱାରା ପୃଥିବୀରେ ଦିନ, ଋତୁ ଓ ବର୍ଷ ଜଣାପଡ଼ିବ ।

15ସେହି ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ ପୃଥିବୀକୁ ଆଲୋକ ଦିଅନ୍ତୁ । ତେଣୁ ସେହିପରି ହେଲା ।

16ଏହିପରି ପରମେଶ୍ୱର ଦିନରେ ଆଲୁଅ ଦେବାକୁ ସୂର୍ଯ୍ୟ ଓ ରାତିରେ ଆଲୁଅ ଦେବାକୁ ଚନ୍ଦ୍ର ସୃଷ୍ଟିକଲେ; ପୁଣି ସେ ତାରାଗଣ ମଧ୍ୟ ସୃଷ୍ଟିକଲେ ।

17ପରମେଶ୍ୱର, ପୃଥିବୀକୁ ଆଲୁଅ ଦେବା ପାଇଁ ସେଗୁଡ଼ିକୁ ଆକାଶରେ ରଖିଲେ,

18ଯେପରି ସୂର୍ଯ୍ୟ ଦିନରେ ଆଲୁଅ ଦେବ ଓ ଚନ୍ଦ୍ର ରାତିରେ ଆଲୁଅ ଦେବ, ପୁଣି ଆଲୁଅକୁ ଅନ୍ଧାରରୁ ଅଲଗା କରିବ । ପୁଣି ପରମେଶ୍ୱର ଦେଖିଲେ ଯେ ସେସବୁ ଉତ୍ତମ ।

19ଏହିପରି ସକାଳ ହେଲା ଓ ତାପରେ ସନ୍ଧ୍ୟା ହୋଇ ଚତୁର୍ଥ ଦିନ ହେଲା ।

20ଏହାପରେ ପରମେଶ୍ୱର କହିଲେ, ମାଛ ଓ ପାଣିରେ ରହିବା ଅନ୍ୟ ପ୍ରାଣୀ ବହୁ ସଂଖ୍ୟାରେ ଜାତ ହୋଇ ପାଣିକୁ ପୂର୍ଣ୍ଣ କରନ୍ତୁ, ପୁଣି ପକ୍ଷୀଗଣ ଆକାଶରେ ଉଡ଼ନ୍ତୁ ।

21ଆଉ ପରମେଶ୍ୱର ସମୁଦ୍ରରେ ଅତି ବଡ଼ ବଡ଼ ପ୍ରାଣୀ, ପାଣିରେ ରହୁଥିବା ସବୁ ପ୍ରକାରର ଜୀବ ଏବଂ ସବୁଜାତିର ପକ୍ଷୀ ସୃଷ୍ଟିକଲେ, ଯେଉଁଗୁଡ଼ିକ ନିଜ ନିଜ ଜାତି ଅନୁସାରେ ଛୁଆ ଜନ୍ମ କରନ୍ତି । ପୁଣି ପରମେଶ୍ୱର ଦେଖିଲେ ଯେ ସେସବୁ ଉତ୍ତମ ।

22ପରମେଶ୍ୱର ସେଗୁଡ଼ିକୁ ଆଶୀର୍ବାଦ କରି କହିଲେ, ବହୁବଂଶ ହୁଅ ଓ ସଂଖ୍ୟାରେ ବୃଦ୍ଧି ପାଇ ସମୁଦ୍ରକୁ ପୂର୍ଣ୍ଣ କର ଓ ପୃଥିବୀରେ ପକ୍ଷୀମାନେ ବହୁ ସଂଖ୍ୟାରେ ବୃଦ୍ଧି ପାଆନ୍ତୁ ।

23ଏହିପରି ସକାଳ ହେଲା ଏବଂ ତାପରେ ସନ୍ଧ୍ୟା ହୋଇ ପଞ୍ଚମ ଦିନ ହେଲା ।

24ଏହାପରେ ପରମେଶ୍ୱର କହିଲେ, ଭୂମି, ନିଜ ନିଜ ଜାତି ଅନୁସାରେ ବିଭିନ୍ନ ପଶୁଜନ୍ତୁ: ଗୃହପାଳିତ ପଶୁ, ଛାତିରେ ଭରାଦେଇ ଯାଉଥିବା ଜୀବଜନ୍ତୁ ଓ ବଣର ପଶୁ ଜାତ କରୁ । ଏଣୁ ସେପରି ହେଲା ।

25ଏଣୁ ପରମେଶ୍ୱର, ନିଜ ନିଜ ଜାତି ଅନୁସାରେ ବଣର ପଶୁ, ଗୃହପାଳିତ ପଶୁ ଓ ଭୂମି ଉପରେ ଛାତିରେ ଭରାଦେଇ ଯାଉଥିବା ଜନ୍ତୁସବୁ ସୃଷ୍ଟିକଲେ । ପୁଣି ପରମେଶ୍ୱର ଦେଖିଲେ ଯେ, ସେସବୁ ଉତ୍ତମ ।

[26]ଏହାପରେ ପରମେଶ୍ୱର କହିଲେ, ଆସ ଆମ୍ଭେ ଆମ୍ଭ ନିଜ ପ୍ରତିମୂର୍ତ୍ତିରେ[a] ଓ ନିଜ ସାଦୃଶ୍ୟରେ[b] ମନୁଷ୍ୟକୁ ସୃଷ୍ଟି କରିବା । ସେମାନେ ସମୁଦ୍ରର ମାଛ, ଆକାଶର ପକ୍ଷୀ, ଗୃହପାଳିତ ପଶୁ, ଭୂମିର ସବୁ ପ୍ରକାରର ଜୀବଜନ୍ତୁ, ଛାତିରେ ଭରାଦେଇ ଯାଉଥିବା ସବୁ ଜନ୍ତୁ ଉପରେ ଶାସନ କରନ୍ତୁ ।

[27]ଏଣୁ ପରମେଶ୍ୱର ମନୁଷ୍ୟକୁ ନିଜ ପ୍ରତିମୂର୍ତ୍ତିରେ ସୃଷ୍ଟିକଲେ, ଅର୍ଥାତ୍, ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ମନୁଷ୍ୟକୁ ସୃଷ୍ଟିକଲେ । ସେ ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟିକଲେ ।

[28]ଏହାପରେ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କରି କହିଲେ, ତୁମ୍ଭେମାନେ ଫଳବନ୍ତ ହୁଅ[c] ଓ ସଂଖ୍ୟାରେ ବୃଦ୍ଧି ପାଅ, ପୁଣି ପୃଥିବୀକୁ ପରିପୂର୍ଣ୍ଣ କର ଓ ନିଜ ଅଧିନରେ ରଖ । ଏହାସହ ସମୁଦ୍ରର ମାଛ, ଆକାଶର ପକ୍ଷୀ, ଗୃହପାଳିତ ପଶୁ, ଭୂମିର ସବୁ ପ୍ରକାରର ପଶୁ ଓ ଛାତିରେ ଭରାଦେଇ ଯାଉଥିବା ଜନ୍ତୁସବୁଙ୍କୁ ଶାସନ କର ।

[29]ଏହାପରେ ପରମେଶ୍ୱର ମନୁଷ୍ୟକୁ କହିଲେ, ଦେଖ, ସାରା ପୃଥିବୀରେ ଥିବା ମଞ୍ଜି ଜାତ କରୁଥିବା ପ୍ରତ୍ୟେକ ଶାଗ, ପନିପରିବା ପୁଣି ଫଳ ଆମ୍ଭେ ତୁମକୁ ଦେଉଅଛୁ, ସେସବୁ ତୁମର ଖାଦ୍ୟ ହେବ ।

[30]ପୁଣି ଆମ୍ଭେ ଜୀବନ ଥିବା ପୃଥିବୀର ସବୁ ଜୀବଜନ୍ତୁ, ଆକାଶର ପକ୍ଷୀ ଓ ଛାତିରେ ଭରାଦେଇ ଯାଉଥିବା ପ୍ରାଣୀ ଖାଇବା ପାଇଁ ସମସ୍ତ ପ୍ରକାରର ସବୁଜ ଘାସ, ଶାଗ ଓ ପତ୍ର ଦେଲୁ । ଏଣୁ ସେହିପରି ହେଲା ।

[31]ପରମେଶ୍ୱର ଯାହାସବୁ ସୃଷ୍ଟିକଲେ, ସେସବୁ ଦେଖିଲେ ଯେ, ସେସବୁ ଅତି ଉତ୍ତମ । ଏହିପରି ସକାଳ ହେଲା ଏବଂ ତାପରେ ସନ୍ଧ୍ୟା ହୋଇ ଷଷ୍ଠ ଦିନ ହେଲା ।

# 2

[1]ଏହିପରି ପରମେଶ୍ୱର ଆକାଶମଣ୍ଡଳ, ପୃଥିବୀ ଏବଂ ସେଥିରେ ଥିବା ସମସ୍ତ ବିଷୟ ସୃଷ୍ଟିକଲେ ।

[2]ପରମେଶ୍ୱର ସପ୍ତମ ଦିନ ପୂର୍ବରୁ ତାହାଙ୍କ ସୃଷ୍ଟି କାର୍ଯ୍ୟ ଶେଷ କଲେ ଏବଂ ସପ୍ତମ ଦିନରେ ସେ ତାହାଙ୍କ ସୃଷ୍ଟିର ସବୁ କାର୍ଯ୍ୟରୁ ବିଶ୍ରାମ କଲେ ।

[3]ପରମେଶ୍ୱର ନିଜ ସୃଷ୍ଟିର ସବୁ କାର୍ଯ୍ୟ ଶେଷକରି ସପ୍ତମ ଦିନକୁ ଆଶୀର୍ବାଦ କଲେ ଓ ଏହି ଦିନକୁ ପବିତ୍ର ବୋଲି ଘୋଷଣା କଲେ; କାରଣ ସେ ସୃଷ୍ଟିର ସବୁ କାର୍ଯ୍ୟରୁ ସେହିଦିନ ବିଶ୍ରାମ କଲେ ।

### ପ୍ରଥମ ପୁରୁଷ ଓ ସ୍ତ୍ରୀ

[4,5]ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି ହେବା ସମୟର କଥା । ଯେତେବେଳେ ଯିହୋବା ପ୍ରଭୁ ପରମେଶ୍ୱର ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟିକଲେ, ସେହି ସମୟରେ ଭୂମିରେ କୌଣସି ଘାସ, ଶାଗ, ଗଛ କିମ୍ବା ଲତା ନ ଥିଲା । କାରଣ ଯିହୋବା ପ୍ରଭୁ ପରମେଶ୍ୱର ସେ ଯାଏଁ ପୃଥିବୀ ଉପରକୁ ବର୍ଷା ପଠାଇ ନ ଥିଲେ, ପୁଣି ଭୂମିରେ ଚାଷକାର୍ଯ୍ୟ କରିବାକୁ କୌଣସି ଲୋକ ନ ଥିଲେ ।

[6]ପୁଣି ଭୂମିରୁ କୁହୁଡ଼ି ଉଠି ସମସ୍ତ ଭୂମିକୁ ଓଦା କଲା ।

[7]ଯିହୋବା ପ୍ରଭୁ ପରମେଶ୍ୱର ଭୂମିରୁ ମାଟି ନେଇ ମନୁଷ୍ୟକୁ ଗଢ଼ିଲେ; ପୁଣି ସେ ସେହି ମନୁଷ୍ୟ ନାକରେ ପ୍ରାଣବାୟୁ ଫୁଙ୍କିଲେ । ସେଥିରେ ସେହି ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।

[8]ପୁଣି ଯିହୋବା ପ୍ରଭୁ ପରମେଶ୍ୱର, ପୂର୍ବ ଦିଗରେ ଥିବା ଏଦନ ନାମକ ସ୍ଥାନରେ ଏକ ବଗିଚା କରି ନିଜେ ଗଢ଼ିଥିବା ସେହି ପୁରୁଷକୁ ସେଠାରେ ରଖିଲେ ।

---

[a]**1.26** ରୂପରେ

[b]**1.26** ସ୍ୱଭାବ ଓ ଗୁଣ ଅନୁସାରେ

[c]**1.28** ଫଳବନ୍ତ ହୁଅ = ପିଲାଛୁଆ ଜନ୍ମ କର

9ଯିହୋବା ପ୍ରଭୁ ପରମେଶ୍ୱର ସେହି ବଗିଚାରେ ସବୁ ପ୍ରକାରର ସୁଆଦିଆ ଫଳ ଫଳୁଥିବା ସୁନ୍ଦର ସୁନ୍ଦର ଗଛ ଜାତ କଲେ । ପୁଣି ସେ ସେହି ବଗିଚା ମଝିରେ ଜୀବନ ଦେବା ଏକ ଗଛ ଓ ଭଲମନ୍ଦର ଜ୍ଞାନ ଦେବା ଏକ ଗଛ ରଖିଲେ ।

10ସେହି ଏଦନ ବଗିଚାରୁ ଏକ ନଦୀ ବାହାରିଲା; ସେହି ନଦୀ ସେହି ବଗିଚାରେ ପାଣି ସେଚନ କଲା ଓ ତାପରେ ଭାଗ ଭାଗ ହୋଇ ଚାରୋଟି ନଦୀ ହେଲା ।

11ପ୍ରଥମ ନଦୀର ନାମ ପିଶୋନ; ଏହା ସାରା ହବିଲା ଦେଶରେ ବହିଯାଏ, ଯେଉଁ ଦେଶରେ ସୁନା ମିଳେ ।

12ସେହି ଦେଶର ସୁନା ଭଲ । ପୁଣି ମୁକ୍ତା[g] ଓ ଗୋମେଦକ ମଣି[h] ମଧ୍ୟ ସେହି ଦେଶରେ ମିଳେ ।

13ଦ୍ୱିତୀୟ ନଦୀର ନାମ ଗିହୋନ; ଏହା ସାରା କୁଶ୍[i] ଦେଶରେ ବହିଯାଏ ।

14ତୃତୀୟ ନଦୀର ନାମ ହିଦ୍ଦେକଲ[j]; ଏହା ଅଶୂର ଦେଶର ପୂର୍ବ ଦିଗରେ ବହିଯାଏ । ପୁଣି ଚତୁର୍ଥ ନଦୀର ନାମ ଫରାତ୍[k] ।

15ଯିହୋବା ପ୍ରଭୁ ପରମେଶ୍ୱର, ସେହି ମନୁଷ୍ୟକୁ ନେଇ ଏଦନ ବଗିଚାରେ କାମ କରିବାକୁ ଓ ତାହାର ଯତ୍ନନେବାକୁ ରଖିଲେ ।

16ପୁଣି, ଯିହୋବା ପ୍ରଭୁ ପରମେଶ୍ୱର ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମେ ବଗିଚାରେ ଥିବା ସବୁ ଗଛର ଫଳ ଖାଇ ପାରିବ । 17କିନ୍ତୁ ବଗିଚା ମଝିରେ
ଥିବା ସେହି ଭଲମନ୍ଦ ଜ୍ଞାନ ଦେବା ଗଛର ଫଳ ଖାଇବ ନାହିଁ । ତୁମେ ଯେଉଁ ଦିନ ସେହି ଗଛର ଫଳ ଖାଇବ, ସେହିଦିନ ନିଶ୍ଚୟ ମରିବ ।

18ଏହାପରେ ଯିହୋବା ପ୍ରଭୁ ପରମେଶ୍ୱର କହିଲେ, ମନୁଷ୍ୟ ଏକୁଟିଆ ରହିବା ଭଲ ନୁହେଁ । ତେଣୁ ଆମ୍ଭେ ତାଙ୍କ ପାଇଁ ଉପଯୁକ୍ତ ଏକ ସାଥିକୁ ଗଢ଼ିବା, ଯିଏ ତାକୁ ସାହାଯ୍ୟ କରିବ ।

19ଏହାପରେ ଯିହୋବା ପ୍ରଭୁ ପରମେଶ୍ୱର ଭୂମିରୁ ସୃଷ୍ଟି ହୋଇଥିବା ସବୁ ପଶୁଜନ୍ତୁ, ଅର୍ଥାତ୍, ବଣର ପଶୁ ଓ ଆକାଶର ପକ୍ଷୀଗୁଡ଼ିକୁ ଆଦମ କେଉଁ ନାମ ଦେବ ତାହା ଦେଖିବା ପାଇଁ ତାଙ୍କ ନିକଟକୁ ଆଣିଲେ । ପୁଣି ଆଦମ ସେଗୁଡ଼ିକୁ ନାମ ଦେଲେ । ସେ ଯାହାକୁ ଯେଉଁ ନାମ ଦେଲେ, ତାହାର ସେହି ନାମ ହେଲା ।

20ଆଦମ ସବୁ ଗୃହପାଳିତ ପଶୁ, ଆକାଶର ପକ୍ଷୀ, ପୁଣି ବଣରେ ରହୁଥିବା ପଶୁଗୁଡ଼ିକୁ ନାମ ଦେଲେ । ମାତ୍ର ଆଦମଙ୍କୁ ସାହାଯ୍ୟ କରିବା ପାଇଁ ଉପଯୁକ୍ତ ସାଥି ମିଳିଲା ନାହିଁ ।

21ତେଣୁ ଯିହୋବା ପ୍ରଭୁ ପରମେଶ୍ୱର ଆଦମଙ୍କୁ ଗାଢ଼ ନିଦରେ ଶୁଆଇଲେ ଓ ତାଙ୍କ ଶରୀରରୁ ଖଣ୍ଡେ ପଞ୍ଜରା ହାଡ଼ ନେଇ, ସେହି ଜାଗାକୁ ମାଂସରେ ପୂର୍ଣ୍ଣ କଲେ ।

22ଏହାପରେ ଯିହୋବା ପ୍ରଭୁ ପରମେଶ୍ୱର ପୁରୁଷଠାରୁ ନେଇଥିବା ସେହି ପଞ୍ଜରା ହାଡ଼ରୁ ଏକ ସ୍ତ୍ରୀକୁ ଗଢ଼ିଲେ ଓ ଆଦମଙ୍କ ପାଖକୁ ଆଣିଲେ ।

23ଆଦମ ସେହି ସ୍ତ୍ରୀଙ୍କୁ ଦେଖି କହିଲେ, ଏବେ ହେଲା, ଏ ମୋର ହାଡ଼ ଓ ମାଂସରୁ ଗଢ଼ା ହୋଇଥିବା ସାଥି । ଏହାକୁ ନାରୀ କୁହାଯିବ, କାରଣ ଏହାକୁ ନରର ଶରୀରରୁ ନିଆଯାଇଅଛି ।

24ଏହି କାରଣରୁ ପୁରୁଷ ନିଜ ବାପାମାଆଙ୍କୁ ଛାଡ଼ି ନିଜ ସ୍ତ୍ରୀଙ୍କ ସହିତ ସଂଯୁକ୍ତ ହୋଇ ରହିବ; ପୁଣି ସେହି ଦୁଇ ଜଣ ଏକ ଶରୀର ହେବେ ।

25ସେହି ସମୟରେ ଆଦମ ଓ ତାଙ୍କ ସ୍ତ୍ରୀ ହବା ଉଲଗ୍ନ[l] ଥିଲେ, ତଥାପି ସେମାନେ ଲଜ୍ଜା ଅନୁଭବ କରୁ ନ ଥିଲେ ।

---

[g] **2.12** ଅଳଙ୍କାର ତିଆରି କରିବା ପାଇଁ ବ୍ୟବହାର କରାଯାଉଥିବା ଏକ ପ୍ରକାରର ବହୁମୂଲ୍ୟ ପଥର

[h] **2.12** ଅଳଙ୍କାର ତିଆରି କରିବା ପାଇଁ ବ୍ୟବହାର କରାଯାଉଥିବା ଏକ ପ୍ରକାରର ବହୁମୂଲ୍ୟ ପଥର

[i] **2.13** ଇଥିଓପିଆ

[j] **2.14** ଟାଇଗ୍ରୀସ୍

[k] **2.14** ଇଉଫ୍ରେଟିସ୍

# 3

## ଆଦମ ଓ ହବା ପାପ କଲେ

1ଯିହୋବା ପ୍ରଭୁ ପରମେଶ୍ୱର ସୃଷ୍ଟି କରିଥିବା ସବୁ ପ୍ରାଣୀଙ୍କ ମଧ୍ୟରେ ସାପ ଧୂର୍ତ୍ତ[m] ଥିଲା । ଦିନେ ସେହି ସାପ ନାରୀଙ୍କୁ ପଚାରିଲା, ବଗିଚାରେ ଥିବା
କୌଣସି ଗଛର ଫଳ ତୁମେ ଖାଇବ ନାହିଁ ବୋଲି, ପରମେଶ୍ୱର କଅଣ ସତରେ ତୁମକୁ କହିଛନ୍ତି ?

2ସେହି ନାରୀ ସାପକୁ ଉତ୍ତର ଦେଇ କହିଲେ, ଆମ୍ଭେମାନେ ବଗିଚାରେ ଥିବା ସବୁ ଗଛର ଫଳ ଖାଇ ପାରିବୁ । 3କିନ୍ତୁ ପରମେଶ୍ୱର ଆମ୍ଭମାନଙ୍କୁ କହିଛନ୍ତି,
ତୁମ୍ଭେମାନେ ବଗିଚା ମଝିରେ ଥିବା ଗଛର ଫଳ ଖାଇବ ନାହିଁ କିମ୍ବା ଛୁଇଁବ ନାହିଁ, ତାହା କଲେ ତୁମ୍ଭେମାନେ ନିଶ୍ଚୟ ମରିବ ।

4କିନ୍ତୁ ସାପ ସେହି ନାରୀଙ୍କୁ କହିଲା, ଏହା ନିଶ୍ଚିତ ଯେ, ତୁମ୍ଭେମାନେ ମରିବ ନାହିଁ । 5କାରଣ ପରମେଶ୍ୱର ଜାଣନ୍ତି, ଯେତେବେଳେ ତୁମ୍ଭେମାନେ ଏହି ଫଳ
ଖାଇବ, ତୁମ୍ଭମାନଙ୍କର ଆଖି ଖୋଲିଯିବ ପୁଣି ତୁମ୍ଭେମାନେ ଭଲମନ୍ଦର ଜ୍ଞାନ ପାଇବ ଓ ପରମେଶ୍ୱରଙ୍କ ପରି ହେବ ।

6ଏହା ଶୁଣି, ନାରୀ ଦେଖିଲେ ଯେ, ସେହି ଗଛର ଫଳ ଖାଇବାକୁ ଭଲ, ଦେଖିବାକୁ ଅତି ସୁନ୍ଦର, ପୁଣି ତାହା ଖାଇଲେ ଜ୍ଞାନ ମିଳିବ । ତେଣୁ ସେ ସେଥିରୁ
କିଛି ଫଳ ତୋଳି ଖାଇଲେ ଓ କିଛି ନେଇ ତାଙ୍କ ସ୍ୱାମୀଙ୍କୁ ଦେଲେ, ଯିଏ ତାଙ୍କ ସହିତ ରହୁଥିଲେ । ଏଣୁ ତାଙ୍କ ସ୍ୱାମୀ ମଧ୍ୟ ସେହି ଫଳ ଖାଇଲେ ।

7ଏହାପରେ ସେମାନଙ୍କର ଆଖି ଖୋଲିଗଲା, ପୁଣି ସେମାନେ ଉଲଗ୍ନ ଥିବାର ଜାଣିଲେ । ଏଣୁ ସେମାନେ ଡିମ୍ବିରି ଗଛର ପତ୍ର ସିଲାଇ ପିନ୍ଧିଲେ ।

8ସନ୍ଧ୍ୟାରେ ଥଣ୍ଡା ପବନ ବହିବା ସମୟରେ, ବଗିଚାରେ ଚାଲୁଥିବା ଯିହୋବା ପ୍ରଭୁ ପରମେଶ୍ୱରଙ୍କ ଶବ୍ଦ ଆଦମ ଓ ତାଙ୍କ ସ୍ତ୍ରୀ ଶୁଣିପାରିଲେ । ତେଣୁ
ସେମାନେ ବଗିଚାର ଗଛଗୁଡ଼ିକ ମଧ୍ୟରେ ଯିହୋବା ପ୍ରଭୁଙ୍କଠାରୁ ଲୁଚିଲେ ।

9କିନ୍ତୁ ଯିହୋବା ପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଡାକି ପଚାରିଲେ, ହେ ଆଦମ, ତୁମେ କେଉଁଠାରେ ?

10ଆଦମ ଉତ୍ତର ଦେଲେ, ମୁଁ ବଗିଚାରେ ତୁମ୍ଭର ଶବ୍ଦ ଶୁଣିଲି ଓ ମୁଁ ଉଲଗ୍ନ ଥିବାରୁ ତୁମକୁ ଭୟକରି ଲୁଚିଲି ।

11ଏହାପରେ ଯିହୋବା ପ୍ରଭୁ ତାଙ୍କୁ ପଚାରିଲେ, ତୁମେ ଉଲଗ୍ନ ଅଛ ବୋଲି କିଏ ତୁମକୁ କହିଲା ? ଯେଉଁ ଗଛର ଫଳ ଖାଇବ ନାହିଁ, ବୋଲି ଆମ୍ଭେ ତୁମକୁ
ଆଜ୍ଞା ଦେଇଥିଲୁ, ତୁମେ କଅଣ ସେହି ଗଛର ଫଳ ଖାଇଲ ?

12ଆଦମ ଉତ୍ତର ଦେଲେ, ମୋ ସହିତ ରହିବାକୁ ତୁମ୍ଭେ ମୋତେ ଯେଉଁ ସ୍ତ୍ରୀଙ୍କୁ ଦେଇଅଛ, ସେ ମୋତେ ସେହି ଫଳ ଦେବାରୁ ମୁଁ ତାହା ଖାଇଲି ।

13ଯିହୋବା ପ୍ରଭୁ ପରମେଶ୍ୱର ସେହି ନାରୀଙ୍କୁ ପଚାରିଲେ, ତୁମେ ଏ କଅଣ କଲ ? ସେହି ନାରୀ ଉତ୍ତର ଦେଲେ, ସାପ ମୋତେ ଲୋଭ ଦେଖାଇ
ଠକିଲା, ଏଣୁ ମୁଁ ସେହି ଫଳ ଖାଇଲି ।

14ଯିହୋବା ପ୍ରଭୁ ପରମେଶ୍ୱର ସାପକୁ କହିଲେ, ତୁ ଏହିପରି କରିଥିବାରୁ, ସବୁ ପଶୁଙ୍କ ମଧ୍ୟରେ, ଅର୍ଥାତ୍, ଗୃହପାଳିତ ପଶୁ ଓ ବଣର ପଶୁ ମଧ୍ୟରେ
ଅଭିଶାପ ପାଇଲୁ । ତୁ ପେଟରେ ଘୋଷାଡ଼ି ହୋଇ ଯିବୁ ଓ ସାରା ଜୀବନ ମାଟି ଚାଟିବୁ[n] । 15ପୁଣି ଆମ୍ଭେ ନାରୀ ଓ ତୋ ମଧ୍ୟରେ, ପୁଣି ନାରୀର ବଂଶ ଓ
ତୋର ବଂଶ ମଧ୍ୟରେ ଶତ୍ରୁତା ଜାତ କରିବା । ସେହି ନାରୀର ବଂଶରୁ ଜାତ ସନ୍ତାନର ଗୋଇଠିରେ ତୁ ଚୋଟ ମାରିବୁ କିନ୍ତୁ ସେ ତୋର ମୁଣ୍ଡକୁ ଛେଚି
ପକାଇବ ।

16ଏହାପରେ ଯିହୋବା ପ୍ରଭୁ ସେହି ନାରୀଙ୍କୁ କହିଲେ, ଆମ୍ଭେ ତୁମର ସନ୍ତାନ ଜନ୍ମ କରିବା ଯନ୍ତ୍ରଣାକୁ[o] ବହୁତ ବଢ଼ାଇବା, ଏଣୁ, ତୁମେ କଷ୍ଟରେ ସନ୍ତାନ ଜନ୍ମ

---

[l] **2.25** କିଛି ବସ୍ତ୍ର ପିନ୍ଧି ନ ଥିଲେ

[m] **3.1** ଯିଏ ମିଛ କହି ଅନ୍ୟକୁ ଠକେ

[n] **3.14** ମୂଳ ଭାଷାରେ ‘ମାଟି ଖାଇବୁ’

[o] **3.16** ବଥା

କରିବ । ପୁଣି ତୁମେ ତୁମର ସ୍ୱାମୀଠାରେ ଆସକ୍ତ[p] ହେବ ଓ ସେ ତୁମ ଉପରେ ଶାସନ କରିବ ।

[17]ଯିହୋବା ପ୍ରଭୁ ଆଦମଙ୍କୁ କହିଲେ, ଯେଉଁ ଗଛର ଫଳ ଖାଇବ ନାହିଁ ବୋଲି ଆମ୍ଭେ ତୁମକୁ ଆଜ୍ଞା ଦେଇଥିଲୁ, ତୁମେ ତୁମ ସ୍ତ୍ରୀର କଥା ଶୁଣି ସେହି ଗଛର ଫଳ ଖାଇଲ, ତେଣୁ ତୁମ ଯୋଗୁଁ ଭୂମି ଅଭିଶାପ ପାଇଲା । ତୁମେ ସାରା ଜୀବନ କଠିନ ପରିଶ୍ରମ କରି ହିଁ ଖାଇବାକୁ ପାଇବ । [18]ଭୂମିରେ ବିଭିନ୍ନ ପ୍ରକାରର କଣ୍ଟା ବୁଦା ଜାତ ହେବ । ପୁଣି ତୁମେ କ୍ଷେତର ଶାଗ ଇତ୍ୟାଦି ଖାଇବ । [19]ଆମ୍ଭେ ତୁମକୁ ଯେଉଁ ମାଟିରୁ ଗଢ଼ିଅଛୁ, ସେହି ମାଟିକୁ ଫେରିବା ଯାଏଁ ତୁମେ କଠିନ ପରିଶ୍ରମ କଲେ ହିଁ ଖାଇବାକୁ ପାଇବ । ଯେହେତୁ ତୁମେ ମାଟିରୁ ଗଢ଼ାଯାଇଅଛ, ତୁମେ ସେହି ମାଟିକୁ ଫେରିବ ।

### ପରମେଶ୍ୱର ଆଦମ ଓ ହବାଙ୍କୁ ଏଦନ ଉଦ୍ୟାନରୁ ବାହାରକଲେ

[20]ଆଦମ ନିଜ ସ୍ତ୍ରୀଙ୍କ ନାମ ହବା ଦେଲେ । କାରଣ ସେ ହେଲେ ମନୁଷ୍ୟଜାତିର ଆଦିମାତା ।

[21]ପୁଣି, ଯିହୋବା ପ୍ରଭୁ ପରମେଶ୍ୱର ପଶୁ ଚମଡ଼ାର ବସ୍ତ୍ର ତିଆରି କରି ଆଦମ ଓ ହବାଙ୍କୁ ପିନ୍ଧିବାକୁ ଦେଲେ ।

[22]ଏହାପରେ ଯିହୋବା ପ୍ରଭୁ ପରମେଶ୍ୱର କହିଲେ, ଦେଖ, ଏବେ ମନୁଷ୍ୟ ଭଲମନ୍ଦ ଜାଣିପାରି ଆମ୍ଭ ପରି ଜଣେ ହୋଇଅଛି; ଏବେ, ସେ ହାତ ବଢ଼ାଇ ଜୀବନ ଦେବା ଗଛରୁ ଫଳ ତୋଳି ଖାଇଲେ ସବୁଦିନ ପାଇଁ ବଞ୍ଚି ରହିବ ।

[23]ଏଣୁ, ଯିହୋବା ପ୍ରଭୁ ପରମେଶ୍ୱର ସେମାନଙ୍କୁ ଏଦନ ବଗିଚାରୁ ବାହାର କରିଦେଲେ ଓ ସେମାନଙ୍କୁ ଯେଉଁ ଭୂମିର ମାଟିରୁ ଗଢ଼ିଥିଲେ, ସେହି ଭୂମିରେ ଚାଷ କାମ କରିବାକୁ ପଠାଇଲେ ।

[24]ସେ ସେମାନଙ୍କୁ ଏଦନ ବଗିଚାରୁ ବାହାର କରିଦେଲା ପରେ, ଏଦନ ବଗିଚାକୁ ଜଗିବା ପାଇଁ ବଗିଚାର ପୂର୍ବ ଦିଗରେ କିରୁବ ଦୂତଗଣଙ୍କୁ ରଖିଲେ । ଏହାସହ ଜୀବନ ଦେବା ଗଛକୁ ଯିବାର ବାଟ ଜଗିବାକୁ ଚାରିଆଡ଼େ ଘୁରୁଥିବା ଏକ ନିଆଁର ଖଣ୍ଡା ରଖିଲେ ।

# 4

### କଇନ ଓ ହେବଲଙ୍କ କଥା

[1]ଆଦମ ନିଜ ସ୍ତ୍ରୀ ହବାଙ୍କ ସହିତ ଶୟନ କଲେ ଓ ହବା ଗର୍ଭବତୀ ହୋଇ ଏକ ପୁଅ ଜନ୍ମକଲେ ଓ ତାହାର ନାମ କୟିନ ଦେଲେ । ପୁଣି ହବା କହିଲେ, ମୁଁ ଯିହୋବା ପ୍ରଭୁଙ୍କ ସାହାଯ୍ୟରେ ଏହି ପୁଅକୁ ଜନ୍ମ କରିଅଛି ।

[2]ପରବର୍ତ୍ତୀ ସମୟରେ ହବା ଆଉ ଏକ ପୁଅ ଜନ୍ମକଲେ ଓ ତାହାର ନାମ ହେବଲ ଦେଲେ । ବଡ଼ ହେବା ପରେ, ହେବଲ ମେଣ୍ଢାପାଳନ କଲେ ମାତ୍ର କୟିନ ଚାଷ କାମ କଲେ ।

[3]କୟିନ ଚାଷ କାମ କରି ଭୂମିରୁ ଜାତ କିଛି ଫଳ ଆଣି ଦିନେ ଯିହୋବା ପ୍ରଭୁଙ୍କ ନିକଟରେ ଉତ୍ସର୍ଗ କଲେ ।

[4]ପୁଣି ହେବଲ ମଧ୍ୟ ନିଜ ପଲର ପ୍ରଥମେ ଜନ୍ମ ହୋଇଥିବା କିଛି ଭଲ ମେଣ୍ଢା ଆଣି ସେଗୁଡ଼ିକର ସବୁଠାରୁ ଭଲ, ଚର୍ବିଥିବା ଅଂଶ ଯିହୋବା ପ୍ରଭୁଙ୍କ ନିକଟରେ ଉତ୍ସର୍ଗ କଲେ । ପରମେଶ୍ୱର ହେବଲ ଓ ତାଙ୍କର ନୈବେଦ୍ୟକୁ[q] ଗ୍ରହଣ କଲେ ।

[5]ମାତ୍ର ପରମେଶ୍ୱର କୟିନ ଓ ତାଙ୍କର ନୈବେଦ୍ୟକୁ ଗ୍ରହଣ କଲେ ନାହିଁ । ସେଥିପାଇଁ କୟିନ ବହୁତ ରାଗିଲେ ଓ ଦୁଃଖରେ ମୁହଁ ତଳକୁ କରି ରହିଲେ ।

[6]ଏଣୁ ଯିହୋବା ପ୍ରଭୁ କୟିନଙ୍କୁ କହିଲେ, ତୁମେ କାହିଁକି ଏତେ ରାଗୁଅଛ ? ପୁଣି କାହିଁକି ଦୁଃଖରେ ମୁହଁ ତଳକୁ କରିଅଛ ? [7]ଯଦି ତୁମେ ଠିକ୍ କାମ

---

[p]**3.16** ଯେଉଁ ହିବ୍ରୁ ଶବ୍ଦରୁ ଏହା ଅନୁବାଦ କରାଯାଇଅଛ ତାହାର ଅର୍ଥ ମଧ୍ୟ, 'ମନ ଲାଗି ରହିବ', 'ଅଧିନରେ ରଖିବାକୁ ଇଛା କରିବ' ଅଟେ
[q]**4.4** ଯାହା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଏ

କରିବ, ତେବେ ଆମ୍ଭେ କଅଣ ତୁମକୁ ଗ୍ରହଣ କରିବା ନାହିଁ ? ପୁଣି, ଯଦି ତୁମେ ଠିକ୍ କାମ କରିବ ନାହିଁ, ତେବେ ପାପ ତୁମ ଦ୍ୱାରରେ ଛକି ରହିବ[r] ଓ ତୁମକୁ ନିଜ ଅଧିନରେ ରଖିବାକୁ ଚେଷ୍ଟା କରିବ; କିନ୍ତୁ ତୁମକୁ ପାପ ଉପରେ ଜୟଲାଭ କରିବାକୁ ହେବ ।

## କଇନ ହେବଲକୁ ହତ୍ୟାକଲେ

[8]ଦିନେ କୟିନ ତାଙ୍କ ଭାଇ ହେବଲଙ୍କୁ କହିଲେ, ଚାଲ ଆମେ କ୍ଷେତକୁ ଯିବା । ଏଣୁ ସେମାନେ କ୍ଷେତକୁ ଗଲେ ଓ ସେମାନେ ସେଠାରେ ଥିବା ସମୟରେ, କୟିନ ତାଙ୍କ ଭାଇ ହେବଲଙ୍କୁ ଆକ୍ରମଣ କରି ଜୀବନରେ ମାରିଦେଲେ ।

[9]ଏହାପରେ ଯିହୋବା ପ୍ରଭୁ କୟିନକୁ ପଚାରିଲେ, ତୁମର ଭାଇ ହେବଲ କେଉଁଠାରେ ? କୟିନ ଉତ୍ତର ଦେଲେ, ମୁଁ ଜାଣେ ନାହିଁ । ମୁଁ କଅଣ ମୋ ଭାଇର ଜଗୁଆଳ ?

[10]ମାତ୍ର ଯିହୋବା ପ୍ରଭୁ କୟିନଙ୍କୁ କହିଲେ, ତୁମେ ଏ କଅଣ କଲ ? ଶୁଣ ! ତୁମେ ତୁମ ଭାଇକୁ ଯେଉଁ ଭୂମିରେ ହତ୍ୟା କରିଅଛ, ସେହି ଭୂମିରୁ ତାହାର
ରକ୍ତ ଆମ୍ଭଙ୍କୁ ଡାକୁଅଛି । [11]ଯେଉଁ ଭୂମି ନିଜର ପାଟି ମେଲା କରି ତୁମ ହାତରୁ ତୁମ ଭାଇର ରକ୍ତ ପିଇଅଛି, ତୁମେ ଅଭିଶାପ ପାଇ ସେହି ଭୂମିରୁ ବିତାଡ଼ିତ
ହେଲ । [12]ତୁମେ ଯେତେ ପରିଶ୍ରମ କରି ଭୂମିରେ ଚାଷ କାମ କଲେ ମଧ୍ୟ, ଭୂମି ତୁମ ପାଇଁ ଭଲ ଫସଲ ଉତ୍ପନ୍ନ କରିବ ନାହିଁ । ପୁଣି, ତୁମେ କୌଣସି
ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ନ ପାରି ପୃଥିବୀରେ ଏଣେ ତେଣେ ଘୁରିବୁଲିବ ।

[13]କୟିନ ଯିହୋବା ପ୍ରଭୁଙ୍କୁ କହିଲେ, ତୁମ୍ଭେ ମୋତେ ଯେଉଁ ଦଣ୍ଡ ଦେଲ, ତାହା ମୋର ସହିବା ଶକ୍ତିଠାରୁ ମଧ୍ୟ ଅଧିକ । [14]ଆଜି ତୁମ୍ଭେ ମୋତେ ଏହି ଭୂମିରୁ
ତଡ଼ି ଦେଉଅଛ, ପୁଣି, ମୁଁ ତୁମ୍ଭ ଉପସ୍ଥିତିକୁ ଆସିପାରିବି ନାହିଁ । ମୁଁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ନ ପାରି ପୃଥିବୀରେ ଏଣେ ତେଣେ ଘୁରିବୁଲିବି, ପୁଣି ଯେକେହି ମୋତେ ଦେଖିବ, ସେ ମୋତେ ଜୀବନରେ ମାରିଦେବ ।

[15]ଯିହୋବା ପ୍ରଭୁ କହିଲେ, ନାହିଁ, ଯଦି କେହି ତୁମକୁ ଜୀବନରେ ମାରିଦିଏ, ତେବେ ସେ ସାତ ଗୁଣ ଦଣ୍ଡ ପାଇବ । ଏହାପରେ ଯିହୋବା ପ୍ରଭୁ କୟିନଙ୍କୁ ଏକ ଚିହ୍ନ ଦେଲେ, ଯେପରି କେହି ତାଙ୍କୁ ଦେଖିଲେ ଜୀବନରେ ମାରିବ ନାହିଁ ।

[16]ଏହାପରେ କୟିନ ଯିହୋବା ପ୍ରଭୁଙ୍କ ଉପସ୍ଥିତିରୁ ଚାଲିଗଲେ ଓ ଏଦନ ଅଞ୍ଚଳର ପୂର୍ବ ଦିଗରେ ଥିବା ନୋଦ ନାମକ ସ୍ଥାନରେ ବାସକଲେ ।

## କୟିନର ବଂଶାବଳୀ

[17]କୟିନ ନିଜ ସ୍ତ୍ରୀଙ୍କ ସହିତ ଶୟନ କଲେ ଓ ସେ ଗର୍ଭବତୀ ହୋଇ ଏକ ପୁଅ ଜନ୍ମକଲେ ଓ ତାହାର ନାମ ଇନକ ଦେଲେ । କୟିନ ଏକ ନଗର ତିଆରି କଲେ ଓ ନିଜ ପୁଅର ନାମ ଅନୁସାରେ ସେହି ନଗରର ନାମ ରଖିଲେ ।

[18]ହନୋକ ଈରଦଙ୍କୁ ଜନ୍ମକଲେ, ଈରଦ ମହୁୟାୟେଲଙ୍କୁ ଜନ୍ମକଲେ, ମହୁୟାୟେଲ ମଥୁଶାୟେଲଙ୍କୁ ଜନ୍ମକଲେ ଓ ମଥୁଶାୟେଲ ଲେମକଙ୍କୁ ଜନ୍ମକଲେ ।

[19]ଲେମକ ଦୁଇ ସ୍ତ୍ରୀଙ୍କୁ ବିବାହ କଲେ । ପ୍ରଥମ ସ୍ତ୍ରୀର ନାମ ଆଦା ଓ ଦ୍ୱିତୀୟ ସ୍ତ୍ରୀର ନାମ ସିଲ୍ଲା ।

[20]ଆଦା ଏକ ପୁଅ ଜନ୍ମ କରି ତାହାର ନାମ ଜାବଲ ଦେଲେ । ଜାବଲ ତମ୍ବୁରେ ବାସକରି ପଶୁପାଳନ କରୁଥିବା ଲୋକମାନଙ୍କର ଆଦିପିତା ।

[21]ଜାବଲଙ୍କର ଭାଇଙ୍କ ନାମ ଜୁବଲ । ସେ ବୀଣା ଓ ବଂଶୀ ବଜାଇବା ଲୋକମାନଙ୍କର ଆଦିପିତା ।

[22]ଲେମକଙ୍କ ସ୍ତ୍ରୀ ସିଲ୍ଲା ମଧ୍ୟ ଏକ ପୁଅ ଜନ୍ମକଲେ, ତାଙ୍କ ନାମ ତୁବଲ-କୟିନ । ସେ ପିତଳ ଓ ଲୁହାର ବିଭିନ୍ନ ପ୍ରକାରର ହାତ ହତିଆର[s] ତିଆରି ଆରମ୍ଭ କଲେ । ତୁବଲ-କୟିନଙ୍କ ଭଉଣୀଙ୍କ ନାମ ନାମାହ ।

---

[r]**4.7** କୁକୁଡ଼ା ଧରିବାକୁ ବିଲୁଆ ଛକି ରହିବା ପରି ପାପ ତୁମକୁ ଫାନ୍ଦରେ ପକାଇବାକୁ ଛକି ରହିବ
[s]**4.22** କାତି, ଛୁରୀ, କୁରାଢ଼ି ଇତ୍ୟାଦି

[23]ଦିନେ, ଲେମକ ନିଜ ସ୍ତ୍ରୀମାନଙ୍କୁ କହିଲେ, ହେ ଆଦା ଓ ସିଲ୍ଲା, ମୋ କଥା ଶୁଣ । ହେ ଲେମକର ସ୍ତ୍ରୀମାନେ, ମୁଁ ତୁମକୁ ଯାହା କହୁଅଛି ତାହା ଶୁଣ ।
ଜଣେ ଲୋକ ମୋତେ କ୍ଷତବିକ୍ଷତ କରିବାରୁ, ଜଣେ ଯୁବକ ମୋତେ ଆଘାତ କରିବାରୁ ମୁଁ ତାଙ୍କୁ ଜୀବନରେ ମାରିଦେଲି । [24]ଯଦି କେହି କଇନଙ୍କୁ
ହତ୍ୟାକଲେ ସାତ ଗୁଣ ଦଣ୍ଡ ପାଇବ, ତେବେ ଯିଏ ମୋତେ ହତ୍ୟା କରିବ ସେ ନିଶ୍ଚୟ ସତସ୍ତରି ଗୁଣ ଦଣ୍ଡ ପାଇବ ।

### ଆଦମଙ୍କଠାରୁ ଶେଥ ଜନ୍ମ ହେଲେ

[25]ଆଦମ ହବାଙ୍କ ସହିତ ଆହୁରି ଶୟନ କଲେ ଓ ସେ ଗର୍ଭବତୀ ହୋଇ ଆଉ ଏକ ପୁଅ ଜନ୍ମକଲେ ଓ ତାହାର ନାମ ଶେଥ ରଖିଲେ । କାରଣ ହବା
କହିଲେ, କୟିନ ମୋର ଯେଉଁ ପୁଅକୁ ଜୀବନରେ ମାରିଦେଇଥିଲା, ତା' ସ୍ଥାନରେ ପରମେଶ୍ୱର ମୋତେ ଆଉ ଏକ ପୁଅ ଦେଲେ ।

[26]ଶେଥଙ୍କର ମଧ୍ୟ ଏକ ପୁଅ ଜନ୍ମ ହେଲା, ତାହାର ନାମ ଇନୋଶ ।

ସେହି ସମୟରେ ଲୋକମାନେ ଯିହୋବା ପ୍ରଭୁଙ୍କ ନାମରେ ଉପାସନା କରିବାକୁ ଆରମ୍ଭ କଲେ ।

# 5

### ଆଦମଙ୍କ ବଂଶାବଳୀ

[1]ଆଦମଙ୍କ ବଂଶଧରଙ୍କ ବିବରଣୀ: ପରମେଶ୍ୱର ମନୁଷ୍ୟକୁ ସୃଷ୍ଟି କରିବା ସମୟରେ ସେ ମନୁଷ୍ୟକୁ ପରମେଶ୍ୱରଙ୍କ ସାଦୃଶ୍ୟରେ[5.1] ଗଢ଼ିଲେ ।

[2]ପରମେଶ୍ୱର ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟିକଲେ ଏବଂ ଆଶୀର୍ବାଦ କଲେ ପୁଣି ସେମାନଙ୍କୁ ମନୁଷ୍ୟ ବୋଲି ଡାକିଲେ ।

[3]ଆଦମଙ୍କ ୧୩୦ ବର୍ଷ ବୟସରେ ତାଙ୍କଠାରୁ ତାଙ୍କ ସାଦୃଶ୍ୟ ଓ ପ୍ରତିମୂର୍ତ୍ତିରେ ଏକ ପୁଅ ଜନ୍ମ ହେଲେ । ସେ ସେହି ପୁଅର ନାମ ଶେଥ ରଖିଲେ ।

[4]ଶେଥ ଜନ୍ମ ହେବା ପରେ, ଆଦମ ଆହୁରି ୮୦୦ ବର୍ଷ ବଞ୍ଚି ଆହୁରି ପୁଅଝିଅ ଜନ୍ମକଲେ ।

[5]ଆଦମ ସମୁଦାୟ ୯୩୦ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

[6]ଶେଥଙ୍କର ୧୦୫ ବର୍ଷ ବୟସରେ ତାଙ୍କଠାରୁ ଏକ ପୁଅ ଜନ୍ମ ହେଲେ । ସେହି ପୁଅର ନାମ ଇନୋଶ । [7]ଇନୋଶ ଜନ୍ମ ହେବା ପରେ, ଶେଥ ଆହୁରି
୮୦୭ ବର୍ଷ ବଞ୍ଚି ଆହୁରି ପୁଅଝିଅ ଜନ୍ମକଲେ ।

[8]ଶେଥ ସମୁଦାୟ ୯୧୨ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

[9]ଇନୋଶଙ୍କ ୯୦ ବର୍ଷ ବୟସରେ ତାଙ୍କଠାରୁ କୟିନାନ ଜନ୍ମ ହେଲେ । [10]କୟିନାନ ଜନ୍ମ ହେବା ପରେ, ଇନୋଶ ଆହୁରି ୮୧୫ ବର୍ଷ ବଞ୍ଚି ଅନେକ
ପୁଅଝିଅ ଜନ୍ମକଲେ ।

[11]ଇନୋଷ ସମୁଦାୟ ୯୦୫ ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

[12]କୟିନାନଙ୍କର ୭୦ ବର୍ଷ ବୟସରେ ତାଙ୍କଠାରୁ ମହଲାଲେଲ ଜନ୍ମ ହେଲେ ।

[13]ମହଲାଲେଲ ଜନ୍ମ ହେବା ପରେ କୟିନାନ ୮୪୦ ବର୍ଷ ବଞ୍ଚି ଆହୁରି ପୁଅଝିଅ ଜନ୍ମକଲେ ।

[14]କୟିନାନ ସମୁଦାୟ ୯୧୦ ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

---

**5.1** ସ୍ୱଭାବ ଓ ଗୁଣ ଅନୁସାରେ

15 ମହଲାଲେଲଙ୍କର ୬୫ବର୍ଷ ବୟସରେ ତାଙ୍କଠାରୁ ଯେରଦ ଜନ୍ମ ହେଲେ ।

16 ଯେରଦ ଜନ୍ମ ହେବା ପରେ ମହଲାଲେଲ ୮୩୦ ବର୍ଷ ବଞ୍ଚି ଆହୁରି ପୁଅଝିଅ ଜନ୍ମକଲେ ।

17 ମହଲାଲେଲ ସମୁଦାୟ ୮୯୫ ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

18 ଯେରଦଙ୍କ ୧୬୨ ବର୍ଷ ବୟସରେ ତାଙ୍କଠାରୁ ହନୋକ ଜନ୍ମ ହେଲେ ।

19 ହନୋକ ଜନ୍ମ ହେବା ପରେ ଯେରଦ ୮୦୦ ବର୍ଷ ବଞ୍ଚି ଆହୁରି ପୁଅଝିଅ ଜନ୍ମକଲେ ।

20 ଯେରଦ ସମୁଦାୟ ୯୬୨ ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

21 ହନୋକଙ୍କର ୬୫ ବର୍ଷ ବୟସରେ ମଥୁଶେଲହଙ୍କୁ ଜନ୍ମ ଦେଲେ ।

22 ମଥୁଶେଲହ ଜନ୍ମ ହେବା ପରେ ହନୋକ ୩୦୦ ବର୍ଷ ପରମେଶ୍ୱରଙ୍କ ସହିତ ଉତ୍ତମ ସମ୍ପର୍କ ରଖି ଜୀବନ ଯାପନ କଲେ ଓ ଆହୁରି ପୁଅଝିଅମାନଙ୍କୁ ଜନ୍ମକଲେ ।

23 ହନୋକ ସମୁଦାୟ ୩୬୫ ବର୍ଷ ବଞ୍ଚିଲେ ।

24 ହନୋକ ପରମେଶ୍ୱରଙ୍କ ସହିତ ଚାଲୁ ଚାଲୁ, ଦିନେ ଆଉ ଦେଖାଗଲେ ନାହିଁ, କାରଣ ସେ ବଞ୍ଚି ଥାଉ ଥାଉ ପରମେଶ୍ୱର ତାଙ୍କୁ ନେଇଗଲେ ।

25 ମଥୁଶେଲହଙ୍କ ୧୮୭ ବର୍ଷ ବୟସରେ ତାଙ୍କଠାରୁ ଲେମକ ଜନ୍ମ ହେଲେ ।

26 ଲେମକ ଜନ୍ମ ହେବା ପରେ ମଥୁଶେଲହ ଆହୁରି ୭୮୨ ବର୍ଷ ବଞ୍ଚି ଆହୁରି ପୁଅଝିଅଙ୍କୁ ଜନ୍ମକଲେ ।

27 ମଥୁଶେଲହ ସମୁଦାୟ ୯୬୯ ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

28 ଲେମକଙ୍କ ୧୮୨ ବର୍ଷ ବୟସରେ ତାଙ୍କଠାରୁ ଏକ ପୁଅ ଜନ୍ମ ହେଲେ ।

29 ସେ ସେହି ପୁଅର ନାମ ନୋହ[u] ରଖିଲେ ଓ କହିଲେ, ଯିହୋବା ପ୍ରଭୁ ଅଭିଶାପ ଦେଇଥିବା ଏହି ଭୂମିରେ ଆମ୍ଭେମାନେ ହାତରେ କାମ ଓ କଷ୍ଟରେ ପରିଶ୍ରମ କରିବା ସମୟରେ ଏହି ପୁଅ ଆମ୍ଭମାନଙ୍କୁ ସାନ୍ତ୍ୱନା ଦେବ ।

30 ନୋହଙ୍କର ଜନ୍ମ ପରେ ଲେମକ ୫୯୫ ବର୍ଷ ବଞ୍ଚି ଆହୁରି ପୁଅଝିଅ ଜନ୍ମକଲେ ।

31 ଲେମକ ସମୁଦାୟ ୭୭୭ ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

32 ନୋହଙ୍କର ବୟସ ୫୦୦ ବର୍ଷ ହେବା ପରେ ତାଙ୍କଠାରୁ ଶେମ, ହାମ ଓ ଯେଫତ୍ ଜନ୍ମ ହେଲେ ।

# 6

## ପୃଥିବୀରେ ପାପ ବୃଦ୍ଧି ପାଇଲା

1 ଏହିପରି ପୃଥିବୀରେ ମନୁଷ୍ୟ ସଂଖ୍ୟା ବଢ଼ିବାକୁ ଲାଗିଲା ଓ ସେମାନଙ୍କଠାରୁ ଅନେକ ଝିଅ ଜନ୍ମ ହେଲେ ।

2 ସେହି ସମୟରେ ପରମେଶ୍ୱରଙ୍କ ପୁତ୍ରମାନେ ମନୁଷ୍ୟମାନଙ୍କର ସୁନ୍ଦରୀ ଝିଅମାନଙ୍କୁ ଦେଖି, ସେମାନଙ୍କ ମଧ୍ୟରୁ ଯିଏ ଯାହାକୁ ଇଚ୍ଛାକଲେ, ସେ ତାହାକୁ

---

[u] 5.29 ସାନ୍ତ୍ୱନା

ବିବାହ କଲେ ।

3ଏହାପରେ ଯିହୋବା ପ୍ରଭୁ କହିଲେ, ଆମ୍ଭର ଆତ୍ମା ମନୁଷ୍ୟ ମଧ୍ୟରେ ସର୍ବଦା ରହିବ ନାହିଁ; କାରଣ ସେ ମରଣଶୀଳ ମାଂସ ମାତ୍ର । ତେଣୁ ତାହାର ଜୀବନକାଳ ସାଧାରଣତଃ ୧୨୦ ବର୍ଷ ହେବ ।

4ସେହି ସମୟ ତଥା ତାହାର ପରବର୍ତ୍ତୀ ସମୟରେ ପୃଥିବୀରେ ବିରାଟକାୟ ମନୁଷ୍ୟମାନେ ଥିଲେ; ସେମାନେ ପରମେଶ୍ୱରଙ୍କ ପୁତ୍ରମାନେ ଓ ମନୁଷ୍ୟମାନଙ୍କ ଝିଅମାନଙ୍କ ମିଳନରୁ ଜନ୍ମ ହୋଇଥିଲେ । ସେମାନେ ପୁରାତନ କାଳର ପ୍ରସିଦ୍ଧ ଯୋଦ୍ଧା ଥିଲେ ।

5ଯିହୋବା ପ୍ରଭୁ ଦେଖିଲେ ଯେ, ପୃଥିବୀରେ ମନୁଷ୍ୟର କାମ ଅତି ମନ୍ଦ, ପୁଣି ସେ ନିଜ ହୃଦୟରେ ସବୁବେଳେ ମନ୍ଦ ଚିନ୍ତା ଓ ଭାବନା କରୁଅଛି ।

6ତେଣୁ ଯିହୋବା ପ୍ରଭୁ ପୃଥିବୀରେ ମନୁଷ୍ୟକୁ ସୃଷ୍ଟି କରିଥିବାରୁ ଦୁଃଖ କଲେ ଓ ତାହାଙ୍କ ହୃଦୟରେ କଷ୍ଟ ଜାତ ହେଲା ।

7ଏଣୁ ଯିହୋବା ପ୍ରଭୁ କହିଲେ, ଆମ୍ଭେ ସୃଷ୍ଟି କରିଥିବା ମନୁଷ୍ୟକୁ ଓ ମନୁଷ୍ୟ ସହିତ ପଶୁ, ଛାତିରେ ଭରାଦେଇ ଚାଲୁଥିବା ପ୍ରାଣୀ ଏବଂ ଆକାଶର ପକ୍ଷୀ ପୃଥିବୀରୁ ଧ୍ୱଂସ କରିବା, କାରଣ ସେମାନଙ୍କୁ ସୃଷ୍ଟି କରିଥିବାରୁ ଆମ୍ଭେ ଦୁଃଖିତ ।

8କିନ୍ତୁ ନୋହ ଯିହୋବା ପ୍ରଭୁଙ୍କଠାରୁ ଅନୁଗ୍ରହ ପାଇଲେ ।

## ନୋହଙ୍କ ପରିବାରର କଥା

9ନୋହ ଓ ତାଙ୍କ ପରିବାରର କଥା: ସେହି ସମୟର ଲୋକମାନଙ୍କ ମଧ୍ୟରେ ନୋହ ଜଣେ ଧାର୍ମିକ ଓ ଅନିନ୍ଦନୀୟ[v] ଲୋକ ଥିଲେ; ସେ ପରମେଶ୍ୱରଙ୍କ ସହିତ ଉତ୍ତମ ସମ୍ପର୍କ ରଖି ଜୀବନ ଯାପନ କଲେ ।

10ନୋହଙ୍କଠାରୁ ତିନି ପୁଅ ଜନ୍ମ ହେଲେ । ସେମାନଙ୍କର ନାମ ହେଲା ଶେମ, ହାମ ଓ ଯେଫତ ।

11ସେହି ସମୟରେ, ପରମେଶ୍ୱରଙ୍କ ଦୃଷ୍ଟିରେ, ପୃଥିବୀର ଲୋକମାନେ ବହୁତ ଭ୍ରଷ୍ଟ[w] ଥିଲେ ଓ ହିଂସାର କାମ କରୁଥିଲେ ।

12ପରମେଶ୍ୱର ଦେଖିଲେ ଯେ, ପୃଥିବୀ ସମ୍ପୂର୍ଣ୍ଣ ଭ୍ରଷ୍ଟ ହୋଇଅଛି । ଯେହେତୁ ପୃଥିବୀର ସବୁଲୋକ ନିଜ ନିଜକୁ ଭ୍ରଷ୍ଟ କରିଥିଲେ ।

13ପୁଣି ପରମେଶ୍ୱର ନୋହଙ୍କୁ କହିଲେ, ଆମ୍ଭେ ସବୁ ପ୍ରାଣୀଙ୍କୁ ବିନାଶ କରିବାକୁ ନିଷ୍ପତି କରିଅଛୁ; କାରଣ ମନୁଷ୍ୟ ଯୋଗୁଁ ପୃଥିବୀ ହିଂସାର କାମରେ ପୂର୍ଣ୍ଣ
ହୋଇଅଛି । ତେଣୁ ଆମ୍ଭେ ମନୁଷ୍ୟକୁ ଓ ତାସହିତ ପୃଥିବୀକୁ ବିନାଶ କରିବା । 14ଏଣୁ ଏବେ ତୁମେ ଦେବଦାରୁ କାଠରେ ଗୋଟିଏ ପାଣି ଜାହାଜ ତିଆରି କର
। ତାହା ଭିତରେ ବଖରାସବୁ ତିଆରି କର, ପୁଣି ଜାହାଜ ଭିତରକୁ ଯେପରି ପାଣି ପଶିବ ନାହିଁ, ସେଥିପାଇଁ ତାହାର ଭିତର ଓ ବାହାର ପଟେ ତାରୁ ଲଗାଅ ।
15ତୁମେ ସେହି ଜାହାଜ ଏପରି ତିଆରି କରିବ: ତାହା ତିନି ଶହ ହାତ ଲମ୍ବା, ପଚାଶ ହାତ ଚଉଡ଼ା ଓ ତିରିଶି ହାତ ଉଚ୍ଚା ହେବ । 16ଜାହାଜର ଛାତ ତିଆରି
କର, ପୁଣି ଛାତଠାରୁ ତଳକୁ ଏକ ହାତ ଖୋଲା ଛାଡ଼ । ଏହା ସହିତ ଜାହାଜର ଗୋଟିଏ ପାଖରେ ଏକ କବାଟ ତିଆରି କର । ପୁଣି ଜାହାଜକୁ ପ୍ରଥମ,
ଦ୍ୱିତୀୟ ଓ ତୃତୀୟ ମହଲା, ଏହିପରି ତିନି ମହଲା କରି ତିଆରି କର । 17ଦେଖ, ଆମ୍ଭେ ଆକାଶ ତଳେ ନିଶ୍ୱାସ ପ୍ରଶ୍ୱାସ ନେଉଥିବା ସବୁ ପ୍ରାଣୀଙ୍କୁ ବିନଷ୍ଟ
କରିବାକୁ ମହା ଜଳପ୍ଲାବନ ପଠାଇବା, ଏଣୁ ପୃଥିବୀରେ ଥିବା ସମସ୍ତ ପ୍ରାଣୀ ମରିବେ । 18ମାତ୍ର ଆମ୍ଭେ ତୁମ ସହିତ ଆମ୍ଭର ନିୟମ କରିବା, ଏଣୁ ତୁମେ,
ତୁମର ସ୍ତ୍ରୀ, ତୁମର ପୁଅମାନେ ଓ ସେମାନଙ୍କର ସ୍ତ୍ରୀମାନେ ଜାହାଜରେ ପ୍ରବେଶ କରିବ, ଯାହା ଦ୍ୱାରା ତୁମ୍ଭେମାନେ ବଞ୍ଚିବ । 19ଆଉ ତୁମେ ସବୁ ଜୀବିତ
ପ୍ରାଣୀମାନଙ୍କ ମଧ୍ୟରୁ ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ, ଏହିପରି ଏକ ଏକ ଯୋଡ଼ା ବଞ୍ଚାଇ ରଖିବାକୁ ସେମାନଙ୍କୁ ତୁମ ସହିତ ନେଇ ସେହି ଜାହାଜରେ
ପଶିବ । 20ନିଜ ନିଜ ଜାତି ଅନୁସାରେ ଏକ ଏକ ଯୋଡ଼ା ପକ୍ଷୀ, ନିଜ ନିଜ ଜାତି ଅନୁସାରେ ଏକ ଏକ ଯୋଡ଼ା ପଶୁ ଓ ନିଜ ନିଜ ଜାତି ଅନୁସାରେ, ଛାତିରେ

---

[v] **6.9** ଯାହାକୁ ନିନ୍ଦା କରାଯାଇ ପାରେ ନାହିଁ
[w] **6.11** ସ୍ୱଭାବ ଓ ଚରିତ୍ର ନଷ୍ଟ

ଭରାଦେଇ ଯାଉଥିବା ଏକ ଏକ ଯୋଡ଼ା ପ୍ରାଣୀ ତୁମ ନିକଟକୁ ଆସିବେ । ତୁମେ ସେମାନଙ୍କୁ ବଞ୍ଚାଇ ରଖିବାକୁ ଜାହାଜ ଭିତରକୁ ନେଇଯିବ । [21]ଆଉ ତୁମେ
ସମସ୍ତ ପ୍ରକାରର ଖାଦ୍ୟ ଜାହାଜ ଭିତରକୁ ନେଇଯାଅ ଓ ସେଠାରେ ଜମା କରି ରଖ । ତାହା ତୁମ ପାଇଁ ଓ ସେହି ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ହେବ । [22]ଏଣୁ
ନୋହଙ୍କୁ ଯେପରି କରିବା ପାଇଁ ପରମେଶ୍ୱର ଆଜ୍ଞା ଦେଲେ, ସେ ସେପରି ସବୁ କାମ କଲେ ।

# 7

## ପୃଥିବୀରେ ମହା ଜଳପ୍ଲାବନ ହେଲା

[1]ନୋହ ଜାହାଜ ତିଆରି କରି ସାରିବା ପରେ, ଯିହୋବା ପ୍ରଭୁ ତାଙ୍କୁ କହିଲେ, ଏବେ ତୁମେ ଓ ତୁମ ପରିବାରର ସମସ୍ତେ ଜାହାଜ ଭିତରକୁ ଯାଅ । କାରଣ
ଏହି ସମୟର ଲୋକମାନଙ୍କ ମଧ୍ୟରେ କେବଳ ତୁମେ ଧାର୍ମିକ ଅଟ, ତାହା ଆମ୍ଭେ ଦେଖୁଅଛୁ । [2]ତୁମ ସହିତ ସବୁ ପ୍ରକାରର ସାତୋଟି ଲେଖାଏଁ ଶୁଚି[x] ଅଣ୍ଡିରା
ପଶୁ ଓ ଶୁଚି ମାଈ ପଶୁ ନିଅ । ପୁଣି ଅଶୁଚି[y] ପଶୁଗୁଡ଼ିକ ମଧ୍ୟରୁ ଗୋଟିଏ ଲେଖାଏଁ ଅଣ୍ଡିରା ପଶୁ ଓ ଗୋଟିଏ ଲେଖାଏଁ ମାଈ ପଶୁ ନିଅ । [3]ଏହା ସହିତ ସବୁ
ପ୍ରକାରର ଆକାଶର ପକ୍ଷୀରୁ ସାତୋଟି ଅଣ୍ଡିରା ପକ୍ଷୀ ଓ ସାତୋଟି ମାଈ ପକ୍ଷୀ ନିଅ, ଯେପରି ଜଳପ୍ଲାବନ ପରେ ପ୍ରତ୍ୟେକ ଜାତିର ପଶୁ ପକ୍ଷୀ ପୃଥିବୀରେ
ବଞ୍ଚି ରହିବେ । [4]କାରଣ, ଆଜିଠାରୁ ସାତ ଦିନ ପରେ ଆମ୍ଭେ ପୃଥିବୀରେ ଚାଳିଶ ଦିନ ଚାଳିଶ ରାତି ବର୍ଷା ପଠାଇବା ଏବଂ ଆମ୍ଭେ ସୃଷ୍ଟି କରିଥିବା ସବୁ
ଜୀବିତ ପ୍ରାଣୀ ପୃଥିବୀରୁ ଧ୍ୱଂସ ହେବେ । [5]ପୁଣି ଯିହୋବା ପ୍ରଭୁ ନୋହଙ୍କୁ ଯେପରି କରିବା ପାଇଁ ଆଦେଶ ଦେଲେ, ସେ ସେପରି କଲେ ।

[6]ନୋହଙ୍କର ବୟସ ଛଅଶ ବର୍ଷ ହୋଇଥିବା ସମୟରେ ପୃଥିବୀରେ ଜଳପ୍ଲାବନ ହେଲା ।

[7]ନୋହ ଓ ତାଙ୍କର ପୁଅମାନେ, ତାଙ୍କର ସ୍ତ୍ରୀ, ଓ ତାଙ୍କ ପୁଅମାନଙ୍କର ସ୍ତ୍ରୀମାନେ ଜଳପ୍ଲାବନରୁ ରକ୍ଷା ପାଇବା ପାଇଁ ଜାହାଜ ଭିତରକୁ ପଶିଲେ ।

[8-9]ନୋହଙ୍କ ପରିବାର ସହିତ ସବୁ ପ୍ରକାରର ଶୁଚି ଓ ଅଶୁଚି ଜୀବଜନ୍ତୁ, ପକ୍ଷୀ ଏବଂ ଛାତିରେ ଭରାଦେଇ ଯାଉଥିବା ପ୍ରାଣୀ, ଅଣ୍ଡିରା ଓ ମାଈ ପଶୁ ଯୋଡ଼ା
ଯୋଡ଼ା ହୋଇ, ପରମେଶ୍ୱର ନୋହଙ୍କୁ ଯେପରି କହିଥିଲେ, ସେପରି ଜାହାଜ ଭିତରକୁ ଗଲେ ।

[10]ସାତ ଦିନ ପରେ ପୃଥିବୀରେ ଜଳପ୍ଲାବନ ଆରମ୍ଭ ହେଲା ।

[11]ନୋହଙ୍କ ବୟସର ୬୦୦ ବର୍ଷ, ଦୁଇ ମାସ ଓ ସତର ଦିନରେ ଭୂମି ଭିତରର ଝରସବୁ ଫିଟିଯାଇ ବହୁ ପରିମାଣର ପାଣି ଅତି ଜୋର୍‌ରେ
ବାହାରିଆସିଲା ଓ ଆକାଶର କବାଟସବୁ ଖୋଲିଗଲା, ଅର୍ଥାତ୍, ପ୍ରବଳ ବର୍ଷା ହେଲା ।

[12]ଏହିପରି ପୃଥିବୀରେ ଚାଳିଶ ଦିନ ଓ ଚାଳିଶ ରାତି ବର୍ଷା ହେଲା ।

[13]ବର୍ଷା ଆରମ୍ଭ ହେବା ପୂର୍ବରୁ ନୋହ, ତାଙ୍କ ପୁଅମାନେ ଶେମ, ହାମ ଓ ଯେଫତ, ନୋହଙ୍କର ସ୍ତ୍ରୀ ଏବଂ ତାଙ୍କ ପୁଅମାନଙ୍କର ସ୍ତ୍ରୀମାନେ ଜାହାଜରେ
ପଶିଥିଲେ ।

[14]ନୋହଙ୍କ ପରିବାର ସହିତ ନିଜ ନିଜ ଜାତି ଅନୁସାରେ ବଣର ପ୍ରତ୍ୟେକ ପଶୁ, ପ୍ରତ୍ୟେକ ଗୃହପାଳିତ ପଶୁ, ଛାତିରେ ଭରାଦେଇ ଯାଉଥିବା ପ୍ରତ୍ୟେକ
ପ୍ରାଣୀ, ପ୍ରତ୍ୟେକ ପକ୍ଷୀ ଓ ଡେଣା ଥିବା ପ୍ରତ୍ୟେକ ପ୍ରାଣୀ ଜାହାଜରେ ପଶିଥିଲେ ।

[15]ଜୀବନ ଥିବା ସବୁ ପ୍ରକାରର ପ୍ରାଣୀ ଯୋଡ଼ା ଯୋଡ଼ା ହୋଇ ନୋହଙ୍କ ନିକଟକୁ ଆସି ତାଙ୍କ ସହିତ ଜାହାଜ ଭିତରକୁ ଯାଇଥିଲେ ।

[16]ପରମେଶ୍ୱର ନୋହଙ୍କୁ ଯେପରି ଆଜ୍ଞା ଦେଇଥିଲେ, ସେପରି ନୋହଙ୍କ ସହିତ ସବୁ ପ୍ରକାରର ଅଣ୍ଡିରା ଓ ମାଈ ପ୍ରାଣୀ ଜାହାଜ ଭିତରକୁ ପଶିଲେ ।

---

[x]**7.2** ଯେଉଁ ପଶୁ ପକ୍ଷୀ ଉତ୍ସର୍ଗ କରିବାକୁ ଓ ଖାଇବାକୁ ପରମେଶ୍ୱର ଅନୁମତି ଦେଇଥିଲେ
[y]**7.2** ଯେଉଁ ପଶୁ ପକ୍ଷୀ ଉତ୍ସର୍ଗ କରିବାକୁ ଓ ଖାଇବାକୁ ପରମେଶ୍ୱର ମନା କରିଥିଲେ

ଏହାପରେ ଯିହୋବା ପ୍ରଭୁ ଜାହାଜର କବାଟ ବାହାର ପଟୁ ବନ୍ଦ କରିଦେଲେ ।

17 ପୃଥିବୀରେ ଚାଳିଶ ଦିନ ଓ ଚାଳିଶ ରାତି ଜଳପ୍ଲାବନ ହେଲା । ପୁଣି ପାଣି ବଢ଼ି ବଢ଼ି ଜାହାଜକୁ ଭୂମିରୁ ଉପରକୁ ଉଠାଇଲା ।

18 ପାଣି ଭୂମିରେ ବହୁତ ବଢ଼ି ବଢ଼ି ଯିବାରୁ ଜାହାଜ ପାଣି ଉପରେ ଭାସିବାକୁ ଲାଗିଲା ।

19 ପୃଥିବୀ ଉପରେ ପାଣି ବହୁତ ବଢ଼ିବାରୁ, ଆକାଶ ତଳେ ଥିବା ସବୁ ଉଚ୍ଚ ପାହାଡ଼ ମଧ୍ୟ ବୁଡ଼ିଗଲା ।

20 ପାଣି ଏତେ ବଢ଼ିଲା ଯେ, ସବୁଠାରୁ ଉଚ୍ଚ ପାହାଡ଼ଗୁଡ଼ିକ ଉପରେ ମଧ୍ୟ କୋଡ଼ିଏ ହାତ ଯାଏଁ ପାଣି ଉଠିଲା ।

21 ସେଥିରେ ପୃଥିବୀରେ ଥିବା ସବୁ ପ୍ରାଣୀ, ଅର୍ଥାତ୍, ସବୁ ପକ୍ଷୀ, ଗୃହପାଳିତ ପଶୁ, ବଣର ପଶୁ ଓ ଛାତିରେ ଭରାଦେଇ ଯାଉଥିବା ପ୍ରାଣୀ ଓ ସବୁଲୋକ ମଲେ ।

22 ନିଶ୍ୱାସ ପ୍ରଶ୍ୱାସ ନେଉଥିବା ଯେତେ ସବୁ ପ୍ରାଣୀ ଶୁଖିଲା ଭୂମିରେ ଥିଲେ ସେସବୁ ମଲେ ।

23 ପରମେଶ୍ୱର ଭୂମି ଉପରେ ଥିବା ସବୁ ପ୍ରାଣୀଙ୍କୁ ବିନଷ୍ଟ କଲେ; ଏହିପରି ସବୁଲୋକ, ଜୀବଜନ୍ତୁ, ଛାତିରେ ଭରାଦେଇ ଯାଉଥିବା ପ୍ରାଣୀ ଓ ଆକାଶର ପକ୍ଷୀ ପୃଥିବୀରୁ ବିନଷ୍ଟ ହେଲେ । କେବଳ ନୋହ ଏବଂ ତାଙ୍କ ସହିତ ଯେଉଁମାନେ ଜାହାଜରେ ଥିଲେ ସେମାନେ ବଞ୍ଚିଲେ ।

24 ଆଉ ପାଣି ପୃଥିବୀକୁ ୧୫୦ ଦିନ ଯାଏଁ ବୁଡ଼ାଇ ରଖିଲା ।

# 8

## ପୃଥିବୀରୁ ବନ୍ୟା ପାଣି ଶୁଖିବାକୁ ଲାଗିଲା

1 ପରମେଶ୍ୱର ଜାହାଜରେ ଥିବା ନୋହ, ତାଙ୍କ ପରିବାର ଓ ତାଙ୍କ ସହିତ ଥିବା ବଣର ପଶୁ ଓ ଗୃହପାଳିତ ପଶୁଗୁଡ଼ିକୁ ମନେପକାଇଲେ; ପୁଣି ସେ ସାରା ପୃଥିବୀ ଉପରକୁ ପବନ ପଠାଇଲେ । ଏଣୁ ପୃଥିବୀ ଉପରର ପାଣି କମିବାକୁ ଲାଗିଲା ।

2 ପୃଥିବୀର ଭୂମି ଭିତରର ଝର ଓ ଆକାଶର କବାଟସବୁ ବନ୍ଦ ହେଲା, ପୁଣି ଆକାଶରୁ ବର୍ଷା ଆଉ ହେଲା ନାହିଁ ।

3 ଏଣୁ ପୃଥିବୀ ଉପରୁ ପାଣି କମିବାକୁ ଲାଗିଲା । ପୁଣି ୧୫୦ ଦିନର ଶେଷ ସୁଦ୍ଧା ପାଣି ବହୁତ କମିଗଲା ।

4 ଜଳପ୍ଲାବନ ଆରମ୍ଭ ହେବାର ସାତ ମାସର ସତର ଦିନରେ, ଅର୍ଥାତ୍, ବର୍ଷା ବନ୍ଦ ହେବାର ପାଞ୍ଚ ମାସ ପରେ ନୋହଙ୍କ ଜାହାଜ ଆରାରାଟ୍ ପର୍ବତମାଳାରେ ଲାଗିଲା ।

5 ଏହିପରି ଦଶମ ମାସ ଯାଏଁ ପାଣି କମିବାକୁ ଲାଗିଲା ଓ ଦଶମ ମାସର ପ୍ରଥମ ଦିନରେ ପାହାଡ଼ଗୁଡ଼ିକର ଉପରଭାଗ ଦେଖାଗଲା ।

6 ନୋହଙ୍କ ଜାହାଜ ଆରାରାଟ୍ ପର୍ବତମାଳାରେ ଲାଗି ରହିବାର ଚାଳିଶ ଦିନ ପରେ, ସେ ଜାହାଜରେ ତିଆରି କରିଥିବା ଝରକା ଖୋଲିଲେ ।

7 ପୁଣି ସେ ଗୋଟିଏ ଡାମରା କାଉ ବାହାରକୁ ଛାଡ଼ିଲେ । ସେହି ଡାମରା କାଉ ଉଡ଼ିଯାଇ ପାଣି ଶୁଖିବା ଯାଏଁ ଜାହାଜକୁ ଯିବା ଆସିବା କଲା ।

8 ଏହାପରେ ଭୂମିର ପାଣି କମିଲା ନା ନାହିଁ ତାହା ଜାଣିବା ପାଇଁ ସେ ଏଥର ଗୋଟିଏ କାପ୍ତା ଛାଡ଼ିଲେ ।

9 କିନ୍ତୁ ଭୂମି ଉପରେ ପାଣି ଥିବାରୁ, କାପ୍ତା ବୁଲି ବୁଲି ଭୂମିରେ ପାଦ ରଖିବା ପାଇଁ ସ୍ଥାନ ନ ପାଇ, ଜାହାଜ ନିକଟକୁ ଫେରିଆସିଲା । ଆଉ ନୋହ ନିଜର ହାତ ବଢ଼ାଇ ସେହି କାପ୍ତାକୁ ଧରି ଜାହାଜ ଭିତରକୁ ନେଲେ ।

10 ସେ ଆଉ ସାତ ଦିନ ପରେ ପୁଣି ଥରେ ସେହି କାପ୍ତାକୁ ଜାହାଜ ବାହାରକୁ ଛାଡ଼ିଲେ ।

[11]ପୁଣି ସେହି କାପ୍ତା ବାହାରକୁ ଯାଇ ସନ୍ଧ୍ୟା ସମୟରେ ନୋହଙ୍କ ନିକଟକୁ ପୁଣି ଥରେ ଫେରିଆସିଲା । ପୁଣି ସେହି କାପ୍ତା ନିଜ ଥଣ୍ଟରେ ଜୀତ ଗଛର କଅଁଳିଆ ପତ୍ର ଧରିଥିଲା । ଏଣୁ ନୋହ ଜାଣିଲେ ଯେ, ଭୂମିରୁ ପାଣି କମିଯାଇଛି ।

[12]ନୋହ ଆଉ ସାତ ଦିନ ପରେ ସେହି କାପ୍ତାକୁ ପୁଣି ଥରେ ବାହାରକୁ ଛାଡ଼ିଲେ, କିନ୍ତୁ ଏଥର ସେହି କାପ୍ତା ତାଙ୍କ ନିକଟକୁ ଆଉ ଫେରିଲା ନାହିଁ ।

[13]ନୋହଙ୍କ ବୟସ ୬୦୧ ବର୍ଷର, ପ୍ରଥମ ମାସର ପ୍ରଥମ ଦିନରେ, ଅର୍ଥାତ୍, ଜଳପ୍ଲାବନର ଦଶ ମାସ ପନ୍ଦର ଦିନରେ, ପୃଥିବୀରୁ ଜଳପ୍ଲାବନର ପାଣି ଶୁଖିଗଲା । ଏହାପରେ ନୋହ ଜାହାଜର ଛାତ ଉଠାଇ ଦେଖିଲେ ଯେ ଭୂମି ଶୁଖିଯାଇଥିଲା ।

[14]ପୁଣି ଦ୍ୱିତୀୟ ମାସର ସତେଇଶ ଦିନରେ, ଭୂମି ପୁରା ଶୁଖିଯାଇଥିଲା ।

[15]ଏହାପରେ ପରମେଶ୍ୱର ନୋହଙ୍କୁ କହିଲେ, [16]ତୁମେ, ତୁମର ସ୍ତ୍ରୀ, ତୁମର ପୁଅମାନେ ଓ ସେମାନଙ୍କର ସ୍ତ୍ରୀମାନେ ଜାହାଜରୁ ବାହାରି ଆସ । [17]ପୁଣି ତୁମ ସହିତ ଥିବା ସବୁ ଜୀବିତ ପ୍ରାଣୀ, ପକ୍ଷୀ, ପଶୁ ଓ ଛାତିରେ ଭରାଦେଇ ଯାଉଥିବା ପ୍ରାଣୀଗୁଡ଼ିକୁ ବାହାରକୁ ଆଣ; ସେଗୁଡ଼ିକ ଫଳବନ୍ତ ହୁଅନ୍ତୁ[z], ସଂଖ୍ୟାରେ ବୃଦ୍ଧି ପାଆନ୍ତୁ ଓ ପୃଥିବୀରେ ବ୍ୟାପି ଯାଆନ୍ତୁ ।

[18]ଏଣୁ ନୋହ, ତାଙ୍କର ପୁଅମାନେ, ତାଙ୍କର ସ୍ତ୍ରୀ ଓ ତାଙ୍କ ପୁଅମାନଙ୍କର ସ୍ତ୍ରୀମାନେ ଜାହାଜରୁ ବାହାରି ଆସିଲେ ।

[19]ଆଉ ପ୍ରତ୍ୟେକ ପଶୁ, ଛାତିରେ ଭରାଦେଇ ଚାଲୁଥିବା ପ୍ରତ୍ୟେକ ପ୍ରାଣୀ, ପ୍ରତ୍ୟେକ ପକ୍ଷୀ ଓ ଭୂମିରେ ଚଲାବୁଲା କରୁଥିବା ପ୍ରତ୍ୟେକ ପ୍ରାଣୀ ଯୋଡ଼ା ଯୋଡ଼ା ହୋଇ ଜାହାଜରୁ ବାହାରି ଆସିଲେ ।

[20]ଏହାପରେ ନୋହ ଯିହୋବା ପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦି ତିଆରି କଲେ ପୁଣି ପ୍ରତ୍ୟେକ ଶୁଚି ପଶୁ ଓ ଶୁଚି ପକ୍ଷୀରୁ କିଛି କିଛି ନେଇ ଯଜ୍ଞବେଦିରେ ହୋମବଳି ରୂପେ ଉତ୍ସର୍ଗ କଲେ ।

[21]ପୁଣି ନୋହ ଯେଉଁ ବଳି ଉତ୍ସର୍ଗ କଲେ ସେଥିରୁ ବାହାରୁଥିବା ସୁଗନ୍ଧରେ ଯିହୋବା ପ୍ରଭୁ ସନ୍ତୁଷ୍ଟ ହୋଇ ନିଜ ମନରେ କହିଲେ, ଯଦିଓ ମନୁଷ୍ୟମାନେ ପିଲା ଦିନରୁ ମନ୍ଦ ବିଷୟ କଳ୍ପନା କରନ୍ତି, ତଥାପି ସେମାନଙ୍କ ପାପ ଯୋଗୁଁ ଯେପରି ଆମ୍ଭେ ପୃଥିବୀକୁ ଅଭିଶାପ ଦେଇ ସବୁ ପ୍ରାଣୀକୁ ବିନଷ୍ଟ କଲୁ, ସେପରି ଆଉ କରିବା ନାହିଁ ।

[22]ପୁଣି ଯେତେ ଦିନ ଯାଏଁ ପୃଥିବୀ ରହିଥିବ, ସେହିଦିନ ଯାଏଁ,
ବିହନ ବୁଣିବାର ସମୟ ଓ
ଫସଲ କାଟିବାର ସମୟ,
ଥଣ୍ଡା ଓ ଗରମ,
ଶୀତ ଋତୁ ଓ ଗ୍ରୀଷ୍ମ ଋତୁ
ପୁଣି ଦିନ ଓ ରାତି ରହିଥିବ ।

# 9

## ପରମେଶ୍ୱର ନୋହଙ୍କ ସହିତ ନିୟମ କଲେ

[1]ଏହାପରେ ପରମେଶ୍ୱର ନୋହ ଏବଂ ତାଙ୍କ ପୁଅମାନଙ୍କୁ ଆଶୀର୍ବାଦ କରି କହିଲେ, ତୁମ୍ଭେମାନେ ଫଳବନ୍ତ ହୁଅ[a] ଓ ସଂଖ୍ୟାରେ ବୃଦ୍ଧି ପାଅ, ପୁଣି ପୃଥିବୀକୁ ପରିପୂର୍ଣ୍ଣ କର । [2]ପୃଥିବୀର ସବୁପଶୁ, ଆକାଶର ପକ୍ଷୀ, ଛାତିରେ ଭରାଦେଇ ଯାଉଥିବା ପ୍ରାଣୀ ଏବଂ ମାଛ ତୁମ୍ଭମାନଙ୍କୁ ଡରିବେ ଓ ତୁମ୍ଭମାନଙ୍କ ପ୍ରତି

---

[z]**8.17** ଫଳବନ୍ତ ହୁଅନ୍ତୁ = ପିଲାଛୁଆ ଜନ୍ମ କରନ୍ତୁ
[a]**9.1** ଫଳବନ୍ତ ହୁଅ = ପିଲାଛୁଆ ଜନ୍ମ କର

ସେମାନଙ୍କର ଭୟ ରହିବ । ଆମ୍ଭେ ସେମାନଙ୍କ ଉପରେ ତୁମ୍ଭମାନଙ୍କୁ ଅଧିକାର ଦେଉଅଛୁ । 3ଚଲାବୁଲା କରୁଥିବା ପ୍ରତ୍ୟେକ ଜୀବିତ ପ୍ରାଣୀ ତୁମର ଖାଦ୍ୟ
ହେବ; ଆମ୍ଭେ ତୁମକୁ ପନିପରିବା, ଶାଗ ଏବଂ ଶସ୍ୟ ଖାଇବାକୁ ଯେପରି ଦେଇଅଛୁ, ସେପରି ଏହିସବୁ ପଶୁଙ୍କୁ ମଧ୍ୟ ତୁମର ଖାଦ୍ୟ ହେବା ପାଇଁ ଦେଉଅଛୁ ।
4କିନ୍ତୁ ତୁମ୍ଭେମାନେ ଗୋଟିଏ ପଶୁକୁ ତାଠାରେ ରକ୍ତ ଥାଉ ଥାଉ କଦାପି ଖାଇବ ନାହିଁ, ଯେହେତୁ ରକ୍ତ ହିଁ ତାହାର ଜୀବନ । 5କେହି ତୁମକୁ ଜୀବନରେ
ମାରିଦେଲେ, ଆମ୍ଭେ ତାହାଠାରୁ ତୁମ ରକ୍ତର, ଅର୍ଥାତ୍, ତୁମ ଜୀବନର ହିସାବ ନେବା । ପଶୁ ହେଉ କିମ୍ବା ମନୁଷ୍ୟ ହେଉ ଆମ୍ଭେ ତାହାଠାରୁ ହିସାବ ନେବା ।
ପୁଣି କୌଣସି ଲୋକ ଅନ୍ୟ କାହାକୁ ଜୀବନରେ ମାରିଦିଏ, ତେବେ ଆମ୍ଭେ ତାହାଠାରୁ ସେହି ଜୀବନର ହିସାବ ନେବା । 6ଯେକେହି ନରହତ୍ୟା କରେ, ସେହି
ଲୋକ ମଧ୍ୟ ଅନ୍ୟ କାହା ହାତରେ ମରିବ । କାରଣ ମନୁଷ୍ୟକୁ ଆମ୍ଭେ, ଆମ୍ଭର, ଅର୍ଥାତ୍, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଗଢ଼ିଅଛୁ । 7ତୁମ୍ଭେମାନେ ଫଳବନ୍ତ ହୁଅ
ଓ ସଂଖ୍ୟାରେ ବୃଦ୍ଧି ପାଅ, ପୁଣି ପୃଥିବୀରେ ବ୍ୟାପି ଏହାକୁ ପରିପୂର୍ଣ୍ଣ କର ।

8ଏହାପରେ ପରମେଶ୍ୱର ନୋହ ଏବଂ ତାଙ୍କର ପୁଅମାନଙ୍କୁ କହିଲେ, 9,10ଦେଖ, ଆମ୍ଭେ ତୁମ୍ଭମାନଙ୍କ ସହିତ ଏବଂ ତୁମ୍ଭମାନଙ୍କର ଆଗାମି ବଂଶଧରଙ୍କ
ସହିତ, ପୁଣି ପୃଥିବୀରେ ତୁମ୍ଭମାନଙ୍କ ସହିତ ଥିବା ସବୁ ଜୀବିତ ପ୍ରାଣୀ, ଅର୍ଥାତ୍, ଯେଉଁସବୁ ପକ୍ଷୀ, ଗୃହପାଳିତ ପଶୁ ଓ ଜୀବଜନ୍ତୁ ଜାହାଜରୁ ବାହାରି ଆସିଲେ,
ସେସବୁ ସହିତ ଆମ୍ଭେ ଆମ୍ଭର ନିୟମ କରୁଅଛୁ । 11ଆମ୍ଭେ ତୁମ୍ଭମାନଙ୍କ ସହିତ ଆମ୍ଭର ନିୟମ ସ୍ଥାପନ କରୁଅଛୁ, ଆମ୍ଭେ ଜଳପ୍ଲାବନ କରି ପୃଥିବୀର
ପ୍ରାଣୀମାନଙ୍କୁ ଆଉ କଦାପି ବିନଷ୍ଟ କରିବା ନାହିଁ । ପୁଣି, ପୃଥିବୀକୁ ଜଳପ୍ଲାବନ ଆଉ କଦାପି ବିନଷ୍ଟ କରିବ ନାହିଁ ।

12ପୁଣି ପରମେଶ୍ୱର କହିଲେ, ଆମ୍ଭେ ଆମ୍ଭ ଓ ତୁମ୍ଭମାନଙ୍କ ମଧ୍ୟରେ ପୁଣି ତୁମ୍ଭମାନଙ୍କ ସହିତ ଥିବା ସବୁ ଜୀବିତ ପ୍ରାଣୀଙ୍କ ମଧ୍ୟରେ ଆମ୍ଭର ନିୟମ କରି
ଆଗାମି ସବୁବଂଶଧରଙ୍କ ପାଇଁ ଏହି ଚିହ୍ନ ଦେଉଅଛୁ । 13ଆମ୍ଭେ ଆମ୍ଭର ମେଘଧନୁ[b] ମେଘରେ ରଖୁଅଛୁ । ଏହା ପୃଥିବୀ ସହିତ କରିଥିବା ଆମ୍ଭ ନିୟମର ଚିହ୍ନ
ହେବ ।

14ଯେତେବେଳେ ଆମ୍ଭେ ପୃଥିବୀ ଉପରେ ମେଘ ପଠାଇବା, ପୁଣି ସେହି ମେଘରେ ମେଘଧନୁ ଦେଖାଯିବ, 15ସେତେବେଳେ ଆମ୍ଭେ ଆମ୍ଭ ଓ ତୁମ୍ଭମାନଙ୍କ
ମଧ୍ୟରେ ଏବଂ ପୃଥିବୀର ପ୍ରତ୍ୟେକ ଜୀବିତ ପ୍ରାଣୀଙ୍କ ମଧ୍ୟରେ କରିଥିବା ଏହି ନିୟମ ମନେପକାଇବା । ପୁଣି ଜଳପ୍ଲାବନ ସବୁ ପ୍ରାଣୀଙ୍କୁ ଆଉ ଥରେ କଦାପି
ବିନଷ୍ଟ କରିବ ନାହିଁ । 16ଯେତେବେଳେ ଏହି ମେଘଧନୁ ମେଘରେ ଦେଖାଯିବ, ଆମ୍ଭେ ତାହା ଦେଖିବା ପୁଣି ଆମ୍ଭେ ଆମ୍ଭ ଓ ପୃଥିବୀର ଜୀବିତ ପ୍ରାଣୀଙ୍କ
ମଧ୍ୟରେ କରିଥିବା ଏହି ଚିରସ୍ଥାୟୀ ନିୟମ ମନେପକାଇବା ।

17ପରମେଶ୍ୱର ନୋହଙ୍କୁ କହିଲେ, ଏହି ମେଘଧନୁ ହେଉଛି ସେହି ନିୟମର ଚିହ୍ନ, ଯାହା ଆମ୍ଭେ ଆମ୍ଭ ଓ ପୃଥିବୀରେ ଥିବା ସବୁ ଜୀବିତ ପ୍ରାଣୀଙ୍କ ମଧ୍ୟରେ
ସ୍ଥାପନ କରିଅଛୁ ।

## ନୋହଙ୍କ ପରବର୍ତ୍ତୀ ଜୀବନ

18ନୋହଙ୍କର ଯେଉଁ ପୁଅମାନେ ତାହାଙ୍କ ସହିତ ଜାହାଜରୁ ବାହାରି ଆସିଲେ, ସେମାନଙ୍କର ନାମ ହେଲା, ଶେମ, ହାମ ଓ ଯେଫତ୍ । (ଏହି ହାମ
କିଣାନର ପିତା ।) 19ଏହି ତିନି ଜଣ ନୋହଙ୍କର ପୁଅ ଥିଲେ, ପୁଣି ଏମାନଙ୍କର ବଂଶଧରମାନେ ହିଁ ପୃଥିବୀର ଚାରିଆଡ଼େ ବ୍ୟାପିଗଲେ ।

20ମହା ଜଳପ୍ଲାବନ ପରେ ନୋହ ଚାଷ କାମ କରିବାକୁ ଆରମ୍ଭ କଲେ ଓ କ୍ଷେତରେ ଅଙ୍ଗୁର ଚାଷ କଲେ ।

21ଦିନେ ସେ ଅଙ୍ଗୁର ମଦ ପିଇଲେ ଓ ତାଙ୍କୁ ନିଶା ହେଲା । ପୁଣି ସେ ନିଜ ତମ୍ବୁ ଭିତରେ ଉଲଗ୍ନ[c] ହୋଇ ଶୋଇଥିଲେ ।

22ପୁଣି କିଣାନର ବାପା ହାମ, ତାଙ୍କ ବାପା ନୋହ ଉଲଗ୍ନ ହୋଇ ଶୋଇଥିବାର ଦେଖିଲେ ଓ ବାହାରକୁ ଯାଇ ନିଜ ଦୁଇ ଭାଇଙ୍କୁ ସେହି କଥା କହିଲେ ।

---

[b] **9.13** ଇନ୍ଦ୍ରଧନୁ

[c] **9.21** ଲଙ୍ଗଳା

[23]ଏହାପରେ ଶେମ ଏବଂ ଯେଫତ୍ ଲୁଗା ନେଇ ତାଙ୍କ ବାପାଙ୍କ ଆଡ଼କୁ ପିଠିକରି ପଛକୁ ଚାଲିଚାଲି ଯାଇ, ସେହି ଲୁଗା ତାଙ୍କ ଉପରେ ପକାଇଦେଲେ । ସେମାନେ ତାଙ୍କ ବାପାଙ୍କ ଆଡ଼କୁ ନ ଅନାଇ ଯିବାରୁ ତାଙ୍କର ଉଲଙ୍ଗତା ଦେଖିଲେ ନାହିଁ ।

[24]ନୋହ ନିଶା ଛାଡ଼ିବା ପରେ ଉଠିଲେ ଓ ତାଙ୍କର ସବୁଠାରୁ ସାନ ପୁଅ ହାମ ତାଙ୍କର ଉଲଗ୍ନ ଅବସ୍ଥା ଦେଖି ସେ ବିଷୟରେ ନିଜର ଭାଇମାନଙ୍କୁ ଜଣାଇଥିବା କଥା ଜାଣିବାକୁ ପାଇଲେ ।

[25]ଏହାପରେ ନୋହ ହାମଙ୍କର ପୁଅ କିଣାନକୁ ଅଭିଶାପ ଦେଇ କହିଲେ,

କିଣାନ ଅଭିଶାପ ପାଉ,
ସେ ନିଜ ଭାଇମାନଙ୍କର ଦାସମାନଙ୍କଠାରୁ ମଧ୍ୟ ହୀନ ହେଉ ।

[26]ନୋହ ଆହୁରି ତାଙ୍କର ଅନ୍ୟ ପୁଅମାନଙ୍କୁ ଆଶୀର୍ବାଦ କରି କହିଲେ,

ଶେମର ଯିହୋବା ପ୍ରଭୁଙ୍କର ପ୍ରଶଂସା ହେଉ,
କିଣାନ ଶେମର ଦାସ ହେଉ ।

[27]ପରମେଶ୍ୱର ଯେଫତ୍‌ର ସୀମା ବୃଦ୍ଧି କରନ୍ତୁ ।
ପୁଣି ଯେଫତ ଶେମଙ୍କ ସହିତ ବାସକରୁ ଏବଂ
କିଣାନ ଯେଫତ୍‌ର ଦାସ ହେଉ ।

[28]ମହା ଜଳପ୍ଲାବନ ପରେ ନୋହ ଆଉ ୩୫୦ ବର୍ଷ ବଞ୍ଚିଲେ । [29]ନୋହ ସମୁଦାୟ ୯୫୦ ବର୍ଷ ବଞ୍ଚି ମୃତ୍ୟୁବରଣ କଲେ ।

# 10

## ନୋହଙ୍କ ପୁଅମାନଙ୍କର ବଂଶାବଳୀ

[1]ନୋହଙ୍କ ତିନି ପୁଅ ଶେମ, ହାମ ଏବଂ ଯେଫତଙ୍କ କଥା: ଜଳପ୍ଲାବନ ପରେ ସେମାନଙ୍କଠାରୁ ଅନେକ ପୁଅ ଜନ୍ମ ହେଲେ ।

## ଯେଫତଙ୍କ ବଂଶାବଳୀ

[2]ଯେଫତଙ୍କ ପୁଅମାନେ ହେଲେ, ଗୋମର, ମାଗୋଗ, ମାଦୟ, ଯବନ, ତୁବଲ, ମେଶକ ଓ ତିରସ ।

[3]ଗୋମରଙ୍କ ପୁଅମାନେ ହେଲେ, ଅସ୍କିନସ, ରିଫତ ଓ ତଗର୍ମ ।

[4]ଯବନଙ୍କ ପୁଅମାନେ ହେଲେ, ଇଲିଶା, ତର୍ଶୀଶ, କିତ୍ତିମ ଓ ଦୋଦାନିମ ।

[5]ଏମାନଙ୍କ ବଂଶଧରମାନେ ନିଜ ନିଜ ଗୋଷ୍ଠୀ ଓ ଭାଷା ଅନୁସାରେ ସମୁଦ୍ରର ବିଭିନ୍ନ କୂଳ ଓ ଦ୍ୱୀପଗୁଡ଼ିକରେ ବାସକଲେ ।

[6]ହାମଙ୍କ ପୁଅମାନେ ହେଲେ, କୂଶ, ମିସ୍ରଇମ, ପୂଟ ଓ କିଣାନ ।

[7]କୂଶଙ୍କର ପୁଅମାନେ ହେଲେ, ସବା, ହବିଲା, ସପ୍ତା, ରାଆମାହ ଓ ସବ୍ତେକା । ରାଆମାହଙ୍କ ପୁଅମାନେ ହେଲେ, ଶିବା ଓ ଦଦାନ ।

[8]କୂଶଙ୍କଠାରୁ ନିମ୍ରୋଦ ଜନ୍ମ ହେଲେ । ଏହି ନିମ୍ରୋଦ ପୃଥିବୀରେ ଜଣେ ମହାନ ଯୋଦ୍ଧା ହେଲେ ।

[9]ସେ ଯିହୋବା ପ୍ରଭୁଙ୍କ ଦୃଷ୍ଟିରେ ଜଣେ ବଳବାନ ଶିକାରୀ ଥିଲେ, ତାଙ୍କ ନାମ ଅତି ପ୍ରସିଦ୍ଧ ହେଲା । ଏଣୁ ଲୋକେ ଜଣେ ବଳବାନ ଲୋକକୁ ଦେଖିଲେ, ସେହି ବ୍ୟକ୍ତି ଜଣକ ମହାନ ଶିକାରୀ ନିମ୍ରୋଦଙ୍କ ପରି ଅଟେ ବୋଲି କହନ୍ତି ।

[10]ନିମ୍ରୋଦ ଶିନିୟରର[a] ଦେଶରେ ବାବିଲ ନଗର, ଏରକ ନଗର, ଅକ୍‌କଦ୍ ନଗର ଓ କାଲନେହ ନଗର ନେଇ ନିଜର ରାଜ୍ୟ ଗଠନ କରିବା ଆରମ୍ଭ କଲେ ।

[11]ଏହାପରେ ସେ ଅଶୂର ଦେଶ ଅଧିକାର କଲେ ଓ ନୀନିବୀ ନଗର, ରହୋବତ୍ ଇର୍ ନଗର, କେଲହ ନଗର ଓ ରେଷନ ନଗର ନିର୍ମାଣ କଲେ ।

[12]ଏହି ରେଷନ ଏକ ମହାନଗର ଥିଲା, ପୁଣି ଏହା ନୀନିବୀ ନଗର ଓ କେଲହ ନଗରର ମଝିରେ ଥିଲା ।

[13]ମିସ୍ରଇମଙ୍କ ବଂଶଧରମାନେ ହେଲେ, ଲୁଦିମ, ଅନାମ, ଲହାବିମ, ନପ୍ତୁହିମ, [14]ପଥ୍ରୋଷ, କସ୍‌ଲୁହି ଓ କପ୍ତୋର ଜାତିର ଲୋକମାନେ । ଏହି କପ୍ତୋର ଜାତିର ଲୋକମାନଙ୍କଠାରୁ ପଲେଷ୍ଟୀୟ ଜାତିର ଲୋକମାନେ ଜାତ ହୋଇଛନ୍ତି ।

[15]କିଣାନଙ୍କ ବଡ଼ ପୁଅର ନାମ ସୀଦୋନ । ସେ ସୀଦୋନୀୟମାନଙ୍କର ଆଦିପିତା । ଆହୁରି ମଧ୍ୟ ସେ ହେତ୍ତ, [16]ଯିବୂଷ, ଇମୋର, ଗିର୍ଗାଶ, [17]ହିବ୍ବିତ, ଅର୍କିତ, ସିନିତ, [18]ଅର୍ବଦ, ସମାର, ହମାତ ଜାତିର ଆଦିପିତା । କାଳକ୍ରମେ ଏହି କିଣାନ ଜାତିର ଲୋକମାନେ ସବୁଆଡ଼େ ବ୍ୟାପିଗଲେ ।

[19]କିଣାନ ଜାତିର ଲୋକମାନଙ୍କର ସୀମା ଉତ୍ତର ଦିଗରେ ଥିବା ସୀଦନ ଅଞ୍ଚଳଠାରୁ ଆରମ୍ଭ କରି ଦକ୍ଷିଣ ଦିଗରେ ଥିବା ଗରାର ଅଞ୍ଚଳ ଓ ଗାଜା ଅଞ୍ଚଳ, ଏବଂ ପୂର୍ବ ଦିଗରେ ଥିବା ସଦୋମ ଅଞ୍ଚଳ, ଗମୋରା ଅଞ୍ଚଳ, ଅଦ୍ମା ଅଞ୍ଚଳ ଓ ଲେଶା ଅଞ୍ଚଳ ନିକଟରେ ଥିବା ସବୋୟୀମ ଅଞ୍ଚଳ ଯାଏଁ ଲାଗିଥିଲା ।

[20]ଏମାନେ ସମସ୍ତେ ହାମଙ୍କ ବଂଶଧର । ଏମାନେ ନିଜ ନିଜ ଗୋଷ୍ଠୀ, ଭାଷା, ଅଞ୍ଚଳ ଏବଂ ଜାତି ଅନୁସାରେ ପରିଚିତ ହେଲେ ।

[21]ଯେଫତ୍‌ଙ୍କ ବଡ଼ ଭାଇ ଶେମଙ୍କଠାରୁ ମଧ୍ୟ ପୁଅମାନେ ଜନ୍ମ ହୋଇଥିଲେ । ଶେମଙ୍କର ବଂଶଧରମାନେ ହେଉଛନ୍ତି ଏବର ଜାତିର ଲୋକ ।

[22]ଶେମଙ୍କ ବଂଶଧରମାନେ ହେଉଛନ୍ତି, ଏଲମ, ଅଶୂର, ଅର୍ଫକ୍‌ଷଦ, ଲୂଦ ଓ ଅରାମ ଜାତିର ଲୋକ ।

[23]ଅରାମଙ୍କ ବଂଶଧରମାନେ ହେଉଛନ୍ତି, ଊଷ, ହୂଲ, ଗେଥର ଓ ମଶ୍ ଜାତିର ଲୋକ ।

[24]ଅର୍ଫକ୍‌ଷଦଙ୍କ ପୁଅଙ୍କ ନାମ ଶେଲହ ଓ ଶେଲହଙ୍କ ପୁଅଙ୍କ ନାମ ଏବର ।

[25]ଏବରଙ୍କଠାରୁ ଦୁଇ ପୁଅ ଜନ୍ମ ହେଲେ । ପ୍ରଥମ ପୁଅଙ୍କ ନାମ ପେଲଗ: ଯାହାର ଅର୍ଥ ଭାଗ ଭାଗ ହେବା । ତାଙ୍କର ନାମ ଏହିପରି ଦେବାର କାରଣ ହେଉଛି, ସେହି ସମୟରେ ପୃଥିବୀର ଲୋକମାନେ ଭାଗ ଭାଗ ହୋଇ ଭିନ୍ନ ଭିନ୍ନ ଜାଗାକୁ ଯାଇ ବାସକଲେ । ପେଲଗଙ୍କ ଭାଇଙ୍କ ନାମ ଯକ୍ତନ ।

[26]ଯକ୍ତନଙ୍କ ବଂଶଧରମାନେ ହେଲେ, ଅଲମୋଦଦ, ଶେଲପ, ହତ୍ସର୍ମାବତ, ଯେରହ, [27]ହଦୋରାମ, ଊଷଲ, ଦିକଲାହ, [28]ଓବାଲ, ଅବୀମାୟେଲ, ଶେବା, [29]ଓଫୀର, ହାବିଲା, ଯବାବ । ଏମାନେ ସମସ୍ତେ ଯକ୍ତନଙ୍କ ବଂଶଧର ।

[30]ଯକ୍ତନଙ୍କ ବଂଶର ଲୋକମାନଙ୍କ ଦେଶର ସୀମା ମେଷା ଅଞ୍ଚଳଠାରୁ ଆରମ୍ଭ କରି ପୂର୍ବ ଦିଗରେ ଥିବା ପର୍ବତ ଅଞ୍ଚଳର ସଫାର ଯାଏଁ ଲାଗିଥିଲା ।

[31]ଏ ସମସ୍ତେ ଶେମଙ୍କ ବଂଶଧର । ସେମାନେ ନିଜ ନିଜ ଗୋଷ୍ଠୀ, ଭାଷା, ଅଞ୍ଚଳ ଓ ଜାତି ଅନୁସାରେ ପରିଚିତ ହେଲେ ।

### ଶେଷ କଥା

[32]ନୋହଙ୍କର ଏହି ବଂଶଧରମାନେ ନିଜ ନିଜ ଗୋଷ୍ଠୀ ଓ ବଂଶ ଅନୁସାରେ ନିଜ ନିଜ ସ୍ଥାନରେ ବାସକଲେ । ମହା ଜଳପ୍ଲାବନ ପରେ ଏମାନଙ୍କଠାରୁ ଜନ୍ମ ହୋଇଥିବା ଲୋକମାନେ ହିଁ ସାରା ପୃଥିବୀରେ ବ୍ୟାପିଗଲେ ଓ ଅଲଗା ଅଲଗା ସ୍ଥାନକୁ ଯାଇ ବାସକଲେ ।

# 11

[a]**10.10** ଏହାକୁ ବାବିଲୋନିଆ ମଧ୍ୟ କୁହାଯାଏ

## ବାବିଲ ଗଡ଼

[1]ସେହି ସମୟରେ ସାରା ପୃଥିବୀରେ ଗୋଟିଏ ମାତ୍ର ଭାଷା ଥିଲା ଓ ପୃଥିବୀର ସବୁଲୋକ ସେହି ଗୋଟିଏ ଭାଷା କହୁଥିଲେ ।

[2]ପୁଣି ଲୋକମାନେ ପୂର୍ବ ଦିଗରୁ ଯାଉ ଯାଉ, ଶିନିୟରa ଦେଶରେ ଏକ ସମତଳ ଅଞ୍ଚଳ ପାଇଲେ ଓ ସେଠାରେ ବାସକଲେ ।

[3]ପୁଣି ସେମାନେ ନିଜ ନିଜ ଭିତରେ କହିଲେ, ଆସ, ଆମେ ଇଟା ତିଆରି କରିବା ଓ ତାହା ଭଲ ଭାବରେ ପୋଡ଼ିଦେବା । ପୁଣି ସେମାନେ ପଥର
ବଦଳରେ ଇଟା ଓ ଚୂନ ବଦଳରେ ତାରୁ ବ୍ୟବହାର କଲେ ।

[4]ଏହାପରେ ସେମାନେ କହିଲେ, ଆସ ଆମ୍ଭେମାନେ ଏକ ନଗର ଓ ସେଥିରେ ଆକାଶକୁ ଛୁଇଁବା ପରି ଏକ ଉଚ୍ଚ ଦୁର୍ଗ ତିଆରି କରିବା । ଏହା ଦ୍ୱାରା
ଆମ୍ଭମାନଙ୍କର ନାମ ବିଖ୍ୟାତ ହେବb, ପୁଣି ଆମ୍ଭେମାନେ ପୃଥିବୀରେ ଛିନ୍ନଭିନ୍ନ ହେବା ନାହିଁ ।

[5]ସେହି ଲୋକମାନେ ଯେଉଁ ନଗର ଓ ଗଡ଼ ତିଆରି କରୁଥିଲେ, ତାହା ଦେଖିବା ପାଇଁ ଯିହୋବା ପ୍ରଭୁ ତଳକୁ ଓହ୍ଲାଇ ଆସିଲେ ।

[6]ଯିହୋବା ପ୍ରଭୁ ତାହା ଦେଖି, କହିଲେ, 'ଦେଖ, ଏହି ଲୋକମାନେ ସମସ୍ତେ ଏକତାରେ ଅଛନ୍ତି ଓ ସମସ୍ତେ ଗୋଟିଏ ଭାଷା କହୁଛନ୍ତି । ଏବେ ସେମାନେ
ଏହା କରିବାକୁ ଆରମ୍ଭ କରିଛନ୍ତି; ପୁଣି ସେମାନେ ଯାହା କରିବାକୁ ଚାହିଁବେ, ତାହା କରିବା ସେମାନଙ୍କ ପାଇଁ ଅସମ୍ଭବ ହେବ ନାହିଁ ।

[7]ଆସ, ଆମ୍ଭେ ତଳକୁ ଓହ୍ଲାଇଯାଇ ସେମାନଙ୍କୁ ଭିନ୍ନ ଭିନ୍ନ ଭାଷା ଦେବା, ଯେପରି ସେମାନେ ଜଣେ ଅନ୍ୟ ଜଣଙ୍କର ଭାଷା ବୁଝିପାରିବେ ନାହିଁ ।

[8]ଏହିପରି, ଯିହୋବା ପ୍ରଭୁ ସେମାନଙ୍କୁ ସେହି ସ୍ଥାନରୁ ପୃଥିବୀର ଚାରିଆଡ଼େ ଛିନ୍ନଭିନ୍ନ କଲେ । ପୁଣି ସେମାନେ ଆଉ ସେହି ନଗର ଓ ଗଡ଼ ତିଆରି କଲେ
ନାହିଁ ।

[9]ସେଥିପାଇଁ ସେହି ନଗରର ନାମ ବାବିଲc ହେଲା, କାରଣ ଯିହୋବା ପ୍ରଭୁ ସାରା ପୃଥିବୀର ଏକ ମାତ୍ର ଭାଷାରେ ଭିନ୍ନତା ଜାତ କଲେ; ପୁଣି ସେ
ସେମାନଙ୍କୁ ବାବିଲରୁ ପୃଥିବୀର ଚାରିଆଡ଼େ ଛିନ୍ନଭିନ୍ନ କଲେ ।

## ଶେମଙ୍କଠାରୁ ଅବ୍ରାମଙ୍କ ଯାଏଁ ବଂଶାବଳୀ

[10]ଶେମଙ୍କ ବଂଶାବଳୀ । ଜଳପ୍ଲାବନର ଦୁଇ ବର୍ଷ ପରେ, ଶେମ ୧୦୦ ବର୍ଷ ବୟସରେ ଅର୍ଫକ୍ଷଦଙ୍କୁ ଜନ୍ମକଲେ ।

[11]ଅର୍ଫକ୍ଷଦଙ୍କୁ ଜନ୍ମ କରିବା ପରେ ଶେମ ୫୦୦ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

[12]ଅର୍ଫକ୍ଷଦ ୩୫ ବର୍ଷ ବୟସରେ ଶେଲହକୁ ଜନ୍ମକଲେ ।

[13]ଶେଲହଙ୍କ ଜନ୍ମ ପରେ ଅର୍ଫକ୍ଷଦ ୪୦୩ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

[14]ଶେଲହ ୩୦ ବର୍ଷ ବୟସରେ ଏବରଙ୍କୁ ଜନ୍ମକଲେ ।

[15]ଏବରଙ୍କ ଜନ୍ମ ପରେ ଶେଲହ ୪୦୩ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

[16]ଏବର ୩୪ ବର୍ଷ ବୟସରେ ପେଲଗଙ୍କୁ ଜନ୍ମକଲେ ।

[17]ପେଲଗଙ୍କ ଜନ୍ମ ପରେ ଏବର ୪୩୦ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

---

a **11.2** ବାବିଲୋନିଆ
b **11.4** ସମସ୍ତେ ଜାଣିବା
c **11.9** ଭିନ୍ନ ଭିନ୍ନ କରିବା

18ପେଲଗ ୩୦ ବର୍ଷ ବୟସରେ ରିୟୁଙ୍କୁ ଜନ୍ମକଲେ ।

19ରିୟୁଙ୍କ ଜନ୍ମ ପରେ ପେଲଗ ୨୦୯ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

20ରିୟୁ ୩୨ ବର୍ଷ ବୟସରେ ସରୁଗଙ୍କୁ ଜନ୍ମକଲେ ।

21ସରୁଗଙ୍କ ଜନ୍ମ ପରେ ରିୟୁ ୨୦୭ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

22ସରୁଗ ୩୦ ବର୍ଷ ବୟସରେ ନାହୋରଙ୍କୁ ଜନ୍ମକଲେ ।

23ନାହୋରଙ୍କ ଜନ୍ମ ପରେ ସରୁଗ ୨୦୦ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

24ନାହୋର ୨୯ ବର୍ଷ ବୟସରେ ତେରହଙ୍କୁ ଜନ୍ମକଲେ ।

25ତେରହଙ୍କ ଜନ୍ମ ପରେ ନାହୋର ୧୧୯ ବର୍ଷ ବଞ୍ଚି ଆଉ ପୁଅଝିଅଙ୍କୁ ଜନ୍ମକଲେ ।

26ତେରହ ୭୦ ବର୍ଷ ବୟସରେ ଅବ୍ରାମଙ୍କୁ ଓ ପରେ ନାହୋର ଓ ହାରଣଙ୍କୁ ଜନ୍ମକଲେ ।

## ତେରହଙ୍କ ପରିବାରର ବିବରଣୀ

27,29ତେରହଙ୍କ ବଂଶାବଳୀ: ତେରହଙ୍କ ପୁଅମାନେ ହେଲେ, ଅବ୍ରାମ, ନାହୋର ଏବଂ ହାରଣ । ପୁଣି ହାରଣଙ୍କ ପୁଅଝିଅମାନେ ହେଲେ, ଲୋଟ, ମିଲକା ଓ ଇସ୍କା । ହାରଣ ନିଜ ବାପା ବଞ୍ଚିଥିବା ସମୟରେ ହିଁ ନିଜ ଜନ୍ମସ୍ଥାନ କଲଦୀୟମାନଙ୍କ[h] ଦେଶର ଉର୍ ନାମକ ସ୍ଥାନରେ ମୃତ୍ୟୁବରଣ କଲେ । ଅବ୍ରାମ ସାରୀଙ୍କୁ ବିବାହ କଲେ ଓ ନାହୋର ନିଜ ଭାଇଙ୍କ ଝିଅ ମିଲ୍‍କାଙ୍କୁ ବିବାହ କଲେ ।

30ସାରୀ ବନ୍ଧ୍ୟା[i] ଥିବାରୁ ତାଙ୍କର କୌଣସି ପୁଅଝିଅ ନ ଥିଲେ ।

31ତେରହ ନିଜ ପୁଅ ଅବ୍ରାମ, ଅବ୍ରାମଙ୍କ ସ୍ତ୍ରୀ ସାରୀ, ପୁଣି ହାରଣଙ୍କ ପୁଅ ଲୋଟ, ଅର୍ଥାତ୍, ନିଜର ନାତିଙ୍କୁ ନେଇ କଲଦୀୟମାନଙ୍କ[j] ଦେଶର ଉର୍ ନାମକ ସ୍ଥାନରୁ କିଣାନ ଦେଶ ଆଡ଼କୁ ଗଲେ; କିନ୍ତୁ ସେମାନେ ହାରଣ ନାମକ ନଗରରେ ପହଞ୍ଚି ସେଠାରେ ବାସକଲେ ।

32ତେରହ ହାରଣ ନଗରରେ ବାସ କରୁଥିବା ସମୟରେ ୨୦୫ ବର୍ଷ ବୟସରେ ମୃତ୍ୟୁବରଣ କଲେ ।

# 12

## ପରମେଶ୍ୱର ଅବ୍ରାମଙ୍କୁ ଡାକିଲେ

1ଅବ୍ରାମଙ୍କ ପିତାଙ୍କ ମୃତ୍ୟୁ ପରେ, ଯିହୋବା ପ୍ରଭୁ ଅବ୍ରାମଙ୍କୁ କହିଲେ, ତୁମେ ତୁମର ଦେଶ, ତୁମ କୁଟୁମ୍ବର ଲୋକମାନଙ୍କୁ ଓ ତୁମ ପିତାଙ୍କ ଗୃହ ଛାଡ଼ି,
ଆମ୍ଭେ ତୁମକୁ ଯେଉଁ ଦେଶ ଦେଖାଇବା ସେହି ଦେଶକୁ ଯାଅ । 2ପୁଣି ଆମ୍ଭେ ତୁମଠାରୁ ଏକ ମହାନ ଦେଶ ଜାତ କରିବା, ପୁଣି ଆମ୍ଭେ ତୁମକୁ ଆଶୀର୍ବାଦ
କରିବା ଓ ତୁମର ନାମ ମହତ୍ କରିବା, ଯେପରି ତୁମ ଦ୍ୱାରା ଅନ୍ୟମାନେ ଆଶୀର୍ବାଦ ପାଇବେ । 3ଯେଉଁମାନେ ତୁମକୁ ଆଶୀର୍ବାଦ କରିବେ, ସେମାନଙ୍କୁ
ଆମ୍ଭେ ଆଶୀର୍ବାଦ କରିବା ପୁଣି ଯେଉଁମାନେ ତୁମକୁ ଅଭିଶାପ ଦେବେ, ସେମାନଙ୍କୁ ଆମ୍ଭେ ଅଭିଶାପ ଦେବା । ଆଉ ପୃଥିବୀର ସବୁଜାତିର ଲୋକମାନେ

---

[h] **11.27-29** କଲଦ ଜାତିର ଲୋକମାନେ

[i] **11.30** ଯେଉଁ ସ୍ତ୍ରୀଲୋକ ପିଲାଛୁଆ ଜନ୍ମ କରିପାରେ ନାହିଁ

[j] **11.31** କଲଦ ଜାତିର ଲୋକମାନେ

ତୁମ ଦେଇ ଆଶୀର୍ବାଦ ପାଇବେ ।

[4]ତେଣୁ ଯିହୋବା ପ୍ରଭୁଙ୍କ ଆଜ୍ଞା ଅନୁସାରେ ଅବ୍ରାମ ସେହି ଦେଶ ଛାଡ଼ି ଚାଲିଗଲେ; ପୁଣି ତାଙ୍କ ସହିତ ତାଙ୍କ ପୁତୁରା ଲୋଟ ମଧ୍ୟ ଗଲେ । ହାରଣ ନାମକ
ଅଞ୍ଚଳରୁ ଚାଲିଯିବା ସମୟରେ ଅବ୍ରାମଙ୍କର ବୟସ ପଞ୍ଚସ୍ତରି ବର୍ଷ ହୋଇଥିଲା ।

[5]ପୁଣି ଅବ୍ରାମ ନିଜ ସ୍ତ୍ରୀ ସାରୀ ଓ ନିଜ ପୁତୁରା ଲୋଟ ପୁଣି ହାରଣ ନାମକ ଅଞ୍ଚଳରେ ଲାଭ କରିଥିବା ନିଜର ସବୁ ଧନସମ୍ପତ୍ତି ଓ ଦାସଦାସୀଙ୍କୁ ନେଇ
କିଣାନ ଦେଶକୁ ଯାତ୍ରାକରି ସେଠାରେ ପହଞ୍ଚିଲେ ।

[6]ପୁଣି ଅବ୍ରାମ କିଣାନ ଦେଶ ମଧ୍ୟ ଦେଇ ଯାଉ ଯାଉ ଶିଖିମ ଅଞ୍ଚଳର ମୋରି ନାମକ ସ୍ଥାନରେ ଥିବା ଓଳ ଗଛ ନିକଟରେ ପହଞ୍ଚିଲେ । ସେହି ସମୟରେ
କିଣାନ ଜାତିର ଲୋକମାନେ ସେହି ଦେଶରେ ବାସ କରୁଥିଲେ ।

[7]ଏହାପରେ, ଯିହୋବା ପ୍ରଭୁ ଅବ୍ରାମଙ୍କୁ ଦର୍ଶନ ଦେଇ କହିଲେ, ତୁମର ବଂଶଧରଙ୍କୁ ଆମ୍ଭେ ଏହି ଦେଶ ଦେବା । ଏଣୁ, ଅବ୍ରାମ ତାଙ୍କୁ ଦର୍ଶନ ଦେଇଥିବା
ଯିହୋବା ପ୍ରଭୁଙ୍କୁ ଉପାସନା କରିବା ପାଇଁ ସେଠାରେ ଏକ ଯଜ୍ଞବେଦି ତିଆରି କଲେ ।

[8]ସେହି ସ୍ଥାନରୁ ଅବ୍ରାମ ବେଥେଲର ପୂର୍ବ ଦିଗରେ ଥିବା ପାହାଡ଼ିଆ ଅଞ୍ଚଳକୁ ଗଲେ ଓ ସେଠାରେ ତମ୍ବୁ ଟାଣି ରହିଲେ । ତାହାର ପଶ୍ଚିମ ଦିଗରେ ବେଥେଲ
ନଗର ଓ ପୂର୍ବ ଦିଗରେ ଅୟ ନଗର ଥିଲା । ସେ ସେହିସ୍ଥାନରେ ଯିହୋବା ପ୍ରଭୁଙ୍କୁ ଉପାସନା କରିବା ପାଇଁ ଏକ ଯଜ୍ଞବେଦି ତିଆରି କଲେ ଓ ତାହାଙ୍କ
ନାମରେ ପ୍ରାର୍ଥନା କଲେ ।

## ଅବ୍ରାମ ମିସର ଦେଶକୁ ଗଲେ

[9]ଏହାପରେ ଅବ୍ରାମ ଯାତ୍ରା କରୁ କରୁ ନେଗେଭ୍[k] ଆଡ଼କୁ ଗଲେ । [10]ସେହି ସମୟରେ କିଣାନ ଦେଶରେ ଅତିଶୟ ମରୁଡ଼ି ହେଲା । ତେଣୁ ଅବ୍ରାମ ଆହୁରି
ଆଗକୁ ଯାଇ ଅଳ୍ପ କାଳ ପାଇଁ ବାସ କରିବାକୁ ମିସର ଦେଶକୁ ଗଲେ, କାରଣ କିଣାନ ଦେଶରେ ଅତି ଭୟଙ୍କର ମରୁଡ଼ି ହୋଇଥିଲା ।

[11]ଅବ୍ରାହାମ ମିସର ଦେଶରେ ପହଞ୍ଚିବା ସମୟରେ ନିଜ ସ୍ତ୍ରୀ ସାରୀଙ୍କୁ କହିଲେ, ମୁଁ ଜାଣେ, ତୁମେ ଦେଖିବାକୁ ସୁନ୍ଦରୀ । [12]ଏଣୁ ମିସର ଦେଶର
ଲୋକମାନେ ତୁମକୁ ଦେଖି କହିବେ, ଏ ହେଉଛି ତାଙ୍କର ସ୍ତ୍ରୀ । ତାପରେ ସେମାନେ ତୁମକୁ ବଞ୍ଚାଇ ରଖିବେ କିନ୍ତୁ ମୋତେ ଜୀବନରେ ମାରିଦେବେ । [13]ଏଣୁ,
ତୁମେ ମୋର ଭଉଣୀ ବୋଲି ସେମାନଙ୍କୁ କୁହ । ଯେପରି ତୁମ ଯୋଗୁଁ ସେମାନେ ମୋ ପ୍ରତି ଭଲ ବ୍ୟବହାର କରିବେ ଏବଂ ମୋର ଜୀବନ ରକ୍ଷା ପାଇବ ।

[14]ଯେତେବେଳେ ଅବ୍ରାମ ମିସର ଦେଶରେ ପହଞ୍ଚିଲେ, ସେ ସ୍ଥାନର ଲୋକମାନେ ସାରୀଙ୍କୁ ଦେଖି କହିଲେ, ସେ ବହୁତ ସୁନ୍ଦରୀ ।

[15]ପୁଣି ଫାରୋଙ୍କର[l] ରାଜକର୍ମଚାରୀମାନେ ସାରୀଙ୍କୁ ଦେଖି ଫାରୋଙ୍କ ଆଗରେ ତାଙ୍କର ପ୍ରଶଂସା କଲେ; ତେଣୁ ଫାରୋ ଲୋକ ପଠାଇ ସାରୀଙ୍କୁ ନିଜ
ରାଜ ପ୍ରସାଦକୁ ନେଇଗଲେ ।

[16]ପୁଣି ଫାରୋ ସାରୀଙ୍କ ଯୋଗୁଁ ଅବ୍ରାମଙ୍କ ପ୍ରତି ଭଲ ବ୍ୟବହାର କଲେ ଓ ଅବ୍ରାମଙ୍କୁ ବହୁ ମେଣ୍ଢା, ବଳଦ, ଗଧ, ଓଟ ଏବଂ ଦାସଦାସୀ ଦେଲେ ।

[17]ମାତ୍ର ଫାରୋ ଅବ୍ରାମଙ୍କ ସ୍ତ୍ରୀ ସାରୀଙ୍କୁ ନେଇଯିବାରୁ ଯିହୋବା ପ୍ରଭୁ ଫାରୋ ଓ ତାଙ୍କ ପରିବାରକୁ ଭୟଙ୍କର ରୋଗସବୁ ପଠାଇଲେ ।

[18]ଏଣୁ ଫାରୋ ଅବ୍ରାମଙ୍କୁ ଡାକି ପଚାରିଲେ, ଆପଣ ଆମ୍ଭ ପ୍ରତି ଏ କଅଣ କଲେ ? ସେ ଯେ ଆପଣଙ୍କର ସ୍ତ୍ରୀ ଏ କଥା ଆପଣ ଆମ୍ଭଙ୍କୁ କାହିଁକି କହିଲେ
ନାହିଁ ? [19]ସେ ମୋର ଭଉଣୀ ବୋଲି ଆପଣ କାହିଁକି କହିଲେ ? ତେଣୁ ଆମ୍ଭେ ତାଙ୍କୁ ବିବାହ କରିବାକୁ ନେଇଗଲୁ । ଏବେ ଦେଖନ୍ତୁ, ଆପଣଙ୍କର ସ୍ତ୍ରୀ
ଏଠାରେ ଅଛନ୍ତି, ତାଙ୍କୁ ନେଇ ଏଠାରୁ ଚାଲିଯାଆନ୍ତୁ ।

[20]ଏହାପରେ, ଫାରୋ ଅବ୍ରାହାମଙ୍କ ବିଷୟରେ ନିଜ ଲୋକମାନଙ୍କୁ ଆଦେଶ ଦେଲେ, ପୁଣି ସେମାନେ ଅବ୍ରାହାମଙ୍କୁ ତାଙ୍କ ସ୍ତ୍ରୀ ଓ ସବୁ ଧନସମ୍ପତ୍ତି ସହିତ

---

[k]**12.9** ନେଗେଭ୍ ଅଞ୍ଚଳ କିଣାନ ଦେଶର ଦକ୍ଷିଣରେ ଓ ମିସରର ଉତ୍ତର ପୂର୍ବ ଦିଗରେ ଅବସ୍ଥିତ

[l]**12.15** ମିସର ଦେଶର ରାଜାଙ୍କୁ ଫାରୋ କୁହାଯାଏ

ମିସର ଦେଶରୁ ବାହାରକୁ ପଠାଇଦେଲେ ।

# 13

### ଅବ୍ରାମ ଓ ଲୋଟ ଅଲଗା ଅଲଗା ହୋଇ ବାସକଲେ

1ଏହାପରେ ଅବ୍ରାମ, ନିଜ ସ୍ତ୍ରୀ ସାରୀ ଓ ନିଜ ପୁତୁରା ଲୋଟ ପୁଣି ତାଙ୍କର ସବୁ ଧନସମ୍ପତ୍ତି ସହ ମିସର ଦେଶରୁ ବାହାରି ନେଗେଭ୍‌କୁ ଗଲେ ।

2ଅବ୍ରାମ ପଶୁପଲ, ସୁନା ଓ ରୂପାରେ ଧନୀ ଥିଲେ । 3ପୁଣି ସେ ନେଗେଭ୍‌ରୁ ବେଥେଲ ପର୍ଯ୍ୟନ୍ତ ଯାଇ, ଆଗରୁ ଯେଉଁ ଜାଗାରେ ତମ୍ବୁ ଟାଣି ରହିଥିଲେ,
ସେଠାରେ, ଅର୍ଥାତ୍, ବେଥେଲ ନଗର ଓ ଅୟ ନଗର ମଝିରେ ତମ୍ବୁ ଟାଣି ରହିଲେ ।

4ସେହି ଜାଗାରେ ଅବ୍ରାମ ଆଗରୁ ଥରେ ଯଜ୍ଞବେଦି ତିଆରି କରିଥିଲେ । ପୁଣି ସେ ସେଠାରେ ଯିହୋବା ପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।

5ପୁଣି ତାଙ୍କ ସହିତ ଯାଇଥିବା ତାଙ୍କ ପୁତୁରା ଲୋଟଙ୍କର ମଧ୍ୟ ବହୁ ଛେଳିମେଣ୍ଢା, ଗାଈଗୋରୁ ଓ ତମ୍ବୁ ଥିଲା ।

6ତେଣୁ ସେହି ଦୁଇ ଜଣ ଏକାଠି ବାସ କରିବା ପାଇଁ ସେହି ସ୍ଥାନ ଯଥେଷ୍ଟ ହେଲା ନାହିଁ; କାରଣ ସେମାନଙ୍କର ଏତେ ଧନସମ୍ପତ୍ତି ଥିଲା ଯେ ସେମାନେ
ଏକାଠି ବାସକରି ପାରିଲେ ନାହିଁ ।

7ପୁଣି ଅବ୍ରାମଙ୍କ ପଶୁପାଳକ ଓ ଲୋଟଙ୍କର ପଶୁପାଳକମାନଙ୍କ ମଧ୍ୟରେ ଝଗଡ଼ା ହେଲା । ସେହି ସମୟରେ ସେହି ଦେଶରେ କିଣାନ ଓ ପିରିଜ ଜାତିର
ଲୋକମାନେ ବାସ କରୁଥିଲେ ।

8ତେଣୁ ଅବ୍ରାମ ଲୋଟଙ୍କୁ କହିଲେ, ଆମ ଦୁହିଁଙ୍କ ମଧ୍ୟରେ କିମ୍ବା ତୁମର ପଶୁପାଳକ ଓ ମୋର ପଶୁପାଳକମାନଙ୍କ ମଧ୍ୟରେ କିଛି ଝଗଡ଼ା ନ ହେଉ ।
ଯେହେତୁ ଆମ୍ଭେମାନେ ଗୋଟିଏ ପରିବାର ଲୋକ । 9ତୁମ ଆଗରେ କଅଣ ଏହି ସାରା ଦେଶ ନାହିଁ ? ତେଣୁ ଚାଲ ଆମେ ଅଲଗା ଅଲଗା ରହିବା । ଯଦି
ତୁମେ ବାମକୁ ଯିବ, ତେବେ ମୁଁ ଡାହାଣକୁ ଯିବି । ଯଦି ତୁମେ ଡାହାଣକୁ ଯିବ, ତେବେ ମୁଁ ବାମକୁ ଯିବି ।

10ପୁଣି ଲୋଟ ଅନାଇ ସୟୋର ଅଞ୍ଚଳ ଦିଗରେ ଥିବା ଯର୍ଦ୍ଦନ ନଦୀର ସମତଳ ଭୂମି ଦେଖିଲେ; ଏହା ଯିହୋବା ପ୍ରଭୁଙ୍କ ବଗିଚା ପରି ପୁଣି ମିସର ଦେଶ
ପରି ସବୁଜ ଦେଖାଯାଉଥିଲା; କାରଣ ତାହା ସବୁଆଡ଼େ ଭଲ ଭାବରେ ଜଳ ସେଚିତ ଥିଲା । ଯିହୋବା ପ୍ରଭୁ ସଦୋମ ଓ ଗମୋରା ନଗରକୁ ବିନଷ୍ଟ କରିବା
ଆଗରୁ ଯର୍ଦ୍ଦନ ନଦୀର ସମତଳ ଭୂମି ଏପରି ଥିଲା ।

11ତେଣୁ, ଲୋଟ ନିଜ ପାଇଁ ଯର୍ଦ୍ଦନ ନଦୀର ସମତଳ ଅଞ୍ଚଳ ବାଛିଲେ ଓ ପୂର୍ବ ଦିଗକୁ ଚାଲିଗଲେ । ଏହିପରି ଅବ୍ରାମ ଓ ଲୋଟ ଦୁହେଁ ପରସ୍ପରଠାରୁ
ଅଲଗା ହେଲେ ।

12ଅବ୍ରାମ କିଣାନ ଦେଶରେ ବାସକଲେ, ମାତ୍ର ଲୋଟ ସମତଳ ଅଞ୍ଚଳର ନଗରଗୁଡ଼ିକ ମଧ୍ୟରେ ବାସକଲେ ପୁଣି ପରେ ସଦୋମ ନଗର ନିକଟକୁ ଯାଇ
ସେଠାରେ ତମ୍ବୁ ଟାଣି ରହିଲେ ।

13ଏହି ସଦୋମ ନଗରର ଲୋକମାନେ ଦୁଷ୍ଟ ଥିଲେ ଓ ଯିହୋବା ପ୍ରଭୁଙ୍କ ବିରୁଦ୍ଧରେ ବହୁତ ପାପ କରୁଥିଲେ ।

14ଅବ୍ରାମଙ୍କଠାରୁ ଲୋଟ ଅଲଗା ହେବା ପରେ, ଯିହୋବା ପ୍ରଭୁ ଅବ୍ରାମଙ୍କୁ କହିଲେ, ତୁମେ ଯେଉଁଠାରେ ଅଛ, ସେଠାରୁ ଅନାଇ ଉତ୍ତର, ଦକ୍ଷିଣ, ପୂର୍ବ ଓ
ପଶ୍ଚିମ ଦିଗକୁ ଦେଖ । 15ଆଉ ଏହି ଯେଉଁ ଦେଶ ତୁମେ ଦେଖୁଅଛ, ତାହାସବୁ ଆମ୍ଭେ ତୁମକୁ ଏବଂ ତୁମ ବଂଶକୁ ସବୁଦିନ ପାଇଁ ଦେବା । 16ପୁଣି ଆମ୍ଭେ ତୁମ
ବଂଶକୁ ପୃଥିବୀର ଧୂଳି ପରି କରିବା, ଯଦି କେହି ପୃଥିବୀର ଧୂଳିକୁ ଗଣି ପାରିବ, ତେବେ ସେ ତୁମ ବଂଶର ଲୋକମାନଙ୍କୁ ମଧ୍ୟ ଗଣି ପାରିବ । 17ଉଠ, ଏହି

---

**13.1** କିଣାନ ଦେଶର ଦକ୍ଷିଣ ଅଞ୍ଚଳକୁ ନେଗେଭ୍ କୁହାଯାଏ

**13.10** ପାଣି ମାଡ଼ିଯିବା

ଦେଶ ବୁଲି ଏହାର ଲମ୍ବ ଓ ଓସାର ଦେଖ; ଯେହେତୁ ଆମ୍ଭେ ଏହି ଦେଶ ତୁମକୁ ଦେବା ।

[18]ଏଣୁ ଅବ୍ରାମ ନିଜ ତମ୍ବୁ ଫିଟାଇ ନେଲେ ଏବଂ ହିବ୍ରୋଣ ଅଞ୍ଚଳକୁ ଯାଇ ମମ୍ରି ନାମକ ସ୍ଥାନର ଓଳ◦ ଗଛର ତୋଟା ନିକଟରେ ତମ୍ବୁ ଟାଣିଲେ । ସେ ଯିହୋବା ପ୍ରଭୁଙ୍କୁ ଉପାସନା କରିବା ପାଇଁ ସେଠାରେ ଏକ ଯଜ୍ଞବେଦି ତିଆରି କଲେ ।

# 14

## ଅବ୍ରାମ ଲୋଟଙ୍କୁ ଉଦ୍ଧାର କଲେ

[1,2]ଅବ୍ରାମ ହିବ୍ରୋଣ ନାମକ ସ୍ଥାନରେ ବାସ କରୁଥିବା ସମୟରେ, ଥରେ, ସେହି ଅଞ୍ଚଳରେ ଯୁଦ୍ଧ ହେଲା । ସଦୋମ ଦେଶର ରାଜା ବିରା, ଗମୋରା ଦେଶର ରାଜା ବିର୍ଶା, ଅଦ୍ମା ଦେଶର ରାଜା ଶିନାବ, ସବୋୟିମ ଦେଶର ରାଜା ଶିମେବର ଏବଂ ବିଲା ଦେଶ, ଅର୍ଥାତ୍, ସୟୋର ଦେଶର ରାଜା, ଏହି ପାଞ୍ଚ ରାଜାଙ୍କ ବିରୁଦ୍ଧରେ, ଶିନିୟର ଦେଶର ରାଜା ଅମ୍ରାଫଲ, ଇଲ୍ଲାସର ଦେଶର ରାଜା ଅରିୟୋକ ଓ ଏଲମ ଦେଶର ରାଜା କଦର୍ଲାୟୋମର୍ ଓ ଗୋୟିମ ଦେଶର ରାଜା ତିଦିୟଲ, ଏହି ଚାରି ରାଜା ଯୁଦ୍ଧ କରିବାକୁ ଗଲେ ।

[3,4]ସେହି ପାଞ୍ଚ ରାଜା ବାର ବର୍ଷ ଯାଏଁ ଏଲମ ଦେଶର ରାଜା କଦର୍ଲାୟୋମର୍‌ଙ୍କ ଅଧିନରେ ରହି ତାଙ୍କୁ କର ଦେଉଥିଲେ । ମାତ୍ର ତେର ବର୍ଷରେ ସେମାନେ ତାଙ୍କୁ କର ନ ଦେଇ ବିରୋଧ କଲେ । ପୁଣି ସୀଦ୍ଦୀମ ପଦାରେ, ଅର୍ଥାତ୍, ଯାହାକୁ ଲବଣ ସମୁଦ୍ର ବା ମୃତ ସାଗର ବୋଲି ମଧ୍ୟ କୁହାଯାଏ, ସେହି ସାଗର ଆଗରେ ଥିବା ପଦାରେ ତାଙ୍କ ବିରୁଦ୍ଧରେ ସେମାନଙ୍କର ସୈନ୍ୟମାନଙ୍କୁ ଏକାଠି କଲେ ।

[5]ସେଥିପାଇଁ ଚଉଦ ବର୍ଷରେ କଦର୍ଲାୟମର ରାଜା, ତାଙ୍କୁ ସାହାଯ୍ୟକରୁଥିବା ରାଜାମାନଙ୍କ ସହିତ ମିଶି ସେହି ପାଞ୍ଚ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲେ । ସେମାନେ ଯୁଦ୍ଧ କରିବାକୁ ଯିବା ପଥରେ, ଅଷ୍ଟରୋତ୍-କର୍ଣ୍ଣୟିମ ନଗରର ରଫାୟୀମ ଗୋଷ୍ଠୀର ଲୋକ, ହମ ଦେଶର ସୁଷୀୟ ଗୋଷ୍ଠୀର ଲୋକ ଓ ଶାବି-କିରିୟାଥୟିମି ଦେଶର ଏମିୟ ଗୋଷ୍ଠୀର ଲୋକମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ଜୟ କଲେ ।

[6]ଏହା ସହିତ ସେମାନେ ହୋରିୟ ଗୋଷ୍ଠୀର ଲୋକମାନଙ୍କୁ ମଧ୍ୟ ଜୟ କଲେ, ଯେଉଁମାନେ ସେୟୀର ପର୍ବତ ଅଞ୍ଚଳରେ ବାସ କରୁଥିଲେ । ଏହି ସେୟୀର ପର୍ବତ ପାରଣ ପ୍ରାନ୍ତରର ସୀମାରେ ଥିବା ଏଲ-ପାରଣ ଅଞ୍ଚଳ ଯାଏଁ ଲାଗି ରହିଥିଲା ।

[7]ପୁଣି ସେମାନେ ସେହି ସ୍ଥାନରୁ ଫେରିଆସି ଏନ୍-ମିସ୍‌ପଟ, ଅର୍ଥାତ୍, କାଦେଶ ଅଞ୍ଚଳକୁ ଯାଇ ଅମାଲେକ ଗୋଷ୍ଠୀର ଲୋକମାନଙ୍କର ସବୁଦେଶ ଓ ହତ୍‌ସୋନ୍-ତାମରରେ ବାସ କରୁଥିବା ଇମୋର ଗୋଷ୍ଠୀର ଲୋକମାନଙ୍କୁ ମଧ୍ୟ ଜୟ କଲେ ।

[8]ଏହା ଦେଖି ସେହି ପାଞ୍ଚ ରାଜା, ଅର୍ଥାତ୍, ସଦୋମ ଦେଶର ରାଜା, ଗମୋରା ଦେଶର ରାଜା, ଅଦ୍ମା ଦେଶର ରାଜା, ସବୋୟିମ ଦେଶର ରାଜା ଓ ବିଲା ଦେଶ, ଅର୍ଥାତ୍, ସୋୟର ଦେଶର ରାଜା ଏକାଠି ହେଲେ । [9]ପୁଣି ଏଲମ ଦେଶର କଦର୍ଲାୟମର୍ ରାଜା ଓ ତାଙ୍କ ସାହାଯ୍ୟକାରୀ ଗୋୟିମ ଦେଶର ତିଦିୟଲ ରାଜା, ଶିନିୟର ଦେଶର ଅମ୍ରାଫଲ ରାଜା ଓ ଇଲ୍ଲାସର ଦେଶର ଅରିୟୋକ ରାଜାଙ୍କ ବିରୁଦ୍ଧରେ ସୀଦ୍ଦୀମ ପଦାରେ ଯୁଦ୍ଧ କରି ହାରିଗଲେ ।

[10]ସଦୋମ ଦେଶ ଓ ଗମୋରା ଦେଶର ରାଜାମାନେ ପଳାଇ ଯାଉଥିବା ସମୟରେ, ସେମାନଙ୍କ ସୈନ୍ୟମାନଙ୍କ ମଧ୍ୟରୁ କେତେକ ସୀଦ୍ଦୀମ ପଦାରେ ଥିବା ତାରୁ ଖାଲଗୁଡ଼ିକରେ ପଡ଼ିଗଲେ, ପୁଣି ଅନ୍ୟମାନେ ପର୍ବତକୁ ପଳାଇଗଲେ ।

[11]ଏହାପରେ ଏଲମ ଦେଶର କଦର୍ଲାୟମର୍ ରାଜା ଓ ତାଙ୍କ ସାହାଯ୍ୟକାରୀ ରାଜାମାନେ ସଦୋମ ଦେଶ ଓ ଗମୋରା ଦେଶର ସବୁ ଧନସମ୍ପତ୍ତି ଓ ଖାଦ୍ୟ ଜିନିଷ ଲୁଟି ନେଇ ଚାଲିଗଲେ ।

[12]ପୁଣି ସେମାନେ ସଦୋମ ଦେଶରେ ବାସ କରୁଥିବା ଅବ୍ରାମଙ୍କ ପୁତୁରା ଲୋଟଙ୍କୁ ଓ ତାଙ୍କର ସବୁ ଧନସମ୍ପତ୍ତି ମଧ୍ୟ ନେଇଗଲେ ।

[13]ସେମାନଙ୍କଠାରୁ ରକ୍ଷାପାଇ ପଳାଇ ଯାଉଥିବା ଜଣେ ଲୋକ, ହିବ୍ରୁ ୟ ଜାତିର ଅବ୍ରାମଙ୍କୁ ଏସବୁ ଘଟଣା ବିଷୟରେ ଜଣାଇଲା । ସେହି ସମୟରେ ଅବ୍ରାମ ଇମୋର ଅଞ୍ଚଳର ମମ୍ରି ନାମକ ବ୍ୟକ୍ତିଙ୍କର ଏକ ବଡ଼ ଓଳ ଗଛର ତୋଟା ନିକଟରେ ବାସ କରୁଥିଲେ । ଏହି ମମ୍ରି ଥିଲେ ଇଷ୍କୋଲ ଓ ଆନେର

---

◦**13.18** ଅଲୋନ ଗଛ (ବରଗଛ ପରି ବହୁତ ଡାଳ ଥିବା ଏକ ଗଛ)

ନାମକ ଦୁଇ ବ୍ୟକ୍ତିଙ୍କର ଭାଇ, ଯେଉଁମାନେ ଅବ୍ରାମଙ୍କୁ ବନ୍ଧୁ ପରି ସାହାଯ୍ୟ କରୁଥିଲେ ।

14ଅବ୍ରାମ ନିଜ ପୁତୁରା ଲୋଟଙ୍କୁ ଅନ୍ୟମାନେ ବନ୍ଦୀକରି ନେଇ ଯାଉଥିବା ସମ୍ବାଦ ଶୁଣିବା କ୍ଷଣି ତାଙ୍କ ଘରର ତିନି ଶହ ଅଠର ଜଣ ଯୁଦ୍ଧ ଶିଖିଥିବା
ଲୋକଙ୍କୁ ନେଇ, ଶତ୍ରୁମାନଙ୍କ ପଛେ ପଛେ ଦୌଡ଼ି ଦାନ ନଗର ଯାଏଁ ଗଲେ ।

15ଏହାପରେ ଅବ୍ରାମ ନିଜର ଲୋକମାନଙ୍କୁ ଦୁଇ ଦଳ କରି, ରାତିରେ ଶତ୍ରୁମାନଙ୍କୁ ଆକ୍ରମଣ କଲେ । ପୁଣି ଦମ୍ମେଶକ ନଗରର ଉତ୍ତର ଦିଗରେ ଥିବା
ହୋବା ଅଞ୍ଚଳ ଯାଏଁ ସେମାନଙ୍କ ପଛେ ପଛେ ଗୋଡ଼ାଇଲେ । 16ପୁଣି ଶତ୍ରୁମାନେ ନେଇ ଯାଉଥିବା ନିଜ ପୁତୁରା ଲୋଟ, ତାଙ୍କର ଧନସମ୍ପତ୍ତି,
ସ୍ତ୍ରୀଲୋକମାନଙ୍କୁ ଓ ଅନ୍ୟ ସବୁଲୋକଙ୍କୁ ଉଦ୍ଧାର କରି ଆଣିଲେ ।

## ମଲ୍‌କୀଷେଦକ ଅବ୍ରାମଙ୍କୁ ଭେଟିଲେ

17ଏହିପରି, ଅବ୍ରାମ କଦର୍ଲାୟୋମର୍ ରାଜା ଓ ସେହି ରାଜାଙ୍କର ସାହାଯ୍ୟକାରୀ ରାଜାମାନଙ୍କୁ ଜୟ କରି ଫେରିଲା ପରେ, ସଦୋମ ଦେଶର ରାଜା
ଅବ୍ରାମଙ୍କୁ ଭେଟିବାକୁ ଶାବୀ ନାମକ ପଦାକୁ, ଅର୍ଥାତ୍, ରାଜାଙ୍କ ପଦାକୁ ଆସିଲେ ।

18ପୁଣି ଶାଲମ ଦେଶର ରାଜା ମଲ୍‌କୀଷେଦକ, ଯିଏ ସବୁଠାରୁ ଉଚ୍ଚ ପରମେଶ୍ୱରଙ୍କ ଯାଜକ, ସେ ରୋଟୀ ଓ ଅଙ୍ଗୁର ରସ ନେଇ ଅବ୍ରାମଙ୍କ ନିକଟକୁ
ଆସିଲେ । 19ସେ ଅବ୍ରାମଙ୍କୁ ଆଶୀର୍ବାଦ କରି କହିଲେ, ହେ ଅବ୍ରାମ, ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା, ସବୁଠାରୁ ଉଚ୍ଚ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।
20ସବୁଠାରୁ ଉଚ୍ଚ ଯେଉଁ ପରମେଶ୍ୱର ଆପଣଙ୍କର ଶତ୍ରୁମାନଙ୍କୁ ଆପଣଙ୍କ ହସ୍ତ ଦ୍ୱାରା ପରାସ୍ତ କରି ଆପଣଙ୍କୁ ରକ୍ଷାକଲେ ତାହାଙ୍କର ପ୍ରଶଂସା ହେଉ ।
ଏହାପରେ, ଅବ୍ରାମ ନିଜେ ଉଦ୍ଧାର କରି ଆଣିଥିବା ସବୁ ଜିନିଷର ଦଶ ଭାଗରୁ ଏକ ଭାଗ ମଲ୍‌କୀଷେଦକ ଯାଜକଙ୍କୁ ଦେଲେ ।

21ସଦୋମ ଦେଶର ରାଜା ଅବ୍ରାମଙ୍କୁ କହିଲେ, ଆପଣ ଉଦ୍ଧାର କରିଥିବା ସବୁ ଧନସମ୍ପତ୍ତି ନିଜେ ନେଇଯାଆନ୍ତୁ, ମାତ୍ର ଆମ୍ଭର ସବୁଲୋକଙ୍କୁ ଆମ୍ଭଙ୍କୁ
ଫେରାଇ ଦିଅନ୍ତୁ ।

22ମାତ୍ର ଅବ୍ରାମ ସଦୋମ ଦେଶର ରାଜାଙ୍କୁ କହିଲେ, ସ୍ୱର୍ଗ ଓ ପୃଥିବୀର ନିର୍ମାଣକର୍ତ୍ତା, ସବୁଠାରୁ ଉଚ୍ଚ ପରମେଶ୍ୱର, ଯିହୋବା ପ୍ରଭୁଙ୍କ ନାମରେ ମୁଁ
ଶପଥକରି କହୁଅଛି,

23ମୁଁ ଆପଣଙ୍କର କୌଣସି ଜିନିଷ ନେବି ନାହିଁ, ଏପରିକି ଖଣ୍ଡେ ଲୁଗା କି ଜୋତାର ଫିତା ମଧ୍ୟ ନେବି ନାହିଁ । ଯେହେତୁ ଏହା ନେଲେ ଆପଣ ପରେ
କହିବେ, ଅବ୍ରାମ ମୋ ଧନରେ ଧନୀ ହୋଇଛନ୍ତି । 24ମୋର ଯୁବକମାନେ ଯେଉଁ ଖାଦ୍ୟ ଖାଇଛନ୍ତି, ତାହା ମୋ ନିମନ୍ତେ ଯଥେଷ୍ଟ । ପୁଣି ମୁଁ ଆପଣଙ୍କୁ
ଅନୁରୋଧ କରୁଅଛି, ମୋ ସହିତ ଯେଉଁମାନେ ଯାଇଥିଲେ ସେମାନଙ୍କୁ, ଅର୍ଥାତ୍, ଆନେର, ଇଷ୍କୋଲ ଓ ମମ୍ରି ଏହି ତିନି ବ୍ୟକ୍ତିଙ୍କୁ ଆପଣ ସେମାନଙ୍କର
ଉପଯୁକ୍ତ ଭାଗ ଦିଅନ୍ତୁ ।

# 15

## ଅବ୍ରାମଙ୍କ ପ୍ରତି ପରମେଶ୍ୱରଙ୍କ ପ୍ରତିଜ୍ଞା---

1ସେହି ଘଟଣା ପରେ, ଯିହୋବା ପ୍ରଭୁ ଅବ୍ରାମଙ୍କୁ ଦର୍ଶନ ଦେଇ କହିଲେ, ହେ ଅବ୍ରାମ, ତୁମେ ଭୟ କର ନାହିଁ, କାରଣ ଆମ୍ଭେ ତୁମକୁ ରକ୍ଷା କରିବା ଓ
ତୁମକୁ ମହା ପୁରସ୍କାର ଦେବା ।

2ମାତ୍ର ଅବ୍ରାମ କହିଲେ, ହେ ଯିହୋବା ପ୍ରଭୁ ପରମେଶ୍ୱର ତୁମ୍ଭେ ମୋତେ କଅଣ ଦେବ ? କାରଣ ମୋର କୌଣସି ପୁତ୍ର ସନ୍ତାନ ନ ଥିବାରୁ, ମୋ ଘର
ଦାୟିତ୍ୱରେ ଥିବା ଦମ୍ମେଶକ ନଗରର ଇଲିୟାଜର ମୋ ପରେ ମୋର ସବୁ ଧନସମ୍ପତ୍ତି ଭୋଗ କରିବ ।

3ଅବ୍ରାମ ଆହୁରି କହିଲେ, ଦେଖ, ତୁମ୍ଭେ ମୋତେ କୌଣସି ପୁତ୍ର ସନ୍ତାନ ଦେଇ ନାହଁ, ତେଣୁ ମୋ ଘରେ ଜନ୍ମ ହୋଇଥିବା ଦାସମାନଙ୍କ ମଧ୍ୟରୁ କେହି

ଜଣେ ମୋ ପରେ ମୋର ଧନସମ୍ପତ୍ତି ଭୋଗ କରିବ ।

4 ଏହାପରେ ଯିହୋବା ପ୍ରଭୁ ପୁଣି ଥରେ ଅବ୍ରାମଙ୍କୁ କହିଲେ, ତୁମ ପରେ ତୁମର ଦାସ ଇଲିୟାଜର ତୁମର ଉତ୍ତରାଧିକାରୀ[p] ହେବ ନାହିଁ, ମାତ୍ର ଯେଉଁ ପୁତ୍ର
ତୁମଠାରୁ ଜନ୍ମ ହେବ, ସେ ତୁମର ଉତ୍ତରାଧିକାରୀ ହେବ ।

5 ଏହାପରେ ପରମେଶ୍ୱର ଅବ୍ରାମଙ୍କୁ ଘର ବାହାରକୁ ନେଇଯାଇ କହିଲେ, ଆକାଶକୁ ଦେଖ ଏବଂ ଯଦି ତୁମେ ଆକାଶର ତାରାଗୁଡ଼ିକ ଗଣି ପାରୁଛ,
ତେବେ ଗଣି ସେଗୁଡ଼ିକର ସଂଖ୍ୟା ଆମ୍ଭଙ୍କୁ କୁହ । କିନ୍ତୁ ତୁମେ ସେସବୁ ଗଣି ପାରିବ ନାହିଁ, କାରଣ ସେଗୁଡ଼ିକ ଅସଂଖ୍ୟ । ପରମେଶ୍ୱର ତାଙ୍କୁ ଆହୁରି କହିଲେ,
ଏହି ଅସଂଖ୍ୟ ତାରାଗଣ ପରି ତୁମ ବଂଶ ବହୁତ ବୃଦ୍ଧିପାଇବ ।

6 ଯିହୋବା ପ୍ରଭୁ ଯାହା କହିଲେ, ଅବ୍ରାମ ସେହି କଥା ବିଶ୍ୱାସ କଲେ । ପୁଣି ସେହି ବିଶ୍ୱାସ ଯୋଗୁଁ ଯିହୋବା ପ୍ରଭୁ ଅବ୍ରାମଙ୍କୁ ଧାର୍ମିକ ଭାବରେ ଗ୍ରହଣ
କଲେ ।

7 ଏହାପରେ ପରମେଶ୍ୱର ଅବ୍ରାମଙ୍କୁ କହିଲେ, ଯିଏ ତୁମକୁ ଏହି ଦେଶ ଅଧିକାର କରିବା ପାଇଁ କଲଦ ଜାତିର ଲୋକମାନଙ୍କର ଦେଶର ଉର୍‌ରୁ[q] ଏହି
ଦେଶକୁ ଆଣିଲେ, ଆମ୍ଭେ ସେହି ଯିହୋବା ପ୍ରଭୁ ।

8 କିନ୍ତୁ ଅବ୍ରାମ କହିଲେ, ହେ ଯିହୋବା ପ୍ରଭୁ ପରମେଶ୍ୱର, ଏହି ଦେଶକୁ ମୁଁ ଯେ ଅଧିକାର କରିବି, ତାହା କିପରି ଜାଣି ପାରିବି ?

9 ଯିହୋବା ପ୍ରଭୁ ତାଙ୍କୁ କହିଲେ, ତୁମେ ତିନି ବର୍ଷ ବୟସର ଗୋଟିଏ ଛଡ଼ା[r], ତିନି ବର୍ଷ ବୟସର ଗୋଟିଏ ଛେଳି, ତିନି ବର୍ଷ ବୟସର ଗୋଟିଏ ମେଣ୍ଢା,
ଗୋଟିଏ କାପ୍ତା ଓ ଗୋଟିଏ ପାରା ଛୁଆ ଆମ୍ଭ ନିକଟକୁ ଆଣ ।

10 ଏଣୁ ଅବ୍ରାମ ସେସବୁ ଯିହୋବା ପ୍ରଭୁଙ୍କ ନିକଟକୁ ଆଣିଲେ ଏବଂ ଦୁଇ ଖଣ୍ଡ କରି କାଟିଲେ ଓ ଗୋଟିଏ ଖଣ୍ଡ ଆଗରେ ଅନ୍ୟ ଖଣ୍ଡ ରଖିଲେ, ମାତ୍ର ସେ
ପକ୍ଷୀଗୁଡ଼ିକ ଦୁଇ ଖଣ୍ଡ କରି କାଟିଲେ ନାହିଁ ।

11 ଏହାପରେ ସେଗୁଡ଼ିକୁ ଖାଇବାକୁ ମାଂସଖିଆ ପକ୍ଷୀଗୁଡ଼ିକ ଆକାଶରୁ ତଳକୁ ଓହ୍ଲାଇ ଆସିଲେ, ମାତ୍ର ଅବ୍ରାମ ସେଗୁଡ଼ିକୁ ଘଉଡ଼ାଇଲେ । 12 ସୂର୍ଯ୍ୟ ଅସ୍ତ
ହେବା ସମୟରେ, ଅବ୍ରାମଙ୍କୁ ଗାଢ଼ ନିଦ ହେଲା ଏବଂ ଅତି ଭୟାନକ ଓ ଘୋର ଅନ୍ଧକାର ମାଡ଼ି ଆସି ତାଙ୍କୁ ଘୋଡ଼ାଇପକାଇଲା ।

13 ସେତେବେଳେ ଯିହୋବା ପ୍ରଭୁ ତାଙ୍କୁ କହିଲେ, ତୁମେ ଭଲ ଭାବରେ ଜାଣିରଖ ଯେ, ତୁମ ବଂଶଧରମାନେ ଯେଉଁ ଦେଶ ସେମାନଙ୍କର ନୁହେଁ ସେହି
ଦେଶରେ ବିଦେଶୀ ଭାବରେ ଚାରି ଶହ ବର୍ଷ ଦାସ ରୂପେ କାମ କରିବେ ଓ ବହୁତ କଷ୍ଟ ଭୋଗ କରିବେ । 14 ମାତ୍ର ଯେଉଁ ଦେଶର ଲୋକମାନେ ସେମାନଙ୍କୁ
ଦାସ ଭାବରେ କାମ କରାଇବେ, ସେମାନଙ୍କୁ ଆମ୍ଭେ ଦଣ୍ଡ ଦେବା ଓ ଶେଷରେ ତୁମ ବଂଶଧରମାନେ ବହୁ ଧନସମ୍ପତ୍ତି ନେଇ ସେହି ଦେଶରୁ ବାହାରି ଆସିବେ
। 15 ମାତ୍ର ତୁମେ ଉତ୍ତମ ବୃଦ୍ଧ ଅବସ୍ଥାରେ ଶାନ୍ତିରେ ନିଜ ପିତୃପୁରୁଷମାନଙ୍କ ନିକଟକୁ ଯିବ ଓ ସମାଧି ପାଇବ । 16 ତୁମର ଚତୁର୍ଥ ପୁରୁଷ ଏହି ଦେଶକୁ ଫେରି
ଆସିବେ; ଯେହେତୁ ଏ ଯାଏଁ ଇମୋର ଜାତିର ଲୋକମାନଙ୍କର ପାପ ସେମାନେ ବିନଷ୍ଟ ହେବା ପରି ଅଧିକ ହୋଇନାହିଁ ।

17 ସୂର୍ଯ୍ୟ ଅସ୍ତ ହୋଇ ଅନ୍ଧକାର ହେବା ପରେ, ଧୂଆଁ ବାହାରୁଥିବା ଏକ ଚୁଲି ଓ ଜଳୁଥିବା ଆଲୋକ ଶିଖା ସେହି କଟାଯାଇଥିବା ପଶୁ ଖଣ୍ଡଗୁଡ଼ିକ ମଧ
ଦେଇ ଚାଲିଗଲା ।

18 ଏହିପରି, ଯିହୋବା ପ୍ରଭୁ ସେହିଦିନ ଅବ୍ରାମଙ୍କ ସହିତ ଏକ ନିୟମ କରି କହିଲେ, ଆମ୍ଭେ ତୁମର ବଂଶକୁ ମିସର ଦେଶର ଏହି ନଦୀ ସୀମାଠାରୁ ଫରାତ୍
ମହାନଦୀ ଯାଏଁ, ସବୁଦେଶ ଦେଲୁ, 19 ଅର୍ଥାତ୍, କେନ ଗୋଷ୍ଠୀ, କନଜ ଗୋଷ୍ଠୀ, କଦମୋନୀୟ ଗୋଷ୍ଠୀ, 20 ହିତ୍ତ ଗୋଷ୍ଠୀ, ପିରିଜ ଗୋଷ୍ଠୀ, ରଫା ଗୋଷ୍ଠୀ,
21 ଇମୋର ଗୋଷ୍ଠୀ, କିଣାନ ଗୋଷ୍ଠୀ, ଗିର୍ଗାଶ ଗୋଷ୍ଠୀ ଓ ଯିବୂଷ ଗୋଷ୍ଠୀର ଲୋକମାନଙ୍କର ଦେଶ ସବୁ ତୁମକୁ ଦେଲୁ ।

---

[p] **15.4** ଯିଏ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ତାଙ୍କର ଧନସମ୍ପତ୍ତି ଓ ସବୁ ବିଷୟ ଭୋଗ କରିଥାଏ

[q] **15.7** ଉର୍ ନାମକ ସ୍ଥାନରୁ

[r] **15.9** ଛୁଆ ଜନ୍ମ କରି ନ ଥିବା ଅଳ୍ପ ବୟସର ଗାଈ

# 16

### ଇଶ୍ମାଏଲଙ୍କ ଜନ୍ମ

[1]ଅବ୍ରାମଙ୍କ ପାଇଁ ତାଙ୍କ ସ୍ତ୍ରୀ ସାରୀ ସନ୍ତାନସନ୍ତତି ଜନ୍ମ କରି ନ ଥିଲେ; କିନ୍ତୁ ତାଙ୍କର ମିସର ଦେଶର ଜଣେ ଦାସୀ ଥିଲେ, ତାଙ୍କ ନାମ ହାଗାର ।

[2]ଏଣୁ ସାରୀ ଅବ୍ରାମଙ୍କୁ କହିଲେ, ଦେଖ, ଯିହୋବା ପ୍ରଭୁ ମୋତେ ବନ୍ଧ୍ୟା କରିଛନ୍ତି, ସେଥିପାଇଁ ମୁଁ ତୁମକୁ ମୋର ଦାସୀ ହାଗାରକୁ ଦେଉଅଛି, ତୁମେ ତାଙ୍କ ସହିତ ଶୟନ କର । ହୋଇପାରେ, ମୁଁ ତାହା ଦ୍ୱାରା ପୁତ୍ର ପାଇପାରିବି । ସାରୀଙ୍କର ସେହି କଥାରେ ଅବ୍ରାମ ରାଜି ହେଲେ ।

[3]ଅବ୍ରାମ କିଣାନ ଦେଶରେ ଦଶ ବର୍ଷ ରହିଲା ପରେ, ତାଙ୍କ ସ୍ତ୍ରୀ ସାରୀ ମିସର ଦେଶର ନିଜ ଦାସୀ ହାଗାରକୁ ନେଇ ନିଜ ସ୍ୱାମୀ ଅବ୍ରାମଙ୍କୁ ସ୍ତ୍ରୀ ରୂପେ ଦେଲେ ।

[4]ଏହାପରେ ଅବ୍ରାମ ହାଗାର ସହିତ ଶୟନ କଲେ ଓ ହାଗାର ଗର୍ଭବତୀ ହେଲେ । ପୁଣି ସେ ଗର୍ଭବତୀ ହୋଇଥିବାର ଜାଣି, ନିଜ ମାଲିକାଣୀ, ସାରୀକୁ ତୁଚ୍ଛ କଲେ ।

[5]ଏଣୁ, ସାରୀ ଅବ୍ରାମଙ୍କୁ କହିଲେ, ହାଗାର ମୋ ପ୍ରତି ଯେଉଁ ଅନ୍ୟାୟ କରୁଅଛି, ସେଥିପାଇଁ ତୁମେ ଦାୟୀ । ମୁଁ ତାକୁ ତୁମ ବାହୁରେ ଦେଇଅଛି; କିନ୍ତୁ ଏବେ ସେ ନିଜେ ଗର୍ଭବତୀ ହୋଇଥିବାର ଜାଣି ମୋତେ ତୁଚ୍ଛ କରୁଅଛି । ଏଣୁ ଏହି ଭୁଲ୍‌ଟି କାହାର, ତୁମର ନା ମୋର, ତାହା ଯିହୋବା ପ୍ରଭୁ ବିଚାର କରନ୍ତୁ ।

[6]ଏହା ଶୁଣି ଅବ୍ରାମ ସାରୀଙ୍କୁ କହିଲେ, ଦେଖ, ତୁମର ଦାସୀ ତୁମ ହାତରେ ଅଛି, ତୁମକୁ ଯେପରି ଭଲ ଲାଗେ, ତାଙ୍କ ପ୍ରତି ସେପରି କର । ସେଥିରେ ସାରୀ ହାଗାର ପ୍ରତି କଟୁ ବ୍ୟବହାର କଲେ, ଏଣୁ ହାଗାର ତାଙ୍କ ପାଖରୁ ପଳାଇଗଲେ ।

[7]ଏହାପରେ ଯିହୋବା ପ୍ରଭୁଙ୍କ ଜଣେ ଦୂତ ପ୍ରାନ୍ତରରେ, ଶୂର ଅଞ୍ଚଳକୁ ଯିବା ପଥରେ ଥିବା ଝରଣା ନିକଟରେ ହାଗାରଙ୍କ ପାଖକୁ ଆସିଲେ । [8]ପୁଣି ସେ
ତାଙ୍କୁ ପଚାରିଲେ, ହେ ସାରୀର ଦାସୀ ହାଗାର, ତୁମେ କେଉଁଠାରୁ ଆସିଲ ଓ କେଉଁଆଡ଼େ ଯାଉଅଛ ? ହାଗାର କହିଲେ, ମୁଁ ମୋର ମାଲିକାଣୀ, ସାରୀଙ୍କ
ନିକଟରୁ ପଳାଇଯାଉଅଛି ।

[9]ଯିହୋବା ପ୍ରଭୁଙ୍କ ଦୂତ ତାଙ୍କୁ କହିଲେ, ତୁମେ ତୁମର ମାଲିକାଣୀଙ୍କ ନିକଟକୁ ଫେରିଯାଅ ଓ ତାଙ୍କର କଥା ମାନି ରୁହ ।

[10]ଯିହୋବା ପ୍ରଭୁଙ୍କ ଦୂତ ହାଗାରଙ୍କୁ ଆହୁରି କହିଲେ, ଯିହୋବା ପ୍ରଭୁ ତୁମ ବଂଶକୁ ବହୁତ ବୃଦ୍ଧି କରିବେ ଓ ସେମାନେ ଅସଂଖ୍ୟ ହେବେ ।

[11]ଯିହୋବା ପ୍ରଭୁଙ୍କ ଦୂତ ତାଙ୍କୁ ପୁଣି କହିଲେ, ଦେଖ, ଏବେ ତୁମେ ଗର୍ଭବତୀ ହୋଇଅଛ ଓ ତୁମେ ଗୋଟିଏ ପୁଅ ଜନ୍ମ କରିବ । ତାହାର ନାମ ଇଶ୍ମାଏଲ[s] ଦେବ, ଯେହେତୁ ତୁମେ ଦୁଃଖରେ କାନ୍ଦିବାର ଯିହୋବା ପ୍ରଭୁ ଶୁଣିଛନ୍ତି ।

[12]ମାତ୍ର, ସେ ବଣର ଅମାନିଆ ଗଧ ପରି ହେବ ଓ କାହା ଅଧୀନରେ ରହିବ ନାହିଁ । ସେସବୁ ଲୋକଙ୍କ ବିରୁଦ୍ଧରେ ଯିବ ଏବଂ ସବୁଲୋକ ତାଙ୍କ ବିରୁଦ୍ଧରେ ଯିବେ, ପୁଣି ସେ ନିଜ ସମ୍ପର୍କୀୟ ଲୋକମାନଙ୍କର ଶତ୍ରୁ ହୋଇ ରହିବ ।

[13]ତାପରେ ହାଗାର ତାଙ୍କ ସହିତ କଥାବାର୍ତ୍ତା କରୁଥିବା ଯିହୋବା ପ୍ରଭୁଙ୍କୁ "ଏଲ-ରୋଇ ବୋଲି ନାମ ଦେଲେ"; ଯାହାର ଅର୍ଥ, ତୁମେ ସବୁକିଛି ଦେଖୁଥିବା ପରମେଶ୍ୱର । କାରଣ ସେ କହିଲେ, ଯେଉଁ ପରମେଶ୍ୱର ମୋର ଯତ୍ନ ନିଅନ୍ତି, ମୁଁ ତାଙ୍କୁ ଦେଖିଅଛି ।

[14]ଏଣୁ ସେ ସେହି କୂଅର ନାମ 'ବେର୍-ଲହୟ-ରୋୟୀ', ଅର୍ଥାତ୍, "ମୋର ଯତ୍ନ ନେଉଥିବା ଜୀବିତ ପରମେଶ୍ୱରଙ୍କ କୂଅ' ଦେଲେ । ସେହି କୂଅ କାଦେଶ ଓ ବେରଦ ଅଞ୍ଚଳ ମଧ୍ୟରେ ଆଜି ଯାଏଁ ଅଛି ।

[15]ପରେ ହାଗାର ଅବ୍ରାମଙ୍କ ପାଇଁ ଏକ ପୁଅଙ୍କୁ ଜନ୍ମକଲେ, ପୁଣି ଅବ୍ରାମ ହାଗାର ଜନ୍ମ କରିଥିବା ତାଙ୍କ ପୁଅର ନାମ ଇଶ୍ମାଏଲ ଦେଲେ ।

---

[s] **16.11** ଯାହାର ଅର୍ଥ ପରମେଶ୍ୱର ପ୍ରାର୍ଥନା ଶୁଣନ୍ତି,

16 ହାଗାର ଅବ୍ରାମଙ୍କ ପାଇଁ ଇଶ୍ମାଏଲକୁ ଜନ୍ମ କରିବା ସମୟରେ ଅବ୍ରାମଙ୍କର ବୟସ ଛୟାଅଶୀ ବର୍ଷ ହୋଇଥିଲା ।

# 17

## ପରମେଶ୍ୱର ଅବ୍ରାମଙ୍କ ନାମ ବଦଳାଇ ଅବ୍ରାହାମ ଦେଲେ

1 ଅବ୍ରାମଙ୍କର ଅନେଶ୍ୱତ ବର୍ଷ ବୟସରେ ଯିହୋବା ପ୍ରଭୁ ତାଙ୍କୁ ଦର୍ଶନ ଦେଇ କହିଲେ, ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର । ଆମ୍ଭେ ଯେ ତୁମକୁ ଦେଖୁଅଛୁ
ଏହା ତୁମେ ଜାଣିରଖ ଓ ସେହି ଅନୁସାରେ ଜୀବନ ଯାପନ କରି ଅନିନ୍ଦନୀୟ ହୁଅ । 2 ଆମ୍ଭେ ଆମ୍ଭ ଓ ତୁମ ମଧ୍ୟରେ ଆମ୍ଭର ନିୟମ ସ୍ଥିର କରିବା ଓ ତୁମର
ବଂଶକୁ ବହୁତ ବୃଦ୍ଧି କରିବା ।

3 ଏଣୁ ଅବ୍ରାମ ଭୂମିରେ ମୁହଁମାଡ଼ି ପଡ଼ିଲେ । ପୁଣି ପରମେଶ୍ୱର ତାଙ୍କ ସହିତ କଥାବାର୍ତ୍ତା କରି କହିଲେ,

4 ଦେଖ, ଆମ୍ଭେ ତୁମ ସହିତ ଆମ୍ଭର ନିୟମ କରୁଅଛୁ, ତୁମେ ବହୁ ଗୋଷ୍ଠୀର ପିତା ହେବ । 5 ପୁଣି ତୁମର ନାମ ଆଉ ଅବ୍ରାମ[t] ହେବ ନାହିଁ ମାତ୍ର ତୁମର
ନାମ ଅବ୍ରାହାମ[u] ହେବ । ଯେହେତୁ ଆମ୍ଭେ ତୁମକୁ ବହୁ ଗୋଷ୍ଠୀର ପିତା କରିଅଛୁ । 6 ଆମ୍ଭେ ତୁମକୁ ଅତିଶୟ ଫଳବନ୍ତ କରିବା । ଆଉ ଆମେ ତୁମକୁ ବହୁ
ଗୋଷ୍ଠୀ କରିବା ଓ ତୁମ ବଂଶରୁ ରାଜାମାନେ ଜାତ ହେବେ । 7 ଆମ୍ଭେ ତୁମର ଓ ତୁମ ଆଗାମି ବଂଶର ପରମେଶ୍ୱର ହେବା ନିମନ୍ତେ ତୁମ ସହିତ ଓ ତୁମର
ଆଗାମି ବଂଶର ସବୁ ପିଢ଼ି ସହିତ ଏହି ଯେଉଁ ନିୟମ କରୁଅଛୁ ତାହା ଚିରସ୍ଥାୟୀ ନିୟମ ହେବ । 8 ତୁମେ ଏବେ ଏହି କିଣାନ ଦେଶରେ ବିଦେଶୀ ରୂପେ ବାସ
କରୁଅଛ । କିନ୍ତୁ ଆମ୍ଭେ ତୁମକୁ ଓ ତୁମର ଆଗାମି ବଂଶକୁ ଏହି କିଣାନ ଦେଶର ସମସ୍ତ ଅଞ୍ଚଳ ସ୍ଥାୟୀ ଅଧିକାର ରୂପେ ଦେବା ଏବଂ ଆମ୍ଭେ ସେମାନଙ୍କର
ପରମେଶ୍ୱର ହେବା ।

## ପରମେଶ୍ୱର ଅବ୍ରାହାମଙ୍କ ସହିତ କରିଥିବା ନିୟମର ଚିହ୍ନ

9 ପୁଣି ପରମେଶ୍ୱର ଅବ୍ରାହାମଙ୍କୁ କହିଲେ, ତୁମେ ଆମ୍ଭର ନିୟମ ପାଳନ କରିବ, ତୁମେ ଓ ତୁମ ବଂଶର ଲୋକମାନେ ପିଢ଼ି ପରେ ପିଢ଼ି ତାହା ପାଳନ
କରିବ । 10 ତୁମେ ଏବଂ ତୁମର ଆଗାମି ବଂଶ ଯେଉଁ ବିଧି ପାଳନ କରିବ, ତାହା ଏହି: ତୁମ୍ଭମାନଙ୍କର ପ୍ରତ୍ୟେକ ପୁରୁଷଲୋକ ସୁନ୍ନତ[v] ହେବ । 11 ତୁମେ ତୁମ
ଲିଙ୍ଗ ଆଗରେ ଥିବା ଚମଡ଼ା କାଟି ସୁନ୍ନତ ହେବ, ଆଉ ତାହା ତୁମ୍ଭ ସହିତ ଆମ୍ଭ ନିୟମର ଚିହ୍ନ ହେବ । 12 ପିଢ଼ି ପରେ ପିଢ଼ି, ତୁମ୍ଭମାନଙ୍କର ପ୍ରତ୍ୟେକ ପୁତ୍ର
ସନ୍ତାନ ଜନ୍ମର ଆଠ ଦିନରେ ସୁନ୍ନତ ହେବ । ପୁଣି ଯିଏ ତୁମ ବଂଶର ଲୋକ ନୁହେଁ ମାତ୍ର ତୁମ ଗୃହରେ ଜନ୍ମ ହୋଇଅଛି କିମ୍ବା ଯାହାକୁ ତୁମେ କୌଣସି
ବିଦେଶୀ ଲୋକଠାରୁ ମୂଲ୍ୟ ଦେଇ କିଣିଅଛ, ସେ ମଧ୍ୟ ସୁନ୍ନତ ହେବ । 13 ତୁମ ଗୃହରେ ଜନ୍ମ ହୋଇଥିବା ବା ତୁମେ ମୂଲ୍ୟ ଦେଇ କିଣିଥିବା ସବୁ ପୁରୁଷଲୋକ
ନିଶ୍ଚୟ ସୁନ୍ନତ ହେବ । ଏହା ଦ୍ୱାରା ତୁମ୍ଭମାନଙ୍କ ମାଂସରେ ଆମ୍ଭ ନିୟମର ଏହି ସୁନ୍ନତ ଚିହ୍ନ ସବୁଦିନ ପାଇଁ ରହିବ । 14 କିନ୍ତୁ ଯେଉଁ ଲୋକ ସୁନ୍ନତ ହେବ ନାହିଁ,
ସେହି ଅସୁନ୍ନତ ଲୋକ ନିଜ ଲୋକମାନଙ୍କଠାରୁ ଦୂର ହେବ, କାରଣ ସେ ଆମ୍ଭର ନିୟମ ପାଳନ କଲା ନାହିଁ ।

## ପରମେଶ୍ୱର ସାରୀର ନାମ ବଦଳାଇ ସାରା ଦେଲେ

15 ଏହାପରେ ପରମେଶ୍ୱର ଅବ୍ରାହାମଙ୍କୁ କହିଲେ, ତୁମେ ତୁମର ସ୍ତ୍ରୀ ସାରୀକୁ ଆଉ ସାରୀ ବୋଲି ଡାକିବ ନାହିଁ, କାରଣ ଆଜିଠାରୁ ତାହାର ନାମ ସାରା

---

[t] **17.5** ମହାପିତା

[u] **17.5** ବହୁଲୋକର ପିତା

[v] **17.10** ଲିଙ୍ଗ ଆଗରେ ଥିବା ଚମଡ଼ା କାଟିବା

ହେଲା । 16ଆମ୍ଭେ ତାହାକୁ ଆଶୀର୍ବାଦ କରିବା ଓ ଆମ୍ଭେ ତାହା ଦ୍ୱାରା ତୁମକୁ ଏକ ପୁଅ ଦେବା । ଆମ୍ଭେ ସାରାଙ୍କୁ ଆଶୀର୍ବାଦ କରିବା, ଏଣୁ ସେ ଅନେକ
ଗୋଷ୍ଠୀର ମାତା ହେବ, ପୁଣି ତାଙ୍କଠାରୁ ଅନେକ ଗୋଷ୍ଠୀର ରାଜାମାନେ ଉତ୍ପନ୍ନ ହେବେ ।

17ଏହା ଶୁଣି ଅବ୍ରାହାମ ମୁହଁମାଡ଼ି ଭୂମିରେ ପଡ଼ି ହସିଲେ, ପୁଣି ମନେ ମନେ କହିଲେ, ଜଣେ ପୁରୁଷର ଶହେ ବର୍ଷ ବୟସରେ କଅଣ ପୁଅ ଜନ୍ମ ହେବ ? ପୁଣି ନବେ ବର୍ଷ ବୟସର ସାରା କଅଣ ସନ୍ତାନ ଜନ୍ମ କରି ପାରିବ ?

18ଏହାପରେ ଅବ୍ରାହାମ ପରମେଶ୍ୱରଙ୍କୁ କହିଲେ, ପ୍ରଭୁ, କେବଳ ଇଶ୍ମାଏଲ ତୁମ୍ଭ ଆଶୀର୍ବାଦରେ ବଞ୍ଚିଥାଉ ।

19ପରମେଶ୍ୱର କହିଲେ, ତୁମର ସ୍ତ୍ରୀ ସାରା ତୁମ ପାଇଁ ନିଶ୍ଚୟ ଏକ ପୁତ୍ର ଜନ୍ମ କରିବ ଓ ତୁମେ ତାହାର ନାମ ଇସ୍‌ହାକ ରଖିବ । ପୁଣି ଆମ୍ଭେ ତାହା ସହିତ
ଆପଣା ନିୟମ ସ୍ଥିର କରିବା; ସେହି ନିୟମ ଇସ୍‌ହାକର ଭବିଷ୍ୟତ ବଂଶ ସହିତ ମଧ୍ୟ ଚିରସ୍ଥାୟୀ ନିୟମ ହେବ । 20ପୁଣି ଆମ୍ଭେ ଇଶ୍ମାଏଲ ବିଷୟରେ ମଧ୍ୟ
ତୁମର ପ୍ରାର୍ଥନା ଶୁଣିଲୁ; ଦେଖ, ଆମ୍ଭେ ତାହାକୁ ମଧ୍ୟ ଆଶୀର୍ବାଦ କରିଅଛୁ ପୁଣି ଆମ୍ଭେ ତାହାକୁ ଫଳବନ୍ତ କରିବା ଓ ତାହାର ବଂଶକୁ ବହୁତ ବୃଦ୍ଧି କରିବା ।
ତାହାର ବଂଶରୁ ବାର ଜଣ ରାଜା ଜାତ ହେବେ ଓ ଆମ୍ଭେ ତାହାକୁ ଏକ ବଡ଼ ଗୋଷ୍ଠୀ କରିବା । 21ମାତ୍ର ଆମ୍ଭେ ଇସ୍‌ହାକ ସହିତ ଆମ୍ଭର ନିୟମ ସ୍ଥିର କରିବା,
ଯାହାକୁ ତୁମ ପାଇଁ ସାରା ଆସନ୍ତା ବର୍ଷ ଏହି ସମୟରେ ଜନ୍ମ କରିବ ।

22ଏହି ସବୁକଥା କହି ସାରିବା ପରେ, ପରମେଶ୍ୱର ଅବ୍ରାହାମଙ୍କଠାରୁ ଉପରକୁ ଚାଲିଗଲେ ।

23ଏହାପରେ ପରମେଶ୍ୱରଙ୍କ ଆଜ୍ଞା ଅନୁସାରେ, ଅବ୍ରାହାମ ସେହିଦିନ ନିଜ ପୁତ୍ର ଇଶ୍ମାଏଲକୁ ଓ ଯେଉଁମାନେ ତାଙ୍କ ଘରେ ଜନ୍ମ ହୋଇଥିଲେ, ଏବଂ ଯେଉଁ ଦାସମାନଙ୍କୁ ସେ ମୂଲ୍ୟ ଦେଇ କିଣିଥିଲେ - ତାଙ୍କ ଗୃହର ଏହିପରି ପ୍ରତ୍ୟେକ ପୁରୁଷକୁ ନେଇ ସୁନ୍ନତ କଲେ ।

24ଅବ୍ରାହାମ ସୁନ୍ନତ ହେବା ସମୟରେ ତାଙ୍କର ବୟସ ଅନେଶ୍ୱତ ବର୍ଷ ହୋଇଥିଲା ।

25ପୁଣି ଅବ୍ରାହାମଙ୍କ ପୁତ୍ର ଇଶ୍ମାଏଲ ସୁନ୍ନତ ହେବା ସମୟରେ ତାଙ୍କର ବୟସ ତେର ବର୍ଷ ହୋଇଥିଲା ।

26ଏହି ରୂପେ ଅବ୍ରାହାମ ଓ ତାଙ୍କ ପୁତ୍ର ଇଶ୍ମାଏଲ ଗୋଟିଏ ଦିନ ସୁନ୍ନତ ହେଲେ ।

27ପୁଣି ଅବ୍ରାହାମଙ୍କ ଘରର ସବୁ ପୁରୁଷଲୋକ, ତାଙ୍କ ଘରେ ଜନ୍ମ ହୋଇଥିବା ଓ ମୂଲ୍ୟ ଦେଇ ବିଦେଶୀ ଲୋକଙ୍କଠାରୁ କିଣିଥିବା, ଏପରି ସବୁ ପୁରୁଷଲୋକ ସେହିଦିନ ତାଙ୍କ ସହିତ ସୁନ୍ନତ ହେଲେ ।

# 18

## ପରମେଶ୍ୱର ସାରାଙ୍କୁ ପୁତ୍ର ସନ୍ତାନ ଦେବାକୁ ପ୍ରତିଜ୍ଞା କଲେ

1ଦିନେ, ଖରାବେଳେ ଅବ୍ରାହାମ ମମ୍ରି ନାମକ ସ୍ଥାନର ଓଲ[w] ଗଛ ତୋଟା ନିକଟରେ ନିଜ ତମ୍ବୁ ଦ୍ୱାରରେ ବସିଥିବା ସମୟରେ ଯିହୋବା ପ୍ରଭୁ ତାଙ୍କୁ ଦର୍ଶନ ଦେଲେ ।

2ଅବ୍ରାହାମ ଅନାଇ ଦେଖିଲେ, ତିନି ଜଣ ଲୋକ ତାଙ୍କ ଆଗରେ ଠିଆ ହୋଇଛନ୍ତି । ସେ ସେମାନଙ୍କୁ ଦେଖିବା ମାତ୍ରେ ସେମାନଙ୍କୁ ଭେଟିବା ପାଇଁ ତମ୍ବୁ ଦ୍ୱାରରୁ ଶୀଘ୍ର ଗଲେ ଓ ଭୂମିରେ ପଡ଼ି ସେମାନଙ୍କୁ ପ୍ରଣାମ କରି କହିଲେ,

3ହେ ପ୍ରଭୁ, ଯଦି ଆପଣମାନେ ମୋ ପ୍ରତି ଅନୁଗ୍ରହ କରନ୍ତି, ତେବେ, ଆପଣଙ୍କ ଏହି ଦାସଠାରୁ ଚାଲିଯାଆନ୍ତୁ ନାହିଁ । 4ମୁଁ କିଛି ପାଣି ଆଣି ଦେଉଛି,
ଆପଣମାନେ ପାଦ ଧୁଅନ୍ତୁ, ପୁଣି ଏହି ଗଛ ତଳେ କିଛି ସମୟ ବିଶ୍ରାମ କରନ୍ତୁ । 5ଯେହେତୁ ଆପଣମାନେ ଆପଣମାନଙ୍କର ଏହି ଦାସ ନିକଟକୁ ଆସିଛନ୍ତି, ମୁଁ

[w]18.1 ଅଲୋନ ଗଛ (ବରଗଛ ପରି ବହୁତ ଡାଳ ଥିବା ଏକ ଗଛ)

ଆପଣମାନଙ୍କ ପାଇଁ କିଛି ଖାଦ୍ୟ ଆଣି ଦେବି, ଆପଣମାନେ ତାହା ଭୋଜନ କରି ତୃପ୍ତ ହୁଅନ୍ତୁ, ତାପରେ ଚାଲିଯିବେ । ଏହି କଥା ଶୁଣି ସେମାନେ କହିଲେ, ଭଲ କଥା, ତୁମେ ଯେପରି କହୁଅଛ, ସେପରି କର ।

6ଏହାପରେ ଅବ୍ରାହାମ ତମ୍ବୁ ଭିତରକୁ ଶୀଘ୍ର ଯାଇ ସାରାଙ୍କୁ କହିଲେ, ଶୀଘ୍ର ତିନି ସେର ଭଲ ମଇଦା ଦଳି ପିଠା ତିଆରି କର ।

7ପୁଣି ଅବ୍ରାହାମ ନିଜେ ଗୋଠକୁ ଅତିଶୀଘ୍ର ଗଲେ ପୁଣି ଗୋଟିଏ କଅଁଳ ଓ ମୋଟା ବାଛୁରୀ ଆଣି ନିଜ ଦାସକୁ ଦେଲେ । ସେ ତାହା କାଟି ତାହାର ମାଂସ ନେଇ ଶୀଘ୍ର ରାନ୍ଧିଲା ।

8ଏହାପରେ ଅବ୍ରାହାମ ଦହି, କ୍ଷୀର ଓ ସେହି ରନ୍ଧାମାଂସ ନେଇ ସେମାନଙ୍କ ଆଗରେ ରଖିଲେ । ପୁଣି ସେମାନେ ଖାଦ୍ୟ ଖାଉଥିବା ସମୟରେ ସେ ନିଜେ ଗଛ ତଳେ ସେମାନଙ୍କ ନିକଟରେ ଠିଆହୋଇ ରହିଲେ ।

9ସେମାନେ ଅବ୍ରାହାମଙ୍କୁ ପଚାରିଲେ, ତୁମର ସ୍ତ୍ରୀ ସାରା କେଉଁଠାରେ ? ଅବ୍ରାହାମ କହିଲେ, ସେ ତମ୍ବୁ ଭିତରେ ଅଛନ୍ତି ।

10ଯିହୋବା ପ୍ରଭୁ କହିଲେ, ଆମ୍ଭେ ଆସନ୍ତା ବର୍ଷ ଏହି ସମୟରେ ନିଶ୍ଚୟ ଫେରି ଆସିବା, ଆଉ ସେହି ସମୟରେ ତୁମ ସ୍ତ୍ରୀ ସାରା କୋଳରେ ଏକ ପୁତ୍ର ସନ୍ତାନ ଥିବ । ସାରା ଅବ୍ରାହାମଙ୍କ ପଛରେ ତମ୍ବୁ ଦ୍ୱାରରେ ଥାଇ ସେହି କଥା ଶୁଣୁଥିଲେ ।

11ସେହି ସମୟରେ ଅବ୍ରାହାମ ବୃଦ୍ଧ ହୋଇଥିଲେ ଓ ସାରା ମଧ୍ୟ ବୃଦ୍ଧା ହୋଇଥିଲେ, ପୁଣି ସାରାଙ୍କର ମାସିକ ସ୍ତ୍ରୀଧର୍ମ[x] ବନ୍ଦ ହୋଇଥିଲା ।

12ସେଥିପାଇଁ ସାରା ହସି ମନେ ମନେ କହିଲେ, ଏବେ ମୋର ବୃଦ୍ଧା ବୟସ ହେଲାଣି, ପୁଣି ମୋର ସ୍ୱାମୀ ମଧ୍ୟ ବୃଦ୍ଧ ଅଟନ୍ତି, ତେଣୁ ଏହି ବୟସରେ କି ମୁଁ ଏପରି ସୁଖ ପାଇପାରିବି ?

13ଯିହୋବା ପ୍ରଭୁ ଅବ୍ରାହାମଙ୍କୁ କହିଲେ, ମୁଁ ଏହି ବୃଦ୍ଧା ଅବସ୍ଥାରେ କଅଣ ପୁତ୍ର ଜନ୍ମ କରି ପାରିବି ବୋଲି ଭାବି, ସାରା କାହିଁକି ହସିଲା ?

14ଯିହୋବା ପ୍ରଭୁଙ୍କ ପାଇଁ କୌଣସି ବିଷୟ କଠିନ କି ? ଆସନ୍ତା ବର୍ଷ ଏହି ସମୟରେ ଆମ୍ଭେ ଆଉ ଥରେ ତୁମ ନିକଟକୁ ଫେରି ଆସିବା, ସେହି ସମୟରେ ସାରାର କୋଳରେ ଏକ ପୁତ୍ର ସନ୍ତାନ ଥିବ ।

15ଏହି କଥା ଶୁଣି ସାରା ଭୟକଲେ ଓ ମନାକରି କହିଲେ, ମୁଁ ହସି ନାହିଁ । କିନ୍ତୁ ଯିହୋବା ପ୍ରଭୁ ତାଙ୍କୁ କହିଲେ, ତୁମେ ନିଶ୍ଚିତ ରୂପେ ହସିଲ ।

## ସଦୋମ ନଗରକୁ ରକ୍ଷା କରିବାକୁ ଅବ୍ରାହାମ ଈଶ୍ୱରଙ୍କୁ ଅନୁରୋଧ କଲେ

16ସେହି ତିନି ଜଣ ଖାଇ ସାରିବା ପରେ, ସେଠାରୁ ସଦୋମ ଆଡ଼କୁ ଯିବାକୁ ବାହାରିଲେ, ପୁଣି ଅବ୍ରାହାମ ସେମାନଙ୍କୁ ଛାଡ଼ିବା ପାଇଁ ସେମାନଙ୍କ ସହିତ କିଛି ବାଟ ଗଲେ ।

17ସେତେବେଳେ ଯିହୋବା ପ୍ରଭୁ କହିଲେ, ଆମ୍ଭେ ଯାହା କରିବାକୁ ଯାଉଅଛୁ, ତାହା କଅଣ ଅବ୍ରାହାମଙ୍କଠାରୁ ଲୁଚାଇବା ?

18କାରଣ ଅବ୍ରାହାମଙ୍କଠାରୁ ଏକ ମହାନ ଓ ବଳବାନ ଗୋଷ୍ଠୀ ଜାତ ହେବ ଓ ପୃଥିବୀର ସବୁ ଗୋଷ୍ଠୀର ଲୋକ ତାଙ୍କ ଦେଇ ଆଶୀର୍ବାଦ ପାଇବେ ।

19ତାଙ୍କ ପରେ ତାଙ୍କ ସନ୍ତାନ ଓ ବଂଶର ଲୋକମାନେ ଯେପରି ନ୍ୟାୟ ଓ ଧର୍ମରେ ଆଚରଣ କରି ଆମ୍ଭ ପଥ ରକ୍ଷା କରିବେ ସେଥିପାଇଁ ସେ ସେମାନଙ୍କୁ ଶିକ୍ଷା ଦେବାକୁ ଆମ୍ଭେ ତାଙ୍କୁ ବାଛିଅଛୁ । ତାହା ହେଲେ ଆମ୍ଭେ ଯିହୋବା ପ୍ରଭୁ, ତାଙ୍କ ନିମନ୍ତେ ଯାହା କରିବା ବୋଲି କହିଅଛୁ, ତାହା ସଫଳ କରିବା ।

20ଏହାପରେ ଯିହୋବା ପ୍ରଭୁ ଅବ୍ରାହାମଙ୍କୁ କହିଲେ, ସଦୋମ ଓ ଗମୋରା ନଗରର ଲୋକମାନଙ୍କ ପାପ ବହୁତ ବୃଦ୍ଧି ପାଇଥିବା ସମ୍ବାଦ ଆମ୍ଭ ନିକଟରେ
ପହଞ୍ଚିଅଛି । 21ଏଣୁ ସେହି ଲୋକମାନଙ୍କ ବିଷୟରେ ଆମ୍ଭ ନିକଟରେ ପହଞ୍ଚିଥିବା ସମ୍ବାଦ ଅନୁସାରେ ସେମାନେ ପାପ କରିଛନ୍ତି ନା ନାହିଁ, ତାହା ଦେଖିବା ପାଇଁ ଆମ୍ଭେ ତଳକୁ ଓହ୍ଲାଇ ଆସିଅଛୁ ।

---

[x] 18.11 ଋତୁସ୍ରାବ

22ଏହାପରେ ଯିହୋବା ପ୍ରଭୁଙ୍କ ସହିତ ଆସିଥିବା ଦୁଇ ସ୍ୱର୍ଗ ଦୂତ ସଦୋମ ନଗର ଆଡ଼କୁ ଚାଲିଗଲେ କିନ୍ତୁ ଯିହୋବା ପ୍ରଭୁ ସେହିସ୍ଥାନରେ ଠିଆହୋଇ
ରହିଲେ, ପୁଣି ଅବ୍ରାହାମ ମଧ୍ୟ ତାହାଙ୍କ ସହିତ ଠିଆହୋଇ ରହିଲେ ।

23ଏହାପରେ ଅବ୍ରାହାମ ଯିହୋବା ପ୍ରଭୁଙ୍କ ନିକଟକୁ ଯାଇ କହିଲେ, ପ୍ରଭୁ, ଆପଣ ଦୁଷ୍ଟ ସହିତ ଧାର୍ମିକକୁ ମଧ୍ୟ ବିନଷ୍ଟ କରିବେ କି ?

24ହୋଇପାରେ, ସେହି ନଗରରେ ପଚାଶ ଜଣ ଧାର୍ମିକ ଥିବେ । ତେବେ, ସେହି ପଚାଶ ଜଣ ଧାର୍ମିକ ପାଇଁ ଆପଣ କଅଣ ସେହି ନଗରକୁ ରକ୍ଷା ନ କରି
ବିନଷ୍ଟ କରିବେ ? 25ଦୁଷ୍ଟ ସହିତ ଧାର୍ମିକକୁ ବିନଷ୍ଟ କରିବା ଏବଂ ଦୁଷ୍ଟ ସହିତ ଧାର୍ମିକକୁ ସମାନ ଭାବରେ ଦେଖିବା ଆପଣଙ୍କଠାରୁ ଦୂରରେ ଥାଉ । କାରଣ
ଆପଣ ହେଉଛନ୍ତି ସମଗ୍ର ପୃଥିବୀର ବିଚାରକର୍ତ୍ତା, ସେଥିପାଇଁ ଆପଣ କି ନ୍ୟାୟରେ ବିଚାର କରିବେ ନାହିଁ ?

26ଯିହୋବା ପ୍ରଭୁ କହିଲେ, ଯଦି ଆମ୍ଭେ ସଦୋମ ନଗରରେ ପଚାଶ ଜଣ ଧାର୍ମିକ ଲୋକ ଦେଖିବା, ତେବେ ସେମାନଙ୍କ ସକାଶେ ଆମ୍ଭେ ସେହି ପୁରା
ନଗରକୁ ରକ୍ଷା କରିବା ।

27ତାପରେ ଅବ୍ରାହାମ କହିଲେ, ଦେଖନ୍ତୁ, ମୁଁ ଆପଣଙ୍କ ଆଗରେ ଧୂଳି ଓ ପାଉଁଶ ପରି ହେଲେ ମଧ୍ୟ, କଥା କହିବାକୁ ସାହସ କରୁଅଛି । 28ହୋଇପାରେ,
ସେଠାରେ ପଚାଶରୁ ପାଞ୍ଚ ଜଣ କମ୍ ଧାର୍ମିକ ଥିବେ । ତାହା ହେଲେ ଆପଣ କଅଣ ପାଞ୍ଚ ଜଣ କମ୍ ହୋଇଥିବା ଯୋଗୁଁ ସେହି ପୁରା ନଗର ବିନଷ୍ଟ କରିବେ
? ଯିହୋବା ପ୍ରଭୁ କହିଲେ, ସେଠାରେ ପଞ୍ଚଚାଳିଶ ଜଣ ଧାର୍ମିକ ଥିଲେ, ଆମ୍ଭେ ତାହା ବିନଷ୍ଟ କରିବା ନାହିଁ ।

29ଆଉ ଥରେ ଅବ୍ରାହାମ ଯିହୋବା ପ୍ରଭୁଙ୍କୁ କହିଲେ, ହୋଇପାରେ ସେଠାରେ ଚାଳିଶ ଜଣ ଧାର୍ମିକ ଥିବେ । ଯିହୋବା ପ୍ରଭୁ କହିଲେ, ସେଠାରେ ଚାଳିଶ
ଜଣ ଧାର୍ମିକ ଥିଲେ ଆମ୍ଭେ ତାହା ବିନଷ୍ଟ କରିବା ନାହିଁ ।

30ପୁଣି ଅବ୍ରାହାମ କହିଲେ, ପ୍ରଭୁ, ଦୟାକରି ରାଗନ୍ତୁ ନାହିଁ, ତେବେ ମୁଁ କହିବି । ହୋଇପାରେ, ସେଠାରେ ତିରିଶ ଜଣ ଧାର୍ମିକ ଥିବେ । ଯିହୋବା ପ୍ରଭୁ
କହିଲେ, ସେଠାରେ ତିରିଶ ଜଣ ଧାର୍ମିକ ଥିଲେ, ଆମ୍ଭେ ତାହା ବିନଷ୍ଟ କରିବା ନାହିଁ ।

31ଅବ୍ରାହାମ ପୁଣି କହିଲେ, ଦେଖନ୍ତୁ, ମୁଁ ପ୍ରଭୁଙ୍କ ନିକଟରେ କଥା କହିବାକୁ ସାହସ କରୁଅଛି, ହୋଇପାରେ ସେଠାରେ କୋଡ଼ିଏ ଜଣ ଧାର୍ମିକ ଥିବେ ।
ଯିହୋବା ପ୍ରଭୁ କହିଲେ, ସେଠାରେ କୋଡ଼ିଏ ଜଣ ଧାର୍ମିକ ଥିଲେ, ଆମ୍ଭେ ତାହା ବିନଷ୍ଟ କରିବା ନାହିଁ ।

32ଅବ୍ରାହାମ ପୁଣି ଥରେ କହିଲେ, ପ୍ରଭୁ ଦୟାକରି ରାଗନ୍ତୁ ନାହିଁ, ଆଉ ଥରେ ମାତ୍ର କହିବି । ହୋଇପାରେ, ସେଠାରେ ଦଶ ଜଣ ଧାର୍ମିକ ଥିବେ ?
ଯିହୋବା ପ୍ରଭୁ କହିଲେ, ସେଠାରେ ଦଶ ଜଣ ଧାର୍ମିକ ଥିଲେ, ଆମ୍ଭେ ତାହା ବିନଷ୍ଟ କରିବା ନାହିଁ ।

33ଯିହୋବା ପ୍ରଭୁ ଅବ୍ରାହାମଙ୍କ ସହିତ କଥାବାର୍ତ୍ତା ଶେଷକରି ଚାଲିଗଲେ, ପୁଣି ଅବ୍ରାହାମ ମଧ୍ୟ ନିଜ ତମ୍ବୁକୁ ଫେରିଗଲେ ।

# 19

## ପରମେଶ୍ୱର ସଦୋମ ଓ ଗମୋରା ନଗର ଧ୍ୱଂସ କଲେ

1ଏହାପରେ ସେହି ଦୁଇ ସ୍ୱର୍ଗ ଦୂତ ସନ୍ଧ୍ୟା ସମୟରେ ସଦୋମ ନଗରରେ ପହଞ୍ଚିଲେ । ସେତେବେଳେ ଲୋଟ ସଦୋମ ନଗରକୁ ପଶିବା ଦ୍ୱାର ପାଖରେ
ବସିଥିଲେ, ପୁଣି ସେ ସେମାନଙ୍କୁ ଦେଖି ଭେଟିବା ପାଇଁ ଗଲେ ଓ ଭୂମିରେ ମୁହଁମାଡ଼ି ସେମାନଙ୍କୁ ପ୍ରଣାମ କରି କହିଲେ, 2ହେ ମୋହର ପ୍ରଭୁମାନେ, ମୁଁ ବିନୟ
କରୁଅଛି, ଆପଣମାନେ ଆପଣମାନଙ୍କର ଏହି ଦାସଙ୍କ ଘରକୁ ଆସି ପାଦ ଧୂଅନ୍ତୁ, ପୁଣି ଆଜି ରାତିରେ ମୋ ଘରେ ରୁହନ୍ତୁ, ତାପରେ ସକାଳେ ଉଠି
ଚାଲିଯିବେ । କିନ୍ତୁ ସେମାନେ କହିଲେ, ନାହିଁ, ଆମ୍ଭେମାନେ ରାତି ସାରା ଦାଣ୍ଡରେ ରହିବୁ ।

3କିନ୍ତୁ ଲୋଟ ସେମାନଙ୍କୁ ବହୁତ ଅନୁରୋଧ କଲେ, ଏଣୁ ସେମାନେ ତାଙ୍କ ସହିତ ଘର ଭିତରକୁ ଗଲେ । ତାପରେ ଲୋଟ ଖାଇବା କ୍ଷାର ନ ମିଶାଇ
ରୋଟୀ ତିଆରି କରି ସେମାନଙ୍କୁ ଦେଲେ ଓ ସେମାନେ ତାହା ଖାଇଲେ ।

4କିନ୍ତୁ ସେମାନେ ଶୋଇବା ଆଗରୁ ସେହି ସଦୋମ ନଗରର ଉଭୟ ବୁଢ଼ା ଓ ଯୁବା ଲୋକ ସବୁ ଆସି ଲୋଟଙ୍କ ଘର ଚାରିପଟେ ଘେରିଲେ । 5ପୁଣି

ସେମାନେ ଲୋଟଙ୍କୁ ଡାକି କହିଲେ, ଆଜି ରାତିରେ ଯେଉଁ ଲୋକମାନେ ତୁମ ଘରକୁ ଆସିଛନ୍ତି ସେମାନେ କାହାନ୍ତି ? ସେମାନଙ୍କୁ ବାହାରକରି ଆମ୍ଭମାନଙ୍କ
ପାଖକୁ ଆଣ, ଆମେ ସେମାନଙ୍କ ସହିତ ଯୌନ କ୍ରିୟା କରିବୁ ।

6 ତେଣୁ ଲୋଟ ବାହାରକୁ ଆସି କବାଟ ବନ୍ଦ କଲେ ଓ ସେମାନଙ୍କ ପାଖକୁ ଯାଇ କହିଲେ, 7 ହେ ମୋର ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି,
ତୁମ୍ଭେମାନେ ଏହି ପ୍ରକାର ମନ୍ଦ କାର୍ଯ୍ୟ କର ନାହିଁ । 8 ଦେଖ, ମୋର ଦୁଇ କୁମାରୀ ଝିଅ ଅଛନ୍ତି । ମୁଁ ସେମାନଙ୍କୁ ତୁମ୍ଭମାନଙ୍କ ପାଖକୁ ଆଣି ଦେଉଛି,
ତୁମ୍ଭମାନଙ୍କୁ ଯେମିତି ଭଲ ଲାଗୁଛି, ତୁମ୍ଭେମାନେ ସେମାନଙ୍କ ପ୍ରତି ସେପରି କର । ମାତ୍ର ଯେଉଁ ଲୋକମାନେ ମୋ ଘରକୁ ଆସିଛନ୍ତି, ସେମାନଙ୍କ ପ୍ରତି କିଛି
କର ନାହିଁ, କାରଣ ସେମାନେ ଆଜି ମୋ ଘରେ ଆଶ୍ରୟ ନେଇଛନ୍ତି ।

9 ସେମାନେ ଲୋଟଙ୍କୁ କହିଲେ, ପଛକୁ ଘୁଞ୍ଚିଯାଅ । ପୁଣି ସେମାନେ କହିଲେ, ଏହି ଲୋକ ଅନ୍ୟ ଦେଶରୁ ଆମ୍ଭମାନଙ୍କ ଅଞ୍ଚଳକୁ ବାସ କରିବାକୁ ଆସିଲା
ପୁଣି ଏବେ ଆମର ବିଚାରକର୍ତ୍ତା ହେବାକୁ ଚାହୁଁଅଛି । ଆଉ ସେମାନେ ଲୋଟଙ୍କୁ କହିଲେ, ଯେଉଁ ଲୋକମାନେ ତୁମ ଘରକୁ ଆସିଅଛନ୍ତି, ଆମ୍ଭେମାନେ
ସେମାନଙ୍କ ପ୍ରତି ଯେତିକି ଖରାପ ବ୍ୟବହାର କରିବୁ ତାଠାରୁ ମଧ୍ୟ ଅଧିକ ତୁମ ପ୍ରତି ଖରାପ ବ୍ୟବହାର କରିବୁ । ତାପରେ ସେମାନେ ଲୋଟଙ୍କୁ ଠେଲି ଦେଇ
କବାଟ ନିକଟକୁ ଯାଇ ତାହା ଭାଙ୍ଗିବାକୁ ଚେଷ୍ଟାକଲେ ।

10 ମାତ୍ର ସେହି ଦୁଇ ସ୍ୱର୍ଗ ଦୂତ ନିଜର ହାତ ବଢ଼ାଇ ଲୋଟଙ୍କୁ ଧରି ଘର ଭିତରକୁ ଟାଣି ନେଲେ ଓ କବାଟ ବନ୍ଦ କଲେ ।

11 ଆଉ ସେମାନେ ଦ୍ୱାର ନିକଟରେ ଥିବା ସାନରୁ ବଡ଼ ସମସ୍ତ ଲୋକଙ୍କୁ ଅନ୍ଧ କଲେ, ତହିଁରେ ସେହି ଲୋକମାନେ ଦେଖି ନ ପାରି କବାଟ ଖୋଜୁ ଖୋଜୁ
ଥକିଗଲେ ।

12 ଏହାପରେ ସେହି ଦୁଇ ସ୍ୱର୍ଗ ଦୂତ ଲୋଟଙ୍କୁ ପଚାରିଲେ, ଏହି ନଗରରେ ତୁମର ଆଉ କେହି ଅଛନ୍ତି କି ? ତୁମର ଜ୍ୱାଇଁ, ପୁଅମାନେ, ଝିଅମାନେ କିମ୍ବା
ଆଉ ଯେକେହି ଏହି ନଗରରେ ଅଛନ୍ତି, ସେମାନଙ୍କୁ ଏହି ସ୍ଥାନରୁ ବାହାରକରି ନେଇଯାଅ ।

13 କାରଣ ଆମ୍ଭେମାନେ ଏହି ସ୍ଥାନ ଧ୍ୱଂସ କରିବାକୁ ଯାଉଅଛୁ । ଯେହେତୁ ଏହି ନଗରର ଲୋକମାନଙ୍କ ପାପ ବିରୁଦ୍ଧରେ ହେଉଥିବା କ୍ରନ୍ଦନ ବହୁତ
ହେଲାଣି ଓ ତାହା ଯିହୋବା ପ୍ରଭୁ ଶୁଣିଅଛନ୍ତି । ଏଣୁ ଏହି ନଗର ଧ୍ୱଂସ କରିବା ପାଇଁ ସେ ଆମ୍ଭମାନଙ୍କୁ ପଠାଇଅଛନ୍ତି ।

14 ତେଣୁ, ଲୋଟ ବାହାରକୁ ଯାଇ, ନିଜର ଝିଅମାନଙ୍କ ସହିତ ବିବାହ କରିବାକୁ ଯାଉଥିବା ଯୁବକମାନଙ୍କୁ କହିଲେ, ଯିହୋବା ପ୍ରଭୁ ଏହି ସ୍ଥାନ ଧ୍ୱଂସ
କରିବାକୁ ଯାଉଛନ୍ତି, ତେଣୁ ଉଠ, ଆମ୍ଭେମାନେ ଏହି ସ୍ଥାନରୁ ବାହାରି ଯିବା । କିନ୍ତୁ ସେହି ଯୁବକମାନେ ଭାବିଲେ ଯେ, ଲୋଟ ସେମାନଙ୍କ ସହିତ ଥଟ୍ଟା
କରୁଛନ୍ତି; ଏଣୁ ସେମାନେ ଲୋଟଙ୍କ ସହିତ ଗଲେ ନାହିଁ ।

15 ତହିଁଆର ଦିନ ଅତି ସକାଳେ, ଦୂତମାନେ ଲୋଟଙ୍କୁ ଚଞ୍ଚଳ କରାଇ କହିଲେ, ଉଠ, ତୁମର ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ଶୀଘ୍ର ଏହି ସ୍ଥାନରୁ ପଳାଇଯାଅ, ନ
ହେଲେ ତୁମ୍ଭେମାନେ ମଧ୍ୟ ଏହି ନଗରର ଲୋକମାନଙ୍କ ସହିତ ଦଣ୍ଡରେ ବିନଷ୍ଟ ହେବ ।

16 ତଥାପି ଲୋଟ ବାହରି ଯିବାକୁ ଡେରି କଲେ, ମାତ୍ର ଯିହୋବା ପ୍ରଭୁ ତାଙ୍କ ପ୍ରତି ଦୟା କଲେ । ଏଣୁ ସେହି ଦୂତମାନେ ଲୋଟ, ତାଙ୍କ ସ୍ତ୍ରୀ ଓ ତାଙ୍କର ଦୁଇ
ଝିଅଙ୍କର ହାତ ଧରି ସେମାନଙ୍କୁ ନଗରରୁ ବାହାରକୁ ନେଇଗଲେ ।

17 ଦୂତମାନେ ସେମାନଙ୍କୁ ନଗରରୁ ବାହାରକୁ ନେଇଯିବା ପରେ, ଦୂତମାନଙ୍କ ମଧ୍ୟରୁ ଜଣେ ଲୋଟଙ୍କୁ କହିଲେ, ତୁମ୍ଭମାନଙ୍କର ଜୀବନ ରକ୍ଷା କରିବା ପାଇଁ
ଶୀଘ୍ର ପଳାଇଯାଅ, ପଛକୁ ଦେଖ ନାହିଁ । ଏହି ପଦାରେ ସୁଦ୍ଧା ରୁହ ନାହିଁ, ମାତ୍ର ପର୍ବତକୁ ପଳାଇଯାଅ, ନ ହେଲେ ତୁମ୍ଭେମାନେ ମଧ୍ୟ ବିନଷ୍ଟ ହେବ ।

18 ତେଣୁ ଲୋଟ ସେମାନଙ୍କୁ କହିଲେ, ହେ ପ୍ରଭୁ, ସେପରି ନ ହେଉ ।

19 ଦେଖନ୍ତୁ, ଆପଣ ଆପଣଙ୍କର ଏହି ଦାସ ପ୍ରତି ଅନୁଗ୍ରହ କରିଛନ୍ତି, ପୁଣି ମୋର ଜୀବନ ରକ୍ଷାକରି ମୋ ପ୍ରତି ମହା ଦୟା ଦେଖାଇଛନ୍ତି । କିନ୍ତୁ ଏବେ ମୁଁ
ସେହି ପର୍ବତକୁ ପଳାଇଯାଇ ପାରିବି ନାହିଁ, ମାତ୍ର ଏହି ବିପଦ ଯୋଗୁଁ ଏଠାରେ ମରିଯାଇ ପାରେ । 20 ଦେଖନ୍ତୁ, ମୁଁ ପଳାଇଯାଇ ପାରିବା ପରି ଏହି ଅଳ୍ପ
ଦୂରରେ ସେହି ଛୋଟ ନଗର ଅଛି । ତାହା ଛୋଟ ନୁହେଁ କି ? ମୋତେ ସେଠାକୁ ପଳାଇ ଯିବାକୁ ଦିଅନ୍ତୁ, ତେବେ ମୋହର ଜୀବନ ରକ୍ଷା ପାଇବ ।

21 ଦୂତ ଲୋଟଙ୍କୁ କହିଲେ, ଠିକ୍ ଅଛି, ଆମ୍ଭେ ଏ ବିଷୟରେ ତୁମ ପ୍ରତି ଦୟାକରୁଅଛୁ । ଏଣୁ ସେହି ଯେଉଁ ନଗର କଥା ତୁମେ କହିଲ, ଆମ୍ଭେ ସେହି ନଗର

ବିନଷ୍ଟ କରିବା ନାହିଁ ।

[22]ତୁମ୍ଭେମାନେ ଶୀଘ୍ର ସେହିସ୍ଥାନକୁ ଚାଲିଯାଅ । କାରଣ ତୁମ୍ଭେମାନେ ସେହି ନଗରରେ ନ ପହଞ୍ଚିଲେ ଆମ୍ଭେମାନେ କିଛି କରି ପାରିବୁ ନାହିଁ । ସେଥିପାଇଁ ସେହି ନଗରର ନାମ ସୋୟର (ଛୋଟ ସ୍ଥାନ) ହେଲା ।

[23]ଲୋଟ ସୋୟର ନଗରରେ ପହଞ୍ଚିବା ସମୟରେ ସୂର୍ଯ୍ୟ ଉଦୟ ହୋଇଥିଲା ।

[24]ପୁଣି ଯିହୋବା ପ୍ରଭୁ ସ୍ୱର୍ଗରୁ ସଦୋମ ଓ ଗମୋରା ନଗର ଉପରେ ଗନ୍ଧକ ଓ ନିଆଁ ବର୍ଷାଇଲେ । [25]ପୁଣି ସେହିସବୁ ନଗର, ସମସ୍ତ ସମତଳ ଅଞ୍ଚଳ ଓ
ନଗରଗୁଡ଼ିକରେ ବାସ କରୁଥିବା ସବୁଲୋକଙ୍କୁ ଓ କ୍ଷେତର ଫସଲସବୁ ଧ୍ୱଂସ କଲେ । [26]ସେମାନେ ଯାଉଥିବା ସମୟରେ, ଲୋଟଙ୍କ ସ୍ତ୍ରୀ ପଛକୁ ଅନାଇବାରୁ, ଏକ ଲୁଣ ଖମ୍ବ ପାଲଟିଗଲେ ।

[27]ଆଉ, ଅବ୍ରାହାମ ସକାଳୁ ଉଠି, ଯେଉଁ ସ୍ଥାନରେ ଆଗରୁ ଯିହୋବା ପ୍ରଭୁଙ୍କ ସହିତ ଠିଆ ହୋଇଥିଲେ, ସେହିସ୍ଥାନକୁ ଗଲେ ।

[28]ପୁଣି ସେ ସଦୋମ, ଗମୋରା ଓ ତାହାର ଆଖପାଖ ସମସ୍ତ ସମତଳ ଅଞ୍ଚଳ ଆଡ଼କୁ ଅନାଇଲେ ଓ ସେହି ସ୍ଥାନସବୁ ପୋଡ଼ିଯାଇ ଭାଟୀର ଧୂଆଁ ପରି ଧୂଆଁ ଉଠୁଥିବାର ଦେଖିଲେ ।

[29]ପରମେଶ୍ୱର ସେହି ସମତଳ ଅଞ୍ଚଳର ନଗରସବୁ ଧ୍ୱଂସ କରିବା ସମୟରେ, ଅବ୍ରାହାମଙ୍କ ଅନୁରୋଧକୁ ମନେପକାଇଲେ, ପୁଣି ଲୋଟ ଯେଉଁ ସ୍ଥାନରେ ବାସ କରୁଥିଲେ, ସେହି ନଗରଗୁଡ଼ିକ ଧ୍ୱଂସ କରିବା ଆଗରୁ ସେଠାରୁ ଲୋଟଙ୍କୁ ବାହାରକରି ନେଇଗଲେ ।

## ଲୋଟଙ୍କ ପରବର୍ତ୍ତୀ ଜୀବନ

[30]ଲୋଟ ସୋୟରରେ ବାସ କରିବାକୁ ଭୟକଲେ ଓ ସେଠାରୁ ନିଜ ଦୁଇ ଝିଅଙ୍କ ସହିତ ଚାଲିଯାଇ ପର୍ବତ ଅଞ୍ଚଳର ଏକ ଗୁମ୍ଫାରେ ବାସକଲେ ।

[31]ଦିନେ, ଲୋଟର ବଡ଼ ଝିଅ ସାନ ଝିଅକୁ କହିଲା, ଦେଖ, ଆମ ବାପା ବୃଦ୍ଧ ଅଟନ୍ତି । ପୁଣି ଏହି ଜଗତର ନିୟମ ଅନୁସାରେ ଆମ ସହିତ ଶୟନ କରିବାକୁ ଏ ଦେଶରେ କୌଣସି ପୁରୁଷ ନାହାନ୍ତି ।

[32]ସେଥିପାଇଁ ଆସ, ଆମେ ଆମ ବାପାଙ୍କୁ ଅଙ୍ଗୁର ମଦ ପିଇବାକୁ ଦେବା, ଯେପରି ତାଙ୍କୁ ନିଶା ହେବ ଓ ଆମ ବାପାଙ୍କ ଦ୍ୱାରା ଆମେ ଯେପରି ବଂଶ ରକ୍ଷାକରି ପାରିବା, ସେଥିପାଇଁ ତାଙ୍କ ସହିତ ଶୟନ କରିବା ।

[33]ଏଣୁ ସେହି ରାତିରେ ସେମାନେ ତାଙ୍କ ବାପାଙ୍କୁ ଅଙ୍ଗୁର ମଦ ପିଇବାକୁ ଦେଲେ ଓ ତାଙ୍କୁ ନିଶା ହେଲା । ଏହାପରେ ବଡ଼ ଝିଅ ଯାଇ ନିଜ ବାପା ଲୋଟ ସହିତ ଶୟନ କଲା । ପୁଣି ତାହାର ବଡ଼ ଝିଅ ତାଙ୍କ ସହିତ ଶୟନ କରିବାର ଓ ଉଠି ଚାଲି ଯିବାର ଲୋଟ ଜାଣି ପାରିଲେ ନାହିଁ ।

[34]ତହିଁଆର ଦିନ, ବଡ଼ ଝିଅ ସାନ ଝିଅକୁ କହିଲା, ଗତକାଲି ରାତିରେ ମୁଁ ବାପାଙ୍କ ସହିତ ଶୟନ କଲି । ଏଣୁ ଆସ, ଆଜି ରାତିରେ ମଧ୍ୟ ଆମେ ବାପାଙ୍କୁ ଅଙ୍ଗୁର ମଦ ପିଇବାକୁ ଦେବା ଓ ତୁମେ ଯାଇ ବାପାଙ୍କ ସହିତ ଶୟନ କରିବ ଯେପରି ଆମେ ଆମ ବାପାଙ୍କ ଦ୍ୱାରା ବଂଶ ରକ୍ଷାକରି ପାରିବା ।

[35]ତେଣୁ ସେମାନେ ସେହି ରାତିରେ ମଧ୍ୟ ନିଜ ବାପାକୁ ଅଙ୍ଗୁର ମଦ ପିଇବାକୁ ଦେଲେ ଓ ସାନ ଝିଅ ଯାଇ ନିଜ ବାପା ଲୋଟଙ୍କ ସହିତ ଶୟନ କଲା । ମାତ୍ର ନିଜ ଝିଅ ଲୋଟ ସହିତ ଶୟନ କରିବାର ଓ ଉଠି ଚାଲି ଯିବାର ଲୋଟ ଜାଣି ପାରିଲେ ନାହିଁ ।

[36]ଏହି ରୂପେ ଲୋଟଙ୍କର ଦୁଇ ଝିଅ ନିଜ ବାପାଙ୍କ ଦ୍ୱାରା ଗର୍ଭବତୀ ହେଲେ ।

[37]ଏହାପରେ, ବଡ଼ ଝିଅ ଏକ ପୁଅ ଜନ୍ମ କରି, ତାର ନାମ ମୋୟାବ[y] ରଖିଲା । ସେ ମୋୟାବ ଜାତିର ଲୋକମାନଙ୍କର ଆଦିପିତା ।

[38]ପୁଣି ସାନ ଝିଅ ମଧ୍ୟ ଏକ ପୁଅ ଜନ୍ମ କରି ତାର ନାମ ବିନ୍-ଅମ୍ମି[z] ରଖିଲା । ସେ ଅମ୍ମୋନ ଜାତିର ଲୋକମାନଙ୍କର ଆଦିପିତା ।

---

[y]**19.37** ମୋ ପିତାଙ୍କଠାରୁ ଜନ୍ମ

[z]**19.38** ମୋ ଲୋକର ପୁତ୍ର

# 20

## ଅବ୍ରାହାମ ଓ ଅବିମେଲକ

[1]ପରେ ଅବ୍ରାହାମ ଦକ୍ଷିଣ ଦିଗରେ ଥିବା ସମତଳ ଅଞ୍ଚଳକୁ ଗଲେ ପୁଣି କାଦେଶ ଓ ଶୂର ଅଞ୍ଚଳ ମଝିରେ କିଛି ଦିନ ବାସକଲେ । ଏହାପରେ ସେ ଗରାର ଅଞ୍ଚଳକୁ ଯାଇ ସେଠାରେ କିଛି କାଳ ବାସକଲେ ।

[2]ସେଠାରେ ଅବ୍ରାହାମ ସାରାଙ୍କ ବିଷୟରେ କହିଲେ, ସେ ହେଉଛନ୍ତି ମୋର ଭଉଣୀ । ପୁଣି ଗରାର୍ ଦେଶର ରାଜା ଅବିମେଲକ ଲୋକ ପଠାଇ ସାରାଙ୍କୁ ନେଇଗଲେ ।

[3]କିନ୍ତୁ ପରମେଶ୍ୱର ରାତିରେ ସ୍ୱପ୍ନରେ ଅବିମେଲକଙ୍କୁ କହିଲେ, ଯେଉଁ ସ୍ତ୍ରୀଲୋକକୁ ତୁମେ ନେଇ ଯାଇଅଛ, ତାର ସ୍ୱାମୀ ଅଛି । ତାଙ୍କୁ ତୁମେ ନେଇ ଯାଇଥିବାରୁ ତୁମେ ମୃତ୍ୟୁ ମୁଖରେ ଅଛ ।

[4]ମାତ୍ର ଅବିମେଲକ ସାରାଙ୍କ ସହିତ ଶୟନ କରି ନ ଥିଲେ । ଏଣୁ ସେ କହିଲେ, ହେ ପ୍ରଭୁ, ଯେଉଁ ଲୋକ ନିର୍ଦ୍ଦୋଷ ତାକୁ କି ଆପଣ ମାରିଦେବେ ?

[5]ସେହି ବ୍ୟକ୍ତି ନିଜେ କି ମୋତେ କହି ନ ଥିଲେ, ସେ ମୋର ଭଉଣୀ ? ପୁଣି ସେହି ସ୍ତ୍ରୀଲୋକ ନିଜେ କି କହିଲେ ନାହିଁ, ସେ ମୋର ଭାଇ ? ଏଣୁ, ମୁଁ ସରଳ ମନରେ ଏହା କରିଥିବାରୁ, ମୁଁ ନିର୍ଦ୍ଦୋଷ ।

[6]ଏହାପରେ ପରମେଶ୍ୱର ତାଙ୍କୁ ସ୍ୱପ୍ନରେ କହିଲେ, ଆମ୍ଭେ ଜାଣୁ ଯେ, ତୁମେ ସରଳ ମନରେ ଏହା କରିଅଛ । ସେଥିପାଇଁ ଆମ୍ଭେ ତୁମକୁ ଆମ୍ଭ ବିରୁଦ୍ଧରେ ପାପ କରିବାରୁ ଅଟକାଇଲୁ । ଏଣୁ ଏହି ସ୍ତ୍ରୀଲୋକକୁ ଛୁଇଁବାକୁ ଆମ୍ଭେ ତୁମକୁ ଦେଲୁ ନାହିଁ ।

[7]ଏବେ ସେହି ସ୍ତ୍ରୀଲୋକକୁ ତାହାର ସ୍ୱାମୀକୁ ଫେରାଇ ଦିଅ । ତାହାର ସ୍ୱାମୀ ତୁମ ନିମନ୍ତେ ପ୍ରାର୍ଥନା କରିବ ଓ ତୁମେ ବଞ୍ଚିବ, କାରଣ ସେ ଜଣେ ଭାବବାଦୀ । ମାତ୍ର ତୁମେ ଯେବେ ସେହି ବ୍ୟକ୍ତିକୁ ତାହାର ସ୍ତ୍ରୀ ଫେରାଇ ଦେବ ନାହିଁ, ତେବେ, ତୁମେ ଓ ତୁମର ସମସ୍ତ ଲୋକ ନିଶ୍ଚୟ ମରିବ ।

[8]ଏଣୁ ଅବିମେଲକ ଅତି ସକାଳେ ଉଠି ନିଜର ଦାସମାନଙ୍କୁ ଡାକିଲେ ଓ ସେହି ସମସ୍ତ ବିଷୟ ସେମାନଙ୍କୁ ଜଣାଇଲେ । ପୁଣି ସେମାନେ ଏସମସ୍ତ ଘଟଣା ଶୁଣି ଅତିଶୟ ଭୟକଲେ ।

[9]ପୁଣି ଅବିମେଲକ ଅବ୍ରାହାମଙ୍କୁ ଡାକି କହିଲେ, ଆପଣ କାହିଁକି ଆମ୍ଭମାନଙ୍କ ପ୍ରତି ଏପରି ବ୍ୟବହାର କଲେ ? ମୁଁ ଆପଣଙ୍କ ବିରୁଦ୍ଧରେ ଏପରି କଅଣ ଅପରାଧ କରିଥିଲି ଯେ, ଆପଣ ମୋତେ ଓ ମୋ ଦେଶକୁ ଏତେ ବଡ଼ ପାପ କରାଇଲେ ? ଯାହା କରିବା କଦାପି ଉଚିତ୍ ନୁହେଁ ତାହା ଆପଣ ଆମ୍ଭ ପ୍ରତି କଲେ ।

[10]ଅବିମେଲକ ଆହୁରି ଅବ୍ରାହାମଙ୍କୁ କହିଲେ, ଆପଣ ଏପରି କରିବାର କାରଣ କଅଣ ?

[11]ଅବ୍ରାହାମ ଉତ୍ତର ଦେଲେ, ମୁଁ ଭାବିଲି, ଏହି ଦେଶର ଲୋକମାନେ ପରମେଶ୍ୱରଙ୍କୁ କିଛି ଭୟ କରନ୍ତି ନାହିଁ, ଏଣୁ ଏମାନେ ମୋ ସ୍ତ୍ରୀଙ୍କୁ ପାଇବା ପାଇଁ

ମୋତେ ଜୀବନରେ ମାରିଦେବେ । [12]ହଁ ଏ କଥା ସତ ଯେ, ସେ ମୋହର ଭଉଣୀ । ଆମ ଦୁଇ ଜଣଙ୍କର ବାପା ଜଣେ, ମାତ୍ର ଆମର ମାଆମାନେ ଅଲଗା ଅଲଗା । ପୁଣି ମୁଁ ତାହାକୁ ବିବାହ କଲି ।

[13]ଯେତେବେଳେ ପରମେଶ୍ୱର ମୋତେ ମୋର ବାପାଙ୍କ ଗୃହ ଛାଡ଼ି ଚାଲି ଆସିବାକୁ କହିଲେ, ସେତେବେଳେ ମୁଁ ତାଙ୍କୁ କହିଲି, ଆମେ ଯେଉଁ ଯେଉଁ ସ୍ଥାନକୁ ଯିବା, ତୁମେ ଦୟାକରି ସେହି ସବୁସ୍ଥାନରେ ମୋ ବିଷୟରେ ସେ ମୋର ଭାଇ ବୋଲି କହିବ ।

[14]ଏହାପରେ ଅବିମେଲକ କିଛି ମେଷ, ଗୋରୁ ଏବଂ ଦାସଦାସୀଙ୍କୁ ନେଇ ଅବ୍ରାହାମଙ୍କୁ ଦେଲେ ପୁଣି ତାଙ୍କ ସ୍ତ୍ରୀ ସାରାଙ୍କୁ ମଧ୍ୟ ଫେରାଇ ଦେଲେ ।

[15]ପୁଣି ଅବିମେଲକ ଅବ୍ରାହାମଙ୍କୁ କହିଲେ, ଦେଖନ୍ତୁ, ମୋର ସାରା ଦେଶ ଆପଣଙ୍କ ଆଗରେ ଅଛି, ଆପଣ ଯେଉଁଠାରେ ଇଚ୍ଛା କରନ୍ତି, ସେଠାରେ ବାସ କରନ୍ତୁ ।

[16]ପୁଣି ସେ ସାରାଙ୍କୁ କହିଲେ, ଦେଖ, ମୁଁ ସମସ୍ତଙ୍କ ଆଗରେ ତୁମ ଭାଇଙ୍କୁ ଏକ ହଜାର ରୂପା ଟଙ୍କା ଦେଉଅଛି । ଯେଉଁମାନେ ତୁମ ସହିତ ଅଛନ୍ତି, ସେମାନଙ୍କ ଆଗରେ ଏହା ତୁମେ ନିର୍ଦ୍ଦୋଷ ହେବାର ଚିହ୍ନ ଅଟେ । ଏବେ ସମସ୍ତେ ଜାଣିବେ ଯେ, ତୁମେ କୌଣସି ଭୁଲ କରି ନାହଁ ।

[17]ଏହାପରେ ଅବ୍ରାହାମ ଅବିମେଲକଙ୍କ ପାଇଁ ପ୍ରାର୍ଥନା କଲେ, ପୁଣି ପରମେଶ୍ୱର ଅବିମେଲକ, ତାଙ୍କ ସ୍ତ୍ରୀ ଓ ତାଙ୍କ ଦାସୀମାନଙ୍କୁ ସୁସ୍ଥ କଲେ, ଏଣୁ
ସେମାନେ ସନ୍ତାନସନ୍ତତି ଜନ୍ମ କରି ପାରିଲେ । [18]କାରଣ ଅବିମେଲକ ଅବ୍ରାହାମଙ୍କ ସ୍ତ୍ରୀ ସାରାଙ୍କୁ ନେଇ ଯାଇଥିବାରୁ, ଯିହୋବା ପ୍ରଭୁ ଅବିମେଲକଙ୍କ ଗୃହର ସମସ୍ତ ସ୍ତ୍ରୀଲୋକଙ୍କର ଗର୍ଭ ବନ୍ଦ କରି ଦେଇଥିଲେ ।

# 21

## ଇସ୍‌ହାକଙ୍କ ଜନ୍ମ

[1]ଯିହୋବା ପ୍ରଭୁ ଯେପରି କହିଥିଲେ, ସେପରି ସାରାଙ୍କୁ ଆଶୀର୍ବାଦ କଲେ, ପୁଣି ଯିହୋବା ପ୍ରଭୁଙ୍କ କଥା ଅନୁସାରେ ସାରାଙ୍କ ପ୍ରତି ଘଟିଲା ।

[2]ଅବ୍ରାହାମଙ୍କ ବୃଦ୍ଧ ଅବସ୍ଥାରେ ସାରା ଗର୍ଭଧାରଣ କଲେ ଓ ଅବ୍ରାହାମଙ୍କ ପାଇଁ ଏକ ପୁଅ ଜନ୍ମକଲେ । ପରମେଶ୍ୱର ଯେଉଁ ସମୟରେ ଅବ୍ରାହାମଙ୍କର ପୁଅ ଜନ୍ମ ହେବ ବୋଲି କହିଥିଲେ ସେହି ସମୟରେ ପୁଅଟି ଜନ୍ମ ହେଲା ।

[3]ପୁଣି, ଅବ୍ରାହାମ ତାଙ୍କ ସ୍ତ୍ରୀ ସାରା ଜନ୍ମ କରିଥିବା ନିଜ ପୁଅର ନାମ ଇସ୍‌ହାକ[a] ରଖିଲେ ।

[4]ପରମେଶ୍ୱର ଅବ୍ରାହାମଙ୍କୁ ଯେପରି ଆଜ୍ଞା ଦେଇଥିଲେ, ସେପରି ଅବ୍ରାହାମ ଇସ୍‌ହାକଙ୍କର ଜନ୍ମର ଆଠ ଦିନରେ ତାଙ୍କୁ ସୁନ୍ନତ[b] କଲେ ।

[5]ଅବ୍ରାହାମଙ୍କ ଶହେ ବର୍ଷ ବୟସରେ ତାଙ୍କର ପୁଅ ଇସ୍‌ହାକ ଜନ୍ମ ହେଲେ ।

[6]ଇସ୍‌ହାକ ଜନ୍ମ ହେବା ପରେ, ସାରା କହିଲେ, ପରମେଶ୍ୱର ମୋ ମୁହଁରେ ହସ ଦେଲେ । ପୁଣି ମୋର ପୁଅ ଜନ୍ମ ହେବା କଥା ଶୁଣି ସମସ୍ତେ ମୋ ସହିତ ମିଶି ହସିବେ ।

[7]ସାରା ଆହୁରି କହିଲେ, ମୁଁ ଯେ ଦିନେ ଏକ ସନ୍ତାନ ଜନ୍ମ କରି କ୍ଷୀର ଖୁଆଇବି, ଏହି କଥା ମୋ ସ୍ୱାମୀ ଅବ୍ରାହାମଙ୍କୁ କିଏ କହି ପାରିଥାଆନ୍ତା ? ତଥାପି, ମୁଁ ତାଙ୍କର ବୃଦ୍ଧ ଅବସ୍ଥାରେ ତାଙ୍କ ନିମନ୍ତେ ଏକ ପୁଅ ଜନ୍ମ କରିଅଛି ।

## ଅବ୍ରାହାମ ହାଗାର ଓ ଇଶ୍ମାଏଲକୁ ଘରୁ ବାହାରକଲେ

[8]ଇସ୍‌ହାକ ବଡ଼ ହେବାରୁ ସାରା ତାଙ୍କୁ କ୍ଷୀର ଖୁଆଇବା ଛଡ଼ାଇଲେ, ପୁଣି ସେହିଦିନ ଅବ୍ରାହାମ ଏକ ବଡ଼ ଭୋଜି କଲେ ।

[9]ଦିନେ, ସାରା ଦେଖିଲେ ଯେ, ଅବ୍ରାହାମଙ୍କ ପାଇଁ ତାଙ୍କର ମିସର ଦେଶର ଦାସୀ ହାଗାର ଜନ୍ମ କରିଥିବା ପୁଅ ଇଶ୍ମାଏଲ ଇସ୍‌ହାକଙ୍କୁ ପରିହାସ କରୁଅଛି ।

[10]ତେଣୁ ସାରା ଅବ୍ରାହାମଙ୍କୁ କହିଲେ, ତୁମେ ଏହି ଦାସୀ ଓ ତାହାର ପୁଅକୁ ଆମ ଘରୁ ବାହାରକର । କାରଣ, ମୋର ପୁଅ ଇସ୍‌ହାକ ସହିତ ଏହି ଦାସୀର ପୁଅ, ଆମର ଉତ୍ତରାଧିକାରୀ[c] ନ ହେଉ ।

[11]ଇଶ୍ମାଏଲ ମଧ୍ୟ ତାଙ୍କ ପୁଅ ହୋଇଥିବାରୁ ଏହି କଥାରେ ଅବ୍ରାହାମ ବହୁତ ଦୁଃଖ କଲେ ।

---

[a] **21.3** ହସ

[b] **21.4** ଲିଙ୍ଗ ଆଗର ଚମଡ଼ା କାଟିବା, ଏହାପରେ ଯିହୁଦୀମାନଙ୍କ ନିମନ୍ତେ ନିୟମ ହେଲା

[c] **21.10** ଯିଏ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ତାଙ୍କର ଧନସମ୍ପତ୍ତି ଓ ସବୁ ବିଷୟ ଭୋଗ କରିଥାଏ

12 ମାତ୍ର ପରମେଶ୍ୱର ଅବ୍ରାହାମଙ୍କୁ କହିଲେ, ତୁମେ ତୁମର ପୁଅ ଇଶ୍ମାଏଲ ଓ ତୁମର ଦାସୀ ନିମନ୍ତେ ଦୁଃଖ କର ନାହିଁ । ମାତ୍ର ସାରା ତୁମକୁ ଯାହା କହୁଅଛି, ତାହା ଶୁଣ ଓ ସେ ଅନୁସାରେ କର; କାରଣ ଇସ୍‌ହାକଠାରୁ ତୁମର ବଂଶ ଗଣାଯିବ ।

13 ପୁଣି ତୁମ ଦାସୀର ପୁଅଠାରୁ ମଧ୍ୟ ଆମ୍ଭେ ଏକ ଗୋଷ୍ଠୀ ଉତ୍ପନ୍ନ କରିବା, କାରଣ ସେ ତୁମର ପୁଅ ଅଟେ ।

14 ତହିଁଆର ଦିନ ସକାଳେ ଅବ୍ରାହାମ ଶୀଘ୍ର ଉଠିଲେ, ପୁଣି କିଛି ରୋଟୀ ଓ ପାଣି ଥିବା ଏକ ଚମଡ଼ାର କୁମ୍ପା ହାଗାରଙ୍କୁ କାନ୍ଧରେ ଧରାଇଲେ ଏବଂ ନିଜ ପୁଅକୁ ହାଗାରଙ୍କ ହାତରେ ଦେଇ ସେମାନଙ୍କୁ ଘରୁ ବାହାରକଲେ । ହାଗାର ସେଠାରୁ ଚାଲିଯାଇ ବେରଶେବା ପ୍ରାନ୍ତରରେ ଏଣେ ତେଣେ ବୁଲିଲେ ।

15 କୁମ୍ପାର ପାଣି ସରିଯିବାରୁ, ହାଗାର ପିଲାକୁ ଗୋଟିଏ ବୁଦାମୂଳରେ ଛାଡ଼ିଦେଲେ ।

16 ପୁଣି ନିଜେ କିଛି ଦୂର, ଅର୍ଥାତ୍‌, ଏକ ତୀର ଯେତେ ଦୂର ଯାଇ ପାରେ, ପ୍ରାୟ ସେତେ ଦୂର ଯାଇ ବସିଲେ ଓ କହିଲେ, ମୁଁ ବାଳକର ମରଣ ଦେଖି ପାରିବି ନାହିଁ, ପୁଣି ସେ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ ।

17 ପୁଣି ବାଳକ ମଧ୍ୟ କାନ୍ଦିବାରୁ ପରମେଶ୍ୱର ତାହା ଶୁଣିଲେ ଓ ପରମେଶ୍ୱରଙ୍କ ଦୂତ ସ୍ୱର୍ଗରୁ ହାଗାରଙ୍କୁ ଡାକି କହିଲେ, ଆଗୋ ହାଗାର, ତୁମର କଅଣ ଅସୁବିଧା ହୋଇଛି ? ତୁମେ ଭୟ କର ନାହିଁ, କାରଣ ବାଳକ ସେହିସ୍ଥାନରେ କାନ୍ଦିବାର ପରମେଶ୍ୱର ଶୁଣିଅଛନ୍ତି ।

18 ଏବେ ତୁମେ ଉଠ, ତୁମର ପୁଅ ନିକଟକୁ ଯାଇ ତାକୁ ଉଠାଅ ଓ ଶାନ୍ତ କର, କାରଣ ଆମ୍ଭେ ତାହାର ବଂଶଠାରୁ ଏକ ବଡ଼ ଗୋଷ୍ଠୀ ଜାତ କରିବା ।

19 ପୁଣି, ସେତେବେଳେ ପରମେଶ୍ୱର ହାଗାରଙ୍କ ଆଖି ଖୋଲିଦେଲେ ଓ ସେ ପାଣିରେ ପୂର୍ଣ୍ଣ ଏକ କୂଅ ଦେଖି ପାରିଲେ । ଆଉ ସେ କୂଅ ନିକଟକୁ ଯାଇ କୁମ୍ପାରେ ପାଣି ପୂର୍ଣ୍ଣ କରି ନେଇ ବାଳକକୁ ପିଇବାକୁ ଦେଲେ ।

20 ପରମେଶ୍ୱର ସେହି ବାଳକ ସହିତ ଥିଲେ, ପୁଣି ବାଳକ ସେହି ପ୍ରାନ୍ତରରେ ରହି ବଢ଼ିଲା ଓ ଧନୁ ବିଦ୍ୟାରେ ନିପୁଣ[d] ହେଲା ।

21 ସେ ପାରଣ ପ୍ରାନ୍ତରରେ ବାସକଲା, ପୁଣି ତାହାର ମାଆ ମିସର ଦେଶର ଏକ କନ୍ୟା ସହିତ ତାଙ୍କର ବିବାହ କଲେ ।

## ଅବ୍ରାହାମ ଓ ଅବିମେଲକ ନିୟମ କଲେ

22 ଅବ୍ରାହାମ ଗରାରରେ ବାସ କରୁଥିବା ସମୟରେ, ସେହି ସ୍ଥାନର ରାଜା ଅବିମେଲକ ଓ ତାଙ୍କର ସେନାପତି ଫୀଖୋଲ ଅବ୍ରାହାମଙ୍କ ନିକଟକୁ ଆସି କହିଲେ, ଆପଣ ଯେଉଁ ସମସ୍ତ କାମ କରୁଛନ୍ତି, ସେସମସ୍ତ କାମରେ ପରମେଶ୍ୱର ଆପଣଙ୍କ ସହିତ ଅଛନ୍ତି ।

23 ଏଣୁ, ଆପଣ ଏବେ ପରମେଶ୍ୱରଙ୍କ ନାମରେ ଶପଥକରି କୁହନ୍ତୁ ଯେ, ଆପଣ ମୋର, ମୋର ପୁଅଝିଅ କିମ୍ବା ମୋର ଆଗାମି ବଂଶଧରମାନଙ୍କୁ ଠକିବେ ନାହିଁ । ପୁଣି ମୁଁ ଯେପରି ଆପଣଙ୍କ ପ୍ରତି ଦୟା ଦେଖାଇଅଛି, ସେପରି ଆପଣ ମୋ ପ୍ରତି ଓ ଏବେ ଆପଣ ବିଦେଶୀ ରୂପେ ବାସ କରୁଥିବା ମୋର ଏହି ଦେଶ ପ୍ରତି ଦୟା ଦେଖାଇବେ ।

24 ଏଣୁ ଅବ୍ରାହାମ କହିଲେ, ମୁଁ ଶପଥ କରୁଅଛି ।

25 ତାପରେ ଅବିମେଲକଙ୍କ ଦାସମାନେ ତାଙ୍କର ଏକ କୂଅ ବଳରେ ଅଧିକାର କରିଥିବା ବିଷୟରେ ଅବ୍ରାହାମ ଅବିମେଲକଙ୍କ ନିକଟରେ ଅଭିଯୋଗ କଲେ ।

26 ଅବିମେଲକ କହିଲେ, ଏହି କାମ କିଏ କରିଅଛି, ତାହା ମୁଁ ଜାଣି ନାହିଁ । ଆପଣ ନିଜେ ମଧ୍ୟ ମୋତେ ଏହା ଜଣାଇ ନାହାନ୍ତି । ମୁଁ ଏ ବିଷୟରେ ଆଜି ଯାଏଁ ଶୁଣି ନ ଥିଲି ।

27 ଏଣୁ ଅବ୍ରାହାମ କିଛି ମେଣ୍ଢା ଓ ବଳଦ ଅବିମେଲକଙ୍କୁ ଦେଲେ, ପୁଣି ସେ ଦୁହେଁ ଏକ ନିୟମ କଲେ ।

---

[d] **21.20** ଭଲରେ ଜାଣିଥିବା ଲୋକ

[28]ଆଉ ଅବ୍ରାହାମ ନିଜ ପଲରୁ ସାତଟି ମେଣ୍ଢାଛୁଆ ଅଲଗା କରି ରଖିଲେ ।

[29]ଏହା ଦେଖି ଅବିମେଲକ ଅବ୍ରାହାମଙ୍କୁ ପଚାରିଲେ, ଆପଣ ଏହି ସାତଟି ମେଣ୍ଢାଛୁଆ ଅଲଗା କରି ରଖିବାର ଅର୍ଥ କଅଣ ?

[30]ଅବ୍ରାହାମ କହିଲେ, ମୁଁ ଯେ ଏହି କୂଅ ଖୋଳିଅଛି, ତାହାର ପ୍ରମାଣ ସ୍ୱରୂପେ ଆପଣ ମୋ ହାତରୁ ଏହି ସାତଟି ମେଣ୍ଢାଛୁଆ ଗ୍ରହଣ କରିବେ ।

[31]ଏଣୁ ସେହି ସ୍ଥାନର ନାମ ବେରଶେବା[a] ହେଲା, ଯେହେତୁ ସେଠାରେ ସେ ଦୁଇ ଜଣ ଶପଥ କଲେ ।

[32]ଏହିପରି ସେମାନେ ବେରଶେବାରେ ନିୟମ କରିବା ପରେ, ଅବିମେଲକ ଓ ତାଙ୍କର ସେନାପତି ଫୀଖୋଲ ଉଠି ନିଜ ଦେଶକୁ ଫେରିଗଲେ ।

[33]ଅବ୍ରାହାମ ସେହିସ୍ଥାନରେ ଏକ ଝାଉଁ ଗଛ ଲଗାଇଲେ ଓ ଅନାଦି ଅନନ୍ତ ପରମେଶ୍ୱର, ଯିହୋବା ପ୍ରଭୁଙ୍କ ନାମରେ ଉପାସନା କଲେ ।

[34]ପୁଣି ଅବ୍ରାହାମ ପଲେଷ୍ଟୀୟମାନଙ୍କ ସେହି ଦେଶରେ ବିଦେଶୀ ରୂପେ ଅନେକ ଦିନ ବାସକଲେ ।

# 22

## ପରମେଶ୍ୱର ଅବ୍ରାହାମଙ୍କୁ ପରୀକ୍ଷା କଲେ

[1]ଦିନେ, ପରମେଶ୍ୱର ଅବ୍ରାହାମଙ୍କୁ ପରୀକ୍ଷା କଲେ: ସେ ତାଙ୍କୁ ଡାକିଲେ, ହେ ଅବ୍ରାହାମ ! ଅବ୍ରାହାମ ଉତ୍ତର ଦେଲେ, ପ୍ରଭୁ, କୁହନ୍ତୁ, ମୁଁ ଶୁଣୁଅଛି ।

[2]ପରମେଶ୍ୱର କହିଲେ, ଏବେ ତୁମେ ତୁମର ପୁଅକୁ, ତୁମର ଏକ ମାତ୍ର ପୁଅକୁ, ଯାହାକୁ ତୁମେ ପ୍ରେମ କର, ସେହି ଇସ୍‌ହାକକୁ ନେଇ ମୋରିଆ ଦେଶକୁ
ଯାଅ, ପୁଣି ସେହି ଦେଶରେ ଆମ୍ଭେ ତୁମକୁ ଯେଉଁ ପର୍ବତ କହିବା ସେହି ପର୍ବତ ଉପରେ ତାହାକୁ ହୋମବଳି ରୂପେ ଉତ୍ସର୍ଗ କର ।

[3]ତହିଁଆର ଦିନ ଅତି ସକାଳେ ଅବ୍ରାହାମ ଉଠିଲେ, ହୋମବଳି ନିମନ୍ତେ କାଠ କାଟିଲେ ଓ ଗଧ ସଜାଇଲେ; ପୁଣି, ନିଜର ଦୁଇ ଦାସ ଓ ନିଜ ପୁଅ
ଇସ୍‌ହାକକୁ ନେଇ ପରମେଶ୍ୱର କହିଥିବା ସେହିସ୍ଥାନକୁ ଯିବାକୁ ବାହାରିଲେ ।

[4]ତୃତୀୟ ଦିନରେ ଅବ୍ରାହାମ ପରମେଶ୍ୱର କହିଥିବା ସେହି ସ୍ଥାନ ଦୂରରୁ ଦେଖିଲେ ।

[5]ଏହାପରେ ଅବ୍ରାହାମ ନିଜର ଦାସମାନଙ୍କୁ କହିଲେ, ତୁମ୍ଭେମାନେ ଗଧ ସହିତ ଏହି ସ୍ଥାନରେ ଥାଅ, ମୁଁ ଓ ମୋର ପୁଅ ସେହିସ୍ଥାନକୁ ଯାଇ
ପରମେଶ୍ୱରଙ୍କର ଉପାସନା କରି ତୁମ୍ଭମାନଙ୍କ ନିକଟକୁ ଫେରି ଆସିବୁ ।

[6]ଏହାପରେ ଅବ୍ରାହାମ ନିଜ ପୁଅ ଇସ୍‌ହାକ କାନ୍ଧରେ ସେହି କାଠ ଧରାଇଲେ । ପୁଣି ସେ ନିଜେ ନିଆଁ ଓ କାତି ଧରିଲେ ଏବଂ ସେ ଦୁଇ ଜଣ ଏକାଠି
ସେହିସ୍ଥାନକୁ ଗଲେ ।

[7]ଇସ୍‌ହାକ ନିଜ ବାପାଙ୍କୁ ଡାକି କହିଲେ, ବାପା ? ଅବ୍ରାହାମ ଉତ୍ତର ଦେଲେ, କୁହ ପୁଅ, ମୁଁ ଶୁଣୁଅଛି । ଇସ୍‌ହାକ ତାଙ୍କୁ ପଚାରିଲେ, ବାପା, ଦେଖ, ଆମେ
ନିଆଁ ଓ କାଠ ଧରିଅଛୁ, ମାତ୍ର ହୋମବଳି ନିମନ୍ତେ ମେଣ୍ଢାଛୁଆ କାହିଁ ?

[8]ଅବ୍ରାହାମ କହିଲେ, ପୁଅ, ହୋମବଳି ପାଇଁ ପରମେଶ୍ୱର ନିଜେ ଆମ୍ଭମାନଙ୍କୁ ମେଣ୍ଢାଛୁଆ ଦେବେ । ପୁଣି ସେ ଦୁଇ ଜଣ ଏକାଠି ସେହିସ୍ଥାନକୁ ଗଲେ ।

[9]ଯେତେବେଳେ ସେମାନେ ପରମେଶ୍ୱର କହିଥିବା ସ୍ଥାନରେ ପହଞ୍ଚିଲେ, ଅବ୍ରାହାମ ସେଠାରେ ଏକ ଯଜ୍ଞବେଦି ତିଆରି କଲେ ଓ ତାହା ଉପରେ କାଠ
ସଜାଡ଼ି ରଖିଲେ, ପୁଣି ନିଜ ପୁଅ ଇସ୍‌ହାକକୁ ବାନ୍ଧି ଯଜ୍ଞବେଦିର କାଠ ଉପରେ ଶୁଆଇଲେ ।

[10]ଏହାପରେ ଅବ୍ରାହାମ ଇସ୍‌ହାକକୁ ବଳିଦେବା ପାଇଁ ହାତ ବଢ଼ାଇ କାତି ଧରିଲେ ।

---

[a]**21.31** ଶପଥ-କୂଅ

[11]କିନ୍ତୁ ଯିହୋବା ପ୍ରଭୁଙ୍କର ଦୂତ ସ୍ୱର୍ଗରୁ ଅବ୍ରାହାମଙ୍କୁ ଡାକି କହିଲେ, ହେ ଅବ୍ରାହାମ, ହେ ଅବ୍ରାହାମ ! ଅବ୍ରାହାମ କହିଲେ, ପ୍ରଭୁ, କୁହନ୍ତୁ, ମୁଁ ଶୁଣୁଅଛି ।

[12]ଦୂତ ତାଙ୍କୁ କହିଲେ, ତୁମେ ସେହି ବାଳକ ଉପରେ ହାତ ଦିଅ ନାହିଁ କିମ୍ବା ତାହାର କିଛି କ୍ଷତି କର ନାହିଁ । ତୁମେ ଆମ୍ଭଙ୍କୁ ତୁମର ପୁଅ, ତୁମର ଏକ ମାତ୍ର ପୁଅକୁ ଦେବାକୁ ମନା କଲ ନାହିଁ । ତାହା ଦେଖି, ଆମ୍ଭେ ଜାଣିଲୁ ଯେ, ପରମେଶ୍ୱରଙ୍କ ପ୍ରତି ତୁମର ଭୟ ଅଛି ।

[13]ତାପରେ ଅବ୍ରାହାମ ଅନାଇ ଦେଖିଲେ, ଗୋଟିଏ ଗହଳିଆ ବୁଦାରେ ଏକ ମେଣ୍ଢା ଶିଙ୍ଗରେ ଲାଗି ରହିଅଛି । ଏଣୁ ଅବ୍ରାହାମ ଯାଇ ସେହି ମେଣ୍ଢାକୁ ନେଇଆସିଲେ ଓ ନିଜ ପୁତ୍ର ଇସ୍‌ହାକ ବଦଳରେ ତାହା ହୋମବଳି ରୂପେ ଉତ୍ସର୍ଗ କଲେ ।

[14]ତେଣୁ ଅବ୍ରାହାମ ସେହି ସ୍ଥାନର ନାମ 'ଯିହୋବା-ଯିରି' ରଖିଲେ, ଯାହାର ଅର୍ଥ 'ଯିହୋବା ପ୍ରଭୁ ଯୋଗାଇବେ' । ତେଣୁ, ଲୋକମାନେ ଆଜି ଯାଏଁ କହନ୍ତି, ଯିହୋବା ପ୍ରଭୁ ତାହାଙ୍କ ପର୍ବତରେ ଯୋଗାଇବେ ।

[15]ଆଉ ଯିହୋବା ପ୍ରଭୁଙ୍କ ଦୂତ ଦ୍ୱିତୀୟ ଥର ସ୍ୱର୍ଗରୁ ଅବ୍ରାହାମଙ୍କୁ ଡାକି କହିଲେ,

[16]ହେ ଅବ୍ରାହାମ, ଯିହୋବା ପ୍ରଭୁ କହୁଛନ୍ତି, ତୁମେ ଆମ୍ଭର ବାକ୍ୟ ପାଳନ କଲ ଓ ଆମ୍ଭଙ୍କୁ ତୁମର ନିଜର ପୁଅ, ତୁମର ଏକ ମାତ୍ର ପୁଅକୁ ମଧ୍ୟ ଦେବାକୁ ମନା କଲ ନାହିଁ ।

[17]ତେଣୁ ଆମ୍ଭେ ତୁମକୁ ଅବଶ୍ୟ ଆଶୀର୍ବାଦ କରିବା ଓ ଆକାଶର ତାରାଗଣ ଓ ସମୁଦ୍ର କୂଳର ବାଲି ପରି ତୁମର ବଂଶ ବୃଦ୍ଧି କରିବା । ପୁଣି ତୁମ ବଂଶଧରମାନେ ସେମାନଙ୍କ ଶତ୍ରୁମାନଙ୍କର ନଗରସବୁ ଅଧିକାର କରିବେ ।

[18]ପୁଣି ତୁମର ବଂଶ ଦେଇ ପୃଥିବୀର ସବୁ ଜାତି ଆଶୀର୍ବାଦ ପାଇବେ, କାରଣ ତୁମେ ଆମ୍ଭର ବାକ୍ୟ ପାଳନ କଲ ।

[19]ଏହାପରେ ଅବ୍ରାହାମ ନିଜର ଦାସମାନଙ୍କ ନିକଟକୁ ଫେରିଲେ, ଆଉ ସେମାନେ ଉଠି ବେରଶେବା ଅଞ୍ଚଳକୁ ଫେରିଆସିଲେ ଓ ଅବ୍ରାହାମ ସେଠାରେ ବାସକଲେ ।

[20]ଏହି ସମସ୍ତ ଘଟଣା ପରେ, ଅବ୍ରାହାମଙ୍କୁ ଜଣେ ସମ୍ବାଦ ଦେଲା, ଆପଣଙ୍କ ଭାଇ ନାହୋରଙ୍କ ସ୍ତ୍ରୀ ମିଲ୍‌କା ମଧ୍ୟ ତାଙ୍କ ନିମନ୍ତେ ପୁଅମାନଙ୍କୁ ଜନ୍ମ କରିଅଛି ।

[21]ନାହୋରଙ୍କ ସେହି ପୁଅମାନଙ୍କ ମଧ୍ୟରୁ ଜ୍ୟେଷ୍ଠ ପୁଅର ନାମ, ଊଷ, ତାପରେ ବୂଷ ଓ କମୂୟେଲ, ଯିଏ ଅରାମର ବାପା । [22]ପୁଣି ତାଙ୍କ ପରେ କେଷଦ, ହସୋ, ପିଲଦାଶ, ଯିଦ୍‌ଲଫ ଓ ବଥୂୟେଲ ।

[23]ବଥୂୟେଲଙ୍କ ଝିଅର ନାମ ରିବିକା । ମିଲ୍‌କା ଅବ୍ରାହାମଙ୍କର ଭାଇ ନାହୋରଙ୍କ ପାଇଁ ଏହି ଆଠ ଜଣ ପୁଅଙ୍କୁ ଜନ୍ମ କରିଥିଲେ ।

[24]ପୁଣି ନାହୋରଙ୍କ ଉପପତ୍ନୀ ରୁମାଙ୍କଠାରୁ ଟେବହ, ଗହମ୍, ତହଶ ଓ ମାଖା ଜନ୍ମ ହୋଇଥିଲେ ।

# 23

## ସାରାଙ୍କର ମୃତ୍ୟୁ ଓ ସମାଧି

[1]ସାରା ଏକଶ ସତାଇଶ ବର୍ଷ ବଞ୍ଚିଲେ । ସାରାଙ୍କର ଜୀବନକାଳ ଏତିକି ବର୍ଷ ।

[2]ସେ କିଣାନ ଦେଶର କିରିୟଥ-ଅର୍ବରେ, ଯାହାକୁ ହିବ୍ରୋଣ କୁହାଯାଏ, ସେଠାରେ ମୃତ୍ୟୁବରଣ କଲେ । ପୁଣି ଅବ୍ରାହାମ ଭିତରକୁ ଯାଇ ସାରାଙ୍କ ପାଇଁ ଶୋକ କଲେ ଓ କାନ୍ଦିଲେ ।

[3]ଏହାପରେ ଅବ୍ରାହାମ ନିଜର ମୃତା ସ୍ତ୍ରୀଙ୍କ ନିକଟରୁ ଉଠିଲେ ଓ ହିତ୍ତ ବଂଶର ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କୁ କହିଲେ,

[4]ମୁଁ ଆପଣମାନଙ୍କ ମଧ୍ୟରେ ଜଣେ ବିଦେଶୀ ଓ ଅପରିଚିତ ଲୋକ । ସମାଧି ସ୍ଥାନ କରିବାକୁ ମୋତେ ଖଣ୍ଡିଏ ଜମି ଦିଅନ୍ତୁ, ଯେପରି ମୋ ପରିବାରରେ

କେହି ମୃତ୍ୟୁବରଣ କଲେ ମୁଁ ତାଙ୍କୁ ସେଠାରେ ସମାଧି ଦେଇ ପାରିବି ।

[5]ହିତ୍ତ ବଂଶର ଲୋକମାନେ ଅବ୍ରାହାମଙ୍କୁ ଉତ୍ତର ଦେଲେ,

[6]ହେ ପ୍ରଭୁ, ଆମ୍ଭମାନଙ୍କ କଥା ଶୁଣନ୍ତୁ, ଆପଣ ଆମ୍ଭମାନଙ୍କ ମଧ୍ୟରେ ଜଣେ ସମ୍ମାନୀୟ ରାଜା ପରି । ଆପଣ ଆମ୍ଭମାନଙ୍କର ସମାଧି ଗୁମ୍ଫାଗୁଡ଼ିକ ମଧ୍ୟରୁ ଏକ ଭଲ ଗୁମ୍ଫାରେ ନିଜର ମୃତା ସ୍ତ୍ରୀଙ୍କୁ ସମାଧି ଦିଅନ୍ତୁ । ଆମ୍ଭମାନଙ୍କ ମଧ୍ୟରୁ କେହି ତାଙ୍କର ସମାଧି ଗୁମ୍ଫାରେ ଆପଣଙ୍କର ସ୍ତ୍ରୀଙ୍କୁ ସମାଧି ଦେବାକୁ ମନା କରିବ ନାହିଁ ।

[7]ଏହାପରେ ଅବ୍ରାହାମ ଉଠି ହିତ୍ତ ବଂଶର ଲୋକମାନଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରି କହିଲେ,

[8]ଆପଣମାନେ ମୋ ସ୍ତ୍ରୀଙ୍କୁ ଏଠାରେ ସମାଧି ଦେବାରେ ମୋତେ ସାହାଯ୍ୟ କରିବାକୁ ଇଛା କରୁଥିବାରୁ, ଦୟାକରି, ମୋ ନିମନ୍ତେ ସୋହରର ପୁଅ ଇଫ୍ରୋଣଙ୍କୁ ଅନୁରୋଧ କରନ୍ତୁ ।

[9]ସେ ମକ୍‌ପେଲାରେ ଥିବା ତାଙ୍କ କ୍ଷେତର ଶେଷ ଭାଗରେ ଥିବା ଗୁମ୍ଫାର ସମ୍ପୂର୍ଣ୍ଣ ମୂଲ୍ୟ ନେଇ ସମାଧି ସ୍ଥାନ ରୂପେ ଆପଣମାନଙ୍କ ଆଗରେ ମୋତେ ଦିଅନ୍ତୁ ।

[10]ସେତେବେଳେ ହିତ୍ତ ବଂଶର ଲୋକମାନଙ୍କ ମଧ୍ୟରେ ସୋହରର ପୁଅ ଇଫ୍ରୋଣ ବସିଥିଲେ । ସେ ହିତ୍ତ ବଂଶର ଲୋକ ଓ ଯେଉଁମାନେ ତାହାଙ୍କ ନଗର ଦ୍ୱାରକୁ ଆସିଥିଲେ ସେମାନଙ୍କ ସାକ୍ଷାତରେ ଅବ୍ରାହାମଙ୍କୁ କହିଲେ,

[11]ହେ ପ୍ରଭୁ, ସେପରି କୁହନ୍ତୁ ନାହିଁ, ମାତ୍ର ଦୟାକରି ମୋ କଥା ଶୁଣନ୍ତୁ । ମୁଁ ଆପଣଙ୍କୁ ସେହି ସ୍ଥାନ ଓ ସେଥିରେ ଥିବା ଗୁମ୍ଫା ଦେଉଅଛି । ମୁଁ ମୋର ଏହି ଲୋକମାନଙ୍କ ସାକ୍ଷାତରେ ସେସବୁ ଆପଣଙ୍କୁ ଦେଉଅଛି । ଆପଣ ନିଜ ସ୍ତ୍ରୀଙ୍କୁ ସେଠାରେ ସମାଧି ଦିଅନ୍ତୁ ।

[12]ତହିଁରେ ଅବ୍ରାହାମ ସେହି ହିତ୍ତ ବଂଶର ଲୋକମାନଙ୍କୁ ପୁଣି ଥରେ ମୁଣ୍ଡ ନୁଆଁଇ ପ୍ରଣାମ କଲେ ।

[13]ପୁଣି ସେଠାରେ ଥିବା ସମସ୍ତଙ୍କ ସାକ୍ଷାତରେ ସେ ଇଫ୍ରୋଣଙ୍କୁ କହିଲେ, ଯଦି ଆପଣ ତାହା ମୋତେ ଦେଉଛନ୍ତି, ତେବେ, ଦୟାକରି ମୋ କଥା ଶୁଣନ୍ତୁ, ମୁଁ ସେହି କ୍ଷେତର ମୂଲ୍ୟ ଦେଉଅଛି । ଆପଣ ତାହା ଗ୍ରହଣ କରନ୍ତୁ, ଯେପରି ମୋ ପରିବାରରେ କେହି ମୃତ୍ୟୁବରଣ କଲେ ମୁଁ ତାଙ୍କୁ ସେଠାରେ ସମାଧି ଦେଇ ପାରିବି ।

[14]ଇଫ୍ରୋଣ ଅବ୍ରାହାମଙ୍କୁ ଉତ୍ତର ଦେଲେ,

[15]ହେ ପ୍ରଭୁ, ମୋ କଥା ଶୁଣନ୍ତୁ, ସେହି ଭୂମି ଖଣ୍ଡକର ମୂଲ୍ୟ ମାତ୍ର ଚାରିଶ ରୂପା ଟଙ୍କା । ମାତ୍ର ଆପଣଙ୍କର ଓ ମୋର ବନ୍ଧୁ ସମ୍ପର୍କ ମଧ୍ୟରେ ଭୂମିର ମୂଲ୍ୟ କଅଣ ବଡ଼ କଥା ? ତେଣୁ ସେଠାରେ ନିଜର ସ୍ତ୍ରୀଙ୍କୁ ସମାଧି ଦିଅନ୍ତୁ ।

[16]ତେଣୁ ଅବ୍ରାହାମ ହିତ୍ତ ବଂଶର ଲୋକମାନଙ୍କ ଆଗରେ ଇଫ୍ରୋଣଙ୍କୁ ସେହି ଭୂମିର ମୂଲ୍ୟ ଦେବାକୁ ରାଜି ହେଲେ ଓ ସେହି ସମୟର ବଜାର ଦର ଅନୁସାରେ ଚାରିଶ ରୂପା ଖଣ୍ଡ ଓଜନ କରି ତାଙ୍କୁ ଦେଲେ ।

[17]ଅବ୍ରାହାମ ମମ୍ରି ନାମକ ସ୍ଥାନର ପୂର୍ବ ଦିଗର ମକ୍‌ପେଲାରେ ଥିବା ଇଫ୍ରୋଣଙ୍କ କ୍ଷେତ, ସେଥିରେ ଥିବା ଗୁମ୍ଫା ଓ ତାହାର ଚାରି ପାଖରେ ଥିବା ଗଛ ଓ ଭୂମି କିଣିଲେ ।

[18]ନଗର ଦ୍ୱାରକୁ ଆସିଥିବା ହିତ୍ତ ବଂଶର ଲୋକଙ୍କ ସାକ୍ଷାତରେ ଇଫ୍ରୋଣ ସେସବୁ ଅବ୍ରାହାମଙ୍କୁ ବିକିଲେ, ପୁଣି ସେହି ଦିନଠାରୁ ତାହା ସବୁଦିନ ପାଇଁ ଅବ୍ରାହାମଙ୍କର ହେଲା ।

[19]ଏହାପରେ ଅବ୍ରାହାମ କିଣାନ ଦେଶର ମମ୍ରି, ଯାହାକୁ ହିବ୍ରୋଣ ବୋଲି ମଧ୍ୟ କୁହାଯାଏ, ତାହାର ପୂର୍ବ ଦିଗର ମକ୍‌ପେଲାରେ ଥିବା କ୍ଷେତର ଗୁମ୍ଫାରେ ନିଜ ମୃତା ସ୍ତ୍ରୀ ସାରାଙ୍କୁ ସମାଧି ଦେଲେ ।

[20]ଏହିପରି ଅବ୍ରାହାମ ହିତ୍ତ ବଂଶର ଇଫ୍ରୋଣଙ୍କଠାରୁ ସେହି କ୍ଷେତ ଓ ସେଥିରେ ଥିବା ଗୁମ୍ଫାକୁ ସ୍ଥାୟୀ ସମାଧି ସ୍ଥାନ କରିବାକୁ କିଣିଲେ ଓ ସେହି ଦିନଠାରୁ ତାହା ସବୁଦିନ ପାଇଁ ତାଙ୍କର ହେଲା ।

# 24

## ଇସ୍‌ହାକଙ୍କ ବିବାହ

[1]ଯିହୋବା ପ୍ରଭୁ ସମସ୍ତ ବିଷୟରେ ଅବ୍ରାହାମଙ୍କୁ ଆଶୀର୍ବାଦ କରିଥିଲେ । ପୁଣି ଅବ୍ରାହାମ ବୃଦ୍ଧ ଓ ତାଙ୍କର ଅଧିକ ବୟସ ହୋଇଥିବାର ଜାଣି,

[2]ଦିନେ, ନିଜ ଘରର ସବୁ କାମ ବୁଝୁଥିବା ସବୁଠାରୁ ବୟସ୍କ ଦାସଙ୍କୁ ନିଜ ନିକଟକୁ ଡାକି କହିଲେ, ମୁଁ ବିନୟ କରୁଅଛି, ତୁମେ ମୋ ଜଙ୍ଘ ତଳେ ହାତ ରଖ ।

[3]ପୁଣି ତୁମେ ସ୍ୱର୍ଗ ଓ ମର୍ତ୍ତ୍ୟର ଯିହୋବା ପ୍ରଭୁ ପରମେଶ୍ୱରଙ୍କ ନାମରେ ଶପଥ କର । ଯେଉଁ କିଣାନ ଜାତିର ଲୋକମାନଙ୍କ ମଧ୍ୟରେ ମୁଁ ବାସ କରୁଅଛି,

ସେମାନଙ୍କ ମଧ୍ୟରୁ ତୁମେ କୌଣସି କନ୍ୟା ସହିତ ମୋ ପୁଅ ଇସ୍‌ହାକର ବିବାହ କରାଇବ ନାହିଁ । [4]କିନ୍ତୁ ମୋ ଜନ୍ମ ଦେଶକୁ, ମୋ କୁଟୁମ୍ବର ଲୋକମାନଙ୍କ
ନିକଟକୁ ଯାଅ, ପୁଣି ମୋ ପୁଅ ଇସ୍‌ହାକର ବିବାହ ପାଇଁ ସେଠାରୁ କନ୍ୟା ଆଣ ।

[5]ସେହି ଦାସ ତାଙ୍କୁ କହିଲେ, ଯଦି, ସେହି ଦେଶର କୌଣସି କନ୍ୟା ଆପଣଙ୍କ ପୁଅକୁ ବିବାହ କରିବା ନିମନ୍ତେ ମୋ ସହିତ ଏହି ଦେଶକୁ ଆସିବାକୁ ଇଚ୍ଛା କରିବ ନାହିଁ, ତେବେ ଯେଉଁ ଦେଶରୁ ଆପଣ ଆସିଛନ୍ତି, ସେହି ଦେଶକୁ ଆପଣଙ୍କ ପୁଅକୁ ନେଇଯିବି କି ?

[6]ଅବ୍ରାହାମ ତାଙ୍କୁ କହିଲେ, ସାବଧାନ, ତୁମେ ମୋ ପୁଅକୁ କଦାପି ସେହିସ୍ଥାନକୁ ନେବ ନାହିଁ । [7]ସ୍ୱର୍ଗର ଯିହୋବା ପ୍ରଭୁ, ସ୍ୱର୍ଗର ପରମେଶ୍ୱର ମୋତେ
ମୋର ପିତାଙ୍କ ଗୃହ ଓ ମୋର ସମ୍ପର୍କୀୟ ଲୋକମାନଙ୍କଠାରୁ ଏହି ଦେଶକୁ ଆଣିଅଛନ୍ତି ଓ ପୁଣି ମୋର ବଂଶଧରଙ୍କୁ ଏହି ଦେଶ ଦେବାକୁ ପ୍ରତିଜ୍ଞା କରି କହିଅଛନ୍ତି । ସେହି ପରମେଶ୍ୱର ଏବେ ତୁମ ଆଗେ ଆଗେ ନିଜର ଦୂତ ପଠାଇବେ, ଏବଂ ତୁମେ ମୋ ପୁଅର ବିବାହ ନିମନ୍ତେ ଏକ କନ୍ୟା ନେଇ ଆସିବ ।

[8]ଯେବେ ସେହି ଦେଶର କୌଣସି କନ୍ୟା ତୁମ ସହିତ ଆସିବାକୁ ଇଚ୍ଛା କରିବ ନାହିଁ, ତେବେ ତୁମେ ମୋର ଏହି ଶପଥରୁ ମୁକ୍ତ ହେବ, ମାତ୍ର ତୁମେ କୌଣସି ପ୍ରକାରେ ମୋ ପୁଅକୁ ସେହି ଦେଶକୁ ନେବ ନାହିଁ ।

[9]ତେଣୁ, ସେହି ଦାସ ନିଜ ପ୍ରଭୁ ଅବ୍ରାହାମଙ୍କ ଜଙ୍ଘ ତଳେ ହାତ ରଖିଲେ ଓ ତାଙ୍କ କହିବା ଅନୁସାରେ କରିବାକୁ ଶପଥ କଲେ ।

[10]ଏହାପରେ, ସେହି ଦାସ ନିଜ କର୍ତ୍ତାଙ୍କ ଓଟଗୁଡ଼ିକ ମଧ୍ୟରୁ ଦଶଟି ଓଟ ଓ ନିଜ କର୍ତ୍ତାଙ୍କଠାରୁ ବଛା ବଛା ଉପହାର ନେଇ କିଣାନ ଦେଶରୁ ବାହାରିଲେ ଓ ମେସପଟାମିଆ (ଅରାମ-ନହରୟିମ) ଦେଶରେ ଅବ୍ରାହାମଙ୍କ ଭାଇ ନାହୋର ବାସ କରୁଥିବା ନଗରରେ ପହଞ୍ଚିଲେ ।

[11]ସେଠାରେ ସେ ନଗର ବାହାରେ ଗୋଟିଏ କୂଅ ନିକଟରେ ଓଟମାନଙ୍କୁ ଆଣ୍ଠୋଇ ବସାଇଲେ । ସେତେବେଳେ ସନ୍ଧ୍ୟା ହୋଇ ଆସୁଥିଲା, ଯେଉଁ ସମୟରେ ନଗରର ସ୍ତ୍ରୀଲୋକମାନେ ପାଣି ଆଣିବାକୁ ଯାଆନ୍ତି ।

[12]ସେ ସେଠାରେ ପ୍ରାର୍ଥନା କଲେ, ହେ ଯିହୋବା ପ୍ରଭୁ, ମୋର କର୍ତ୍ତା ଅବ୍ରାହାମଙ୍କ ପରମେଶ୍ୱର, ବିନୟ କରୁଅଛି, ମୁଁ ଆଜି ଯେଉଁ ଉଦ୍ଦେଶ୍ୟରେ ଏହି

ସ୍ଥାନକୁ ଆସିଅଛି ତାହା ସଫଳ କର, ଆଉ ମୋ କର୍ତ୍ତା ଅବ୍ରାହାମଙ୍କ ପ୍ରତି ତୁମ୍ଭର ଦୟା ଦେଖାଅ । [13]ଦେଖ, ମୁଁ ଏହି କୂଅ ନିକଟରେ ଠିଆ ହେଉଅଛି, ପୁଣି

ଏହି ନଗରର ଯୁବତୀମାନେ ପାଣି ନେବାକୁ ଏଠାକୁ ଆସୁଛନ୍ତି । [14]ସେମାନଙ୍କ ମଧ୍ୟରୁ ମୁଁ ଯେଉଁ ଯୁବତୀଙ୍କୁ କହିବି, ତୁମେ ଦୟାକରି ମୋତେ ପାଣି ପିଇବାକୁ
ଦିଅ । ପୁଣି ଏହା ଶୁଣି ସେ ଯେବେ କହିବ, ହଁ, ପିଅନ୍ତୁ, ପୁଣି ମୁଁ ଆପଣଙ୍କର ଓଟମାନଙ୍କୁ ମଧ୍ୟ ପିଇବାକୁ ଦେବି । ତେବେ ସେ ତୁମ୍ଭ ଦାସ ଇସ୍‌ହାକ ନିମନ୍ତେ ତୁମ୍ଭେ ବାଛିଥିବା କନ୍ୟା ହେଉ ଓ ଏହା ଦ୍ୱାରା ତୁମ୍ଭେ ମୋ କର୍ତ୍ତାଙ୍କ ପ୍ରତି ଦୟା ଦେଖାଇଅଛ, ଏହା ମୁଁ ଜାଣିବି ।

[15]ତାଙ୍କର ପ୍ରାର୍ଥନା ସରିବା ଆଗରୁ ସେ ଦେଖିଲେ ଯେ, ବଥୂୟେଲଙ୍କ ଝିଅ ରିବିକା ମାଠିଆ ନେଇ କୂଅକୁ ଆସିଲେ । ଏହି ବଥୂୟେଲ, ଅବ୍ରାହାମଙ୍କର ଭାଇ ନାହୋରଙ୍କର ପୁଅ ।

[16]ରିବିକା ବହୁତ ସୁନ୍ଦରୀ ଥିଲେ ପୁଣି ସେ କୁମାରୀ ଥିଲେ ଓ କୌଣସି ପୁରୁଷ ତାଙ୍କୁ ଛୁଇଁ ନ ଥିଲା । ରିବିକା ପାହାଚ ଦେଇ କୂଅ ଭିତରକୁ ଗଲେ ଓ ମାଠିଆରେ ପାଣି ପୂର୍ଣ୍ଣ କରି ବାହାରି ଆସିଲେ ।

[17]ସେହି ସମୟରେ ସେହି ଦାସ ଶୀଘ୍ର ରିବିକା ନିକଟକୁ ଗଲେ ଓ ତାଙ୍କ ସଙ୍ଗେ ଦେଖା କରି କହିଲେ, ମୁଁ ବିନୟ କରୁଅଛି, ତୁମ ମାଠିଆରୁ ମୋତେ କିଛି

ପାଣି ପିଇବାକୁ ଦିଅ ।

18ରିବିକା କହିଲେ, ଆଜ୍ଞା, ପିଅନ୍ତୁ; ଏହା କହି ସେ ନିଜର ମାଠିଆ ଶୀଘ୍ର କାନ୍ଧରୁ ଓହ୍ଲାଇ ତାଙ୍କୁ ପିଇବାକୁ ଦେଲେ । 19ପୁଣି ରିବିକା ତାଙ୍କୁ ପାଣି ପିଇବାକୁ
ଦେବା ପରେ କହିଲେ, ଆପଣଙ୍କ ଓଟମାନେ ପିଇ ସାରିବା ଯାଏଁ ମୁଁ ସେମାନଙ୍କ ପାଇଁ କୂଅରୁ ପାଣି କାଢ଼ିଦେବି ।

20ତେଣୁ ରିବିକା ମାଠିଆରେ କୂଅରୁ ଶୀଘ୍ର ଶୀଘ୍ର ପାଣି କାଢ଼ିଆଣି ତାଙ୍କର ସବୁ ଓଟ ପାଇଁ କୁଣ୍ଡରେ ଢାଳିବାକୁ ଲାଗିଲେ ।

21ସେତେବେଳେ, ଯିହୋବା ପ୍ରଭୁ ତାଙ୍କ ଯାତ୍ରା ସଫଳ କରିଛନ୍ତି ନା ନାହିଁ ତାହା ଜାଣିବା ନିମନ୍ତେ ସେହି ଦାସ ନୀରବରେ ରିବିକାଙ୍କୁ ଅନାଇ ରହିଲେ ।

22ପୁଣି ଓଟମାନେ ପାଣି ପିଇବା ପରେ, ସେହି ଦାସ ଅଧ ତୁଳା ଓଜନର ସୁନାର ନଥ ଓ ଦଶ ତୁଳା ଓଜନର ସୁନା ଚୁଡ଼ି ବାହାରକରି, 23ରିବିକାଙ୍କୁ
ପଚାରିଲେ, ଦୟାକରି ମୋତେ କୁହ, ତୁମେ କାହାର ଝିଅ ? ଆମ୍ଭେମାନେ ରାତିରେ ରହିବାକୁ ତୁମ ପିତାଙ୍କ ଘରେ ଜାଗା ଅଛି କି ?

24ରିବିକା କହିଲେ, ମୁଁ ହେଉଛି ବଥୂୟେଲର ଝିଅ । ମୋର ଜେଜେ ବାପାଙ୍କ ନାମ ନାହୋର ଓ ଜେଜେମାଆଙ୍କ ନାମ ମିଲ୍‌କା । 25ଆମର ଯଥେଷ୍ଟ
ପାଳକୁଟା ଓ ଦାନା ଅଛି ପୁଣି ଆପଣମାନେ ରାତିରେ ରହିବାକୁ ମଧ୍ଯ ଜାଗା ଅଛି । (ଏହାପରେ ସେହି ଦାସ ସେହି ସୁନାର ନଥ ଓ ଚୁଡ଼ି ପିନ୍ଧିବାକୁ ରିବିକାଙ୍କୁ ଦେଲେ)

26ଏହାପରେ ସେହି ଦାସ ମୁଣ୍ଡ ନୁଆଁଇ ଯିହୋବା ପ୍ରଭୁଙ୍କୁ ପ୍ରଣାମ କରି କହିଲେ, 27ହେ ଯିହୋବା ପ୍ରଭୁ ମୋର କର୍ତ୍ତା ଅବ୍ରାହାମଙ୍କର ପରମେଶ୍ବର, ତୁମ୍ଭର
ପ୍ରଶଂସା ହେଉ । କାରଣ ତୁମ୍ଭେ ମୋ କର୍ତ୍ତା ପ୍ରତି ତୁମ୍ଭର ଦୟା ଓ ବିଶ୍ୱସ୍ତତା ପରିତ୍ୟାଗ କରି ନାହଁ । ସେହି କାରଣରୁ ତୁମ୍ଭେ ହେ ଯିହୋବା ପ୍ରଭୁ ମୋତେ ବାଟ କଢ଼ାଇ ମୋ କର୍ତ୍ତାଙ୍କ କୁଟୁମ୍ବ ଲୋକଙ୍କ ନିକଟକୁ ନେଇ ଆସିଅଛ ।

28ଏହାପରେ ସେହି ଯୁବତୀ ରିବିକା ଦୌଡ଼ିଗଲେ ଓ ଏ ସବୁକଥା ନିଜ ପରିବାରର ଲୋକଙ୍କୁ ଜଣାଇଲେ ।

29 30ରିବିକା ସେହି ବ୍ୟକ୍ତିଙ୍କ ବିଷୟରେ ଯାହା ଯାହା କହିଲେ, ସେହି ସବୁକଥା ତାଙ୍କ ଭାଇ ଲାବନ ଶୁଣିଲେ ଓ ସେହି ବ୍ୟକ୍ତି ରିବିକାଙ୍କୁ ଦେଇଥିବା ନଥ ଓ
ହାତର ଚୁଡ଼ି ଦେଖିଲେ । ଏଣୁ ଲାବନ ସେହି ବ୍ୟକ୍ତିଙ୍କ ନିକଟକୁ ଅତିଶୀଘ୍ର ଗଲେ । ସେହି ବ୍ୟକ୍ତି କୂଅ ପାଖରେ ନିଜର ଓଟଗୁଡ଼ିକ ସହିତ ଠିଆ ହୋଇଥିବାର
ଦେଖି ଲାବନ ତାଙ୍କୁ କହିଲେ, 31ହେ ଯିହୋବା ପ୍ରଭୁଙ୍କ ଆଶୀର୍ବାଦ ପାଇଥିବା ବ୍ୟକ୍ତି, ଆପଣ ବାହାରେ କାହିଁକି ଠିଆ ହୋଇଛନ୍ତି ? ଆମ ଘରକୁ ଆସନ୍ତୁ । ମୁଁ
ଆପଣଙ୍କ ନିମନ୍ତେ କୋଠରୀ ଓ ଆପଣଙ୍କର ଓଟଗୁଡ଼ିକ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିଅଛି ।

32ତେଣୁ ସେହି ବ୍ୟକ୍ତି ଲାବନଙ୍କ ସହିତ ତାଙ୍କ ଗୃହକୁ ଗଲେ, ପୁଣି ଓଟଗୁଡ଼ିକର ଭାର ଫିଟାଇଦେଲେ; ପୁଣି ଲାବନ ଓଟଗୁଡ଼ିକୁ ପାଳକୁଟା ଓ ଦାନା ଦେଲେ । ଏହାପରେ ଲାବନ ସେହି ବ୍ୟକ୍ତି ଏବଂ ତାଙ୍କ ସହିତ ଯାଇଥିବା ଲୋକମାନଙ୍କୁ ପାଦ ଧୋଇବାକୁ ପାଣି ଦେଲେ ।

33ଏହାପରେ ଲାବନ ସେହି ବ୍ୟକ୍ତିଙ୍କ ଆଗରେ ଖାଦ୍ୟ ଜିନିଷ ଆଣି ରଖିଲେ, ମାତ୍ର ସେହି ଦାସ କହିଲେ, ମୋର ଗୋଟିଏ କଥା କହିବାର ଅଛି ଓ ତାହା ନ କହିବା ଯାଏଁ ମୁଁ କିଛି ଖାଦ୍ୟ ଖାଇବି ନାହିଁ । ତେଣୁ ଲାବନ ତାହାଙ୍କୁ କହିଲେ, କୁହନ୍ତୁ ।

34ସେହି ବ୍ୟକ୍ତି କହିଲେ, ମୁଁ ଅବ୍ରାହାମଙ୍କ ଦାସ ।

35ଯିହୋବା ପ୍ରଭୁ ମୋ କର୍ତ୍ତା ଅବ୍ରାହାମଙ୍କୁ ବହୁତ ଆଶୀର୍ବାଦ କରିଛନ୍ତି, ତେଣୁ ସେ ମହାନ୍ ହୋଇଛନ୍ତି । ସେ ତାଙ୍କୁ ପଲ ପଲ ଗୋରୁ, ମେଷ, ଓଟ, ଗଧ ଇତ୍ୟାଦି ପଶୁ ଓ ରୂପା, ସୁନା ଓ ଦାସଦାସୀ, ଦେଇଛନ୍ତି ।

36ପୁଣି ମୋ ପ୍ରଭୁଙ୍କ ସ୍ତ୍ରୀ ସାରା ବୃଦ୍ଧା ଅବସ୍ଥାରେ ମୋ ପ୍ରଭୁଙ୍କ ନିମନ୍ତେ ଏକ ପୁଅ ଜନ୍ମ କରିଛନ୍ତି ଓ ମୋର ପ୍ରଭୁ ତାଙ୍କୁ ନିଜର ସବୁ ଧନସମ୍ପତ୍ତି ଦେଇଛନ୍ତି ।
37ଆଉ ମୋର ପ୍ରଭୁ ମୋତେ ଶପଥ କରାଇ କହିଛନ୍ତି, ମୁଁ ଯେଉଁ କିଣାନ ଦେଶର ଲୋକମାନଙ୍କ ମଧ୍ୟରେ ବାସ କରୁଅଛି, ତୁମେ ସେହି ଲୋକମାନଙ୍କର
କୌଣସି କନ୍ୟା ସହିତ ମୋ ପୁଅର ବିବାହ କରାଇବ ନାହିଁ । 38ମାତ୍ର ତୁମେ ମୋର ପିତାଙ୍କ ଦେଶକୁ ଯାଇ, ମୋର କୁଟୁମ୍ବ ଲୋକର କୌଣସି କନ୍ୟା ଆଣି
ମୋ ପୁଅଙ୍କ ସହିତ ବିବାହ କରାଇବ । 39ମୁଁ ମୋର ପ୍ରଭୁଙ୍କୁ କହିଲି, ହୋଇପାରେ, କୌଣସି କନ୍ୟା ମୋ ସହିତ ଆସିବାକୁ ଇଚ୍ଛା କରିବ ନାହିଁ । 40କିନ୍ତୁ ସେ
କହିଲେ, ମୁଁ ଯେଉଁ ଯିହୋବା ପ୍ରଭୁଙ୍କ ଦୃଷ୍ଟିରେ ଜୀବନ ଯାପନ କରି ଆସୁଅଛି, ସେ ନିଜର ଦୂତମାନଙ୍କୁ ତୁମ ସହିତ ପଠାଇବେ ଓ ତୁମେ ଯେଉଁ ଉଦ୍ଦେଶ୍ୟରେ

ଯାଉଅଛ, ତାହା ସଫଳ କରିବେ । ଏଣୁ ତୁମେ ମୋ ପୁଅଙ୍କ ପାଇଁ ମୋ ପିତାଙ୍କ ବଂଶରୁ, ମୋ କୁଟୁମ୍ବ ମଧ୍ୟରୁ ଏକ କନ୍ୟା ଅବଶ୍ୟ ପାଇବ । 41ତୁମେ ମୋ
ପିତାଙ୍କ ବଂଶକୁ ଯାଇ କନ୍ୟା ଆଣିଲେ ମୋର ଏହି ଶପଥରୁ ମୁକ୍ତ ହେବ । ପୁଣି, ଯଦି ସେମାନେ ନିଜର କନ୍ୟା ଦେବେ ନାହିଁ, ତେବେ ମଧ୍ୟ ତୁମେ ମୋର
ଏହି ଶପଥରୁ ମୁକ୍ତ ହେବ । 42ସେଥିପାଇଁ ଆଜି ମୁଁ ସେହି କୂଅ ନିକଟରେ ପହଞ୍ଚି, ଏହି ପ୍ରାର୍ଥନା କଲି, ହେ ଯିହୋବା ପ୍ରଭୁ, ମୋର କର୍ତ୍ତା ଅବ୍ରାହାମଙ୍କ
ପରମେଶ୍ୱର, ବିନୟ କରୁଅଛି, ମୁଁ ଆଜି ଏହି ସ୍ଥାନକୁ ଯେଉଁ ଉଦ୍ଦେଶ୍ୟରେ ଆସିଅଛି ତାହା ସଫଳ କର । 43ଦେଖ, ମୁଁ ଏହି କୂଅ ନିକଟରେ ଠିଆ ହୋଇଅଛି ।
କୌଣସି ଯୁବତୀ ପାଣି ନେବାକୁ ଏହି କୂଅକୁ ଆସିଲେ, ମୁଁ ତାଙ୍କୁ କହିବି, ତୁମେ ଦୟାକରି ତୁମ ମାଠିଆରୁ ମୋତେ ପାଣି ପିଇବାକୁ ଦିଅ । 44ଏହା ଶୁଣି ସେ
ଯଦି କହିବ, ଆଜ୍ଞା, ପିଅନ୍ତୁ, ପୁଣି ମୁଁ ଆପଣଙ୍କର ଓଟମାନଙ୍କ ପାଇଁ ମଧ୍ୟ ପାଣି କାଢ଼ିଦେବି, ତେବେ ସେ ମୋର କର୍ତ୍ତାଙ୍କ ପୁଅ ଇସ୍‌ହାକଙ୍କର ସ୍ତ୍ରୀ ହେବା ପାଇଁ
ତୁମ୍ଭେ ବାଛିଥିବା କନ୍ୟା ହେଉ । 45ମୋର ପ୍ରାର୍ଥନା ସରିବା ଆଗରୁ ମୁଁ ଦେଖିଲି ଯେ, ରିବିକା କାନ୍ଧରେ ମାଠିଆ ନେଇ କୂଅକୁ ଆସିଲେ; ପୁଣି ସେ ପାହାଚ
ଦେଇ କୂଅ ଭିତରକୁ ଯାଇ ମାଠିଆରେ ପାଣି କାଢ଼ି ଆଣିଲେ । ମୁଁ ତାଙ୍କୁ କହିଲି, ଦୟାକରି ତୁମ ମାଠିଆରୁ କିଛି ପାଣି ମୋତେ ପିଇବାକୁ ଦିଅ । 46ସେ ନିଜର
ମାଠିଆ ଶୀଘ୍ର କାନ୍ଧରୁ ଓହ୍ଲାଇ କହିଲେ, ପିଅନ୍ତୁ, ପୁଣି ମୁଁ ଆପଣଙ୍କର ଓଟମାନେ ପିଇବାକୁ ମଧ୍ୟ ପାଣି ଦେବି । ତେଣୁ ମୁଁ ପିଇଲି ଓ ସେ ଓଟମାନଙ୍କୁ ମଧ୍ୟ
ପିଇବାକୁ ଦେଲେ । 47ଏହାପରେ ମୁଁ ତାଙ୍କୁ ପଚାରିଲି, ତୁମେ କାହାର ଝିଅ ? ସେ କହିଲେ, ମୁଁ ହେଉଛି, ବଥୂୟେଲର ଝିଅ । ମୋର ଜେଜେ ବାପାଙ୍କ ନାମ
ହେଉଛି ନାହୋର ଓ ଜେଜେମାଆଙ୍କ ନାମ ମିଲ୍‌କା । ଏଣୁ ମୁଁ ତାଙ୍କୁ ନାକର ନଥ ଓ ହାତର ଚୁଡ଼ି ପିନ୍ଧିବାକୁ ଦେଲି । 48ଆଉ ମୁଁ ଯିହୋବା ପ୍ରଭୁ, ମୋର କର୍ତ୍ତା
ଅବ୍ରାହାମଙ୍କର ପରମେଶ୍ୱରଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରି ଉପାସନା କଲି । କାରଣ ସେ ମୋ କର୍ତ୍ତାଙ୍କ ପୁଅର ସ୍ତ୍ରୀ ହେବା ପାଇଁ ତାଙ୍କ ଭାଇଙ୍କ ଝିଅ ନିକଟକୁ
ମୋତେ ଠିକ୍ ରାସ୍ତାରେ କଢ଼ାଇ ଆଣିଲେ । 49ଏହେତୁ ଯଦି ଆପଣମାନେ ମୋ କର୍ତ୍ତାଙ୍କ ପ୍ରତି ଦୟାକରି ତାଙ୍କ ସହିତ ସତ୍ୟତାରେ ବ୍ୟବହାର କରିବାକୁ ଇଚ୍ଛା
କରନ୍ତି, ତେବେ ତାହା ମୋତେ କୁହନ୍ତୁ । ଯଦି ଇଚ୍ଛା ନ କରନ୍ତି ତେବେ ତାହା ମଧ୍ୟ କୁହନ୍ତୁ, ତାହା ହେଲେ ମୁଁ ମୋ ନିଜ ରାସ୍ତାରେ ଯିବି ।

50ଏହାପରେ ଲାବନ ଓ ବଥୂୟେଲ ଉତ୍ତର ଦେଇ କହିଲେ, ଏ ଘଟଣା ଯିହୋବା ପ୍ରଭୁଙ୍କ ଦ୍ୱାରା ହୋଇଅଛି, ତେଣୁ ଆମ୍ଭେମାନେ ଆପଣଙ୍କୁ ଭଲ କିମ୍ବା ମନ୍ଦ
କିଛି କହି ପାରିବୁ ନାହିଁ । 51ଦେଖନ୍ତୁ, ରିବିକା ଆପଣଙ୍କ ଆଗରେ ଅଛି, ତାକୁ ଆପଣଙ୍କ ସହିତ ନେଇଯାଆନ୍ତୁ । ଯିହୋବା ପ୍ରଭୁ ଯେପରି ଆପଣଙ୍କୁ କହିଛନ୍ତି
ସେପରି ସେ ଆପଣଙ୍କ କର୍ତ୍ତାଙ୍କ ପୁଅର ସ୍ତ୍ରୀ ହେଉ ।

52ଅବ୍ରାହାମଙ୍କର ଦାସ ସେମାନଙ୍କଠାରୁ ଏହି କଥା ଶୁଣିବା ମାତ୍ରେ ଭୂମିରେ ମୁହଁମାଡ଼ି ଯିହୋବା ପ୍ରଭୁଙ୍କୁ ପ୍ରଣାମ କଲେ ।

53ପୁଣି ସେହି ଦାସ ରୂପା ଓ ସୁନାର ଗହଣା ଓ ପୋଷାକ ବାହାରକରି ରିବିକାକୁ ଦେଲେ । ପୁଣି ତାହାର ଭାଇ ଓ ମାଆଙ୍କୁ ମଧ୍ୟ ବହୁ ମୂଲ୍ୟର
ଉପହାରସବୁ ଦେଲେ ।

54ପୁଣି ସେ ଓ ତାଙ୍କ ସହିତ ଯାଇଥିବା ଲୋକମାନେ ଖାଇପିଇ ରାତିରେ ସେହିସ୍ଥାନରେ ଶୋଇଲେ । ପୁଣି ସେହି ଦାସ ଅତି ସକାଳୁ ଉଠି ରିବିକାଙ୍କ
ପରିବାରର ଲୋକଙ୍କୁ କହିଲେ, ଏବେ ମୋର କର୍ତ୍ତାଙ୍କ ନିକଟକୁ ଫେରିଯିବାକୁ ମୋତେ ବିଦାୟ ଦିଅନ୍ତୁ ।

55କିନ୍ତୁ ରିବିକାଙ୍କ ଭାଇ ଓ ମାଆ କହିଲେ, ଝିଅ ଆମ ସହିତ ଅନ୍ତତଃ ଦଶ ଦିନ ରହୁ, ଏହାପରେ ଆପଣ ତାକୁ ନେଇ ଯିବେ ।

56ମାତ୍ର, ସେହି ଦାସ ସେମାନଙ୍କୁ କହିଲେ, ମୁଁ ଯେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଥିଲି, ତାହା ଯିହୋବା ପ୍ରଭୁ ସଫଳ କରିଅଛନ୍ତି । ଏଣୁ ମୋତେ ବିଳମ୍ବ ନ
କରାଇ ଏବେ ମୋତେ ନିଜ କର୍ତ୍ତାଙ୍କ ନିକଟକୁ ଫେରିଯିବାକୁ ମୋତେ ବିଦାୟ ଦିଅନ୍ତୁ ।

57ସେମାନେ କହିଲେ, ଆମ୍ଭେମାନେ ଝିଅକୁ ଡାକି ଏ ବିଷୟରେ ତାହାକୁ ପଚାରିବୁ ।

58ପୁଣି, ସେମାନେ ରିବିକାକୁ ଡାକି ପଚାରିଲେ, ତୁମେ ଏହି ଲୋକ ସହିତ ଯିବାକୁ ଇଚ୍ଛା କରୁଅଛ କି ? ରିବିକା ଉତ୍ତର ଦେଲେ, ହଁ, ମୁଁ ଯିବାକୁ ଇଚ୍ଛା
କରୁଅଛି ।

59ତେଣୁ ସେମାନେ ତାଙ୍କ ଝିଅ ରିବିକାଙ୍କୁ ଓ ତାଙ୍କ ଧାଈଙ୍କୁ ପୁଣି ଅବ୍ରାହାମଙ୍କର ଦାସ ଓ ତାଙ୍କ ସହ ଯାଇଥିବା ଲୋକମାନଙ୍କୁ ବିଦାୟ ଦେଲେ ।

[60]ପୁଣି ସେମାନେ ରିବିକାଙ୍କୁ ଆଶୀର୍ବାଦ କରି କହିଲେ, ହେ ଆମ୍ଭମାନଙ୍କର ଝିଅ, ତୁମ ବଂଶର ଲୋକମାନେ ହଜାର ହଜାର ସଂଖ୍ୟାରେ ବୃଦ୍ଧି ପାଆନ୍ତୁ ପୁଣି ତୁମର ବଂଶଧରମାନେ ତାଙ୍କର ଶତ୍ରୁମାନଙ୍କର ନଗରଗୁଡ଼ିକ ଅଧିକାର କରନ୍ତୁ ।

[61]ଏହାପରେ ରିବିକା ଓ ତାଙ୍କ ଦାସୀମାନେ ଓଟ ଉପରେ ବସିଲେ ଏବଂ ସେହି ଦାସଙ୍କର ପଛେ ପଛେ ଗଲେ । ଏହିପରି ସେହି ଦାସ ରିବିକାଙ୍କୁ ନେଇ ନିଜ କର୍ତ୍ତାଙ୍କ ନିକଟକୁ ଫେରିବା ନିମନ୍ତେ ବାହାରିଲେ ।

[62]ସେହି ସମୟରେ ଇସ୍‌ହାକ ବେର-ଲହୟ-ରୋୟୀ ନାମକ ସ୍ଥାନରୁ ନେଗେଭ୍[f] ଅଞ୍ଚଳକୁ ନିଜେ ବାସ କରୁଥିବା ସ୍ଥାନକୁ ଫେରିଥିଲେ ।

[63]ପୁଣି ସେ ସେହିଦିନ ସନ୍ଧ୍ୟା ବେଳେ ଧ୍ୟାନ କରିବାକୁ କ୍ଷେତକୁ ଯାଇଥିଲେ । ପୁଣି ସେ ସେହି ସମୟରେ ଅନାଇ ଓଟଗୁଡ଼ିକ ଆସୁଥିବାର ଦେଖିଲେ ।

[64]ସେତେବେଳେ ରିବିକା ମଧ୍ୟ ଅନାଇ ଇସ୍‌ହାକଙ୍କୁ ଦେଖିଲେ, ପୁଣି ଓଟ ଉପରୁ ଶୀଘ୍ର ଓହ୍ଲାଇଲେ ।

[65]ପୁଣି ସେ ସେହି ଦାସଙ୍କୁ ପଚାରିଲେ, ଆମ୍ଭମାନଙ୍କୁ ଭେଟିବାକୁ କ୍ଷେତ ମଧ୍ୟ ଦେଇ ଯେଉଁ ବ୍ୟକ୍ତି ଆସୁଅଛନ୍ତି, ସେ କିଏ ? ସେହି ଦାସ ଉତ୍ତର ଦେଇ କହିଲେ, ସେହି ବ୍ୟକ୍ତି ହେଉଛନ୍ତି ମୋର କର୍ତ୍ତା । ଏହା ଶୁଣି ରିବିକା ଓଢ଼ଣୀ ନେଇ ମୁଣ୍ଡ ଘୋଡ଼ାଇଲେ ।

[66]ତାପରେ ସେହି ଦାସ ଇସ୍‌ହାକଙ୍କୁ ସମସ୍ତ ଘଟଣା ଜଣାଇଲେ ।

[67]ଏହାପରେ ଇସ୍‌ହାକ ରିବିକାଙ୍କୁ ନିଜ ମାଆ ସାରାଙ୍କ ତମ୍ବୁକୁ ନେଇଗଲେ ଓ ସେ ତାଙ୍କ ସ୍ତ୍ରୀ ହେଲେ । ପୁଣି ଇସ୍‌ହାକ ତାଙ୍କୁ ବହୁତ ପ୍ରେମ କଲେ ଓ ନିଜ ମାଆଙ୍କ ମରଣ ଦୁଃଖରୁ ସାନ୍ତ୍ୱନା ପାଇଲେ ।

# 25

## ଅବ୍ରାହାମଙ୍କ ମୃତ୍ୟୁ ଓ ସମାଧି

[1]ଅବ୍ରାହାମ ଆଉ ଏକ ସ୍ତ୍ରୀ ବିବାହ କରିଥିଲେ, ତାଙ୍କର ନାମ କଟୂରା ।

[2]ସେ ଅବ୍ରାହାମଙ୍କ ପାଇଁ ଏହି ପୁଅମାନଙ୍କୁ ଜନ୍ମ କରିଥିଲେ: ସିମ୍ରଣ, ଯକ୍‌ଷନ, ମଦାନ୍, ମିଦିୟନ୍, ଇଶ୍‌ବକ[g] ଓ ଶୂହ ।

[3]ଯକ୍‌ଷନଙ୍କ ପୁଅମାନେ ହେଲେ ଶିବା ଓ ଦଦାନ୍ । ଦଦାନଙ୍କ ବଂଶଧରମାନେ ହେଲେ ଅଶୂରିମ, ଲଟୂଶ ଓ ଲିୟମ୍ମ ଗୋଷ୍ଠୀର ଲୋକମାନେ ।

[4]ମିଦିୟନଙ୍କ ପୁଅମାନେ ହେଲେ ଐଫା, ଏଫର, ହାନକ, ଅବୀଦ ଓ ଇଲଦାୟା । ଏ ସମସ୍ତେ ଅବ୍ରାହାମ ଦ୍ୱାରା କଟୂରାଙ୍କଠାରୁ ଜନ୍ମ ହୋଇଥିବା ପିଲାମାନଙ୍କର ବଂଶଧର ।

[5]ଅବ୍ରାହାମ ତାଙ୍କ ପୁଅ ଇସ୍‌ହାକଙ୍କୁ ନିଜର ସବୁ ଧନସମ୍ପତ୍ତି ଦେଲେ ।

[6]ମାତ୍ର ଉପପତ୍ନୀମାନଙ୍କଠାରୁ ଜନ୍ମ ହୋଇଥିବା ନିଜର ପୁଅମାନଙ୍କୁ କିଛି କିଛି ଧନସମ୍ପତ୍ତି ଦେଇ, ନିଜେ ବଞ୍ଚିଥିବା ସମୟରେ ହିଁ ସେମାନଙ୍କୁ ପୂର୍ବ ଦିଗରେ ଥିବା ଦେଶକୁ ପଠାଇଲେ ।

[7]ଅବ୍ରାହାମ ୧୭୫ ବର୍ଷ ବଞ୍ଚିଲେ । [8]ପୁଣି ସେ ବୃଦ୍ଧ ଓ ପୂର୍ଣ୍ଣ ବୟସରେ ପ୍ରାଣତ୍ୟାଗ କଲେ ପୁଣି ନିଜ ପିତୃପୁରୁଷମାନଙ୍କ ସହିତ ସଂଗୃହିତ[h] ହେଲେ ।

[9]ଆଉ, ତାଙ୍କର ପୁଅମାନେ, ଇସ୍‌ହାକ ଓ ଇଶ୍ମାଏଲ ତାଙ୍କୁ ମମ୍ରି ନାମକ ସ୍ଥାନର ପୂର୍ବ ଦିଗର ମକ୍‌ପେଲାରେ ଥିବା କ୍ଷେତର ଗୁମ୍ଫାରେ ସମାଧି ଦେଲେ । ଏହି

---

[f] **24.62** କିଣାନ ଦେଶର ଦକ୍ଷିଣ ଅଞ୍ଚଳକୁ ନେଗେଭ୍ କୁହାଯାଏ

[g] **25.2** କେତେକ ଅନୁବାଦରେ ଯିଶବକ ବୋଲି ଅନୁବାଦ କରାଯାଇଅଛ

[h] **25.8** ସମାଧି ପାଇଲେ

ଗୁମ୍ଫା ହେତ୍ତିୟ ଗୋଷ୍ଠୀର ସୋହରଙ୍କ ପୁଅ ଇଫ୍ରୋଣଙ୍କ କ୍ଷେତରେ ଥିଲା ।

10ଅବ୍ରାହାମ ସେହି ଭୂମି ହେତ୍ତିୟ ଗୋଷ୍ଠୀର ଲୋକମାନଙ୍କଠାରୁ କିଣିଥିଲେ । ସେହିସ୍ଥାନରେ ଅବ୍ରାହାମ ତାଙ୍କ ସ୍ତ୍ରୀ ସାରାଙ୍କୁ ସମାଧି ଦେଇଥିଲେ । ପୁଣି ଅବ୍ରାହାମଙ୍କୁ ମଧ୍ୟ ତାଙ୍କର ପୁଅମାନେ ସେଠାରେ ସମାଧି ଦେଲେ ।

11ଅବ୍ରାହାମଙ୍କ ମୃତ୍ୟୁ ପରେ, ତାଙ୍କ ପୁଅ ଇସ୍‌ହାକଙ୍କୁ ପରମେଶ୍ୱର ଆଶୀର୍ବାଦ କଲେ । ଇସ୍‌ହାକ ବେର୍-ଲହୟ-ରୋୟୀ ନାମକ ସ୍ଥାନରେ ବାସକଲେ ।

## ଇଶ୍ମାଏଲଙ୍କ ବଂଶାବଳୀ

12ଅବ୍ରାହାମଙ୍କ ନିମନ୍ତେ ସାରାଙ୍କର ମିସର ଦେଶର ଦାସୀ ହାଗାର ଜନ୍ମ କରିଥିବା ପୁଅ ଇଶ୍ମାଏଲଙ୍କର ବଂଶାବଳୀ:

13ନାମ ଓ ଗୋଷ୍ଠୀ ଅନୁସାରେ ଇଶ୍ମାଏଲଙ୍କ ପୁଅମାନଙ୍କର ନାମ ଏହି: ଇଶ୍ମାଏଲଙ୍କ ବଡ଼ ପୁଅର ନାମ ନବାୟତ, ତାଙ୍କ ପରେ କେଦର, ଅଦବେଲ୍ ଓ ମିବ୍‌ସମ,

14ମିଶ୍‌ମ, ଦୂମା, ମସା,

15ହଦଦ, ତେମା, ଯିଟୁର, ନାଫୀଶ ଓ କେଦମା ।

16ଇଶ୍ମାଏଲଙ୍କ ଏହି ବାର ଜଣ ପୁଅଙ୍କ ନାମ ଅନୁସାରେ ସେମାନଙ୍କର ବାସସ୍ଥାନ ଓ ଗୋଷ୍ଠୀର ନାମ ଥିଲା । ସେମାନେ ନିଜ ନିଜ ଗୋଷ୍ଠୀର ଶାସକ ଥିଲେ ।

17ଇଶ୍ମାଏଲ ୧୩୭ ବର୍ଷ ବୟସରେ ମୃତ୍ୟୁବରଣ କଲେ ଓ ନିଜ ଲୋକମାନଙ୍କ ସହିତ ସଂଗୃହିତ ହେଲେ ।

18ପୁଣି ଇଶ୍ମାଏଲଙ୍କ ପୁଅମାନେ ହବିଲା ଦେଶ ଓ ମିସର ଦେଶର ପୂର୍ବ ଦିଗରେ ଥିବା ଶୂର ଅଞ୍ଚଳଠାରୁ ଆରମ୍ଭ କରି ଅଶୂର ଦେଶ ଯାଏଁ ବାସକଲେ । ସେମାନେ ନିଜର ସମସ୍ତ ସମ୍ପର୍କୀୟ ଭାଇମାନଙ୍କ ସହିତ ଶତ୍ରୁତାରେ ଜୀବନ ଯାପନ କଲେ ।

## ଏଷୌ ଓ ଯାକୁବଙ୍କ ଜନ୍ମ

19ଅବ୍ରାହାମଙ୍କ ପୁଅ ଇସ୍‌ହାକଙ୍କ ବଂଶାବଳୀ: ଅବ୍ରାହାମଙ୍କ ପୁଅ ଇସ୍‌ହାକ ।

20ଇସ୍‌ହାକ ଚାଳିଶ ବର୍ଷ ବୟସରେ ପଦ୍ଦନ୍-ଅରାମ ଦେଶର ବଥୁୟେଲଙ୍କ ଝିଅ, ଲାବନଙ୍କ ଭଉଣୀ ରିବିକାଙ୍କୁ ବିବାହ କଲେ ।

21ଇସ୍‌ହାକଙ୍କ ସ୍ତ୍ରୀ ରିବିକା ବନ୍ଧ୍ୟା ଥିଲେ, ତେଣୁ ଇସ୍‌ହାକ ନିଜ ସ୍ତ୍ରୀ ରିବିକାଙ୍କ ପାଇଁ ଯିହୋବା ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ । ଯିହୋବା ପ୍ରଭୁ ତାଙ୍କର ପ୍ରାର୍ଥନା ଶୁଣିଲେ ଓ ରିବିକା ଗର୍ଭବତୀ ହେଲେ ।

22ପୁଣି ରିବିକାଙ୍କ ଗର୍ଭ ମଧ୍ୟରେ ଶିଶୁମାନେ ଠେଲାପେଲା ହେଲେ; ଏଣୁ ସେ କହିଲେ, ମୋ ଗର୍ଭରେ କାହିଁକି ଏପରି ହେଉଛି ? ତେଣୁ ତାହା ଜାଣିବା ପାଇଁ ସେ ଯିହୋବା ପ୍ରଭୁଙ୍କୁ ପଚାରିବାକୁ ଗଲେ ।

23ଯିହୋବା ପ୍ରଭୁ ତାଙ୍କୁ କହିଲେ, ତୁମ ଗର୍ଭରେ ଦୁଇ ପୁଅ ଅଛନ୍ତି, ସେମାନଙ୍କଠାରୁ ଦୁଇ ଗୋଷ୍ଠୀ ଉତ୍ପନ୍ନ ହେବେ । ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀଠାରୁ ଅଲଗା ହେବ । ଏକ ଗୋଷ୍ଠୀ ଅନ୍ୟ ଗୋଷ୍ଠୀଠାରୁ ବଳବାନ ହେବ, ପୁଣି ତୁମର ବଡ଼ ପୁଅ ସାନ ପୁଅର ସେବା କରିବ ।

24ରିବିକାର ଛୁଆ ଜନ୍ମ କରିବାର ସମୟ ହେବାରୁ, ସେ ଯାଆଁଳା ଶିଶୁ ପୁଅଙ୍କୁ ଜନ୍ମକଲେ ।

25ବଡ଼ ପୁଅ ଦେଖିବାକୁ ରକ୍ତବର୍ଣ୍ଣ ଓ ଲୋମର ପୋଷାକ ପରି ପୁରା ଶରୀରରେ ଲୋମ ଥିଲା; ତେଣୁ ସେମାନେ ତାହାର ନାମ ଏଷୌ[i] ଦେଲେ ।

---

[i] 25.25 ଲୋମପୂର୍ଣ୍ଣ

[26]ଏହାପରେ ଏଷୌର ପାଦ ଧରି ସାନ ପୁଅ ଜନ୍ମ ହେଲା, ତେଣୁ ସେମାନେ ତାକୁ ଯାକୁବ[j] ନାମ ଦେଲେ । ଇସ୍ହାକଙ୍କର ଷାଠିଏ ବର୍ଷ ବୟସରେ ତାଙ୍କର ଦୁଇ ପୁଅ ଏଷୌ ଓ ଯାକୁବ ଜନ୍ମ ହେଲେ ।

## ଏଷୌ ନିଜର ଜନ୍ମ ଅଧିକାର ବିକିଲେ

[27]ଇସ୍ହାକଙ୍କ ଦୁଇ ପୁଅ, ଏଷୌ ଓ ଯାକୁବ ବଡ଼ ହେଲେ । ଏଷୌ ଜଣେ ଭଲ ଶିକାରୀ ହେଲେ ଏବଂ ଘର ବାହାରେ ବଣଜଙ୍ଗଲରେ ଅଧିକ ସମୟ କାଟୁଥିଲେ, ମାତ୍ର ଯାକୁବ ଶାନ୍ତ ସ୍ୱଭାବର ଥିଲେ ଓ ଘରେ ରହିବାକୁ ଭଲ ପାଉଥିଲେ ।

[28]ଇସ୍ହାକ ଏଷୌଙ୍କୁ ପ୍ରେମ କଲେ, କାରଣ ଏଷୌ ଆଣୁଥିବା ବନ୍ୟଜନ୍ତୁର ମାଂସ ଖାଇବାକୁ ତାଙ୍କୁ ଭଲ ଲାଗୁଥିଲା । ମାତ୍ର ରିବିକା ସାନ ପୁଅ ଯାକୁବଙ୍କୁ ପ୍ରେମ କଲେ ।

[29]ଦିନେ, ଯାକୁବ ମସୁରୀ ଡାଲି ରାନ୍ଧୁଥିଲେ, ସେହି ସମୟରେ ଏଷୌ ବାହାରୁ ହାଲିଆ ହୋଇ, ବହୁତ ଭୋକରେ ଘରକୁ ଫେରିଲେ ।

[30]ସେ ଯାକୁବଙ୍କୁ କହିଲେ, ମୋତେ ବହୁତ ଭୋକ ଲାଗୁଛି, ତେଣୁ, ତୁମେ ଦୟାକରି ସେହି ମସୁରୀ ଡାଲିରୁ କିଛି ମୋତେ ଖାଇବାକୁ ଦିଅ । ସେଥିପାଇଁ ସେ ଇଦୋମ[k] ନାମରେ ମଧ୍ୟ ପରିଚିତ ହେଲେ ।

[31]ଯାକୁବ କହିଲେ, ଜ୍ୟେଷ୍ଠ ପୁଅ ରୂପେ ତୁମର ଯେଉଁ ଅଧିକାର ଅଛି ତାହା ତୁମେ ଆଜି ମୋତେ ବିକ୍ରି କର ।

[32]ଏଷୌ କହିଲେ, ଦେଖ, ମୁଁ ଏବେ ଭୋକରେ ମରିଯାଉଛି, ଏଣୁ ଏପରି ସମୟରେ ଜ୍ୟେଷ୍ଠ ପୁଅ ରୂପେ ମୋର ଯେଉଁ ଅଧିକାର ଅଛି, ମୁଁ ତାହା ଧରି ରଖିଲେ କି ଲାଭ ପାଇବି ?

[33]ଯାକୁବ କହିଲେ, ତୁମେ ଆଜି ମୋ ନିକଟରେ ଶପଥକରି କୁହ ଯେ, ଜ୍ୟେଷ୍ଠ ପୁଅ ରୂପେ ତୁମର ଯେଉଁ ଅଧିକାର ଅଛି, ତାହା ଆଜିଠାରୁ ମୋର ହେବ । ଏଣୁ ଏଷୌ ତାଙ୍କ ନିକଟରେ ଶପଥ କଲେ । ଏହିପରି ଜ୍ୟେଷ୍ଠ ପୁଅ ରୂପେ ତାଙ୍କର ଯେଉଁ ଅଧିକାର ଥିଲା ତାହା ଏଷୌ ନିଜ ସାନ ଭାଇ ଯାକୁବଙ୍କୁ ବିକି ଦେଲେ ।

[34]ତାପରେ ଯାକୁବ ନିଜ ଭାଇ ଏଷୌକୁ ରୋଟୀ ଓ ରନ୍ଧା ମସୁରୀ ଡାଲି ଦେଲେ, ପୁଣି ଏଷୌ ଖାଇପିଇ ଚାଲିଗଲେ । ଏହିପରି ଜ୍ୟେଷ୍ଠ ପୁଅ ରୂପେ ଏଷୌଙ୍କର ଯେଉଁ ଅଧିକାର ଥିଲା ତାହା ସେ ତୁଚ୍ଛ ମନେକଲେ ।

# 26

## ଇସ୍ହାକ ଓ ଅବିମେଲକ ନିୟମ କଲେ

[1]ଅବ୍ରାହାମଙ୍କ ସମୟରେ ସେହି ଦେଶରେ ଯେପରି ଥରେ ଅତିଶୟ ଦୁର୍ଭିକ୍ଷ ହୋଇଥିଲା, ସେପରି ଇସ୍ହାକଙ୍କ ସମୟରେ ମଧ୍ୟ ଦୁର୍ଭିକ୍ଷ ହେଲା । ଏଣୁ, ଇସ୍ହାକ ପଲେଷ୍ଟୀୟମାନଙ୍କ ରାଜା ଅବିମେଲକ ବାସ କରୁଥିବା ଗରାର ଅଞ୍ଚଳରେ ବାସ କରିବାକୁ ଗଲେ ।

[2]ଯିହୋବା ପ୍ରଭୁ ଇସ୍ହାକଙ୍କୁ ଦର୍ଶନ ଦେଇ କହିଲେ, ତୁମେ ମିସର ଦେଶକୁ ଯାଅ ନାହିଁ, ମାତ୍ର ଆମ୍ଭେ ତୁମକୁ ଯେଉଁଠାରେ ବାସ କରିବାକୁ କହିବା ସେଠାରେ ବାସକର ।

[3]ତୁମେ ଏହି ସ୍ଥାନରେ କିଛି କାଳ ପାଇଁ ବାସକର, ପୁଣି ଆମ୍ଭେ ତୁମ ସହିତ ରହିବା ଓ ତୁମକୁ ଆଶିର୍ବାଦ କରିବା ଏବଂ ତୁମକୁ ଓ ତୁମର ବଂଶକୁ ଏହି
ସବୁଦେଶ ଦେବା ପୁଣି ତୁମର ବାପା ଅବ୍ରାହାମଙ୍କ ନିକଟରେ କରିଥିବା ପ୍ରତିଜ୍ଞା ନିଶ୍ଚୟ ସଫଳ କରିବା । [4]ଆମ୍ଭେ ତୁମର ବଂଶକୁ ଆକାଶର ତାରାଗୁଡ଼ିକ ପରି

---

[j] **25.26** ଯିଏ ପଦ ଛଡ଼ାଇ ନିଏ

[k] **25.30** ନାଲି/ଲାଲ୍

ବୃଦ୍ଧି କରିବା ଏବଂ ସେମାନଙ୍କୁ ଏହି ସବୁଦେଶ ଦେବା । ପୁଣି ତୁମର ବଂଶ ଦେଇ ପୃଥିବୀର ସବୁଲୋକ ଆଶୀର୍ବାଦ ପାଇବେ । 5ଆମ୍ଭେ ଏହିପରି ଆଶିର୍ବାଦ
କରିବା, କାରଣ, ଅବ୍ରାହାମ ଆମ୍ଭର କଥା ମାନିଲେ, ପୁଣି ଆମ୍ଭର ଆଜ୍ଞା, ନିୟମ, ବିଧି ଓ ବ୍ୟବସ୍ଥାସବୁ ପାଳନ କଲେ ।

6ଏଣୁ ଇସ୍‌ହାକ ଗରାର ଅଞ୍ଚଳରେ ବାସକଲେ ।

7ସେହି ଦେଶର ଲୋକମାନେ ଇସ୍‌ହାକଙ୍କୁ ତାଙ୍କ ସ୍ତ୍ରୀ ରିବିକାଙ୍କ ବିଷୟରେ ପଚାରିଲେ । ସେଥିରେ ଇସ୍‌ହାକ ସେମାନଙ୍କୁ କହିଲେ, ସେ ହେଉଛନ୍ତି ମୋର ଭଉଣୀ । କାରଣ ରିବିକାଙ୍କୁ ନିଜର ସ୍ତ୍ରୀ ବୋଲି କହିବାକୁ ସେ ଭୟକଲେ । ଯେହେତୁ ସେ ଭାବିଲେ, ରିବିକା ବହୁତ ସୁନ୍ଦରୀ, ତେଣୁ ତାଙ୍କୁ ପାଇବା ପାଇଁ ଏହି ଦେଶର ଲୋକମାନେ ମୋତେ ମାରିଦେବେ ।

8ଇସ୍‌ହାକ ସେହି ଦେଶରେ ଅନେକ ଦିନ ବାସ କରିବା ପରେ, ଦିନେ ପଲେଷ୍ଟୀୟମାନଙ୍କ ରାଜା ଅବିମେଲକ ଝରକା ଦେଇ ଅନାଇ ଦେଖିଲେ ଯେ, ଇସ୍‌ହାକ ଓ ରିବିକା ପରସ୍ପର ସ୍ୱାମୀସ୍ତ୍ରୀ ପରି ବ୍ୟବହାର କରୁଛନ୍ତି ।

9ଏହା ଦେଖି ଅବିମେଲକ ଇସ୍‌ହାକଙ୍କୁ ଡାକିବାକୁ ପଠାଇଲେ ଓ କହିଲେ, ସେହି ସ୍ତ୍ରୀଲୋକ ଅବଶ୍ୟ ଆପଣଙ୍କର ସ୍ତ୍ରୀ । ତେବେ ଆପଣ ତାଙ୍କୁ ଆପଣଙ୍କର ଭଉଣୀ ବୋଲି କାହିଁକି କହିଲେ ? ଇସ୍‌ହାକ ଉତ୍ତର ଦେଲେ, କାରଣ ମୁଁ ଭାବିଲି, ଏହି ଦେଶର ଲୋକମାନେ ତାଙ୍କୁ ପାଇବା ପାଇଁ ମୋତେ ମାରିଦେବେ ଓ ମୁଁ ମୋର ଜୀବନ ହରାଇବି ।

10ଅବିମେଲକ କହିଲେ, ଆପଣ କାହିଁକି ଆମ୍ଭମାନଙ୍କ ସହିତ ଏପରି ବ୍ୟବହାର କଲେ ? ଯଦି ମୋ ଦେଶର କୌଣସି ଲୋକ ତୁମ ସ୍ତ୍ରୀଙ୍କୁ ସହଜରେ ନେଇଯାଇ, ତାଙ୍କ ସହିତ ଶୟନ କରିଥାଆନ୍ତା, ତେବେ ଆପଣ ଆମ୍ଭମାନଙ୍କୁ ଦୋଷ ଦେଇ ଥାଆନ୍ତେ ।

11ଏହାପରେ ଅବିମେଲକ ସେହି ଦେଶର ସବୁଲୋକଙ୍କୁ ଆଦେଶ ଦେଇ କହିଲେ, ଯେକୌଣସି ଲୋକ ଇସ୍‌ହାକ କିମ୍ବା ତାଙ୍କ ସ୍ତ୍ରୀଙ୍କୁ ଛୁଇଁବ, ସେ ନିଶ୍ଚୟ ମୃତ୍ୟୁଦଣ୍ଡ ପାଇବ ।

## ଇସ୍‌ହାକଙ୍କ ଦାସମାନେ ଓ ପଲେଷ୍ଟୀୟମାନଙ୍କ ମଧ୍ୟରେ ବିବାଦ

12ଇସ୍‌ହାକ ସେହି ଦେଶରେ ଚାଷ କାମ କଲେ ଏବଂ ସେହି ବର୍ଷ ଶହେ ଗୁଣ ଫସଲ ଅମଳ କଲେ, କାରଣ ଯିହୋବା ପ୍ରଭୁ ତାଙ୍କୁ ଆଶୀର୍ବାଦ କଲେ ।

13ଏହି କାରଣରୁ ସେ ବହୁତ ଧନୀ ହେଲେ, ପୁଣି ତାଙ୍କର ଧନ ଆହୁରି ଆହୁରି ବଢ଼ିବାରୁ, ସେ ଅତି ଧନଶାଳୀ ହେଲେ ।

14ପୁଣି ତାଙ୍କର ବହୁତ ମେଣ୍ଢା, ଗୋରୁ ଓ ଦାସଦାସୀ ଥିଲେ, ତେଣୁ ପଲେଷ୍ଟୀୟମାନେ ତାଙ୍କୁ ଇର୍ଷା କଲେ ।

15ଏଣୁ, ଅବ୍ରାହାମଙ୍କ ସମୟରେ ତାଙ୍କ ଦାସମାନେ ଯେଉଁ କୂଅସବୁ ଖୋଳିଥିଲେ, ସେହି ସବୁକୂଅ ପଲେଷ୍ଟୀୟମାନେ ମାଟିରେ ପୋତିଦେଲେ ।

16ପୁଣି ଅବିମେଲକ ଇସ୍‌ହାକଙ୍କୁ କହିଲେ, ଆପଣ ଏଠାରୁ ଚାଲିଯାଆନ୍ତୁ, କାରଣ ଆପଣ ଆମ୍ଭଠାରୁ ଅଧିକ ବଳବାନ ହୋଇଅଛନ୍ତି ।

17ତେଣୁ ଇସ୍‌ହାକ ସେହି ସ୍ଥାନରୁ ଚାଲିଗଲେ ଏବଂ ଗରାର ଅଞ୍ଚଳର ସମତଳ ଭୂମିରେ ତମ୍ବୁ ଟାଣି ରହିଲେ ।

18ପୁଣି, ତାଙ୍କ ବାପା ଅବ୍ରାହାମଙ୍କ ସମୟରେ ଖୋଳାଯାଇଥିବା ଯେଉଁ କୂଅସବୁ ଅବ୍ରାହାମଙ୍କ ମୃତ୍ୟୁ ପରେ ପଲେଷ୍ଟୀୟମାନେ ପୋତି ଦେଇଥିଲେ, ସେସବୁ ଇସ୍‌ହାକ ଆଉ ଥରେ ଖୋଳିଲେ, ପୁଣି ଅବ୍ରାହାମ କୂଅଗୁଡ଼ିକୁ ଯେଉଁ ନାମ ଦେଇଥିଲେ, ସେ ସେସବୁ ନାମ ଦେଲେ ।

19ଆଉ ଇସ୍‌ହାକଙ୍କର ଦାସମାନେ ଗରାର ଅଞ୍ଚଳର ସମତଳ ସ୍ଥାନରେ ଖୋଳି ଭଲ ପାଣିର ଝର ଥିବା ଏକ କୂଅ ପାଇଲେ ।

20କିନ୍ତୁ ସେହି ଗରାର ଅଞ୍ଚଳର ପଶୁପାଳକମାନେ, ଇସ୍‌ହାକଙ୍କର ପଶୁପାଳକମାନଙ୍କ ସହିତ ବିବାଦ କରି କହିଲେ, ଏହି ପାଣି ଆମର । ତେଣୁ ଇସ୍‌ହାକ ସେହି କୂଅର ନାମ 'ଏଷକ୍' ରଖିଲେ, ଯାହାର ଅର୍ଥ 'ବିବାଦ' । ଯେହେତୁ ସେମାନେ ଇସ୍‌ହାକଙ୍କ ସହିତ ବିବାଦ କଲେ ।

21ଏହାପରେ ଇସ୍‌ହାକଙ୍କ ଦାସମାନେ ଆଉ ଏକ କୂଅ ଖୋଳିଲେ । ଗରାର ଅଞ୍ଚଳର ପଶୁପାଳକମାନେ ସେହି କୂଅ ପାଇଁ ମଧ୍ୟ ବିବାଦ କଲେ । ତେଣୁ ଇସ୍‌ହାକ ତାହାର ନାମ 'ସିଟ୍‌ନା' ରଖିଲେ, ଯାହାର ଅର୍ଥ 'ଶତ୍ରୁତା' ।

[22]ଏହାପରେ ଇସ୍‌ହାକଙ୍କ ଦାସମାନେ ସେହି ସ୍ଥାନରୁ ଚାଲିଯାଇ, ଅନ୍ୟ ଏକ ସ୍ଥାନରେ ଆଉ ଏକ କୂଅ ଖୋଳିଲେ । ସେହି କୂଅ ପାଇଁ ଗରାର ଅଞ୍ଚଳର ପଶୁପାଳକମାନେ ଆଉ ବିବାଦ କଲେ ନାହିଁ । ତେଣୁ ଇସ୍‌ହାକ ତାହାର ନାମ 'ରହୋବୋତ୍' ରଖିଲେ, ଯାହାର ଅର୍ଥ 'ଖୋଲା ସ୍ଥାନ' । କାରଣ ଇସ୍‌ହାକ କହିଲେ, ଏବେ ଯିହୋବା ପ୍ରଭୁ ଆମ୍ଭମାନଙ୍କୁ ଖୋଲା ସ୍ଥାନ ଦେଇଅଛନ୍ତି ଏବଂ ଆମ୍ଭେମାନେ ଏହି ଦେଶରେ ଫଳବନ୍ତ ହେବା ।

[23]ଇସ୍‌ହାକ ସେହି ସ୍ଥାନ ଛାଡ଼ି ବେରଶେବା ନାମକ ସ୍ଥାନକୁ ଗଲେ ।

[24]ପୁଣି ସେହିଦିନ ରାତିରେ ଯିହୋବା ପ୍ରଭୁ ଇସ୍‌ହାକଙ୍କୁ ଦର୍ଶନ ଦେଇ କହିଲେ, ଆମ୍ଭେ ତୁମର ବାପା ଅବ୍ରାହାମଙ୍କର ପରମେଶ୍ୱର ଅଟୁ । ତୁମେ ଭୟ କର ନାହିଁ, କାରଣ ଆମ୍ଭେ ଆମ୍ଭର ଦାସ ଅବ୍ରାହାମଙ୍କ ସକାଶେ ତୁମ ସହିତ ଅଛୁ ପୁଣି ତୁମକୁ ଆଶୀର୍ବାଦ କରିବା ଏବଂ ତୁମର ବଂଶକୁ ବୃଦ୍ଧି କରିବା ।

[25]ଏହାପରେ ଇସ୍‌ହାକ ସେହିସ୍ଥାନରେ ଏକ ଯଜ୍ଞବେଦି ତିଆରି କରି, ଯିହୋବା ପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ । ପୁଣି ସେ ସେହିସ୍ଥାନରେ ତମ୍ବୁ ଟାଣି ରହିଲେ । ପରେ, ତାଙ୍କର ଦାସମାନେ ସେଠାରେ ଏକ କୂଅ ଖୋଳିଲେ ।

### ଇସ୍‌ହାକ ଓ ଅବିମେଲକ ଏକ ନିୟମ କଲେ

[26]ଦିନେ ଅବିମେଲକ ନିଜର ବନ୍ଧୁ ଅହୁଷତ ଓ ନିଜର ସେନାପତି ଫୀଖୋଲଙ୍କୁ ସାଥିରେ ନେଇ, ଗରାରଠାରୁ ଇସ୍‌ହାକଙ୍କ ନିକଟକୁ ଗଲେ ।

[27]ସେଥିରେ ଇସ୍‌ହାକ ସେମାନଙ୍କୁ କହିଲେ, ଆପଣମାନେ ମୋତେ ଘୃଣା କଲେ ଓ ନିଜ ଅଞ୍ଚଳରୁ ମୋତେ ବାହାର କରିଦେଲେ । ଏବେ ଆପଣମାନେ ମୋ ନିକଟକୁ କାହିଁକି ଆସିଅଛନ୍ତି ?

[28]ସେମାନେ ଉତ୍ତର ଦେଲେ, ଆମ୍ଭେମାନେ ସ୍ପଷ୍ଟ ରୂପେ ଦେଖିଲୁ ଯେ, ଯିହୋବା ପ୍ରଭୁ ଆପଣଙ୍କ ସହିତ ଅଛନ୍ତି । ତେଣୁ ଆମ୍ଭେମାନେ ଆପଣ ଓ ଆମ୍ଭମାନଙ୍କ ମଧ୍ୟରେ ଏକ ଚୁକ୍ତି କରିବା କଥା ଚିନ୍ତା କଲୁ । ଏବେ ଆସନ୍ତୁ, ଆମ୍ଭେମାନେ ଆପଣ ଓ ଆମ୍ଭମାନଙ୍କ ମଧ୍ୟରେ ଏକ ନିୟମ କରିବା ।

[29]ଆମ୍ଭେମାନେ ଯେପରି ଆପଣଙ୍କର କିଛି କ୍ଷତି କରି ନାହୁଁ ଓ ଆପଣଙ୍କର ମଙ୍ଗଳ କେବଳ କରିଅଛୁ ଏବଂ ଆପଣଙ୍କୁ ଆମ୍ଭମାନଙ୍କ ଦେଶରୁ ଶାନ୍ତିରେ ଚାଲିଯିବାକୁ କହିଲୁ, ସେପରି ଆପଣ ଆମ୍ଭମାନଙ୍କର କିଛି କ୍ଷତି କରିବେ ନାହିଁ । ଏବେ ଦେଖନ୍ତୁ, ଯିହୋବା ପ୍ରଭୁ ଆପଣଙ୍କୁ କିପରି ଆଶୀର୍ବାଦ କରିଅଛନ୍ତି !

[30]ସେତେବେଳେ ଇସ୍‌ହାକ ସେମାନଙ୍କ ପାଇଁ ଏକ ଭୋଜି କଲେ ଏବଂ ସେମାନେ ସମସ୍ତେ ଏକାଠି ଖିଆପିଆ କଲେ ।

[31]ତହିଁଆର ଦିନ, ସେମାନେ ଅତି ସକାଳେ ଉଠି ପରସ୍ପର ଶପଥ କଲେ, ପୁଣି ଇସ୍‌ହାକ ସେମାନଙ୍କୁ ବିଦାୟ ଦେଲେ ଓ ସେମାନେ ଶାନ୍ତିରେ ତାଙ୍କ ନିକଟରୁ ଚାଲିଗଲେ ।

[32]ସେହିଦିନ ହିଁ ଇସ୍‌ହାକଙ୍କ ଦାସମାନେ ଇସ୍‌ହାକଙ୍କ ନିକଟକୁ ଯାଇ କହିଲେ, ଆମ୍ଭେମାନେ ଯେଉଁ କୂଅ ଖୋଳୁଥିଲୁ, ସେଥିରେ ପାଣି ପାଇଲୁ ।

[33]ଇସ୍‌ହାକ ସେହି କୂଅର ନାମ 'ଶେବା' ରଖିଲେ । ସେଥିପାଇଁ ଆଜି ଯାଏଁ ସେହି ସ୍ଥାନର ନାମ 'ବେରଶେବା' ହୋଇରହିଛି ।

[34]ଏଷୌ ଚାଳିଶ ବର୍ଷ ବୟସରେ, ହିତ୍ତିୟ ଦେଶର ଦୁଇ ସ୍ତ୍ରୀଙ୍କୁ ବିବାହ କଲେ । ଜଣେ ହେଲେ ବେରିଙ୍କ ଝିଅ ଯୁଦିତ୍ ଓ ଅନ୍ୟ ଜଣେ ଏଲୋନଙ୍କ ଝିଅ ବାସମତ୍ ।

[35]ମାତ୍ର ସେମାନେ ଏଷୌଙ୍କ ବାପା ଇସ୍‌ହାକ ଓ ମାଆ ରିବିକାଙ୍କୁ ବହୁତ ଦୁଃଖ ଦେଲେ ।

# 27

### ଏଷୌଙ୍କ ଆଶୀର୍ବାଦ ଯାକୁବ ଠକି ନେଇଗଲେ

[1]ଇସ୍‌ହାକ ଅତି ବୃଦ୍ଧ ହେଲେ ଓ ଭଲରେ ଦେଖି ପାରିଲେ ନାହିଁ । ଦିନେ, ସେ ନିଜର ବଡ଼ ପୁଅ ଏଷୌକୁ ଡାକି କହିଲେ, ହେ ପୁଅ; ଏଷୌ ଉତ୍ତର

ଦେଲେ, ବାପା, କୁହନ୍ତୁ, ମୁଁ ଶୁଣୁଅଛି ।

2ଇସ୍‌ହାକ ତାଙ୍କୁ କହିଲେ, ଦେଖ, ମୁଁ ଏବେ ଅତି ବୃଦ୍ଧ, ତେଣୁ ମୋର ଯେକୌଣସି ସମୟରେ ମୃତ୍ୟୁ ହୋଇପାରେ । 3ମୁଁ ବିନୟ କରୁଅଛି, ଏବେ ତୁମେ
ତୁମର ଧନୁ, ତୀରପୂର୍ଣ୍ଣ ତୂଣ ଏବଂ ଅସ୍ତ୍ର ଧରି ଜଙ୍ଗଲକୁ ଯାଅ ଓ ବନ୍ୟଜନ୍ତୁ ଶିକାର କରି ଆଣ । 4ପୁଣି ସେହି ମାଂସ ମୋତେ ଭଲ ଲାଗିବା ପରି ରାନ୍ଧି ମୋ
ନିକଟକୁ ଆଣ । ମୁଁ ତାହା ଖାଇ ମୋର ମୃତ୍ୟୁ ଆଗରୁ ତୁମକୁ ଆଶୀର୍ବାଦ କରିବି ।

5ଇସ୍‌ହାକ ଏଷୌଙ୍କୁ ଏହି କଥା କହୁଥିବା ସମୟରେ, ରିବିକା ତାହା ଶୁଣିଲେ । ଏଣୁ ଏଷୌ ବନ୍ୟଜନ୍ତୁ ଶିକାର କରି ଆଣିବାକୁ ଜଙ୍ଗଲକୁ ଯିବାରୁ, 6ରିବିକା
ନିଜର ସାନ ପୁଅ ଯାକୁବଙ୍କୁ କହିଲେ, ଦେଖ ପୁଅ, ତୁମର ବଡ଼ ଭାଇ ଏଷୌ ସହିତ ତୁମର ବାପା କଥା ହେବାର ମୁଁ ଶୁଣିଲି । 7ତୁମର ବାପା ତୁମ ଭାଇକୁ
କହିଲେ, ତୁମେ ବନ୍ୟଜନ୍ତୁ ଶିକାର କରି, ତାହାର ମାଂସ ଭଲରେ ରାନ୍ଧି ମୋ ନିକଟକୁ ଆଣ । ମୁଁ ତାହା ଖାଇବି ଓ ମୋର ମୃତ୍ୟୁ ଆଗରୁ ତୁମକୁ ଯିହୋବା
ପ୍ରଭୁଙ୍କ ଉପସ୍ଥିତିରେ ଆଶୀର୍ବାଦ କରିବି ।

8ଏଣୁ ହେ ପୁଅ, ଏବେ, ମୁଁ ତୁମକୁ ଯାହା କହୁଅଛି, ତାହା ଶୁଣ ଓ ସେପରି କର । 9ଏବେ ତୁମେ ଗୋଠକୁ ଯାଇ ଭଲ ଛେଳି ଛୁଆ ଦୁଇଟି ନେଇଆସ । ମୁଁ
ତୁମ ବାପାଙ୍କୁ ଭଲ ଲାଗିବା ପରି ସେହି ମାଂସ ରାନ୍ଧିଦେବି । 10ତୁମେ ତାହା ନେଇ ତୁମ ବାପାଙ୍କ ନିକଟକୁ ଯାଅ । ସେ ତାହା ଖାଇ ତାଙ୍କ ମୃତ୍ୟୁ ହେବା
ଆଗରୁ ତୁମକୁ ଆଶୀର୍ବାଦ କରିବେ ।

11ଏହା ଶୁଣି ଯାକୁବ ତାଙ୍କ ମାଆଙ୍କୁ କହିଲେ, ମାଆ, ମୋ ଭାଇର ଦେହ ସାରା ଲୋମ ଅଛି, ମାତ୍ର ମୋ ଶରୀରରେ ଲୋମ ନାହିଁ । 12ଏଣୁ ବାପା ମୋତେ
ଛୁଇଁଲେ, ମୁଁ ତାଙ୍କୁ ଠକୁଛି ବୋଲି ଜାଣିବେ, ଏଣୁ ମୁଁ ଆଶୀର୍ବାଦ ବଦଳରେ ଅଭିଶାପ ପାଇବି ।

13ମାତ୍ର, ତାଙ୍କ ମାଆ କହିଲେ, ପୁଅ, ସେହି ଅଭିଶାପ ମୋ ପ୍ରତି ଘଟୁ । କେବଳ ତୁମେ ମୋ କଥା ମାନି, ଯାଅ ଓ ଛେଳି ଛୁଆ ଆଣ ।

14ଯାକୁବ ଗୋଠକୁ ଯାଇ ଦୁଇଟି ଭଲ ଛେଳି ଛୁଆ ଆଣିଲେ ଓ ତାଙ୍କ ମାଆଙ୍କୁ ଦେଲେ । ଏହାପରେ ରିବିକା ତାହା ଇସ୍‌ହାକଙ୍କୁ ଭଲ ଲାଗିବା ପରି
ରାନ୍ଧିଲେ ।

15ପୁଣି, ରିବିକା ବଡ଼ ପୁଅ ଏଷୌର ଯେଉଁ ଭଲ ପୋଷାକ ଘରେ ରଖିଥିଲେ ତାହା ନେଇ ସାନ ପୁଅ ଯାକୁବଙ୍କୁ ପିନ୍ଧାଇଲେ ।

16ଏହାସହ ସେହି ଛେଳି ଛୁଆର ଚମଡ଼ା ନେଇ ଯାକୁବଙ୍କ ଲୋମ ନ ଥିବା ହାତରେ ଓ ବେକରେ ଗୁଡ଼ାଇଦେଲେ ।

17ଏହାପରେ ସେ ନିଜେ ରାନ୍ଧିଥିବା ସେହି ସୁଆଦିଆ ମାଂସ ତରକାରୀ ଓ ରୋଟୀ ଯାକୁବଙ୍କ ହାତରେ ଦେଲେ ।

18ଯାକୁବ, ତାହା ନେଇ ନିଜ ବାପା ଇସ୍‌ହାକଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ଡାକି କହିଲେ, ବାପା ? ଇସ୍‌ହାକ ଉତ୍ତର ଦେଲେ, ହଁ, ମୁଁ ଏଠାରେ ଅଛି,
ମାତ୍ର ତୁମେ କିଏ ପୁଅ ?

19ଯାକୁବ ତାଙ୍କ ବାପାଙ୍କୁ କହିଲେ, ମୁଁ ତୁମର ବଡ଼ ପୁଅ ଏଷୌ । ତୁମେ ଯେପରି କହିଥିଲ, ମୁଁ ସେପରି କରିଅଛି । ଏବେ ତୁମେ ଦୟାକରି ଉଠି ବସ ।
ପୁଣି ମୁଁ ଆଣିଥିବା ବନ୍ୟଜନ୍ତୁର ଏହି ମାଂସ ଖାଇ ମୋତେ ଆଶୀର୍ବାଦ କର ।

20ଇସ୍‌ହାକ ନିଜ ପୁଅକୁ ପଚାରିଲେ, ହେ ପୁଅ, ତୁମେ ତାହା ଏତେ ଶୀଘ୍ର କିପରି ପାଇଲ? ଯାକୁବ କହିଲେ, ଯିହୋବା ପ୍ରଭୁ ତୁମର ପରମେଶ୍ୱର ତାହା
ମୋତେ ଯୋଗାଇଲେ ।

21ଇସ୍‌ହାକ ଯାକୁବଙ୍କୁ କହିଲେ, ତୁମେ ମୋ ପାଖକୁ ଆସ, ତୁମେ ପ୍ରକୃତରେ ମୋର ବଡ଼ ପୁଅ ଏଷୌ ନା ନାହିଁ, ତାହା ତୁମକୁ ଛୁଇଁ ମୁଁ ଜାଣିବି ।

22ଏଣୁ ଯାକୁବ ତାଙ୍କ ବାପା ଇସ୍‌ହାକଙ୍କ ନିକଟକୁ ଗଲେ । ଇସ୍‌ହାକ ତାଙ୍କୁ ଛୁଇଁ କହିଲେ, ଏ ସ୍ୱର ହେଉଛି ଯାକୁବର ସ୍ୱର, ମାତ୍ର, ହାତ ହେଉଛି ଏଷୌର
ହାତ ।

23ଏହିପରି ଇସ୍‌ହାକ ଯାକୁବଙ୍କୁ ଚିହ୍ନି ପାରିଲେ ନାହିଁ, କାରଣ ଯାକୁବର ହାତ ଏଷୌର ଲୋମଥିବା ହାତ ପରି ଲାଗୁଥିଲା । ଏଣୁ ଇସ୍‌ହାକ ଯାକୁବଙ୍କୁ
ଆଶୀର୍ବାଦ କରିବାକୁ ଇଛାକଲେ ।

[24]କିନ୍ତୁ ସେ ଯାକୁବଙ୍କୁ ପଚାରିଲେ, ତୁମେ କଅଣ ପ୍ରକୃତରେ ମୋର ପୁଅ ଏଷୌ ? ଯାକୁବ କହିଲେ, ହଁ ବାପା, ମୁଁ ସେହି ଅଟେ ।

[25]ଏହାପରେ ଇସ୍‌ହାକ କହିଲେ, ସେହି ଖାଦ୍ୟ ମୋ ନିକଟକୁ ଆଣ । ତୁମେ ଆଣିଥିବା ବନ୍ୟଜନ୍ତୁର ମାଂସ ମୁଁ ଖାଇବି ଓ ତୁମକୁ ଆଶୀର୍ବାଦ କରିବି । ଯାକୁବ ସେହି ଖାଦ୍ୟ ତାଙ୍କ ବାପା ଇସ୍‌ହାକଙ୍କ ପାଖକୁ ଆଣିଲେ ଓ ସେ ତାହା ଖାଇଲେ । ପୁଣି ଯାକୁବ ତାଙ୍କ ପାଇଁ ଦ୍ରାକ୍ଷାରସ ଆଣିଲେ ଓ ସେ ତାହା ପିଇଲେ ।

[26]ଏହାପରେ ତାଙ୍କ ବାପା ଇସ୍‌ହାକ କହିଲେ, ପୁଅ, ଏବେ ମୋ ନିକଟକୁ ଆସ ଏବଂ ମୋତେ ଚୁମ୍ବନ କର ।

[27]ଏଣୁ ଯାକୁବ ତାଙ୍କ ବାପାଙ୍କ ପାଖକୁ ଗଲେ ଏବଂ ତାଙ୍କୁ ଚୁମ୍ବନ କଲେ । ଇସ୍‌ହାକ ତାଙ୍କ ପୋଷାକର ଗନ୍ଧ ଶୁଘିଲେ ଓ କହିଲେ, ଆହା ! ମୋ ପୁଅର ସୁଗନ୍ଧ ଯିହୋବା ପ୍ରଭୁ ଆଶୀର୍ବାଦ କରିଥିବା କ୍ଷେତର ସୁଗନ୍ଧ ପରି ! ଏହାପରେ ଇସ୍‌ହାକ ତାଙ୍କୁ ଆଶୀର୍ବାଦ କରି କହିଲେ,

[28]ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ,
ତୁମର ଶସ୍ୟ କ୍ଷେତ୍ରରେ ସର୍ବଦା ବର୍ଷା ହେଉ,
ପୁଣି ସେ ତୁମର ଭୂମିକୁ ଉର୍ବର କରି
ତୁମକୁ ପ୍ରଚୁର ଫଳ, ଶସ୍ୟ ଓ
ନୂତନ ଦ୍ରାକ୍ଷାରସ ଦିଅନ୍ତୁ ।

[29]ବହୁ ଗୋଷ୍ଠୀ ତୁମର ସେବା କରନ୍ତୁ ଓ
ଲୋକମାନେ ତୁମକୁ ପ୍ରଣାମ କରନ୍ତୁ ।
ତୁମେ ନିଜ ଭାଇମାନଙ୍କ ଉପରେ ମାଲିକ ହୁଅ ।
ପୁଣି ତୁମ ମାଆଙ୍କଠାରୁ ଜନ୍ମ ହୋଇଥିବା
ପୁଅମାନେ ତୁମକୁ ପ୍ରଣାମ କରନ୍ତୁ ।
ଯେଉଁମାନେ ତୁମକୁ ଅଭିଶାପ ଦିଅନ୍ତି,
ସେମାନଙ୍କ ପ୍ରତି ଅଭିଶାପ ଘଟୁ,
ଯେଉଁମାନେ ତୁମକୁ ଆଶୀର୍ବାଦ କରନ୍ତି,
ସେମାନେ ଆଶୀର୍ବାଦ ପାଆନ୍ତୁ ।

[30]ଇସ୍‌ହାକ ଯାକୁବଙ୍କୁ ଆଶୀର୍ବାଦ କରିବା ପରେ ଯାକୁବ ତାଙ୍କ ନିକଟରୁ ଚାଲିଗଲେ । ପୁଣି ଯାକୁବ ଯିବା ସଙ୍ଗେ ସଙ୍ଗେ ତାଙ୍କ ଭାଇ ଏଷୌ ଶିକାର କରି ଫେରିଲେ ।

[31]ସେ ମଧ୍ୟ ବନ୍ୟଜନ୍ତୁର ମାଂସ ସୁଆଦିଆ କରି ରାନ୍ଧିଲେ ଓ ତାଙ୍କ ନିକଟକୁ ନେଇଗଲେ । ପୁଣି ସେ ନିଜ ବାପାଙ୍କୁ କହିଲେ, ବାପା, ଏବେ ତୁମେ ଉଠି ବସ ଓ ମୁଁ ରାନ୍ଧି ଆଣିଥିବା ଏହି ବନ୍ୟଜନ୍ତୁର ମାଂସ ଖାଅ, ପୁଣି ମୋତେ ଆଶୀର୍ବାଦ କର ।

[32]ତାଙ୍କ ବାପା ତାଙ୍କୁ ପଚାରିଲେ, ତୁମେ କିଏ ? ଏଷୌ କହିଲେ, ମୁଁ ତୁମର ପୁଅ, ତୁମର ବଡ଼ ପୁଅ ଏଷୌ ।

[33]ଇସ୍‌ହାକ ଏହା ଶୁଣି ବହୁତ ଥରିଲେ ଏବଂ କହିଲେ, ତେବେ ତୁମେ ଆସିବା ଆଗରୁ କିଏ ମୋ ନିକଟକୁ ବନ୍ୟଜନ୍ତୁର ମାଂସ ଆଣି ଆସିଥିଲା ? ମୁଁ ତାହା ଖାଇଲି ଏବଂ ତାକୁ ଆଶୀର୍ବାଦ କଲି, ପୁଣି ସେ ନିଶ୍ଚୟ ଆଶୀର୍ବାଦ ପାଇବ ।

[34]ଏଷୌ ନିଜ ବାପାଙ୍କର ଏହି ସବୁକଥା ଶୁଣିବା ମାତ୍ରକେ ବହୁତ ଦୁଃଖରେ[a] ପାଟିକରି କାନ୍ଦି କାନ୍ଦି କହିଲେ, ବାପା, ମୋତେ ମଧ୍ୟ ଆଶୀର୍ବାଦ କର ।

[35]କିନ୍ତୁ ଇସ୍‌ହାକ କହିଲେ, ତୁମର ଭାଇ ଆସି ମୋତେ ଠକି, ତୁମର ଆଶୀର୍ବାଦ ନେଇଗଲା ।

[36]ଏହା ଶୁଣି ଏଷୌ କହିଲେ, ତାହାର ନାମ କଅଣ ଖାଲିରେ ଯାକୁବ[m] ହୋଇଛି ? ସେ ଦୁଇ ଥର ମୋତେ ଠକିଲା । ସେ ଆଗରୁ ମୋର ଜନ୍ମ ଅଧିକାର

---

[a]27.34 ତିକ୍ତତାରେ

ଠକି ନେଇ ଯାଇଥିଲା, ପୁଣି, ଏବେ ମଧ୍ୟ ମୋର ଆଶୀର୍ବାଦ ଠକି ନେଇଗଲା । ପୁଣି ଏଷୌ ଇସ୍‌ହାକଙ୍କୁ ପଚାରିଲେ, ବାପା, ତୁମେ କି ମୋ ପାଇଁ ଗୋଟିଏ ମଧ୍ୟ ଆଶୀର୍ବାଦ ରଖି ନାହଁ ?

37 ଇସ୍‌ହାକ ଏଷୌକୁ ଉତ୍ତର ଦେଇ କହିଲେ, ଦେଖ ପୁଅ, ତୁମର କର୍ତ୍ତା ହେବା ପାଇଁ, ମୁଁ ତାକୁ ଆଶୀର୍ବାଦ ଦେଇ ସାରିଛି । ତାହାର ସମ୍ପର୍କୀୟମାନେ ତାହାର ଦାସ ହୋଇ ସେବା କରିବେ । ପୁଣି ମୁଁ ତାକୁ ଶସ୍ୟ ଓ ନୂଆ ଦ୍ରାକ୍ଷାରସରେ ଧନୀ ହେବାକୁ ମଧ୍ୟ ଆଶୀର୍ବାଦ କଲି । ଏଣୁ, ଏବେ ମୋର ପୁଅ, ମୁଁ ତୁମ ପାଇଁ ଆଉ କଅଣ କରି ପାରିବି ?

38 ଏଷୌ ନିଜ ବାପାଙ୍କୁ କହିଲେ, ବାପା, ତୁମଠାରେ କଅଣ ଗୋଟିଏ ମାତ୍ର ଆଶୀର୍ବାଦ ଥିଲା ? ହେ ମୋର ବାପା, ମୋତେ ମଧ୍ୟ ଆଶୀର୍ବାଦ କର । ଏପରି କହି ଏଷୌ ଉଚ୍ଚ ସ୍ୱରରେ କାନ୍ଦିଲେ ।

39 ପୁଣି ତାଙ୍କ ବାପା ଇସ୍‌ହାକ ତାଙ୍କୁ କହିଲେ, ଦେଖ, ପୃଥିବୀର ଭଲ ଫସଲ କିମ୍ବା ବର୍ଷା ନ ହେବା ସ୍ଥାନରେ ତୁମେ ବାସ କରିବ ।

40 ତୁମେ ସାରା ଜୀବନ ଯୁଦ୍ଧ କରି ବଞ୍ଚିବ, ପୁଣି ତୁମ ଭାଇର ସେବା କରିବ । ମାତ୍ର, ଦିନ ଆସିବ ତୁମେ ତାହା ସହ୍ୟ କରି ନ ପାରି ବିରୋଧ କରିବ ଓ ତାଙ୍କ ଅଧିନରେ ରହିବ ନାହିଁ ।

## ଯାକୁବ ପଦ୍ଦନ ଅରାମକୁ ପଳାଇଗଲେ

41 ଇସ୍‌ହାକ ଏଷୌଙ୍କ ଆଶୀର୍ବାଦ ଯାକୁବଙ୍କୁ ଦେବାରୁ ଏଷୌ ଯାକୁବଙ୍କୁ ଘୃଣା କଲେ । ପୁଣି ସେ ମନେ ମନେ କହିଲେ, ମୋର ବାପାଙ୍କର ମରିବା ସମୟ ନିକଟ ହୋଇଆସୁଅଛି । ତେଣୁ ସେ ମରିଯିବା ପରେ ମୁଁ ମୋର ଭାଇ ଯାକୁବକୁ ହତ୍ୟା କରିବି ।

42 ମାତ୍ର ବଡ଼ ପୁଅ ଏଷୌ ଏପରି କହୁଥିବା କଥା ରିବିକା ଶୁଣିଲେ । ତେଣୁ ସେ ତାହାର ସାନ ପୁଅ ଯାକୁବଙ୍କୁ ଡାକି କହିଲେ, ଦେଖ ପୁଅ, ତୁମର ଭାଇ ଏଷୌ ତୁମକୁ ହତ୍ୟା କରିବାକୁ ମନେ ମନେ ଚିନ୍ତା କରି ନିଜକୁ ନିଜେ ସାନ୍ତ୍ୱନା ଦେଉଅଛି ।

43 ତେଣୁ, ପୁଅ, ଏବେ ମୋର କଥା ଶୁଣ । ଉଠ, ହାରଣ ନଗରରେ ରହୁଥିବା ମୋର ଭାଇ ଲାବନ ନିକଟକୁ ପଳାଇଯାଅ ।

44 ତୁମ ଭାଇର ରାଗ ଶାନ୍ତ ହେବା ଯାଏଁ ସେଠାରେ କିଛି ଦିନ ମୋର ଭାଇଙ୍କ ସହିତ ବାସକର ।

45 ତୁମ ଭାଇର ରାଗ ଶାନ୍ତ ହେଲେ ଓ ତୁମେ ତାହା ପ୍ରତି ଯାହାସବୁ କରିଅଛ, ସେସବୁ ସେ ଭୁଲିଗଲେ, ମୁଁ ତୁମ ପାଖକୁ ଖବର ପଠାଇବି ଓ ତୁମେ ଫେରିଆସିବ । ତୁମେ ଏଠାରେ ରହିଲେ, ତୁମେ ଦୁଇ ଜଣ ଝଗଡ଼ା କରିବ ଓ ଜଣେ ଅନ୍ୟ ଜଣକୁ ମାରିଦେବ । ତେଣୁ ମୁଁ କାହିଁକି ତୁମ ଦୁଇ ଜଣଙ୍କୁ ଗୋଟିଏ ଦିନରେ ହରାଇବି ?

46 ତାପରେ ରିବିକା ଇସ୍‌ହାକଙ୍କୁ କହିଲେ, ଏଷୌ ବିବାହ କରିଥିବା ଏହି ହିତ୍ତିୟ ବଂଶର ସ୍ତ୍ରୀମାନଙ୍କ ଯୋଗୁଁ ମୁଁ ଦୁଃଖ ପାଇ ଥକିଗଲିଣି । ଯେବେ ଯାକୁବ ମଧ୍ୟ ତାହାର ଭାଇ ଏଷୌ ପରି ଏହି ହିତ୍ତିୟ ବଂଶର କୌଣସି ଝିଅକୁ ବିବାହ କରେ, ତେବେ ମୁଁ ବଞ୍ଚିରହି କିଛି ଲାଭ ନାହିଁ ।

# 28

## ଯାକୁବ ପଦ୍ଦନ ଅରାମକୁ ଯିବାକୁ ବାହାରିଲେ

1 ଏହାପରେ ଇସ୍‌ହାକ ଯାକୁବଙ୍କୁ ନିଜ ପାଖକୁ ଡାକିଲେ ଓ ଆଶୀର୍ବାଦ କଲେ । ପୁଣି ଆଜ୍ଞା ଦେଇ କହିଲେ, ତୁମେ କିଣାନ ଦେଶର କୌଣସି ଝିଅକୁ
ବିବାହ କରିବ ନାହିଁ । 2 ଏବେ ଉଠ, ପଦ୍ଦନ ଅରାମ ଦେଶରେ ରହୁଥିବା ତୁମ ଅଜା ବଥୂୟେଲ ଘରକୁ ଯାଅ ଓ ସେଠାରେ ତୁମ ମାମୁଁ ଲାବନର ଝିଅମାନଙ୍କ
ମଧ୍ୟରୁ ଜଣକୁ ବିବାହ କର । 3 ସର୍ବଶକ୍ତିମାନ ପରମେଶ୍ୱର ଆଶୀର୍ବାଦ କରି ତୁମକୁ ଫଳବନ୍ତ କରନ୍ତୁ ଓ ତୁମକୁ ବୃଦ୍ଧି କରନ୍ତୁ, ଯେପରି ତୁମେ ବହୁ ଜାତିର ପିତା

---

[m] **27.36** ଠକିବା ଲୋକ

ହେବ । [4]ଆଉ ପରମେଶ୍ୱର ତୁମ ଜେଜେ ବାପା ଅବ୍ରାହାମଙ୍କୁ ଦେଇଥିବା ଆଶୀର୍ବାଦ ତୁମକୁ ଓ ତୁମ ବଂଶକୁ ଦିଅନ୍ତୁ । ପୁଣି ପରମେଶ୍ୱର ଅବ୍ରାହାମଙ୍କୁ ଦେଇଥିବା ଏହି ଯେଉଁ ଦେଶରେ ତୁମେ ବିଦେଶୀ ରୂପେ ବାସ କରୁଅଛ, ତାହା ତୁମେ ଅଧିକାର କର ।

[5-7]ଇସ୍‌ହାକ ଯାକୁବଙ୍କୁ ଆଶୀର୍ବାଦ କରି, ପଦ୍ଦନ-ଅରାମ ଦେଶକୁ ପଠାଇଲେ । ଇସ୍‌ହାକ ଯାକୁବଙ୍କୁ ଆଶୀର୍ବାଦ କରିବା ସମୟରେ ଆଜ୍ଞା ଦେଇ କହିଲେ, ତୁମେ କୌଣସି ପ୍ରକାରେ କିଣାନ ଦେଶର ଝିଅକୁ ବିବାହ କରିବ ନାହିଁ । ଯାକୁବ ଇସ୍‌ହାକଙ୍କ ନିକଟରୁ ଚାଲିଗଲେ ଏବଂ ପଦ୍ଦନ-ଅରାମ ଦେଶରେ ରହୁଥିବା ବଥୂୟେଲଙ୍କ ପୁଅ, ଅର୍ଥାତ୍, ଯାକୁବ ଓ ଏଷୌଙ୍କ ନିଜ ମାଆ ରିବିକାଙ୍କ ଭାଇ ଲାବନଙ୍କ ନିକଟକୁ ଗଲେ । ଯାକୁବ ନିଜ ପିତାମାତାଙ୍କ ଆଜ୍ଞା ପାଳନ କରି, ପଦ୍ଦନ-ଅରାମ ଦେଶକୁ ଚାଲିଗଲେ । ପୁଣି ଏହି ସମସ୍ତ କଥା ଏଷୌ ଜାଣି ପାରିଲେ ।

[8]ପୁଣି ଏଷୌ ଦେଖିଲେ ଯେ, ତାଙ୍କ ବାପା ଇସ୍‌ହାକ କିଣାନ ଦେଶର ସ୍ତ୍ରୀଲୋକଙ୍କ ପ୍ରତି ଅସନ୍ତୁଷ୍ଟ ଅଟନ୍ତି ।

[9]ତେଣୁ, ଏଷୌ ନିଜର ଦୁଇ ସ୍ତ୍ରୀ ଥିଲେ ମଧ, ଅବ୍ରାହାମଙ୍କ ପୁଅ ଇଶ୍ମାଏଲଙ୍କ ନିକଟକୁ ଗଲେ ଏବଂ ତାଙ୍କ ଝିଅ, ଅର୍ଥାତ୍, ନବାୟତଙ୍କ ଭଉଣୀ ମହଲତ୍‌କୁ ବିବାହ କଲେ ।

## ଯାକୁବ ବେଥେଲରେ ଏକ ସ୍ୱପ୍ନ ଦେଖିଲେ

[10]ଯାକୁବ ବେର୍‌ଶେବା ନାମକ ସ୍ଥାନ ଛାଡ଼ି ହାରଣ ନଗର ଆଡ଼କୁ ଗଲେ ।

[11]ପୁଣି ସେ ଯାଉ ଯାଉ ସୂର୍ଯ୍ୟ ଅସ୍ତ ହେବାରୁ, ରାତ୍ରିରେ ଗୋଟିଏ ସ୍ଥାନରେ ରହିଲେ । ପୁଣି ଖଣ୍ଡିଏ ପଥର ନେଇ ତାହା ମୁଣ୍ଡ ତଳେ ରଖି ସେହିସ୍ଥାନରେ ଶୋଇଲେ ।

[12]ଏହାପରେ ସେ ସ୍ୱପ୍ନରେ ଦେଖିଲେ, ଏକ ଶିଡ଼ି ପୃଥିବୀରୁ ସ୍ୱର୍ଗ ଯାଏଁ ପହଞ୍ଚିଥିଲା । ପୁଣି ସେଥିରେ ପରମେଶ୍ୱରଙ୍କ ଦୂତମାନେ ତଳକୁ ଓହ୍ଲାଇ ଆସୁଥିଲେ ଓ ଉପରକୁ ଯାଉଥିଲେ ।

[13]ପୁଣି ଯିହୋବା ପ୍ରଭୁ ସେହି ଶିଡ଼ି ଉପରେ ଠିଆହୋଇ ଯାକୁବଙ୍କୁ କହିଲେ, ଆମ୍ଭେ ଯିହୋବା ପ୍ରଭୁ, ତୁମର ଜେଜେ ବାପା ଅବ୍ରାହାମ ଓ ତୁମର ବାପା ଇସ୍‌ହାକଙ୍କର ପରମେଶ୍ୱର । ତୁମେ ଏହି ଯେଉଁ ଦେଶରେ ଶୋଇଅଛ, ତାହା ଆମ୍ଭେ ତୁମକୁ ଓ ତୁମ ବଂଶଧରମାନଙ୍କୁ ଦେବା ।

[14]ତୁମର ବଂଶ ପୃଥିବୀର ଧୂଳି ପରି ଅସଂଖ୍ୟ ହେବେ, ପୁଣି ତୁମେ ପୂର୍ବ ଓ ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଏପରି ଚାରିଆଡ଼େ ବୃଦ୍ଧିପାଇବ । ପୁଣି ପୃଥିବୀର ସବୁଜାତିର ଲୋକ ତୁମ ଦେଇ ଓ ତୁମର ବଂଶ ଦେଇ ଆଶୀର୍ବାଦ ପାଇବେ ।

[15]ପୁଣି, ଦେଖ, ଆମ୍ଭେ ତୁମ ସହିତ ଅଛୁ; ତୁମେ ଯେଉଁ ଯେଉଁ ସ୍ଥାନକୁ ଯିବ, ସେହି ସବୁସ୍ଥାନରେ ଆମ୍ଭେ ତୁମକୁ ରକ୍ଷା କରିବା, ପୁଣି ଆଉ ଥରେ ତୁମକୁ ଏହି ଦେଶକୁ ଫେରାଇ ଆଣିବା । ଆମ୍ଭେ ତୁମ ପାଇଁ ଯାହା ଯାହା କରିବୁ ବୋଲି କହିଅଛୁ, ତାହା ସଫଳ ହେବା ଯାଏଁ ତୁମକୁ ଛାଡ଼ିବା ନାହିଁ ।

[16]ଯାକୁବ ନିଦରୁ ଉଠିଲା ପରେ କହିଲେ, ଯିହୋବା ପ୍ରଭୁ ନିଶ୍ଚୟ ଏହି ସ୍ଥାନରେ ଅଛନ୍ତି, ମାତ୍ର ମୁଁ ତାହା ଜାଣି ନ ଥିଲି ।

[17]ପୁଣି, ସେ ଭୟକଲେ ଓ କହିଲେ, ଏହା ଏକ ଭୟାନକ[n] ସ୍ଥାନ । ଏହା ନିଶ୍ଚୟ ପରମେଶ୍ୱରଙ୍କ ଘର, ଏହା ହେଉଛି ସ୍ୱର୍ଗର ଦ୍ୱାର ।

[18]ତହିଁଆର ଦିନ, ଯାକୁବ ଅତି ସକାଳେ ଉଠିଲେ ପୁଣି ମୁଣ୍ଡ ତଳେ ରଖି ଶୋଇଥିବା ପଥର ନେଇ ସେହି ଘଟଣାକୁ ମନେପକାଇବା ପାଇଁ, ଖମ୍ବ ପରି ପୋତିଲେ ଓ ତାହା ଉପରେ ତେଲ ଢାଳିଲେ ।

[19]ପୁଣି ସେ ସେହି ସ୍ଥାନର ନାମ ବେଥେଲ, ଅର୍ଥାତ୍, 'ପରମେଶ୍ୱରଙ୍କ ଗୃହ' ରଖିଲେ, ମାତ୍ର ଆଗରୁ ସେହି ସ୍ଥାନର ନାମ ଲୁସ୍ ଥିଲା ।

[20]ଆଉ, ଯାକୁବ ମାନତ କରି କହିଲେ, ହେ ପରମେଶ୍ୱର, ଯଦି ତୁମ୍ଭେ ମୋ ସହିତ ରହିବ ଓ ମୋର ଏହି ଯିବା ପଥରେ ମୋତେ ରକ୍ଷା କରିବ, ପୁଣି
ମୋତେ ଖାଦ୍ୟ ଓ ବସ୍ତ୍ର ଦେବ, [21]ପୁଣି, ମୁଁ ଯଦି ପୁଣି ଥରେ ମୋର ପିତାଙ୍କ ଘରକୁ ନିରାପଦରେ ଫେରି ଆସିବି, ତେବେ, ହେ ଯିହୋବା ପ୍ରଭୁ, ତୁମେ ହିଁ

---

[n]**28.17** ଭୟ ଲାଗିବା ପରି ସ୍ଥାନ

ନିଶ୍ଚୟ ମୋର ପରମେଶ୍ୱର ହେବ । 22ଆଉ ମୁଁ ଏହି ଯେଉଁ ପଥର ଖମ୍ବ ପରି ପୋତିଅଛି, ତାହା ତୁମ୍ଭର ଗୃହ ହେବ । ପୁଣି ତୁମ୍ଭେ ମୋତେ ଯାହାସବୁ ଦେବ, ସେସବୁର ଦଶ ଭାଗରୁ ଏକ ଭାଗ ମୁଁ ତୁମ୍ଭକୁ ଦେବି ।

# 29

## ଯାକୁବ ପଦ୍ଦନ ଅରାମରେ ପହଞ୍ଚିଲେ

1ପୁଣି ଯାକୁବ ଯାଉ ଯାଉ କିଣାନ ଦେଶର ପୂର୍ବ ଦିଗରେ ବାସ କରୁଥିବା ଲୋକମାନଙ୍କ ଦେଶରେ ପହଞ୍ଚିଲେ ।

2ସେ ସେଠାରେ ପହଞ୍ଚି କ୍ଷେତ ମଝିରେ ଏକ କୂଅ ଦେଖିଲେ । ପୁଣି ଦେଖ, ମେଣ୍ଢାପାଳକମାନେ ସେହି କୂଅର ପାଣି ପିଆଇବା ପାଇଁ ସେଠାରେ ତିନି ପଲ ମେଣ୍ଢା ରଖିଥିଲେ । ସେହି କୂଅ ଉପରେ ଗୋଟିଏ ବଡ଼ ପଥର ଘୋଡ଼ାଇ ରଖାଯାଇଥିଲା ।

3ମେଣ୍ଢାପାଳକମାନେ ସେହି କୂଅ ନିକଟରେ ମେଣ୍ଢାପଲସବୁ ଏକାଠି କରୁଥିଲେ, ଆଉ କୂଅରୁ ପଥର ଘୁଞ୍ଚାଇ ମେଣ୍ଢାପଲଗୁଡ଼ିକୁ ପାଣି ପିଆଉଥିଲେ ଏବଂ ପୁଣି ଥରେ କୂଅ ଉପରେ ପଥର ଘୋଡ଼ାଇ ଦେଉଥିଲେ ।

4ଯାକୁବ ସେମାନଙ୍କୁ ପଚାରିଲେ, ହେ ଭାଇମାନେ, ଆପଣମାନେ କେଉଁ ସ୍ଥାନର ଲୋକ ? ସେମାନେ ଉତ୍ତର ଦେଲେ, ଆମ୍ଭେମାନେ ହାରଣ ନଗରର ଲୋକ ।

5ଯାକୁବ ପୁଣି ସେମାନଙ୍କୁ ପଚାରିଲେ, ଆପଣମାନେ ନାହୋରଙ୍କ ନାତି ଲାବନଙ୍କୁ ଜାଣନ୍ତି କି ? ସେମାନେ କହିଲେ, ହଁ ଆମ୍ଭେମାନେ ତାଙ୍କୁ ଜାଣୁ ।

6ଯାକୁବ ସେମାନଙ୍କୁ ପଚାରିଲେ, ସେ ଭଲ ଅଛନ୍ତି କି ? ସେମାନେ କହିଲେ, ହଁ, ସେ ଭଲ ଅଛନ୍ତି । ଏହି ଦେଖନ୍ତୁ, ଲାବନଙ୍କ ଝିଅ ମେଣ୍ଢାପଲ ନେଇ ଏଠାକୁ ଆସୁଅଛି ।

7ଯାକୁବ ସେମାନଙ୍କୁ କହିଲେ, ଦେଖ, ଏବେ ଦିନର ବହୁତ ସମୟ ଅଛି, ମେଣ୍ଢାପଲ ଏକାଠି କରିବାର ସମୟ ହୋଇନାହିଁ । ତେଣୁ ଆପଣମାନେ ମେଣ୍ଢାଗୁଡ଼ିକୁ ପାଣି ପିଆଇ ପୁଣି ଥରେ ଚରାଇବାକୁ ନେଇଯାଆନ୍ତୁ ।

8ମାତ୍ର ସେମାନେ କହିଲେ, ଏବେ ଆମେ ଆମର ମେଣ୍ଢାଗୁଡ଼ିକୁ ପାଣି ପିଆଇ ପାରିବୁ ନାହିଁ । କାରଣ ସବୁ ମେଣ୍ଢାପଲ ଏକାଠି ହେବା ଯାଏଁ ଆମେ ଜଗିଥାଉ, ତାପରେ ହିଁ କୂଅ ଉପରୁ ପଥର ଘୁଞ୍ଚାଇ ମେଣ୍ଢାଗୁଡ଼ିକୁ ପାଣି ପିଆଇଥାଉ ।

9ଯାକୁବ ସେମାନଙ୍କ ସହିତ ଏହିପରି କଥା ହେଉଥିବା ସମୟରେ, ରାହେଲ ନିଜ ବାପାଙ୍କ ମେଣ୍ଢାପଲ ନେଇ ସେଠାରେ ପହଞ୍ଚିଲେ, ଯେହେତୁ ସେ ଜଣେ ମେଣ୍ଢାପାଳିକା ଥିଲେ ।

10ଯାକୁବ ନିଜ ମାମୁଁ ଲାବନଙ୍କ ଝିଅ ରାହେଲକୁ ଓ ତାଙ୍କର ମେଣ୍ଢାପଲକୁ ଦେଖି କୂଅ ନିକଟକୁ ଗଲେ ଓ କୂଅ ଉପରୁ ପଥର ଘୁଞ୍ଚାଇ ତାଙ୍କ ମାମୁଁଙ୍କର ମେଣ୍ଢାଗୁଡ଼ିକୁ ପାଣି ପିଆଇଲେ ।

11ପୁଣି ଯାକୁବ ରାହେଲଙ୍କୁ ଚୁମ୍ବନ କରି ଉଚ୍ଚ ସ୍ୱରରେ କାନ୍ଦିଲେ ।

12ପୁଣି ସେ ନିଜର ପରିଚୟ ଦେଇ କହିଲେ, ମୁଁ ହେଉଛି ତୁମ ବାପାଙ୍କର କୁଟୁମ୍ବ ଲୋକ ଓ ତୁମ ପିଉସି ରିବିକାର ପୁଅ । ଏହା ଶୁଣି ରାହେଲ ଧାଇଁଯାଇ ନିଜ ବାପା ଲାବନଙ୍କୁ ଏହି ଖବର ଜଣାଇଲେ ।

13ଲାବନ ନିଜ ଭଣଜା ଯାକୁବ ଆସିଥିବାର ଖବର ପାଇ, ତାଙ୍କୁ ଭେଟିବା ନିମନ୍ତେ ଶୀଘ୍ର ଗଲେ, ପୁଣି ଯାକୁବଙ୍କୁ କୁଣ୍ଢାଇଧରି ଚୁମ୍ବନ କଲେ ଓ ନିଜ ଘରକୁ ନେଇଗଲେ । ପୁଣି ଯାକୁବ ଲାବନଙ୍କୁ ସବୁକଥା କହିଲେ ।

14ଲାବନ ସବୁ ଶୁଣି ଯାକୁବଙ୍କୁ କହିଲେ, ତୁମେ ମୋର ନିଜ ରକ୍ତର ଲୋକ । ପୁଣି ଯାକୁବ ଲାବନଙ୍କ ଘରେ ଗୋଟିଏ ମାସ ରହିଲେ ।

## ଯାକୁବ ଲେୟା ଓ ରାହେଲଙ୍କୁ ବିବାହ କଲେ

15 ଦିନେ ଲାବନ ଯାକୁବଙ୍କୁ କହିଲେ, ତୁମେ ମୋର ଭଉଣୀର ପୁଅ ବୋଲି ମୋ ଘରେ ବିନା ବେତନରେ କାମ କରିବ କି ? ଏଣୁ, ମୋତେ କୁହ, ତୁମେ କେତେ ବେତନ ନେବ ?

16-18 ସେହି ଲାବନଙ୍କର ଦୁଇ ଝିଅ ଥିଲେ, ବଡ଼ ଝିଅର ନାମ ଲେୟା ଓ ସାନ ଝିଅର ନାମ ରାହେଲ । ଲେୟାର ଆଖି କୋମଳ[a] ଥିଲା ମାତ୍ର ରାହେଲ ସୁନ୍ଦରୀ ଓ ରୂପବତୀ ଥିଲେ । ଯାକୁବ ରାହେଲଙ୍କୁ ପ୍ରେମ କରୁଥିଲେ, ତେଣୁ ସେ ଲାବନଙ୍କୁ କହିଲେ, ତୁମେ ତୁମର ସାନ ଝିଅ ରାହେଲଙ୍କୁ ମୋ ସହିତ ବିବାହ ଦେବାକୁ ରାଜି ହେଲେ, ମୁଁ ତୁମର ସାତ ବର୍ଷ ସେବା କରିବି ।

19 ସେଥିରେ ଲାବନ କହିଲେ, ମୋ ଝିଅକୁ ଅନ୍ୟ କାହାକୁ ବିବାହ ଦେବାଠାରୁ ତୁମକୁ ବିବାହ ଦେବା ଅତି ଭଲ; ତେଣୁ ତୁମେ ମୋ ଘରେ ରୁହ ।

20 ତେଣୁ ଯାକୁବ ରାହେଲଙ୍କୁ ବିବାହ କରିବା ପାଇଁ ଲାବନଙ୍କ ଘରେ ସାତ ବର୍ଷ କାମ କଲେ । ସେ ରାହେଲଙ୍କୁ ଏତେ ପ୍ରେମ କରୁଥିଲେ ଯେ, ସେହି ସାତ ବର୍ଷ ତାଙ୍କୁ ଅଳ୍ପ ଦିନ ପରି ଲାଗିଲା ।

21 ସାତ ବର୍ଷ ପରେ, ଯାକୁବ ଲାବନଙ୍କୁ କହିଲେ, ମୁଁ ତୁମର ସାତ ବର୍ଷ ସେବା କରିଅଛି, ଏଣୁ, ଏବେ ମୋ ସ୍ତ୍ରୀଙ୍କ ସହିତ ମୋର ବିବାହ କରାଅ ।

22 ତେଣୁ ଲାବନ ସେହି ସ୍ଥାନର ସବୁଲୋକଙ୍କୁ ଡାକିଲେ ଏବଂ ସେମାନଙ୍କୁ ଭୋଜି ଦେଲେ ।

23 ପୁଣି ସନ୍ଧ୍ୟା ହେବାରୁ ଲାବନ ନିଜର ବଡ଼ ଝିଅ ଲେୟାଙ୍କୁ ନେଇ ଯାକୁବଙ୍କୁ ଦେଲେ, ପୁଣି ଯାକୁବ ଲେୟାଙ୍କ ସହିତ ଶୟନ କଲେ । 24 ଆଉ ଲେୟାଙ୍କର
ସେବା କରିବା ନିମନ୍ତେ ଲାବନ ନିଜର ଏକ ଦାସୀକୁ ଦେଲେ, ତାହାର ନାମ ସିଳ୍ପା ।

25 ମାତ୍ର ସକାଳ ହେବାରୁ ଯାକୁବ ଦେଖିଲେ ଯେ, ସେ ଯାହାକୁ ବିବାହ କଲେ ସେ ଲେୟା । ତେଣୁ ସେ ଲାବନଙ୍କୁ କହିଲେ, ତୁମେ ଏ କଅଣ କଲ ? ମୁଁ କଅଣ ରାହେଲଙ୍କ ପାଇଁ ତୁମର ସାତ ବର୍ଷ ସେବା କରିନାହିଁ ? ତେବେ ତୁମେ ମୋତେ କାହିଁକି ଠକିଲ ?

26 ଲାବନ କହିଲେ, ବଡ଼ ଝିଅ ଥାଉ ଥାଉ ସାନ ଝିଅକୁ ବିବାହ ଦେବାର ନିୟମ ଆମ ଦେଶରେ ନାହିଁ ।

27 ଏବେ ମୋର ଏହି ଝିଅ ସହିତ ବିବାହ ଉତ୍ସବର ସାତ ଦିନ କଟାଅ । ତାପରେ ମୋର ସାନ ଝିଅ ରାହେଲକୁ ମଧ୍ୟ ତୁମ ସହିତ ବିବାହ ଦେବି, ମାତ୍ର ସେଥିପାଇଁ ତୁମକୁ ଆଉ ସାତ ବର୍ଷ ମୋର ସେବା କରିବାକୁ ହେବ ।

28 ଯାକୁବ ଲେୟାଙ୍କ ସହିତ ସେହି ସାତ ଦିନ କଟାଇଲେ । ତାପରେ, ଲାବନ ନିଜ ସାନ ଝିଅ ରାହେଲଙ୍କୁ ନେଇ ଯାକୁବଙ୍କୁ ସ୍ତ୍ରୀ ରୂପେ ଦେଲେ ।

29 ପୁଣି, ରାହେଲଙ୍କର ସେବା କରିବା ପାଇଁ ଲାବନ ନିଜର ଏକ ଦାସୀକୁ ଦେଲେ, ତାହାର ନାମ ବିଲହା ।

30 ଯାକୁବ ରାହେଲଙ୍କ ସହିତ ଶୟନ କଲେ ଓ ଲେୟାଙ୍କଠାରୁ ରାହେଲଙ୍କୁ ଅଧିକ ପ୍ରେମ କଲେ । ପୁଣି ରାହେଲଙ୍କ ପାଇଁ ଲାବନଙ୍କର ଆହୁରି ସାତ ବର୍ଷ ସେବାକଲେ ।

31 ମାତ୍ର ଯାକୁବ ଲେୟାଙ୍କୁ ପ୍ରେମ ନ କରିବାରୁ ସେ ଅପମାନିତା ଅନୁଭବ କଲେ । ଯିହୋବା ପ୍ରଭୁ ତାହା ଦେଖି ଲେୟାଙ୍କୁ ଆଶୀର୍ବାଦ କଲେ ଓ ସେ ପିଲା ଜନ୍ମ କରି ପାରିଲେ, ମାତ୍ର ରାହେଲ ବନ୍ଧ୍ୟା ଥିଲେ ।

32 ଲେୟା ଗର୍ଭବତୀ ହୋଇ ଏକ ପୁଅ ଜନ୍ମକଲେ ଓ ତାହାର ନାମ ରୁବେନ[b] ଦେଲେ । କାରଣ ସେ କହିଲେ, ଯିହୋବା ପ୍ରଭୁ ମୋର ଦୁଃଖ ଦେଖିଅଛନ୍ତି । ମୁଁ ଏହି ପୁଅକୁ ଜନ୍ମ କରିବାରୁ ମୋର ସ୍ୱାମୀ ମୋତେ ଏବେ ନିଶ୍ଚୟ ପ୍ରେମ କରିବେ ।

33 ଲେୟା ପୁଣି ଥରେ ଗର୍ଭବତୀ ହୋଇ ଏକ ପୁଅ ଜନ୍ମକଲେ ଏବଂ କହିଲେ, ମୋର ସ୍ୱାମୀ ମୋତେ ପ୍ରେମ ନ କରିବାର ଯିହୋବା ପ୍ରଭୁ ଦେଖିଲେ ଓ ଏହି

---

[a] **29.16-18** କେତେକ ଅନୁବାଦରେ କ୍ଷୀଣ ବା ଦୁର୍ବଳ ଆଖି ବୋଲି ଅନୁବାଦ କରାଯାଇଅଛି

[b] **29.32** 'ଦେଖ, ଏକ ପୁତ୍ର !'

ପୁଅକୁ ମଧ୍ୟ ଦେଲେ । ତେଣୁ ସେ ତାହାର ନାମ ଶିମିୟୋନ[a] ଦେଲେ ।

[34]ଲେୟା ପୁଣି ଥରେ ଗର୍ଭବତୀ ହୋଇ, ଏକ ପୁଅ ଜନ୍ମକଲେ, ଏବଂ କହିଲେ, ଏବେ ମୋ ସ୍ୱାମୀର ମନ ମୋ ଠାରେ ଲାଗି ରହିବ । କାରଣ ମୁଁ ତାଙ୍କ ପାଇଁ ତିନି ପୁଅ ଜନ୍ମ କରିଅଛି । ତେଣୁ ସେ ତାହାର ନାମ ଲେବୀ[b] ଦେଲେ ।

[35]ସେ ପୁଣି ଥରେ ଗର୍ଭବତୀ ହେଲେ ଓ ଆଉ ଏକ ପୁଅ ଜନ୍ମକଲେ ଏବଂ କହିଲେ, ଏବେ ମୁଁ ଯିହୋବା ପ୍ରଭୁଙ୍କର ଗୁଣ ଗାନ କରିବି । ତେଣୁ ସେ ତାହାର ନାମ ଯିହୁଦା[c] ଦେଲେ । ଏହାପରେ ସେ ଆଉ ଗର୍ଭବତୀ ହେଲେ ନାହିଁ ।

# 30

## ରାହେଲ ନିଜ ଦାସୀ ବିଲହାକୁ ସ୍ତ୍ରୀ ରୂପେ ଯାକୁବଙ୍କୁ ଦେଲେ

[1]ରାହେଲ ନିଜେ ଯାକୁବଙ୍କ ନିମନ୍ତେ କୌଣସି ପିଲାଛୁଆ ଜନ୍ମ କରି ନ ଥିଲେ, ତେଣୁ ସେ ନିଜ ଭଉଣୀ ଲେୟାଙ୍କୁ ଈର୍ଷାକଲେ । ପୁଣି ସେ ଯାକୁବଙ୍କୁ କହିଲେ, ମୋତେ ପିଲାଛୁଆ ଦିଅ, ନ ହେଲେ ମୁଁ ମରିବି ।

[2]ଏହା ଶୁଣି ଯାକୁବ ରାହେଲଙ୍କୁ ରାଗିଲେ ଓ କହିଲେ, ମୁଁ କଅଣ ପରମେଶ୍ୱର ଯେ, ତୁମେ ମୋତେ ଏପରି କହୁଅଛ ? ପରମେଶ୍ୱର ହିଁ ତୁମକୁ ପିଲାଛୁଆ ଦେଇ ନାହାନ୍ତି ।

[3]ରାହେଲ ଯାକୁବଙ୍କୁ କହିଲେ, ଶୁଣ, ତୁମେ ମୋର ଦାସୀ ବିଲହା ସହିତ ଶୟନ କର । ସେ ମୋ ପାଇଁ ଛୁଆ ଜନ୍ମକଲେ, ମୁଁ ମଧ୍ୟ ତା ଦେଇ ମାଆ ହେବି ।

[4]ତେଣୁ ସେ ନିଜ ଦାସୀ ବିଲହାକୁ ସ୍ତ୍ରୀ ରୂପେ ଯାକୁବଙ୍କୁ ଦେଲେ ଓ ଯାକୁବ ବିଲହା ସହିତ ଶୟନ କଲେ ।

[5]ବିଲହା ଗର୍ଭବତୀ ହୋଇ ଏକ ପୁଅ ଜନ୍ମକଲେ ।

[6]ଏହାପରେ, ରାହେଲ କହିଲେ, ପରମେଶ୍ୱର ମୋର ନିବେଦନ ଶୁଣି ମୋର ନ୍ୟାୟ ବିଚାର କରି ମୋତେ ଏକ ପୁଅ ଦେଲେ । ଏଣୁ ସେ ତାହାର ନାମ ଦାନ[d] ଦେଲେ ।

[7]ରାହେଲଙ୍କ ଦାସୀ ବିଲହା ଦ୍ୱିତୀୟ ଥର ଗର୍ଭଧାରଣ କରି ଯାକୁବଙ୍କ ନିମନ୍ତେ ଦ୍ୱିତୀୟ ପୁଅ ଜନ୍ମକଲେ ।

[8]ଏହାପରେ ରାହେଲ କହିଲେ, ମୁଁ ମୋର ନିଜ ଭଉଣୀ ସହିତ ବଡ଼ ଯୁଦ୍ଧ କରି ତାଙ୍କୁ ଜୟକଲି । ତେଣୁ ସେ ସେହି ପୁଅର ନାମ ନପ୍ତାଲି[e] ଦେଲେ ।

## ଲେୟା ନିଜର ଦାସୀକୁ ସ୍ତ୍ରୀ ରୂପେ ଯାକୁବଙ୍କୁ ଦେଲେ

[9]ଲେୟା ନିଜେ ଆଉ ଗର୍ଭବତୀ ନ ହେବାରୁ ନିଜର ଦାସୀ ସିଲ୍ପାକୁ ନେଇ ସ୍ତ୍ରୀ ରୂପେ ଯାକୁବଙ୍କୁ ଦେଲେ ।

[10]ଏହାପରେ ଲେୟାର ଦାସୀ ସିଲ୍ପା ଯାକୁବଙ୍କ ପାଇଁ ଏକ ପୁଅ ଜନ୍ମକଲେ ।

[11]ପୁଣି ଲେୟା କହିଲେ, ମୋର କି ସୌଭାଗ୍ୟ ! ତେଣୁ ସେ ସେହି ପୁଅର ନାମ ଗାଦ[f] ଦେଲେ ।

---

[a] **29.33** ଯିହୋବା ପ୍ରଭୁ ଶୁଣନ୍ତି
[b] **29.34** ମନ ଲାଗିଯିବା
[c] **29.35** ଯିହୋବା ପ୍ରଭୁଙ୍କର ଗୁଣ ଗାନ କରିବା
[d] **30.6** ସପକ୍ଷରେ ନ୍ୟାୟ ଦେବା
[e] **30.8** ମଲ୍ଲଯୁଦ୍ଧ
[f] **30.11** ସୌଭାଗ୍ୟ

[12]ଏହାପରେ ଲେୟାର ଦାସୀ ସିଲ୍ପା ଯାକୁବଙ୍କ ପାଇଁ ଦ୍ୱିତୀୟ ପୁଅ ଜନ୍ମକଲେ ।

[13]ଏହାପରେ ଲେୟା କହିଲେ, ମୋର କେଡ଼େ ଆନନ୍ଦ ! ଏବେ ସ୍ତ୍ରୀଲୋକମାନେ ମୋ ବିଷୟରେ କହିବେ, ତାହାର କେଡ଼େ ଆନନ୍ଦ ! ତେଣୁ ସେ ସେହି ପୁଅର ନାମ ଆଶେର[w] ଦେଲେ ।

[14]ଗହମ କାଟିବା ସମୟରେ ଲେୟାର ବଡ଼ ପୁଅ ରୁବେନ କ୍ଷେତକୁ ଯାଇ ସେଠାରୁ ଦୂଦାଫଳ ଆଣି ନିଜ ମାଆ ଲେୟାଙ୍କୁ ଦେଲା । ରାହେଲ ଲେୟାଙ୍କୁ କହିଲେ, ତୁମ ପୁଅ ଆଣିଥିବା ଦୂଦାଫଳ[x]ରୁ ମୋତେ କିଛି ଦିଅ ।

[15]ମାତ୍ର ଲେୟା ତାଙ୍କୁ କହିଲେ, ତୁମେ ମୋଠାରୁ ମୋ ସ୍ୱାମୀଙ୍କୁ ଛଡ଼ାଇ ନେଲ, ଏହା କଅଣ ଛୋଟ କଥା ? ଏବେ ତୁମେ କଅଣ ମୋ ପୁଅର ଦୂଦାଫଳ ମଧ୍ୟ ଛଡ଼ାଇ ନେବ ? ରାହେଲ କହିଲେ, ତୁମ ପୁଅର ଦୂଦାଫଳ ମୋତେ ଦେଲେ ତାହା ବଦଳରେ ଯାକୁବ ଆଜି ରାତିରେ ତୁମ ସହିତ ଶୋଇବେ ।

[16]ସନ୍ଧ୍ୟାରେ ଯାକୁବ କ୍ଷେତରୁ ଫେରୁଥିବା ସମୟରେ, ଲେୟା ଯାଇ ତାଙ୍କୁ ଭେଟି କହିଲେ, ଆଜି ରାତିରେ ତୁମକୁ ମୋ ସହିତ ଶୋଇବାକୁ ହେବ । ଯେହେତୁ ମୁଁ ମୋ ପୁଅ ଆଣିଥିବା ଦୂଦାଫଳ ରାହେଲକୁ ଦେଇ ତୁମକୁ ଭଡ଼ାରେ ନେଇଅଛି । ତେଣୁ ସେ ସେହି ରାତିରେ ଲେୟା ସହିତ ଶୋଇଲେ ।

[17]ପୁଣି ପରମେଶ୍ୱର ଲେୟାର ପ୍ରାର୍ଥନା ଶୁଣିଲେ, ଏବଂ ସେ ଗର୍ଭବତୀ ହୋଇ ଯାକୁବଙ୍କ ପାଇଁ ପଞ୍ଚମ ପୁଅ ଜନ୍ମକଲେ ।

[18]ଏଣୁ ଲେୟା କହିଲେ, ମୁଁ ମୋର ଦାସୀ ସିଲ୍ପାକୁ ନେଇ ମୋ ସ୍ୱାମୀଙ୍କୁ ଦେଇଥିଲି, ଏଣୁ ତାହାର ପୁରସ୍କାର ରୂପେ ପରମେଶ୍ୱର ମୋତେ ଏହି ପୁଅକୁ ଦେଲେ । ତେଣୁ ସେ ସେହି ପୁଅର ନାମ ଇଷାଖର[y] ଦେଲେ ।

[19]ପୁଣି ଲେୟା ଗର୍ଭଧାରଣ କରି ଯାକୁବଙ୍କ ପାଇଁ ଷଷ୍ଠ ପୁଅ ଜନ୍ମକଲେ ।

[20]ଏହାପରେ ଲେୟା କହିଲେ, ପରମେଶ୍ୱର ମୋତେ ବହୁମୂଲ୍ୟ ଉପହାର ଦେଲେ । ଏବେ ମୋ ସ୍ୱାମୀ ମୋ ପ୍ରତି ସମ୍ମାନର ସହିତ ବ୍ୟବହାର କରିବେ । ତେଣୁ ସେ ତାହାର ନାମ ସବୁଲୁନ[z] ଦେଲେ ।

[21]ଏହାପରେ ସେ ଏକ ଝିଅ ଜନ୍ମକଲେ ଓ ତାହାର ନାମ ଦୀଣା ଦେଲେ ।

## ରାହେଲ ସନ୍ତାନ ଜନ୍ମକଲେ

[22]ଏହାପରେ ପରମେଶ୍ୱର ରାହେଲଙ୍କୁ ମନେପକାଇଲେ, ପୁଣି ତାଙ୍କ ପ୍ରାର୍ଥନା ଶୁଣି ତାଙ୍କୁ ଗର୍ଭଧାରଣ କରିବାକୁ ଶକ୍ତି ଦେଲେ ।

[23]ସେ ଗର୍ଭବତୀ ହେଲେ ଓ ଏକ ପୁଅ ଜନ୍ମ କରି କହିଲେ, ପରମେଶ୍ୱର ଏବେ ମୋର ଅପମାନ ଦୂର କରିଅଛନ୍ତି ।

[24]ସେ ତାହାର ନାମ ଯୋଷେଫ[a] ଦେଲେ । ଯେହେତୁ ସେ କହିଲେ, ପରମେଶ୍ୱର ମୋତେ ଆଉ ଏକ ପୁଅ ଦିଅନ୍ତୁ ।

## ଯାକୁବଙ୍କର ଧନସମ୍ପତ୍ତି ବୃଦ୍ଧି ପାଇଲା

[25]ରାହେଲ ଯୋଷେଫଙ୍କୁ ଜନ୍ମ କଲା ପରେ ପରେ, ଯାକୁବ ଲାବନଙ୍କୁ କହିଲେ, ମୋତେ ବିଦାୟ ଦିଅ, ମୁଁ ମୋ ନିଜ ଦେଶକୁ ଫେରିଯିବି ।

[26]ମୋର ସ୍ତ୍ରୀମାନଙ୍କୁ ଓ ପିଲାମାନଙ୍କୁ ମୋତେ ଦିଅ, ଯେଉଁମାନଙ୍କ ପାଇଁ ମୁଁ ଏତେ ବର୍ଷ ତୁମର ସେବା କରିଅଛି, କାରଣ ମୁଁ ଏଠାରୁ ଫେରିଯିବି । ପୁଣି ମୁଁ

---

[w] **30.13** ଆନନ୍ଦ
[x] **30.14** ଏହା ମାଟି ତଳେ ଫଳୁଥିବା ଏକ ପ୍ରକାର ଫଳ
[y] **30.18** ପୁରସ୍କାର
[z] **30.20** ସମ୍ମାନ
[a] **30.24** ବୃଦ୍ଧି

ତୁମର କିପରି ସେବା କରିଅଛି ତାହା ତୁମେ ଭଲ ଭାବରେ ଜାଣ ।

27 ମାତ୍ର ଲାବନ ତାଙ୍କୁ କହିଲେ, ବିନୟ କରୁଅଛି, ତୁମେ ମୋ ପ୍ରତି ଅନୁଗ୍ରହ କର ଓ ମୋ ଘରେ ରହିଯାଅ । କାରଣ ମୁଁ ଗଣନାକରି ଜାଣିପାରିଛି ଯେ, ତୁମ ଯୋଗୁଁ ଯିହୋବା ପ୍ରଭୁ ମୋତେ ଆଶୀର୍ବାଦ କରିଅଛନ୍ତି ।

28 ତେଣୁ, ତୁମେ ଏବେ କେତେ ବେତନ ନେବ ମୋତେ କୁହ, ମୁଁ ତାହା ତୁମକୁ ଦେବି ।

29 ଯାକୁବ ତାଙ୍କୁ କହିଲେ, ମୁଁ ତୁମର କିପରି ସେବା କରିଅଛି ଓ ମୁଁ ଯତ୍ନ ନେବା ଯୋଗୁଁ ତୁମର ପଶୁପଲ କେତେ ବଢ଼ିଯାଇଛି, ତାହା ତୁମେ ଜାଣ ।

30 ମୁଁ ଆସିବା ଆଗରୁ ତୁମର ଅଳ୍ପ ସମ୍ପତ୍ତି ଥିଲା, ମାତ୍ର ତାହା ଏବେ ବହୁତ ବଢ଼ିଅଛି । ମୁଁ ତୁମ ପାଇଁ ଯାହାସବୁ କଲି, ସେ ସବୁରେ ଯିହୋବା ପ୍ରଭୁ ତୁମକୁ ଆଶୀର୍ବାଦ କରିଅଛନ୍ତି । ମାତ୍ର ମୁଁ ମୋର ନିଜ ପରିବାର ପାଇଁ କେବେ ରୋଜଗାର କରିବି ?

31 ଲାବନ କହିଲେ, ମୋତେ କୁହ, ମୁଁ ତୁମକୁ କଅଣ ଦେବି ? ଯାକୁବ କହିଲେ, ତୁମେ ମୋତେ କିଛି ଦିଅ ନାହିଁ; ମୋ ପାଇଁ ଗୋଟିଏ ବିଷୟ କର, ଏବଂ ମୁଁ ତୁମର ପଶୁପଲ ଆଉ ଥରେ ଚରାଇ ଯତ୍ନ ନେବି ।

32 ଆଜି ମୁଁ ତୁମର ସବୁ ପଶୁପଲ ମଧ୍ୟ ଦେଇ ଯାଇ ଦେଖିବି, ପୁଣି ସେଥି ମଧ୍ୟରୁ ଦେହରେ ଦାଗ ଦାଗ ଓ ବିନ୍ଦୁ ବିନ୍ଦୁ ହୋଇଥିବା ପ୍ରତ୍ୟେକ ମେଣ୍ଢା ଓ ଛେଳି, ପୁଣି ପ୍ରତ୍ୟେକ କଳା ମେଣ୍ଢାଛୁଆ ଅଲଗା କରିବି, ସେସବୁ ମୋର ବେତନ ହେବ ।

33 ଏଣୁ, ତୁମେ ମୋତେ ବେତନ ରୂପେ ଦେଇଥିବା ପଶୁପଲ ଦେଖିବାକୁ ଭବିଷ୍ୟତରେ ଯେତେବେଳେ ଆସିବ, ସେତେବେଳେ ମୋର ସଚ୍ଚୋଟ ଗୁଣ ଜାଣି ପାରିବ । ମାତ୍ର, ଦେହରେ ଦାଗ ଦାଗ ଓ ବିନ୍ଦୁ ବିନ୍ଦୁ ହୋଇ ନ ଥିବା ଛେଳି ଓ କଳା ମେଣ୍ଢାଛୁଆ ଛଡ଼ା ଅନ୍ୟ ଯାହାସବୁ ତୁମେ ପାଇବ, ସେସବୁ ମୁଁ ଚୋରି କରିଅଛି ବୋଲି ଧରାଯିବ ।

34 ଲାବନ କହିଲେ, ଭଲ କଥା, ତୁମେ ଯେପରି କହିଲ, ସେପରି ହେଉ ।

35 ପୁଣି ସେହିଦିନ ଲାବନ, ଦେହରେ ଗାର ଗାର ଓ ବିନ୍ଦୁ ବିନ୍ଦୁ ହୋଇଥିବା ଅଣ୍ଡିରା ଛେଳି ଏବଂ ଦେହରେ ଦାଗ ଦାଗ ଓ ବିନ୍ଦୁ ବିନ୍ଦୁ ହୋଇ କିଛି ଧଳା ଚିହ୍ନ ଥିବା ପ୍ରତ୍ୟେକ ମାଈ ଛେଳି ପୁଣି କଳା ମେଣ୍ଢାଛୁଆଗୁଡ଼ିକୁ ଅଲଗା କଲେ ଓ ସେସବୁର ଦାୟିତ୍ୱ ନିଜ ପୁଅମାନଙ୍କୁ ଦେଲେ ।

36 ପୁଣି ସେଦିନ ଲାବନ ନିଜର ପଶୁପଲଠାରୁ ଯାକୁବଙ୍କର ପଶୁପଲକୁ ତିନି ଦିନ ରାସ୍ତା[b] ଦୂରରେ ରଖିଲେ ପୁଣି ଯାକୁବ ଲାବନଙ୍କର ପଶୁପଲ ଚରାଇବାକୁ ଲାଗିଲେ ।

37 ଆଉ ଯାକୁବ ଲିବ୍ନୀ, ଲୁସ୍ ଓ ଅର୍ମୋନ୍ ଗଛର ନୁଆଁ ଡାଳ କାଟିଲେ ଓ ତାର ବଲ୍କଳ ଗାର ଗାର କରି ଛଡ଼ାଇଲେ । ସେଥିରେ ଡାଳଗୁଡ଼ିକର ବଲ୍କଳ[c] ଭିତରର କାଠ, ଧଳା ଗାରସବୁ ପଡ଼ିଥିବା ପରି ଦେଖାଗଲା ।

38 ପୁଣି ସେ ବଲ୍କଳ ଛଡ଼ାଇଥିବା ସେହି ଡାଳଗୁଡ଼ିକ ପାଣି କୁଣ୍ଡଗୁଡ଼ିକରେ ରଖିଲେ । ପଶୁପଲ ଯେତେବେଳେ ପାଣି ପିଇବାକୁ ଆସିଲେ, ସେତେବେଳେ ସେଗୁଡ଼ିକ ପଶୁପଲ ଆଗରେ ରହିଲା । ପୁଣି ପଶୁପଲ ପାଣି ପିଇବା ସମୟରେ ସେହିସ୍ଥାନରେ ସଙ୍ଗମ କଲେ ।

39 ସେହି ଡାଳଗୁଡ଼ିକ ଆଗରେ ପଶୁଗୁଡ଼ିକ ସଙ୍ଗମ କରିବାରୁ, ଦେହରେ ଗାର ଗାର, ଦାଗ ଦାଗ ଓ ବିନ୍ଦୁ ବିନ୍ଦୁ ହୋଇଥିବା ଛୁଆ ଜନ୍ମ ହେଲେ ।

40 ପୁଣି ଯାକୁବ ସେହି ମେଣ୍ଢା ଛୁଆଗୁଡ଼ିକ ଅଲଗା କଲେ । ତାପରେ ଲାବନଙ୍କର ପଲ ମଧ୍ୟରେ, ଦେହରେ ଗାର ଗାର ଥାଇ ଓ କଳା ହୋଇ ଜନ୍ମ ହୋଇଥିବା ମେଣ୍ଢା ଛୁଆଗୁଡ଼ିକ ଆଗରେ ଅନ୍ୟ ସବୁ ପଶୁପଲ ମୁହାଁମୁହିଁ କରି ରଖିଲେ । ଏହିପରି ଲାବନଙ୍କର ପଶୁପଲଠାରୁ ଯାକୁବ ନିଜର ପଶୁପଲକୁ ଅଲଗା କରି ରଖିଲେ ।

41 ପୁଣି ସୁସ୍ଥ ସବଳ ମାଈ ପଶୁଗୁଡ଼ିକର ସଙ୍ଗମ ସମୟ ହେଲେ, ସେଗୁଡ଼ିକ ଯେପରି ସେହି ଡାଳଗୁଡ଼ିକ ନିକଟରେ ସଙ୍ଗମ କରନ୍ତି, ସେଥିପାଇଁ ଯାକୁବ ସେହି ଡାଳସବୁ ପଶୁଗୁଡ଼ିକ ଦେଖିବା ପରି ପାଣି କୁଣ୍ଡଗୁଡ଼ିକରେ ରଖିଲେ ।

---

[b] **30.36** ଚାଲିଚାଲି ଗଲେ ତିନି ଦିନ ଲାଗିବ

[c] **30.37** ଗଛର ଛେଲି ବା ଛାଲି

[42]ମାତ୍ର ଦୁର୍ବଳ ପଶୁଗୁଡ଼ିକ ପାଇଁ ସେ ସେସବୁ ସେଠାରେ ରଖିଲେ ନାହିଁ । ଏହିପରି ଦୁର୍ବଳ ପଶୁଗୁଡ଼ିକ ଲାବନଙ୍କର ହେଲା ଓ ସୁସ୍ଥ ସବଳ ପଶୁଗୁଡ଼ିକ ଯାକୁବଙ୍କର ହେଲା ।

[43]ଏହିପରି ଯାକୁବ ବହୁତ ଧନୀ ହେଲେ ଓ ତାଙ୍କର ପଶୁପଲ, ଦାସଦାସୀ, ଓଟ ଓ ଗଧ ବହୁତ ସଂଖ୍ୟାରେ ବଢ଼ିଲେ ।

# 31

## ଯାକୁବ ନିଜ ଘରକୁ ଫେରିଆସିଲେ

[1]ଲାବନଙ୍କ ପୁଅମାନେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଲେ, ଯାକୁବ ଆମ ବାପାଙ୍କର ସବୁ ଧନସମ୍ପତ୍ତି ନେଇ ଯାଇଛି । ଏଣୁ ଏବେ ତାଙ୍କ ପାଖରେ ଯେଉଁ ଧନ ଅଛି, ତାହାସବୁ ଆମ ବାପାଙ୍କର । ସେମାନେ ଏହିପରି କହୁଥିବା କଥା ଯାକୁବ ଶୁଣିଲେ ।

[2]ପୁଣି ଯାକୁବ ଦେଖିଲେ ଯେ, ଲାବନ ତାଙ୍କ ପ୍ରତି ଆଗ ପରି ଆଉ ଭଲ ବ୍ୟବହାର କରୁ ନାହାନ୍ତି ।

[3]ସେତେବେଳେ ଯିହୋବା ପ୍ରଭୁ ଯାକୁବଙ୍କୁ କହିଲେ, ତୁମେ ତୁମ ପିତୃପୁରୁଷଙ୍କ ଦେଶକୁ, ତୁମ କୁଟୁମ୍ବ ନିକଟକୁ ଫେରିଯାଅ, ଆଉ ଆମ୍ଭେ ତୁମ ସହିତ ରହିବା ।

[4]ତେଣୁ ଯାକୁବ ଯେଉଁ ସ୍ଥାନରେ ପଶୁପଲ ଚରାଉଥିଲେ, ସେହିସ୍ଥାନକୁ ନିଜର ସ୍ତ୍ରୀ ରାହେଲ ଓ ଲେୟାଙ୍କୁ ଡକାଇ ପଠାଇଲେ ।

[5]ପୁଣି ସେ ସେମାନଙ୍କୁ କହିଲେ, ମୁଁ ଦେଖୁଅଛି, ତୁମ ବାପା ଆଗ ପରି ମୋ ସହିତ ଆଉ ଭଲ ବ୍ୟବହାର କରୁ ନାହାନ୍ତି । ମାତ୍ର ମୋର ବାପାଙ୍କ ପରମେଶ୍ୱର ମୋ ସହିତ ଅଛନ୍ତି ।

[6]ତୁମ୍ଭେମାନେ ଜାଣ ଯେ, ମୁଁ ମୋର ସମସ୍ତ ବଳ ଖଟାଇ ତୁମ ବାପାଙ୍କର ସେବା କରିଅଛି ।

[7]ତଥାପି ତୁମ ବାପା ମୋତେ ଠକିଛନ୍ତି ଓ ମୋର ବେତନ ଦଶ ଥର ବଦଳାଇଛନ୍ତି । ମାତ୍ର ମୋର କିଛି କ୍ଷତି କରିବାକୁ ପରମେଶ୍ୱର ତାଙ୍କୁ ଦେଇ ନାହାନ୍ତି ।

[8]ଯେହେତୁ, ସେ ଯେତେବେଳେ କହିଲେ, ବିନ୍ଦୁ ଥିବା ପଶୁ ତୁମର ବେତନ ହେବ, ସେତେବେଳେ ସବୁପଶୁ ବିନ୍ଦୁ ଥିବା ଛୁଆ ଜନ୍ମକଲେ । ପୁଣି ସେ ଯେତେବେଳେ କହିଲେ, ଗାର ଗାର ହୋଇଥିବା ପଶୁସବୁ ତୁମର ବେତନ ହେବ, ସେତେବେଳେ ସବୁପଶୁ ଗାର ଥିବା ଛୁଆ ଜନ୍ମକଲେ ।

[9]ଏହିପରି ପରମେଶ୍ୱର ତୁମ ବାପାଙ୍କର ପଶୁପଲ ନେଇ ମୋତେ ଦେଇଛନ୍ତି ।

[10]ପଶୁମାନେ ସଙ୍ଗମ କରିବା ଋତୁରେ, ମୁଁ ଏକ ସ୍ୱପ୍ନରେ ଦେଖିଲି ଯେ, ମାଈ ଛେଳିଗୁଡ଼ିକ ସହିତ ସଙ୍ଗମ କରୁଥିବା ଅଣ୍ଡିରା ଛେଳି ଦେହରେ ଗାର ଗାର, ବିନ୍ଦୁ ବିନ୍ଦୁ ଓ ଦାଗ ଦାଗ ଚିହ୍ନସବୁ ରହିଛି ।

[11]ସେତେବେଳେ, ପରମେଶ୍ୱରଙ୍କ ଦୂତ ସ୍ୱପ୍ନରେ ମୋତେ କହିଲେ, ହେ ଯାକୁବ, ମୁଁ ଉତ୍ତର ଦେଇ କହିଲି, କୁହନ୍ତୁ, ପ୍ରଭୁ, ମୁଁ ଶୁଣୁଅଛି ।

[12]ସେ ମୋତେ କହିଲେ, ଏବେ ଅନାଇ ଦେଖ, ମାଈ ଛେଳିଗୁଡ଼ିକ ସହିତ ସଙ୍ଗମ କରୁଥିବା ସବୁ ଅଣ୍ଡିରା ଛେଳି ଦେହରେ ଗାର ଗାର, ଦାଗ ଦାଗ ଓ ବିନ୍ଦୁ ବିନ୍ଦୁ ଚିହ୍ନସବୁ ରହିଛି । କାରଣ ତୁମ ପ୍ରତି ଲାବନ ଯାହାସବୁ କରୁଅଛି ତାହା ଆମ୍ଭେ ଦେଖିଅଛୁ ।

[13]ଆମ୍ଭେ ତୁମକୁ ବେଥେଲରେ ଦର୍ଶନ ଦେଇଥିବା ପରମେଶ୍ୱର, ଯେଉଁଠାରେ ତୁମେ ଏକ ପଥର ଖମ୍ବ ପରି ପୋତି ତାହା ଉପରେ ତେଲ ଢାଳି ଅଭିଷେକ କରିଥିଲ ଓ ଆମ୍ଭ ନିକଟରେ ମାନତ[d] କରିଥିଲ । ଏବେ ତୁମେ ଉଠ, ଏହି ଦେଶରୁ ବାହାରି ତୁମ କୁଟୁମ୍ବର ଲୋକମାନଙ୍କ ଦେଶକୁ ଯାଅ ।

[14]ରାହେଲ ଓ ଲେୟା କହିଲେ, ଆମ ବାପାଙ୍କ ସମ୍ପତିରେ ଆମର କି ଆଉ କିଛି ଭାଗ ଓ ଅଧିକାର ଅଛି ?

---

[d]**31.13** ମାନସିକ

[15]ସେ କି ଆମ୍ଭମାନଙ୍କୁ ବିଦେଶୀ ସ୍ତ୍ରୀଲୋକ ପରି ବ୍ୟବହାର କରି ନାହାନ୍ତି ? ସେ ଆମ୍ଭମାନଙ୍କୁ ବିକ୍ରି କରିଅଛନ୍ତି ଓ ଆମ୍ଭମାନଙ୍କର ମୂଲ୍ୟ ପୁରା ଭୋଗ କରିଛନ୍ତି ।

[16]ପରମେଶ୍ୱର ଆମ ବାପାଙ୍କଠାରୁ ଯେଉଁ ଧନସମ୍ପତ୍ତି ନେଇ ଯାଇଛନ୍ତି, ସେସବୁ ଆମର ଓ ଆମ ପିଲାମାନଙ୍କର । ଏଣୁ ଏବେ ପରମେଶ୍ୱର ତୁମକୁ ଯାହା କହିଅଛନ୍ତି, ତାହା କର ।

[17]ଏଣୁ ଯାକୁବ ଉଠି, ନିଜର ପିଲାମାନଙ୍କୁ ଓ ସ୍ତ୍ରୀମାନଙ୍କୁ ଓଟଗୁଡ଼ିକ ଉପରେ ବସାଇଲେ ।

[18]ପୁଣି ସେ ପଦ୍ଦନ ଅରାମରେ ଲାଭ କରିଥିବା ସବୁ ପଶୁଧନ ଓ ଅନ୍ୟ ଧନସମ୍ପତ୍ତି ନେଇ ନିଜ ବାପା ଇସ୍‌ହାକଙ୍କ ଦେଶ କିଣାନକୁ ଯିବାକୁ ବାହାରିଲେ ।

[19]ସେହି ସମୟରେ ଲାବନ ମେଷଲୋମ କାଟିବା ପାଇଁ ଯାଇଥିଲେ । ପୁଣି ରାହେଲ ତାଙ୍କ ବାପା ଘରେ ପୂଜା କରୁଥିବା ମୂର୍ତ୍ତିଗୁଡ଼ିକୁ ଚୋରାଇ ନେଇଗଲେ ।

[20]ଆଉ ଯାକୁବ ନିଜେ ପଳାଇ ଯିବାକୁ ଚାହୁଁଥିବା କଥା ଅରାମ ଦେଶର ଏହି ଲାବନଙ୍କୁ ନ ଜଣାଇ ତାଙ୍କୁ ଠକିଲେ ।

[21]ଏହିପରି ଯାକୁବ ନିଜର ସବୁ ଧନସମ୍ପତ୍ତି ନେଇ ପଦ୍ଦନ-ଅରାମଠାରୁ ବାହାରିଲେ, ପୁଣି ଫରାତ୍[*] ନଦୀ ପାର ହୋଇ ଗିଲିୟଦ ପର୍ବତ ଅଞ୍ଚଳ ଆଡ଼କୁ ଗଲେ ।

## ଲାବନ ଯାକୁବଙ୍କ ପଛେ ପଛେ ଗୋଡ଼ାଇଲେ

[22]ଯାକୁବ ପଳାଇଯାଇଥିବା ଖବର ଲାବନ ତିନି ଦିନ ପରେ ଶୁଣିଲେ ।

[23]ତେଣୁ ଲାବନ ନିଜ କୁଟୁମ୍ବର ଲୋକମାନଙ୍କୁ ନେଇ, ଯାକୁବଙ୍କ ପଛେ ପଛେ ଗୋଡ଼ାଇଲେ । ପୁଣି ସାତ ଦିନର ବାଟ ଯାଇ ଗିଲିୟଦ ପର୍ବତ ଅଞ୍ଚଳରେ ଯାକୁବଙ୍କୁ ପାଖରେ ପହଞ୍ଚିଲେ ।

[24]ତାହାର ଆଗ ଦିନ ରାତିରେ ସ୍ୱପ୍ନରେ ପରମେଶ୍ୱର ଅରମ ଦେଶର ଲାବନଙ୍କୁ କହିଥିଲେ, ସାବଧାନ, ତୁମେ ଯାକୁବକୁ ଭଲ କିମ୍ବା ମନ୍ଦ କିଛି କହିବ ନାହିଁ ।

[25]ଯାକୁବ ଗିଲିୟଦ ପର୍ବତ ଅଞ୍ଚଳରେ ତମ୍ବୁ ଟାଣି ରହିଥିଲେ । ଲାବନ ଓ ତାଙ୍କ କୁଟୁମ୍ବର ଲୋକମାନେ ଯାକୁବ ଥିବା ଗିଲିୟଦ ପର୍ବତ ଅଞ୍ଚଳରୁ ଆଗକୁ ଯାଇ ଯାକୁବଙ୍କଠାରୁ କିଛି ଦୂରରେ ତମ୍ବୁ ଟାଣି ରହିଲେ ।

[26]ପୁଣି ଲାବନ ଯାକୁବଙ୍କ ନିକଟକୁ ଯାଇ କହିଲେ, ତୁମେ ମୋତେ କାହିଁକି ଠକିଲ ? ଯୁଦ୍ଧରେ ହାରିଯାଇଥିବା ଦେଶର ସ୍ତ୍ରୀଲୋକମାନଙ୍କୁ ବନ୍ଦୀକରି ନେଇଯିବା ପରି ମୋ ଝିଅମାନଙ୍କୁ ତୁମେ କାହିଁକି ନେଇ ଆସିଲ ?

[27]ତୁମେ କାହିଁକି ମୋତେ ନ ଜଣାଇ ଲୁଚି ପଳାଇ ଆସିଲ ଓ ମୋତେ ଠକିଲ ? ତୁମେ ମୋତେ ଜଣାଇଥିଲେ ମୁଁ ଗୀତ, ତବଲା ଓ ବୀଣା ବାଦ୍ୟ ସହିତ ଆନନ୍ଦରେ ତୁମକୁ ବିଦାୟ ଦେଇଥାଆନ୍ତି ।

[28]ତୁମେ ମୋର ନାତିନାତୁଣୀ ଓ ଝିଅମାନଙ୍କୁ ଚୁମ୍ବନ କରି ବିଦାୟ ଦେବାକୁ ମଧ୍ୟ କାହିଁକି ସୁଯୋଗ ଦେଲ ନାହିଁ ? ତୁମେ ମୂର୍ଖ ଲୋକର କାମ କରିଅଛ !

[29]ତୁମର ଅନିଷ୍ଟ କରିବାକୁ ମୋ ପାଖରେ ଶକ୍ତି ଅଛି । କିନ୍ତୁ ଗତକାଲି ରାତିରେ ତୁମ ବାପାଙ୍କ ପରମେଶ୍ୱର ସ୍ୱପ୍ନରେ ମୋତେ ସତର୍କ କରାଇ କହିଲେ,

ସାବଧାନ, ତୁମେ ଯାକୁବଙ୍କୁ ଭଲ କିମ୍ବା ମନ୍ଦ କିଛି କହିବ ନାହିଁ । [30]ତୁମେ ତୁମ ପିତାଙ୍କ ଘର ବହୁତ ଝୁରିବାରୁ ପଳାଇ ଆସିଲ, କିନ୍ତୁ ମୋର ଦେବତାମାନଙ୍କୁ କାହିଁକି ଚୋରି କରି ଆଣିଲ ?

---

[*]**31.21** ଇଉଫ୍ରେଟିସ୍

31ଯାକୁବ ଉତ୍ତର ଦେଇ ଲାବନଙ୍କୁ କହିଲେ, ତୁମେ ମୋଠାରୁ ତୁମର ଝିଅମାନଙ୍କୁ ବଳରେ ଛଡ଼ାଇ ରଖିବ ବୋଲି ଭାବି ମୁଁ ଭୟ କଲି ।

32ଏବେ, ଯଦି ତୁମର କିଛି ଜିନିଷ ମୋ ଠାରେ ଅଛି, ତେବେ ଆମର କୁଟୁମ୍ବ ଲୋକମାନଙ୍କ ଆଗରେ ସେସବୁ ଖୋଜି ବାହାରକର ଓ ନେଇଯାଅ । ତୁମେ ଯାହା ନିକଟରୁ ତୁମର ଦେବତାମାନଙ୍କୁ ପାଇବ, ସେ ଅବଶ୍ୟ ମରିବ । ଯାକୁବ ଏପରି କହିଲେ, କାରଣ ରାହେଲ ମୂର୍ତ୍ତିଗୁଡ଼ିକ ଚୋରି କରି ଆଣିଥିବା କଥା ସେ ଜାଣି ନ ଥିଲେ ।

33ତେଣୁ ଲାବନ ପ୍ରଥମେ ଯାକୁବଙ୍କ ତମ୍ବୁ ଭିତରକୁ ଯାଇ ଖୋଜିଲେ । ତାପରେ ଲେୟା ଓ ତାଙ୍କ ଦୁଇ ଦାସୀଙ୍କ ତମ୍ବୁକୁ ଯାଇ ଖୋଜିଲେ, ମାତ୍ର ସେ ସେଗୁଡ଼ିକ ପାଇଲେ ନାହିଁ । ସେ ଏହାପରେ ଲେୟାଙ୍କ ତମ୍ବୁରୁ ବାହାରି ରାହେଲଙ୍କ ତମ୍ବୁକୁ ଗଲେ ।

34ରାହେଲ ସେହି ମୂର୍ତ୍ତିଗୁଡ଼ିକୁ ନେଇ ଓଟ ପିଠି ଉପରେ ପକାଯାଇଥିବା ସାଜରେ[1] ରଖି, ତାହା ଉପରେ ବସିଥିଲେ । ଲାବନ ରାହେଲଙ୍କ ତମ୍ବୁ ସାରା ଖୋଜିଲେ, ମାତ୍ର ସେଗୁଡ଼ିକ ପାଇଲେ ନାହିଁ ।

35ରାହେଲ ନିଜ ବାପାଙ୍କୁ କହିଲେ, ବାପା, ମୁଁ ତୁମ ଆଗରେ ଠିଆହୋଇ ପାରିଲି ନାହିଁ, କାରଣ ମୋର ମାସିକ ଋତୁସ୍ରାବ ହୋଇଅଛି, ଏଣୁ ମୋତେ ରାଗ ନାହିଁ । ଏହିପରି ଲାବନ ସେହି ମୂର୍ତ୍ତିଗୁଡ଼ିକୁ ବହୁତ ଖୋଜିଲେ, ମାତ୍ର ପାଇଲେ ନାହିଁ ।

36ତାପରେ ଯାକୁବ ରାଗିଯାଇ ଲାବନଙ୍କୁ କହିଲେ, ମୋର ଦୋଷ କଅଣ ? ମୁଁ କି ପାପ କରିଅଛି ଯେ, ତୁମେ ରାଗିଯାଇ ମୋ ପଛେ ପଛେ ଗୋଡ଼ାଇଲ ?

37ତୁମେ ମୋର ତମ୍ବୁଗୁଡ଼ିକରେ ଥିବା ସବୁ ଜିନିଷପତ୍ରରେ ଖୋଜିଲ, ମାତ୍ର ତୁମ ଘରର କୋଣସି ଜିନିଷ ପାଇଲ କି ? ଯଦି ପାଇଅଛ, ତାହା ହେଲେ ତୁମର କୁଟୁମ୍ବ ଓ ମୋ ପରିବାର ଆଗରେ ସେସବୁ ରଖ । ସେମାନେ ତୁମ ଓ ମୋ ମଧ୍ୟରେ ବିଚାର କରନ୍ତୁ ।

38ଏହି କୋଡ଼ିଏ ବର୍ଷ ହେଲା ମୁଁ ତୁମ ସହିତ ଅଛି । ତୁମର ଛେଳି କିମ୍ବା ମେଣ୍ଢାଗୁଡ଼ିକର ଗର୍ଭପାତ ହୋଇନାହିଁ କିମ୍ବା ମୁଁ କେବେ ତୁମ ପଲରୁ ମେଣ୍ଢା ମାରି
ଖାଇ ନାହିଁ । 39ଯଦି କେବେ କୌଣସି ବନ୍ୟଜନ୍ତୁ ତୁମର ମେଣ୍ଢା କି ଛେଳି ମାରିପକାଇଲା, ତେବେ ତାହା ମୁଁ ତୁମ ନିକଟକୁ ଆଣିଲି ନାହିଁ ମାତ୍ର ମୁଁ ନିଜେ
ତାହାର କ୍ଷତି ସହିଲି । ଦିନରେ ଚୋରି ଯାଉ, କି ରାତିରେ ଚୋରି ଯାଉ, ତାହାର କ୍ଷତିପୂରଣ ତୁମେ ମୋଠାରୁ ଦାବିକଲ । 40ଦିନରେ ପ୍ରବଳ ଖରା ଓ ରାତିର
କାକର ମୁଁ ସହିଲି, ପୁଣି ମୁଁ ଅନେକ ରାତି ଅନିଦ୍ରାରେ କଟାଇଲି । 41ମୁଁ ଏହି କୋଡ଼ିଏ ବର୍ଷ ତୁମ ଘରେ ରହିଲି । ତୁମର ଦୁଇ ଝିଅଙ୍କ ପାଇଁ ଚଉଦ ବର୍ଷ ଓ
ପଶୁପଲ ପାଇଁ ଛଅ ବର୍ଷ ତୁମର ସେବାକଲି । ସେହି ସମୟ ମଧ୍ୟରେ ତୁମେ ମୋର ବେତନ ଦଶ ଥର ବଦଳାଇଦେଲ । 42ମୋ ବାପାଙ୍କ ପରମେଶ୍ୱର,
ଅବ୍ରାହାମଙ୍କ ପରମେଶ୍ୱର ଯାହାଙ୍କୁ ଇସ୍‌ହାକ ଭୟକରୁଥିଲେ, ସେହି ପରମେଶ୍ୱର ମୋ ସହିତ ନ ଥିଲେ, ତୁମେ ମୋତେ ଖାଲି ହାତରେ ପଠାଇଦେଇଥାନ୍ତ ।
ମାତ୍ର ପରମେଶ୍ୱର ମୋର କଷ୍ଟ ଓ ମୋ ହାତର ପରିଶ୍ରମ ଦେଖିଛନ୍ତି, ଏଣୁ, ସେ ଗତ ରାତିରେ ତୁମକୁ ଧମକାଇଲେ ।

## ଯାକୁବ ଓ ଲାବନ ନିୟମ କଲେ

43ଏହା ଶୁଣି ଲାବନ ଯାକୁବଙ୍କୁ କହିଲେ, ତୁମର ସ୍ତ୍ରୀମାନେ ମୋର ଝିଅ ଅଟନ୍ତି ଓ ତୁମର ପିଲାମାନେ ମୋର ପିଲା ଅଟନ୍ତି ପୁଣି ଏହି ପଶୁପଲ ମଧ୍ୟ ମୋର
ଓ ତୁମେ ଯାହା ଯାହା ଦେଖୁଅଛ, ସେହିସବୁ ମୋର । କିନ୍ତୁ ମୋର ଏହି ଝିଅମାନଙ୍କ ପାଇଁ ଓ ସେମାନେ ଜନ୍ମ କରିଥିବା ପିଲାମାନଙ୍କ ପାଇଁ ଆଜି ମୁଁ କଅଣ
କରି ପାରିବି ? 44ସେଥିପାଇଁ ଆସ, ଆମେ ଦୁଇ ଜଣ ଶାନ୍ତିରେ ରହିବା ପାଇଁ ନିୟମ କରିବା । ତାହା ଆମ୍ଭମାନଙ୍କ ମଧ୍ୟରେ ସାକ୍ଷୀ ହେଉ ।

45ତେଣୁ ଯାକୁବ ଏହି ନିୟମର ଚିହ୍ନ ରୂପେ ଖଣ୍ଡିଏ ପଥର ନେଇ ଖମ୍ବ ପରି ପୋତିଲେ ।

46ପୁଣି ଯାକୁବ ନିଜ ପରିବାର ଓ ଲାବନଙ୍କର ଲୋକମାନଙ୍କୁ କହିଲେ, ତୁମ୍ଭେମାନେ ପଥର ଆଣି ଗଦା କର । ଏଣୁ ସେମାନେ ପଥର ଆଣି ଗୋଟିଏ ସ୍ଥାନରେ ଗଦା କଲେ । ପୁଣି ସେମାନେ ସମସ୍ତେ ସେଠାରେ ସେହି ପଥର ଗଦା ପାଖରେ ବସି ନିୟମର ଭୋଜି ଖାଇଲେ ।

---

[1]**31.34** ଓଟ ବା ଘୋଡ଼ା ପିଠିରେ ଯେଉଁ ଆସନ ପକାଇ ବସନ୍ତି

47ଲାବନ ସେହି ସ୍ଥାନର ନାମ ନିଜ ଅରାମିୟ ଭାଷାରେ ଯିଗର୍-ସାହଦୁଥା ରଖିଲେ, ଯାହାର ଅର୍ଥ, ସାକ୍ଷୀର ପଥର ଗଦା । କିନ୍ତୁ ଯାକୁବ ସେହି ସ୍ଥାନର
ନାମ ନିଜ ହିବ୍ରୁ ଭାଷାରେ ଗାଲିଦ[g] ରଖିଲେ, ଯାହାର ଅର୍ଥ ମଧ୍ୟ ସାକ୍ଷୀର ପଥର ଗଦା ।

48ଲାବନ ଯାକୁବଙ୍କୁ କହିଲେ, ଏହି ପଥର ଗଦା ଆଜି ଆମେ ଦୁହେଁ କରିଥିବା ନିୟମର ସାକ୍ଷୀ ହୋଇ ରହିଲା । ସେଥିପାଇଁ ସେ ସେହିସ୍ଥାନକୁ ଗାଲିଦ
ବୋଲି ନାମ ଦେଲେ ।

49ପୁଣି ଏହି ସ୍ଥାନକୁ ମିସ୍‌ପା ବୋଲି ମଧ୍ୟ କୁହାଯାଏ, ଯାହାର ଅର୍ଥ ଜଗୁଆଳ - ଗୃହ । ଯେହେତୁ ଲାବନ କହିଲେ, ଆମେ ଦୁହେଁ ଜଣେ ଅନ୍ୟ ଜଣଙ୍କଠାରୁ
ଦୂରରେ ରହିଲେ ମଧ୍ୟ, ଯିହୋବା ପ୍ରଭୁ ତୁମ ଓ ମୋ ଉପରେ ତାଙ୍କ ଦୃଷ୍ଟି ରଖନ୍ତୁ । 50ଯଦି ତୁମେ ମୋ ଝିଅମାନଙ୍କୁ ଦୁଃଖ ଦେବ କିମ୍ବା ମୋ ଝିଅମାନେ ଥାଉ
ଥାଉ ଅନ୍ୟ ସ୍ତ୍ରୀମାନଙ୍କୁ ବିବାହ କରିବ, ତେବେ ତାହା କେହି ନ ଦେଖିଲେ ମଧ୍ୟ, ମନେରଖ, ପରମେଶ୍ୱର ତୁମ ଓ ମୋ ମଧ୍ୟରେ ସାକ୍ଷୀ ଅଟନ୍ତି ।

51ଲାବନ ଯାକୁବଙ୍କୁ ଆହୁରି କହିଲେ, ତୁମ ଓ ମୋ ମଧ୍ୟରେ ମୁଁ ଗଦା କରିଥିବା ଏହି ପଥରସବୁ ପୁଣି ମୁଁ ପୋତିଥିବା ଏହି ପଥର ଖମ୍ବ ଦେଖ । 52ଏହି
ପଥର ଗଦା ଓ ଏହି ପଥର ଖମ୍ବ ଆମ ନିୟମର ସାକ୍ଷୀ ଯେ, ମୁଁ ତୁମର କ୍ଷତି କରିବା ପାଇଁ ଏହି ପଥର ଗଦା ଡେଇଁ ତୁମ ନିକଟକୁ ଯିବି ନାହିଁ, କିମ୍ବା ତୁମେ
ମଧ୍ୟ ମୋର କ୍ଷତି କରିବା ପାଇଁ ଏହି ପଥର ଗଦା ଓ ଏହି ପଥର ଖମ୍ବ ଡେଇଁ ମୋ ପାଖକୁ ଆସିବ ନାହିଁ । 53ଅବ୍ରାହାମଙ୍କ ଓ ନାହୋରଙ୍କ ପରମେଶ୍ୱର,
ସେମାନଙ୍କ ପିତୃପୁରୁଷମାନଙ୍କ ପରମେଶ୍ୱର ତୁମ ଓ ମୋ ମଧ୍ୟରେ ବିଚାର କରନ୍ତୁ । ତେଣୁ ଯାକୁବ ସେହି ନିୟମ ମାନି, ତାଙ୍କ ବାପା ଇସ୍‌ହାକ ଯେଉଁ
ପରମେଶ୍ୱରଙ୍କୁ ଭୟକରୁଥିଲେ, ତାହାଙ୍କ ନାମରେ ଶପଥ କଲେ ।

54ଏହାପରେ ଯାକୁବ ସେହି ପର୍ବତରେ ପରମେଶ୍ୱରଙ୍କ ନିକଟରେ ବଳି ଉତ୍ସର୍ଗ କଲେ ଓ ସେହି ନିୟମର ଭୋଜି ଖାଇବା ପାଇଁ ନିଜ ପରିବାର ଓ
ଲାବନଙ୍କର ଲୋକମାନଙ୍କୁ ଡାକିଲେ ଓ ସେମାନେ ଭୋଜି ଖାଇ ରାତିରେ ସେହି ପର୍ବତରେ ରହିଲେ ।

55ତହିଁଆର ଦିନ ଲାବନ ସକାଳେ ଉଠିଲେ ଓ ନିଜ ନାତିମାନଙ୍କୁ ଏବଂ ଝିଅମାନଙ୍କୁ ଚୁମ୍ବନ କରି ଆଶୀର୍ବାଦ କଲେ ଓ ନିଜ ଘରକୁ ଫେରିଗଲେ ।

# 32

## ଯାକୁବ ଏଷୌଙ୍କୁ ଭେଟିବାକୁ ଗଲେ

1ଯାକୁବ ସେହି ସ୍ଥାନରୁ ନିଜ ବାଟରେ ଯିବାକୁ ବାହାରିଲେ । ତାଙ୍କ ଯିବା ବାଟରେ ପରମେଶ୍ୱରଙ୍କ ଦୂତମାନେ ତାଙ୍କୁ ଭେଟିଲେ । 2ଯାକୁବ ସେମାନଙ୍କୁ
ଦେଖି କହିଲେ, ଏମାନେ ହେଉଛନ୍ତି ପରମେଶ୍ୱରଙ୍କ ଦଳ ! ସେଥିପାଇଁ ସେ ସେହି ସ୍ଥାନର ନାମ ମହନଇମ[h] ଦେଲେ ।

3ଯାକୁବ ନିଜ ଆଗେ ଆଗେ ସମ୍ବାଦ ବାହକମାନଙ୍କୁ ଇଦୋମ ଦେଶର ସେୟୀର ଅଞ୍ଚଳରେ ବାସ କରୁଥିବା ନିଜ ଭାଇ ଏଷୌଙ୍କ ନିକଟକୁ ପଠାଇଲେ ।
4ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ମୋର ପ୍ରଭୁ ଏଷୌଙ୍କୁ ଏପରି କହିବ, ଆପଣଙ୍କ ଦାସ ଯାକୁବ ଏପରି କହନ୍ତି, ମୁଁ ଆଜି ଯାଏଁ ଆମର ମାମୁଁ ଲାବନଙ୍କ
ଘରେ ରହୁଥିଲି । 5ଏବେ ମୁଁ ବହୁ ଗାଈଗୋରୁ, ଗଧ, ମେଣ୍ଢା, ଛେଳି ଓ ଦାସଦାସୀ ଲାଭ କରିଅଛି । ହେ ମୋର ପ୍ରଭୁ ମୁଁ ଆସୁଥିବା ଖବର ଦେବା ପାଇଁ
ଏମାନଙ୍କୁ ଆପଣଙ୍କ ନିକଟକୁ ପଠାଇଲି, ଯେପରି ମୁଁ ଆପଣଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇପାରିବି । 6ସମ୍ବାଦ ବାହକମାନେ ଫେରିଆସି ଯାକୁବଙ୍କୁ କହିଲେ,
ଆମ୍ଭେମାନେ ଆପଣଙ୍କ ଭାଇ ଏଷୌଙ୍କ ନିକଟକୁ ଯାଇ ସମ୍ବାଦ ଦେଲୁ । ସେ ଆପଣଙ୍କୁ ଭେଟିବା ପାଇଁ ଚାରି ଶହ ଲୋକଙ୍କ ସହିତ ଆସୁଛନ୍ତି ।

7ଏହି ସମ୍ବାଦ ଶୁଣି ଯାକୁବ ବହୁତ ଭୟକଲେ ଓ ଚିନ୍ତାରେ ପଡ଼ିଲେ । ପୁଣି ସେ ନିଜ ପରିବାରର ଲୋକମାନଙ୍କୁ ଓ ମେଣ୍ଢା, ଛେଳି, ଗଧ, ଓଟ ଆଦି
ପଶୁମାନଙ୍କୁ ଦୁଇ ଦଳରେ ଭାଗକଲେ । 8କାରଣ ସେ ଭାବିଲେ, ଯଦି ଏଷୌ ଆସି ଗୋଟିଏ ଦଳକୁ ଆକ୍ରମଣ କରିବେ, ତେବେ ଅନ୍ୟ ଦଳଟି ପଳାଇପାରିବ

---

[g] **31.47** କେତେକ ଓଡ଼ିଆ ଅନୁବାଦରେ ଗଲ-ଯଦ ବୋଲି ଲେଖାଯାଇଛି

[h] **32.2** ଦୁଇ ଦଳ

। 9ଏହାପରେ ଯାକୁବ ପ୍ରାର୍ଥନା କରି କହିଲେ, ହେ ଯିହୋବା ପ୍ରଭୁ, ମୋର ଜେଜେ ବାପା ଅବ୍ରାହାମ ଓ ମୋ ବାପା ଇସ୍‌ହାକଙ୍କ ପରମେଶ୍ୱର, ତୁମ୍ଭେ ମୋତେ
କହିଥିଲ, ତୁମେ ତୁମର ନିଜ ଦେଶ ଓ ନିଜ କୁଟୁମ୍ବର ଲୋକମାନଙ୍କ ନିକଟକୁ ଫେରିଯାଅ, ତହିଁରେ ଆମ୍ଭେ ତୁମର ମଙ୍ଗଳ କରିବା । 10ତୁମ୍ଭେ ମୋ ପ୍ରତି ଯେଉଁ
ମହା ଦୟା ଓ ବିଶ୍ୱସ୍ତତା ଦେଖାଇଅଛ ତାହା ପାଇବା ପାଇଁ ମୁଁ ଯୋଗ୍ୟ ନୁହେଁ । ଯେହେତୁ ମୁଁ ଜାଣେ ଯେ, ମୁଁ ଯର୍ଦ୍ଦନ ନଦୀ ପାର ହୋଇ ଯିବା ସମୟରେ,
ମୋ ପାଖରେ ମାତ୍ର ଗୋଟିଏ ବାଡ଼ି ଥିଲା, କିନ୍ତୁ ଏବେ ମୋର ପରିବାର ବୃଦ୍ଧି ପାଇ ଦୁଇ ଦଳ ହୋଇଅଛି । 11ଦୟାକରି ମୋ ଭାଇ ଏଷୌଙ୍କଠାରୁ ମୋତେ
ରକ୍ଷା କର । ଯେହେତୁ ମୁଁ ଭୟ କରୁଅଛି ଯେ, ସେ ଆସି ମୋତେ, ମୋର ସ୍ତ୍ରୀମାନଙ୍କୁ ଓ ମୋର ପିଲାମାନଙ୍କୁ ଆକ୍ରମଣ କରିବେ । 12ତୁମ୍ଭେ ମୋତେ କଥା
ଦେଇଥିଲ, ଆମ୍ଭେ ତୁମର ମଙ୍ଗଳ କରିବା ଓ ସମୁଦ୍ରର ବାଲି ପରି ତୁମର ବଂଶକୁ ଅଗଣ୍ୟ କରିବା । 13ଆଉ ଯାକୁବ ସେହି ରାତିରେ ସେହିସ୍ଥାନରେ ରହିଲେ,
ପୁଣି ନିଜ ସମ୍ପତ୍ତିରୁ କିଛି ନିଜ ଭାଇ ଏଷୌଙ୍କୁ ଉପହାର ରୂପେ ଦେବାକୁ ବାଛିଲେ । 14ସେସବୁ ହେଲା, ଦୁଇଶହଟି ମାଈ ଛେଳି ଓ କୋଡ଼ିଏଟି ଅଣ୍ଡିରା ଛେଳି,
ଦୁଇଶହଟି ମେଣ୍ଢୀ ଓ କୋଡ଼ିଏଟି ମେଣ୍ଢା, 15ଖିର ଦେଉଥିବା ମାଈ ଓଟ ତିରିଶଟି ଓ ସେଗୁଡ଼ିକର ଛୁଆ, ଚାଳିଶଟି ଗାଈ, ଦଶଟି ବଳଦ, କୋଡ଼ିଏଟି ମାଈ ଗଧ
ଓ ଦଶଟି ଅଣ୍ଡିରା ଗଧ । 16ତାପରେ ସେ ପଲସବୁ ଅଲଗା ଅଲଗା କରି, ନିଜର ଦାସମାନଙ୍କୁ ଜଣ ଜଣକୁ ଗୋଟିଏ ଗୋଟିଏ ପଲ ଦେଲେ ଓ ସେମାନଙ୍କୁ
କହିଲେ, ତୁମ୍ଭେମାନେ ମୋ ଆଗେ ଆଗେ ଯାଅ, ପୁଣି ଗୋଟିଏ ପଲଠାରୁ କିଛି ଦୂରରେ ଆଉ ଗୋଟିଏ ପଲ ରଖ । 17ପୁଣି ସେ ପ୍ରଥମ ପଲର ଦାସକୁ
କହିଲେ, ମୋର ଭାଇ ଏଷୌ ସହିତ ଦେଖାହେଲେ, ଯଦି ସେ ତୁମକୁ ପଚାରିବେ, ତୁମେ କାହାର ଦାସ ? କେଉଁ ସ୍ଥାନକୁ ଯାଉଅଛ ? ତୁମ ଆଗରେ ଥିବା
ଏହି ପଶୁସବୁ କାହାର ? 18ତେବେ ତୁମେ ତାଙ୍କୁ କହିବ, ଏହି ପଶୁସବୁ ଆପଣଙ୍କ ଦାସ ଯାକୁବଙ୍କର । ସେ ଆପଣଙ୍କୁ ଏହି ପଶୁସବୁ ଉପହାର ରୂପେ
ପଠାଇଛନ୍ତି । ଏହା ସହିତ ସେ ନିଜେ ଆମ ପଛେ ପଛେ ଆସୁଛନ୍ତି । 19ସେ ଏହିପରି, ଦ୍ୱିତୀୟ ଓ ତୃତୀୟ ଓ ସବୁପଲର ଦାୟୀତ୍ୱରେ ଥିବା ଦାସମାନଙ୍କୁ ଆଜ୍ଞା
ଦେଇ କହିଲେ, ଏଷୌଙ୍କୁ ଭେଟିଲେ ତୁମ୍ଭେମାନେ ସମସ୍ତେ ଏହି ସମାନ କଥା କହିବ । 20ସେ ଆହୁରି କହିଲେ, ଆଉ ତୁମ୍ଭେମାନେ ତାଙ୍କୁ କହିବ, ଆପଣଙ୍କ
ଦାସ ଯାକୁବ ମଧ୍ୟ ଆମ ପଛରେ ଆସୁଅଛନ୍ତି । ଯାକୁବ ନିଜ ଦାସମାନଙ୍କୁ ଏପରି କହିବାକୁ ଆଜ୍ଞା ଦେଲେ, ଯେହେତୁ ସେ ଚିନ୍ତାକଲେ, ଏହିସବୁ ଦେଇ ମୁଁ
ତାଙ୍କ ରାଗ ଶାନ୍ତ କରିବି, ଓ ପରେ ତାଙ୍କୁ ଭେଟିବି । ହୋଇପାରେ ସେ ମୋତେ ଗ୍ରହଣ କରିବେ । 21ଏହିପରି ଯାକୁବ ସେହି ଉପହାରସବୁ ନିଜ ଆଗରେ
ପଠାଇଲେ ଓ ନିଜେ ସେହି ରାତିରେ ନିଜ ତମ୍ବୁରେ ରହିଲେ ।

## ଯାକୁବ ପରମେଶ୍ୱରଙ୍କ ସହିତ ମଲ୍ଲଯୁଦ୍ଧ କଲେ

22ସେହି ରାତିରେ ଯାକୁବ ଉଠି ନିଜର ଦୁଇ ସ୍ତ୍ରୀ, ଦୁଇ ଦାସୀସ୍ତ୍ରୀ ଓ ଏଗାର ଜଣ ପୁଅଙ୍କୁ ନେଇ ଯବ୍ବୋକ ନଦୀ ପାର କରାଇଲେ । 23ସେ ସେମାନଙ୍କୁ
ନଦୀ ଆର ପାରିକୁ ପଠାଇବା ପରେ ସବୁ ଧନସମ୍ପତ୍ତି ମଧ୍ୟ ଆର ପାରିକୁ ପଠାଇଦେଲେ । 24ମାତ୍ର ଯାକୁବ ଏକାକି ରହିଲେ । ପୁଣି ସେତେବେଳେ ଜଣେ
ବ୍ୟକ୍ତି ଯାକୁବଙ୍କ ନିକଟକୁ ଆସି ସକାଳ ହେବା ଯାଏଁ ତାଙ୍କ ସହିତ ମଲ୍ଲଯୁଦ୍ଧ କଲେ । 25ମାତ୍ର ସେହି ବ୍ୟକ୍ତି ଯାକୁବଙ୍କୁ ହରାଇ ପାରିଲେ ନାହିଁ, ଏଣୁ ଯାକୁବଙ୍କ
ଜଙ୍ଘ ସନ୍ଧିରେ ଆଘାତ କଲେ ଏଣୁ ସେଠାରୁ ଯାକୁବଙ୍କ ଜଙ୍ଘ ହାଡ଼ ଖସିଗଲା । 26ଏହାପରେ ସେହି ବ୍ୟକ୍ତି ଯାକୁବଙ୍କୁ କହିଲେ, ସକାଳ ହେଲାଣି, ମୋତେ
ଛାଡ଼ିଦିଅ । ମାତ୍ର ଯାକୁବ ତାଙ୍କୁ କହିଲେ, ତୁମେ ମୋତେ ଆଶୀର୍ବାଦ ନ କଲେ, ମୁଁ ତୁମକୁ ଛାଡ଼ିବି ନାହିଁ ।

27ସେହି ବ୍ୟକ୍ତି ଯାକୁବଙ୍କୁ ପଚାରିଲେ, ତୁମର ନାମ କଅଣ ? ଯାକୁବ କହିଲେ, ମୋର ନାମ ଯାକୁବ ।

28ସେହି ବ୍ୟକ୍ତି ଯାକୁବଙ୍କୁ କହିଲେ, ଏବେଠାରୁ ତୁମର ନାମ ଆଉ ଯାକୁବ ହେବ ନାହିଁ, ମାତ୍ର ଇସ୍ରାଏଲ ହେବ; କାରଣ ତୁମେ ପରମେଶ୍ୱର ଓ ମନୁଷ୍ୟ
ସହିତ ଯୁଦ୍ଧ କରି ଜିତିଅଛ । 29ଯାକୁବ ସେହି ବ୍ୟକ୍ତିଙ୍କୁ ପଚାରିଲେ, ଦୟାକରି ମୋତେ ତୁମର ନାମ କୁହ । ସେହି ବ୍ୟକ୍ତି କହିଲେ, ତୁମେ କାହିଁକି ଆମ୍ଭର ନାମ

ପଚାରୁଅଛ ? ଏହାପରେ ସେ ସେହିସ୍ଥାନରେ ଯାକୁବଙ୍କୁ ଆଶୀର୍ବାଦ କଲେ । [30]ଯାକୁବ ସେହି ସ୍ଥାନର ନାମ ପନୁୟେଲ ରଖିଲେ । କାରଣ ସେ କହିଲେ, ମୁଁ
ପରମେଶ୍ୱରଙ୍କୁ ମୁହାଁମୁହିଁ ଦେଖିଲି, ତଥାପି ବଞ୍ଚିଲି । [31]ଯାକୁବ ପନୁୟେଲ ପାର ହେଉଥିବା ସମୟରେ ସୂର୍ଯ୍ୟ ଉଦୟ ହେଲା, କିନ୍ତୁ ଜଙ୍ଘ ସନ୍ଧିରେ ମାଡ଼
ହୋଇଥିବା ଯୋଗୁଁ ସେ ଛୋଟାଇ ଛୋଟାଇ ଚାଲିଲେ । [32]ସେଥିପାଇଁ ଆଜି ଯାଏଁ ଇସ୍ରାଏଲ ଜାତିର ଲୋକମାନେ ଜଙ୍ଘ ସନ୍ଧିରେ ଥିବା ଶିରା ଖାଆନ୍ତି ନାହିଁ,
କାରଣ ସେ ସେହି ସନ୍ଧିରେ ଯାକୁବଙ୍କୁ ଆଘାତ କରିଥିଲେ ।

# 33

## ଯାକୁବ ଓ ଏଷୌ ପରସ୍ପରକୁ ଭେଟିଲେ

[1]ଯାକୁବ ଅନାଇ ଦେଖିଲେ ଯେ, ଏଷୌ ଆସୁଛନ୍ତି, ପୁଣି ତାଙ୍କ ସହିତ ଚାରି ଶହ ପୁରୁଷ ଅଛନ୍ତି । ତେଣୁ ସେ ନିଜର ପୁଅମାନଙ୍କୁ ନିଜ ସ୍ତ୍ରୀ ଲେୟା,
ରାହେଲ ଓ ତାଙ୍କର ଦୁଇ ଦାସୀସ୍ତ୍ରୀଙ୍କ ମଧ୍ୟରେ ଭାଗ କରି ରଖିଲେ । [2]ସେ ସବୁଠାରୁ ଆଗରେ ନିଜର ଦୁଇ ଦାସୀସ୍ତ୍ରୀ ଓ ସେମାନଙ୍କର ସନ୍ତାନମାନଙ୍କୁ
ରଖିଲେ । ସେମାନଙ୍କ ପଛରେ ଲେୟା ଓ ତାଙ୍କ ପୁଅମାନଙ୍କୁ ରଖିଲେ ଏବଂ ସବୁଠାରୁ ପଛରେ ରାହେଲ ଓ ଯୋଷେଫଙ୍କୁ ରଖିଲେ । [3]ଯାକୁବ ନିଜେ
ସମସ୍ତଙ୍କ ଆଗରେ ଯାଇ ସାତଥର ଭୂମିରେ ପ୍ରଣାମ କରୁ କରୁ ଏଷୌଙ୍କ ନିକଟରେ ପହଞ୍ଚିଲେ । [4]କିନ୍ତୁ ଏଷୌ ଯାକୁବଙ୍କୁ ଭେଟିବା ପାଇଁ ଧାଇଁଗଲେ ଓ
ତାହାର ଗଳା ଧରି କୁଣ୍ଢାଇପକାଇଲେ ଓ ଚୁମ୍ବନ କଲେ; ପୁଣି ସେ ଦୁହେଁ କାନ୍ଦିଲେ । [5]ତାପରେ ଏଷୌ ଅନାଇ ସେହି ସ୍ତ୍ରୀଲୋକମାନଙ୍କୁ ଏବଂ ପିଲାମାନଙ୍କୁ
ଦେଖି ପଚାରିଲେ, ତୁମ ସହିତ ଏମାନେ ସବୁ କିଏ ? ଯାକୁବ କହିଲେ, ପରମେଶ୍ୱର ତୁମର ଏହି ଦାସଙ୍କୁ ଅନୁଗ୍ରହ କରି ଏହି ପିଲାମାନଙ୍କୁ ଦେଇଅଛନ୍ତି ।
[6]ଏହାପରେ ଯାକୁବଙ୍କ ଦାସୀସ୍ତ୍ରୀମାନେ ଓ ସେମାନଙ୍କ ପିଲାମାନେ ଏଷୌଙ୍କ ନିକଟକୁ ଆସି ପ୍ରଣାମ କଲେ । [7]ସେହିପରି ଲେୟା ଓ ତାଙ୍କର ପିଲାମାନେ
ଆସି ଏଷୌଙ୍କୁ ପ୍ରଣାମ କଲେ । ପୁଣି ଶେଷରେ ରାହେଲ ଓ ଯୋଷେଫ ଏଷୌଙ୍କ ନିକଟକୁ ଆସି ପ୍ରଣାମ କଲେ ।

[8]ଏଷୌ ଯାକୁବଙ୍କୁ ପଚାରିଲେ, ମୁଁ ଆସିବା ସମୟରେ ରାସ୍ତାରେ ଯେଉଁ ପଶୁପଲ ଭେଟିଲି, ସେସବୁ କାହିଁକି ପଠାଇଥିଲ ? ଯାକୁବ ଉତ୍ତର ଦେଲେ, ପ୍ରଭୁ,
ତୁମଠାରୁ ଅନୁଗ୍ରହ ପାଇବା ପାଇଁ । [9]କିନ୍ତୁ, ଏଷୌ କହିଲେ, ମୋର ଭାଇ, ମୋ ପାଖରେ ଯଥେଷ୍ଟ ଅଛି; ତୁମର ଯାହା ଅଛି ସେସବୁ ତୁମେ ନିଜ ପାଇଁ ରଖ ।
[10]କିନ୍ତୁ, ଯାକୁବ କହିଲେ, ନା, ମୁଁ ତୁମକୁ ଅନୁରୋଧ କରୁଅଛି, ଯଦି ମୁଁ ତୁମ ଦୃଷ୍ଟିରେ ଅନୁଗ୍ରହ ପାଇଅଛି, ତେବେ ମୋ ହାତରୁ ମୋର ଏହି ଉପହାର ଗ୍ରହଣ
କର । କାରଣ ମୁଁ ଈଶ୍ୱରଙ୍କ ମୁହଁ ଦେଖିବା ପରି ତୁମର ମୁହଁ ଦେଖିପାରିଛି; ପୁଣି ତୁମେ ମଧ୍ୟ ମୋତେ ଗ୍ରହଣ କରିଅଛ । [11]ଏଣୁ, ମୁଁ ତୁମ ପାଇଁ ଆଣିଥିବା
ଉପହାର ଦୟାକରି ଗ୍ରହଣ କର; କାରଣ, ପରମେଶ୍ୱର ମୋ ପ୍ରତି ଅନୁଗ୍ରହ କରିଅଛନ୍ତି ଓ ମୋ ପାଖରେ ଯଥେଷ୍ଟ ଅଛି । ଏହିପରି ଯାକୁବ ଏଷୌଙ୍କୁ ବହୁତ
ଅନୁରୋଧ କରିବାରୁ ସେ ସେସବୁ ଗ୍ରହଣ କଲେ ।

[12]ତାପରେ ଏଷୌ ଯାକୁବଙ୍କୁ କହିଲେ, ଆସ ଆମ୍ଭେମାନେ ଯିବା; ମୁଁ ତୁମକୁ ବାଟ କଢ଼ାଇ ନେବି । [13]କିନ୍ତୁ ଯାକୁବ ତାଙ୍କୁ କହିଲେ, ମୋର ପ୍ରଭୁ, ଆପଣ
ଜାଣନ୍ତି, ଏହି ପିଲାମାନେ ସାନ, ପୁଣି ଖିର ଖୁଆଉଥିବା ଛେଳି, ମେଣ୍ଢା ଓ ଗାଈଗୁଡ଼ିକୁ ମଧ୍ୟ ମୁଁ ଯତ୍ନ ନେବାର ଅଛି । ସେମାନେ ଗୋଟିଏ ଦିନରେ ଯେତିକି
ବାଟ ଚାଲିପାରିବେ, ମୁଁ ଯଦି ସେମାନଙ୍କୁ ତାଠାରୁ ଅଧିକ ବାଟ ଚଲାଇ ନେବି, ତେବେ ସେସବୁ ମରିଯିବେ । [14]ତେଣୁ, ମୋର ପ୍ରଭୁ, ଆପଣ ମୋ ଆଗେ
ଆଗେ ଯାଆନ୍ତୁ, ପୁଣି ମୋ ଆଗେ ଆଗେ ଯାଉଥିବା ପଶୁପଲ ଓ ପିଲାମାନଙ୍କ ସହିତ ମୁଁ ଧିରେ ଧିରେ ଯାଇ ସେୟୀର ଅଞ୍ଚଳରେ ଆପଣଙ୍କ ନିକଟରେ
ପହଞ୍ଚିବି । [15]ଏଷୌ କହିଲେ, ତାହା ହେଲେ ମୋ ସହିତ ଥିବା କିଛି ଲୋକଙ୍କୁ ମୁଁ ତୁମ ନିକଟରେ ଛାଡ଼ିଯାଉଛି । କିନ୍ତୁ ଯାକୁବ କହିଲେ, ଭାଇ, କିଛି ଦରକାର
ନାହିଁ, କେବଳ ମୋ ପ୍ରତି ତୁମର ଅନୁଗ୍ରହ ଥାଉ । [16]ତେଣୁ ଏଷୌ ସେହିଦିନ ହିଁ ସେୟୀର ଅଞ୍ଚଳକୁ ଫେରିଗଲେ । [17]ମାତ୍ର ଯାକୁବ ସୁକ୍କୋତକୁ ଗଲେ ଓ

---

**32.30** ପରମେଶ୍ୱରଙ୍କ ମୁଖ

ନିଜ ପାଇଁ ତମ୍ବୁ ଟାଣିଲେ, ପୁଣି ପଶୁପଲ ପାଇଁ କୁଡ଼ିଆ ତିଆରି କରିଦେଲେ । ସେଥିପାଇଁ ସେହିସ୍ଥାନକୁ ସୁକ୍‌କୋତ[j] କୁହାଗଲା । 18ପୁଣି ଯାକୁବ
ପଦ୍ଦନ୍-ଅରାମ ନାମକ ସ୍ଥାନରୁ ବାହାରି କିଣାନ ଦେଶର ଶିଖିମ ନଗରରେ ନିରାପଦରେ ପହଞ୍ଚିଲେ ଓ ସେଠାରେ ସେ ନଗର ବାହାରେ ତମ୍ବୁ ଟାଣି ରହିଲେ ।
19ସେ ଶିଖିମଙ୍କ ବାପା ହମୋରଙ୍କ ପୁଅମାନଙ୍କୁ ଏକ ଶହ ରୂପା ଟଙ୍କା ଦେଇ ସେହିସ୍ଥାନକୁ କିଣିଲେ । 20ଯାକୁବ ସେଠାରେ ଏକ ବେଦୀ ତିଆରି କରି ତାହାର
ନାମ ଏଲ-ଇଲୋହେ-ଇସ୍ରାଏଲ[k] ଦେଲେ ।

# 34

## ଶିମିୟୋନ ଓ ଲେବୀ ଶିଖିମ ନଗରର ଲୋକମାନଙ୍କୁ ବଧ କଲେ

1ଦିନେ, ଲେୟାଠାରୁ ଜନ୍ମ ହୋଇଥିବା ଯାକୁବଙ୍କ ଝିଅ ଦୀଣା ଶିଖିମ ଅଞ୍ଚଳର ସ୍ତ୍ରୀଲୋକମାନଙ୍କୁ ଭେଟିବାକୁ ବାହାରକୁ ଗଲା । 2ହିବ୍ବିୟ ଜାତିର ହମୋର
ନାମକ ଶାସନକର୍ତ୍ତାଙ୍କ ପୁଅ ଶିଖିମ ଦୀଣାକୁ ଦେଖିଲେ । ସେ ତାହାକୁ ଧରିନେଇ ବଳରେ ତାଙ୍କ ସହିତ ଶୟନ କରି ତାହାକୁ ଅଶୁଚି କଲେ । 3ପୁଣି ଯାକୁବଙ୍କ
ଝିଅ ଦୀଣାଙ୍କଠାରେ ଶିଖିମଙ୍କ ମନ ଲାଗିଗଲା ଓ ସେ ତାଙ୍କ ପ୍ରେମରେ ପଡ଼ିଲେ, ପୁଣି ତାଙ୍କୁ କୋମଳ କଥା କହିଲେ । 4ପୁଣି ଶିଖିମ ନିଜ ବାପା ହମୋରଙ୍କୁ
କହିଲେ, ତୁମେ ମୋ ସହିତ ଏହି ଯୁବତୀକୁ ବିବାହ କରାଅ ।

5ଯାକୁବ ଶୁଣିଲେ ଯେ, ଶିଖିମ ତାଙ୍କ ଝିଅ ଦୀଣାଙ୍କୁ ଅଶୁଚି କରିଅଛି । ସେହି ସମୟରେ ଯାକୁବଙ୍କ ପୁଅମାନେ କ୍ଷେତରେ ତାଙ୍କର ପଶୁପଲ ଚରାଉଥିଲେ,
ଏଣୁ ଯାକୁବ ସେମାନେ ଫେରିବା ଯାଏଁ ନୀରବ ରହିଲେ । 6ଏହାପରେ ଶିଖିମଙ୍କ ବାପା ହମୋର, ଯାକୁବଙ୍କ ସହିତ କଥାବାର୍ତ୍ତା କରିବାକୁ ଗଲେ ।
7ସେତେବେଳେ ଯାକୁବଙ୍କ ପୁଅମାନେ ସେହି ଖବର ଶୁଣିବା ସଙ୍ଗେ ସଙ୍ଗେ କ୍ଷେତରୁ ଫେରିଆସିଥିଲେ, ପୁଣି ସେମାନେ ଦୁଃଖ ଓ ଅତିଶୟ ରାଗରେ ପୂର୍ଣ୍ଣ
ହୋଇଥିଲେ; କାରଣ ଶିଖିମ ଯାକୁବଙ୍କ ଝିଅ ଦୀଣାଙ୍କ ସହିତ ଶୟନ କରି ତାଙ୍କୁ ଅଶୁଚି କରି ଇସ୍ରାଏଲ ପ୍ରତି ଅତି ଅପମାନଜନକ କାମ କରିଥିଲା, ଯାହା ସେ
କରିବା କଥା ନୁହେଁ । 8କିନ୍ତୁ ହମୋର ସେମାନଙ୍କ ସହିତ କଥାବାର୍ତ୍ତା କରି କହିଲେ, ମୋ ପୁଅ ଶିଖିମର ମନ ତୁମ ଝିଅ ପ୍ରତି ଆସକ୍ତ[l] ହୋଇଅଛି; ତେଣୁ,
ଦୟାକରି ମୋ ପୁଅ ସହିତ ତାହାକୁ ବିବାହ ଦିଅନ୍ତୁ । 9ପୁଣି ଆପଣମାନେ ଆମ ସହ ବିବାହ ସମ୍ବନ୍ଧ ରଖନ୍ତୁ; ଆପଣମାନଙ୍କର ଝିଅମାନଙ୍କୁ ଆମ୍ଭମାନଙ୍କୁ
ଦିଅନ୍ତୁ ଓ ଆମ୍ଭମାନଙ୍କ ଝିଅମାନଙ୍କୁ ଆପଣମାନଙ୍କ ପାଇଁ ନିଅନ୍ତୁ । 10ଆପଣମାନେ ଆମ୍ଭମାନଙ୍କ ସହିତ ବାସକରି ପାରିବେ । ପୁଣି ଏହି ଦେଶ ଆପଣମାନଙ୍କ
ପାଇଁ ଖୋଲା ରହିବ; ଏଠାରେ ବାସକରି ବ୍ୟବସାୟ କରନ୍ତୁ ପୁଣି ଧନସମ୍ପତ୍ତି ଲାଭ କରନ୍ତୁ ।

11ପୁଣି ଶିଖିମ ନିଜେ ମଧ୍ୟ ଦୀଣାର ବାପା ଓ ଭାଇମାନଙ୍କୁ କହିଲେ, ଆପଣମାନେ ମୋ ପ୍ରତି ଅନୁଗ୍ରହ କରନ୍ତୁ, ପୁଣି ଆପଣମାନେ ମୋତେ ଯାହା କିଛି
ମାଗିବେ, ମୁଁ ତାହା ଦେବି । 12ଆପଣମାନେ ଯେତେ ଅଧିକ କନ୍ୟାମୂଲ୍ୟ ଓ ଉପହାର ଚାହିଁବେ, ତାହା ମାଗନ୍ତୁ, ଆପଣମାନେ ଯାହା କିଛି ମାଗିବେ ମୁଁ ତାହା
ଦେବି । କେବଳ ଏହି ଝିଅକୁ ମୋ ସହିତ ବିବାହ ଦିଅନ୍ତୁ । 13କିନ୍ତୁ ଯାକୁବଙ୍କ ପୁଅମାନେ ଶିଖିମ ଓ ତାଙ୍କ ବାପା ହମୋରଙ୍କୁ କପଟ ଭାବରେ ଉତ୍ତର ଦେଲେ,
କାରଣ ଶିଖିମ ସେମାନଙ୍କ ଭଉଣୀ ଦୀଣାକୁ ନେଇ ବଳରେ ଅଶୁଚି କରିଥିଲା । 14ସେମାନେ ସେମାନଙ୍କୁ କହିଲେ, ଆମ୍ଭେମାନେ ଏହା କରି ପାରିବୁ ନାହିଁ,
କାରଣ ନିଜ ଭଉଣୀକୁ ଜଣେ ଅସୁନ୍ନତ[m] ଲୋକ ସହିତ ବିବାହ ଦେବା ଆମ୍ଭମାନଙ୍କ ନିମନ୍ତେ ଅପମାନର ବିଷୟ ହେବ । 15ଆମ୍ଭେମାନେ କେବଳ ଏହି

---

[j] **33.17** ଆଶ୍ରୟ ସ୍ଥାନ

[k] **33.20** ଇସ୍ରାଏଲର ପରମେଶ୍ୱର ଶକ୍ତିଶାଳୀ ଅଟନ୍ତି

[l] **34.8** ମନ ଲାଗିରହିବା

[m] **34.14** ଯିହୁଦୀ ନିୟମ ଅନୁସାରେ ଲିଙ୍ଗ ଆଗରେ ଥିବା ଚମଡ଼ା କଟାଯାଇ ନ ଥିଲେ ଯିହୁଦୀମାନେ ସେମାନଙ୍କୁ ଅସୁନ୍ନତ ଲୋକ ବୋଲି ଗଣନା

ସର୍ତ୍ତରେ ଆପଣମାନଙ୍କ କଥାରେ ରାଜି ହେବୁ: ଆପଣମାନଙ୍କର ପ୍ରତ୍ୟେକ ପୁରୁଷଲୋକ ସୁନ୍ନତ ହୋଇ ଆମ୍ଭମାନଙ୍କ ପରି ହେବେ । [16]ତେବେ ଆମ୍ଭେମାନେ
ଆମ୍ଭମାନଙ୍କର ଝିଅମାନଙ୍କୁ ଆପଣମାନଙ୍କୁ ଦେବୁ ଓ ଆପଣମାନଙ୍କର ଝିଅମାନଙ୍କୁ ଆମ୍ଭମାନଙ୍କ ପାଇଁ ନେବୁ । ପୁଣି ଆମ୍ଭେମାନେ ଆପଣମାନଙ୍କ ମଧ୍ୟରେ
ବାସ କରିବୁ ଓ ଆପଣମାନଙ୍କ ସହିତ ଏକ ପ୍ରକାରର ଲୋକ ହେବୁ । [17]ମାତ୍ର, ଯଦି ଆପଣମାନେ ଆମ୍ଭମାନଙ୍କ କଥା ଶୁଣିବେ ନାହିଁ ଓ ସୁନ୍ନତ ହେବେ ନାହିଁ,
ତେବେ ଆମ୍ଭେମାନେ ଆମ୍ଭମାନଙ୍କର ଝିଅକୁ ନେଇ ଚାଲିଯିବୁ । [18]ସେମାନଙ୍କ ଏହି କଥା ହମୋର ଓ ତାଙ୍କ ପୁଅ ଶିଖିମଙ୍କୁ ଭଲ ଲାଗିଲା । [19]ପୁଣି ସେହି
ଯୁବା ଲୋକ ଶିଖିମ ଏହା କରିବାକୁ ବିଳମ୍ବ କଲେ ନାହିଁ, କାରଣ ସେ ଯାକୁବଙ୍କ ଝିଅଙ୍କଠାରେ ବହୁତ ଖୁସି ଥିଲେ । ଏହି ଶିଖିମଙ୍କୁ ତାଙ୍କ ବାପାଙ୍କ ପରିବାରର
ସବୁଲୋକ ବହୁତ ସମ୍ମାନ କରୁଥିଲେ । [20]ତେଣୁ, ହମୋର ଓ ତାଙ୍କ ପୁଅ ଶିଖିମ ନିଜ ନଗର ଦ୍ୱାରକୁ ଗଲେ ଓ ନଗରର ଲୋକମାନଙ୍କୁ କହିଲେ, [21]ଏହି
ଲୋକମାନେ ଆମ୍ଭମାନଙ୍କର ବନ୍ଧୁ ଅଟନ୍ତି; ଏଣୁ ସେମାନେ ଏହି ଦେଶରେ ବାସ କରନ୍ତୁ ଓ ଏଠାରେ ବ୍ୟବସାୟ କରନ୍ତୁ; କାରଣ ଏହି ଦେଶ ଏତେ ବଡ଼ ଯେ,
ସେମାନେ ଏଠାରେ ବାସ କରିବାକୁ ଯଥେଷ୍ଟ ଜାଗା ଅଛି । ଚାଲ, ଆମ୍ଭେମାନେ ସେମାନଙ୍କର ଝିଅମାନଙ୍କୁ ବିବାହ କରିବା ଓ ଆମ୍ଭମାନଙ୍କର ଝିଅମାନଙ୍କୁ
ସେମାନଙ୍କୁ ଦେବା । [22]ମାତ୍ର, ସେମାନଙ୍କର ଏକ ସର୍ତ୍ତ ଅଛି: ଆମ୍ଭେମାନେ ସମସ୍ତ ପୁରୁଷଲୋକ ସେମାନଙ୍କ ପରି ସୁନ୍ନତ ହେବାକୁ ହେବ । କେବଳ ତାହା
ହେଲେ ସେମାନେ ଆମ୍ଭମାନଙ୍କ ସହିତ ବାସ କରିବେ ଓ ଆମ୍ଭମାନଙ୍କ ସହିତ ଏକ ପ୍ରକାରର ଲୋକ ହେବେ । [23]ଦିନେ, ସେମାନଙ୍କର ପଶୁପଲ,
ସେମାନଙ୍କର ଧନସମ୍ପତ୍ତି ଓ ସେମାନଙ୍କର ଅନ୍ୟ ସମସ୍ତ ପଶୁ କଅଣ ଆମ୍ଭମାନଙ୍କର ହେବ ନାହିଁ ? କେବଳ ଚାଲ, ଆମ୍ଭେମାନେ ସେମାନଙ୍କ କଥାରେ ରାଜି
ହେବା, ଯାହା ଦ୍ୱାରା ସେମାନେ ଆମ୍ଭମାନଙ୍କ ମଧ୍ୟରେ ବାସ କରିବେ । [24]ସେଥିରେ, ସେହି ନଗର ଦ୍ୱାରରେ ଏକାଠି ହୋଇଥିବା ସବୁଲୋକ ହମୋର ଓ ତାଙ୍କ
ପୁଅ ଶିଖିମଙ୍କ କଥାରେ ରାଜି ହେଲେ ଓ ସେହି ନଗରର ପ୍ରତ୍ୟେକ ପୁରୁଷଲୋକ ସୁନ୍ନତ ହେଲେ । [25]ତୃତୀୟ ଦିନରେ, ସେମାନଙ୍କର ଯନ୍ତ୍ରଣା ଅଧିକ ହେବା
ସମୟରେ, ଯାକୁବଙ୍କ ଦୁଇ ପୁଅ, ଦୀଣାର ଦୁଇ ଭାଇ ଶିମିୟୋନ ଓ ଲେବୀ ନିଜ ନିଜର ଖଣ୍ଡା ନେଇ, ନଗରର ଲୋକମାନେ ନିଶ୍ଚିନ୍ତରେ[n] ଥିବା ସମୟରେ
ହଠାତ୍ ଯାଇ ସବୁ ପୁରୁଷଙ୍କୁ ହତ୍ୟାକଲେ । [26]ସେମାନେ ହମୋର ଓ ତାଙ୍କ ପୁଅ ଶିଖିମଙ୍କୁ ଖଣ୍ଡାରେ ହାଣି ହତ୍ୟାକଲେ ଏବଂ ଦୀଣାକୁ ଶିଖିମଙ୍କ ଘରୁ ନେଇ
ଚାଲିଗଲେ । [27]ପୁଣି ଯାକୁବଙ୍କ ଅନ୍ୟ ପୁଅମାନେ ସେହି ମୃତ ଲୋକମାନଙ୍କ ନିକଟକୁ ଯାଇ ସେହି ନଗର ଲୁଟି ନେଲେ, କାରଣ ଶିଖିମ ସେମାନଙ୍କର
ଭଉଣୀଙ୍କୁ ଅଶୁଚି କରିଥିଲା । [28]ପୁଣି ସେମାନେ ସେମାନଙ୍କ ଛେଳିମେଣ୍ଢା, ଗାଈଗୋରୁ, ଗଧ ପୁଣି ନଗର ଓ କ୍ଷେତରେ ଯାହାସବୁ ଥିଲା ସେସବୁ ନେଇ
ଚାଲିଗଲେ । [29]ସେମାନେ ସେମାନଙ୍କର ସମସ୍ତ ପିଲାଙ୍କୁ ଓ ସେମାନଙ୍କର ସ୍ତ୍ରୀଲୋକମାନଙ୍କୁ ବନ୍ଦୀକଲେ ପୁଣି ସେମାନଙ୍କର ଧନସମ୍ପତ୍ତି ଓ ସେମାନଙ୍କ ଘରେ
ଯାହାସବୁ ଥିଲା ସେସବୁ ଲୁଟି ନେଲେ । [30]ଯାକୁବ ଏସବୁ ଦେଖି ଶିମିୟୋନ ଓ ଲେବୀଙ୍କୁ କହିଲେ, ତୁମ୍ଭେମାନେ ଏହି ଦେଶର କିଣାନ ଓ ପିରିଜ ଜାତିର
ଲୋକମାନଙ୍କ ନିକଟରେ ମୋତେ ଦୁର୍ଗନ୍ଧ ସ୍ୱରୂପ କଲ । ଆମ୍ଭେମାନେ ସଂଖ୍ୟାରେ ଅତି ଅଳ୍ପ ଲୋକ ଅଟୁ । ଯଦି ସେମାନେ ସମସ୍ତେ ଏକାଠି ହୋଇ ମୋ
ବିରୁଦ୍ଧରେ ଆସିବେ ଓ ମୋତେ ଆକ୍ରମଣ କରିବେ, ତେବେ ମୁଁ ଓ ମୋ ପରିବାରର ଲୋକ ବିନଷ୍ଟ ହେବୁ । [31]କିନ୍ତୁ ଯାକୁବଙ୍କ ପୁଅମାନେ ତାଙ୍କୁ କହିଲେ, ସେ
ଆମ୍ଭମାନଙ୍କର ଭଉଣୀକୁ ବେଶ୍ୟା ପରି ବ୍ୟବହାର କରିବା ଉଚିତ୍ ହେଲା କି ?

# 35

## ଯାକୁବ ବେଥେଲକୁ ଫେରିଲେ

[1]ଏହାପରେ, ପରମେଶ୍ୱର ଯାକୁବଙ୍କୁ କହିଲେ, ଉଠ, ବେଥେଲକୁ ଯାଅ ଓ ସେଠାରେ ବାସକର । ତୁମେ ତୁମ ଭାଇ ଏଷୌ ନିକଟରୁ ପଦ୍ଦନ-ଅରାମକୁ
ପଳାଇ ଯାଉଥିବା ସମୟରେ ଆମ୍ଭେ ତୁମକୁ ବେଥେଲରେ ଦର୍ଶନ ଦେଇଥିବା ପରମେଶ୍ୱର । ଏବେ ତୁମେ ଆମ୍ଭ ଉଦ୍ଦେଶ୍ୟରେ ସେଠାରେ ଏକ ଯଜ୍ଞବେଦି

---

କରୁଥିଲେ ।

[n]**34.25** ବିନା ଚିନ୍ତାରେ

ତିଆରି କରି ଉପାସନା କର ।

[2]ଏଣୁ ଯାକୁବ ନିଜ ପରିବାର ଓ ତାଙ୍କ ସହିତ ଥିବା ସବୁଲୋକଙ୍କୁ କହିଲେ, ତୁମ୍ଭମାନଙ୍କ ନିକଟରେ ବିଦେଶୀ ଦେବତାମାନଙ୍କର ଯେଉଁ ମୂର୍ତ୍ତିସବୁ ଅଛି,
ସେସବୁ ଦୂର କର, ନିଜ ନିଜକୁ ଶୁଚି କର, ପୁଣି ତୁମ୍ଭେମାନେ ପିନ୍ଧିଥିବା ଲୁଗା ବଦଳାଇ ସଫା ଲୁଗା ପିନ୍ଧ । [3]ତାପରେ ଆସ, ଆମ୍ଭେମାନେ ଉଠି ବେଥେଲକୁ
ଯିବା । ମୁଁ ଦୁଃଖରେ ଥିବା ସମୟରେ ଯେଉଁ ପରମେଶ୍ୱର ମୋର ପ୍ରାର୍ଥନା ଶୁଣି ମୋତେ ଉତ୍ତର ଦେଇଛନ୍ତି ଓ ମୁଁ ପଦ୍ଦନ-ଅରାମ ଏବଂ ଅନ୍ୟ ଯେଉଁସବୁ
ସ୍ଥାନକୁ ଯାଇଛି, ସେହି ସବୁସ୍ଥାନରେ ମୋ ସହିତ ରହିଆସିଛନ୍ତି, ତାହାଙ୍କ ଉଦ୍ଦେଶ୍ୟରେ ମୁଁ ସେହିସ୍ଥାନରେ ଏକ ଯଜ୍ଞବେଦି ତିଆରି କରି ତାଙ୍କୁ ଉପାସନା କରିବି
।

[4]ତେଣୁ ସେମାନେ ନିଜ ନିଜ ପାଖରେ ରଖିଥିବା ବିଦେଶୀ ଦେବତାମାନଙ୍କର ମୂର୍ତ୍ତି ଓ ବିଦେଶୀ ଦେବତାମାନଙ୍କର ଚିହ୍ନ ଥିବା କାନର ଅଳଙ୍କାରସବୁ
ବାହାରକରି ଯାକୁବଙ୍କୁ ଦେଲେ । ପୁଣି ଯାକୁବ ସେସବୁ ନେଇ ଶିଖିମ ନିକଟରେ ଥିବା ଓଲ ଗଛ ମୂଳରେ ପୋତିଲେ ।

[5]ସେମାନେ ବେଥେଲକୁ ଯାଉଥିବା ସମୟରେ ସେହି ଅଞ୍ଚଳର ନଗରସମୂହର ଲୋକମାନଙ୍କଠାରେ ପରମେଶ୍ୱରଙ୍କ ପ୍ରତି ଭୟ ଜାତ ହେଲା, ତେଣୁ
ସେମାନେ ଯାକୁବଙ୍କ ପରିବାର ପଛରେ ଗୋଡ଼ାଇଲେ ନାହିଁ । [6]ଯାକୁବ ଓ ତାଙ୍କ ସହିତ ଥିବା ଲୋକମାନେ କିଣାନ ଦେଶର ଲୂସ ନାମକ ସ୍ଥାନରେ ପହଞ୍ଚିଲେ
। ଏହି ଲୂସକୁ ବେଥେଲ ବୋଲି ମଧ୍ୟ କୁହାଯାଏ । [7]ଯାକୁବ ସେହିସ୍ଥାନରେ ଏକ ଯଜ୍ଞବେଦି ତିଆରି କଲେ ଓ ସେହି ସ୍ଥାନର ନାମ ଏଲ-ବେଥେଲ[o] ରଖିଲେ,
କାରଣ, ଯାକୁବ ନିଜ ଭାଇ ଏଷୌଙ୍କୁ ଭୟକରି ପଦ୍ଦନ-ଅରାମକୁ ପଳାଇ ଯାଉଥିବା ସମୟରେ ସେହିସ୍ଥାନରେ ପରମେଶ୍ୱର ତାଙ୍କୁ ଦର୍ଶନ ଦେଇଥିଲେ ।

[8]ଆଉ ରିବିକାଙ୍କୁ ପିଲାଦିନେ ଯତ୍ନ ନେଇଥିବା ଧାଈ ଦବୋରାଙ୍କର ସେହିସ୍ଥାନରେ ମୃତ୍ୟୁ ହେଲା । ଯାକୁବ ତାଙ୍କୁ ବେଥେଲର ତଳ ପଟ ଅଞ୍ଚଳର ଓଲ ଗଛ
ମୂଳରେ ସମାଧି ଦେଲେ । ତେଣୁ ସେ ତାହାର ନାମ ଅଲୋନ-ବାଖୁତ[p] ଦେଲେ । [9]ଯାକୁବ ପଦ୍ଦନ୍-ଅରାମରୁ ଫେରିବା ପରେ, ପରମେଶ୍ୱର ପୁଣି ଥରେ ତାଙ୍କୁ
ଦର୍ଶନ ଦେଲେ ଓ ଆଶୀର୍ବାଦ କରି କହିଲେ, [10]ତୁମର ନାମ ଯାକୁବ, ମାତ୍ର ତୁମର ନାମ ଆଉ ଯାକୁବ ହେବ ନାହିଁ । ଏବେଠାରୁ ତୁମର ନାମ ଇସ୍ରାଏଲ ହେବ
। ଆଉ ସେ ତାଙ୍କୁ ଇସ୍ରାଏଲ ନାମ ଦେଲେ । [11]ପରମେଶ୍ୱର ତାଙ୍କୁ କହିଲେ, ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର[q] । ତୁମେ ବହୁବଂଶ ହୁଅ ଓ ସଂଖ୍ୟାରେ ବୃଦ୍ଧି
ପାଅ । ତୁମଠାରୁ ଏକ ଗୋଷ୍ଠୀ, ଏପରିକି ଅନେକ ଗୋଷ୍ଠୀ ଉତ୍ପନ୍ନ ହେବେ, ପୁଣି ତୁମଠାରୁ ରାଜାମାନେ ଜାତ ହେବେ । [12]ଆମ୍ଭେ ଅବ୍ରାହାମ ଓ ଇସ୍‌ହାକଙ୍କୁ
ଯେଉଁ ଦେଶ ଦେଲୁ, ସେହି ଦେଶ ତୁମକୁ ଦେବା, ପୁଣି ତୁମ ପରେ ତୁମର ଆଗାମି ବଂଶକୁ ଦେବା । [13]ପରମେଶ୍ୱର ଯାକୁବଙ୍କ ସହିତ କଥାବାର୍ତ୍ତା କରିଥିବା
ସ୍ଥାନରୁ ଉପରକୁ ଚାଲିଗଲେ । [14]ଯେଉଁ ସ୍ଥାନରେ ପରମେଶ୍ୱର ଯାକୁବଙ୍କ ସହିତ କଥାର୍ବାର୍ତ୍ତା କଲେ, ସେହିସ୍ଥାନରେ ଯାକୁବ ଏକ ପଥର ଖମ୍ବ ପରି ପୋତିଲେ
। ପୁଣି ସେ ତାହା ଉପରେ ପାନୀୟ[r] ନୈବେଦ୍ୟ[s] ଓ ତେଲ ଢାଳି ପରମେଶ୍ୱରଙ୍କୁ ଉପାସନା କଲେ । [15]ଯେଉଁ ସ୍ଥାନରେ ପରମେଶ୍ୱର ଯାକୁବଙ୍କ ସହିତ
କଥାବାର୍ତ୍ତା କରିଥିଲେ, ଯାକୁବ ସେହି ସ୍ଥାନର ନାମ ବେଥେଲ[t] ରଖିଲେ ।

## ରାହେଲ ମୃତ୍ୟୁବରଣ କଲେ

[16]ଯାକୁବ ଓ ତାଙ୍କର ପରିବାରର ଲୋକମାନେ ବେଥେଲ ଛାଡ଼ି ଇଫ୍ରାଥା ଆଡ଼କୁ ଗଲେ । ପୁଣି ସେମାନେ ଇଫ୍ରାଥାରେ ପହଞ୍ଚିବାକୁ କିଛି ବାଟ ଥିବା

---

[o]**35.7** ବେଥେଲର ପରମେଶ୍ୱର

[p]**35.8** ଓଲ ଗଛ ଯେଉଁଠାରେ ଶୋକ କରାଯାଇଥିଲା

[q]**35.11** ଏଲ-ଶାଦାଇ

[r]**35.14** ପିଇବା ଜିନିଷ

[s]**35.14** ଯାହା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଏ

[t]**35.15** ପରମେଶ୍ୱରଙ୍କ ଘର

ସମୟରେ, ରାହେଲଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହେଲା; ପୁଣି ତାଙ୍କର ପ୍ରସବ କରିବା ଅତି କଷ୍ଟ ହେଲା । 17 ରାହେଲଙ୍କ ପ୍ରସବ ଯନ୍ତ୍ରଣା ଅତି ଅଧିକ
ହେବାରୁ, ଧାଈ ତାଙ୍କୁ କହିଲେ, ଭୟ କର ନାହିଁ, କାରଣ ତୁମେ ଆଉ ଏକ ପୁଅ ଜନ୍ମ କରିବ । 18 କିନ୍ତୁ ରାହେଲ ମୃତ୍ୟୁବରଣ କରୁ କରୁ, ସେହି ଶିଶୁର ନାମ
ବେନ୍ - ଅନି[u] ଦେଲେ, ମାତ୍ର ଯାକୁବ ତାହାର ନାମ ବିନ୍ୟାମିନ[v] ଦେଲେ । 19 ଏହିପରି ରାହେଲ ମୃତ୍ୟୁବରଣ କଲେ ଓ ଯାକୁବ ତାଙ୍କୁ ଇଫ୍ରାଥା, ଅର୍ଥାତ୍,
ବେଥଲିହିମକୁ ଯିବା ପଥରେ ସମାଧି ଦେଲେ । 20 ତାପରେ ରାହେଲଙ୍କ ସମାଧି ଉପରେ ଯାକୁବ ଏକ ପଥର ଖମ୍ବ ପରି ପୋତିଲେ; ଏହା ହେଉଛି
ରାହେଲଙ୍କ ସମାଧି ଖମ୍ବ, ଯାହା ଆଜି ଯାଏଁ ସେଠାରେ ଅଛି । 21 ଯାକୁବ[w] ସେଠାରୁ ଚାଲିଯାଇ ମିଗ୍‍ଦଲ-ଏଦର ଦୁର୍ଗ ପାର ହେବା ପରେ ତମ୍ବୁ ଟାଣିଲେ ।
22 ଯାକୁବ ସେହିସ୍ଥାନରେ ବାସ କରୁଥିବା ସମୟରେ, ତାଙ୍କ ପୁଅ ରୁବେନ୍ ଯାଇ ନିଜ ବାପାଙ୍କ ଦାସୀସ୍ତ୍ରୀ ବିଲହାଙ୍କ ସହିତ ଶୟନ କରି ଦୁଷ୍କର୍ମ କଲା । ପୁଣି
ଏହି କଥା ଯାକୁବ ଜାଣି ପାରିଲେ । ଯାକୁବଙ୍କର ବାର ପୁଅ ଥିଲେ ।

23 ଲେୟାଙ୍କଠାରୁ ଜାତ ପୁଅମାନେ ହେଲେ, ବଡ଼ ପୁଅ ରୁବେନ, ତାଙ୍କ ପରେ ଶିମିୟୋନ, ଲେବୀ, ଯିହୁଦା, ଇଷାଖର ଓ ସବ୍‍ଲୁନ । 24 ରାହେଲଙ୍କ
ପୁଅମାନେ ହେଲେ ଯୋଷେଫ ଓ ବିନ୍ୟାମିନ । 25 ରାହେଲଙ୍କ ଦାସୀ ବିଲ୍‍ହାଙ୍କର ପୁଅମାନେ ହେଲେ ଦାନ୍ ଓ ନପ୍ତାଲି । 26 ଲେୟାଙ୍କ ଦାସୀ ସିଲ୍ପାଙ୍କର
ପୁଅମାନେ ହେଲେ ଗାଦ୍ ଓ ଆଶେର୍ । ଯାକୁବଙ୍କର ଏହି ପୁଅମାନେ ପଦ୍ଦନ-ଅରାମରେ ଜନ୍ମ ହୋଇଥିଲେ ।

27 ଏହାପରେ ଯାକୁବ ତାଙ୍କ ବାପା ଇସ୍‍ହାକଙ୍କ ନିକଟକୁ, କିଣାନ ଦେଶର ମମ୍ରି ନାମକ ସ୍ଥାନକୁ ଆସିଲେ, ଯେଉଁଠି ଅବ୍ରାହାମ ଓ ଇସ୍‍ହାକ ଆଗରୁ କିଛି
କାଳ ବାସକରିଥିଲେ । ଏହି ମମ୍ରି ନାମକ ସ୍ଥାନଟି କିରିୟଥ-ଅର୍ବ ନଗର ନିକଟରେ ଥିଲା, ଯାହାକୁ ହିବ୍ରୋଣ ବୋଲି ମଧ୍ୟ କୁହାଯାଏ । 28 ଇସ୍‍ହାକ ୧୮୦ ବର୍ଷ
ବଞ୍ଚିଲେ । 29 ଇସ୍‍ହାକ ବୃଦ୍ଧ ଓ ପୂର୍ଣ୍ଣ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରି ମୃତ୍ୟୁବରଣ କଲେ ଓ ନିଜ ପିତୃପୁରୁଷମାନଙ୍କ ସହିତ ସଂଗୃହିତ ହେଲେ; ପୁଣି
ତାଙ୍କର ପୁଅମାନେ, ଏଷୌ ଓ ଯାକୁବ ତାଙ୍କୁ ସମାଧି ଦେଲେ ।

# 36

## ଏଷୌଙ୍କ ବଂଶାବଳୀ

1 ଏଷୌ, ଅର୍ଥାତ୍, ଇଦୋମଙ୍କ ବଂଶାବଳୀ । 2 ଏଷୌ କିଣାନ ଦେଶର ଦୁଇ ସ୍ତ୍ରୀଙ୍କୁ ବିବାହ କରିଥିଲେ । ସେମାନେ ହେଲେ ହିତ୍ତିୟ ଜାତିର ଏଲୋନଙ୍କ ଝିଅ
ଆଦା ଏବଂ ହିବ୍ବିୟ ଜାତିର ସିବିୟନଙ୍କ ନାତୁଣୀ ଓ ଅନାହଙ୍କ ଝିଅ ଅହଲିବାମା । 3 ଆହୁରି ମଧ୍ୟ ସେ ଇଶ୍ମାଏଲଙ୍କ ଝିଅ ଓ ନବାୟୋତଙ୍କ ଭଉଣୀ ବାସମତ୍‍ଙ୍କୁ
ବିବାହ କରିଥିଲେ । 4 ଏଷୌଙ୍କ ନିମନ୍ତେ, ଆଦା ଇଲୀଫସଙ୍କୁ ଓ ବାସମତ୍ ରୁୟେଲଙ୍କୁ ଜନ୍ମ ଦେଲେ । 5 ଆଉ ଅହଲୀବାମା ଯିୟୁଶ, ଯାଲମ୍ ଓ କରୋହଙ୍କୁ
ଜନ୍ମ ଦେଲେ । ଏଷୌଙ୍କର ଏହି ପୁଅମାନେ କିଣାନ ଦେଶରେ ଜନ୍ମ ହୋଇଥିଲେ ।

6 ଏଷୌ ନିଜ ସ୍ତ୍ରୀମାନଙ୍କୁ, ପୁଅମାନଙ୍କୁ, ଝିଅମାନଙ୍କୁ, ନିଜ ଘରର ଅନ୍ୟ ସବୁଲୋକଙ୍କୁ, ନିଜର ସମସ୍ତ ଛେଳିମେଣ୍ଢା ଓ ଗାଈଗୋରୁ ଏବଂ ଅନ୍ୟ ସମସ୍ତ
ପଶୁପଲ ଓ ସେ କିଣାନ ଦେଶରେ ଲାଭ କରିଥିବା ସମସ୍ତ ସମ୍ପତ୍ତି ନେଇ ନିଜ ଭାଇ ଯାକୁବଙ୍କଠାରୁ ଅନ୍ୟ ସ୍ଥାନକୁ ଚାଲିଗଲେ । 7 କାରଣ ସେମାନଙ୍କର
ଧନସମ୍ପତ୍ତି ଓ ପଶୁପଲ ଏତେ ଅଧିକ ଥିଲା ଯେ, ସେମାନେ ଯେଉଁ ସ୍ଥାନରେ କିଛି କାଳ ବାସକଲେ, ତାହା ସେମାନେ ଏକାଠି ବାସ କରିବା ପାଇଁ ଯଥେଷ୍ଟ
ହେଲା ନାହିଁ । 8 ତେଣୁ ଏଷୌ ସେୟୀର ପର୍ବତ ଅଞ୍ଚଳରେ ବାସକଲେ । ଏହି ଏଷୌଙ୍କୁ ଇଦୋମ ବୋଲି ମଧ୍ୟ କୁହାଯାଏ ।

---

[u] **35.18** କଷ୍ଟରେ ଜନ୍ମ ହୋଇଥିବା ପୁଅ
[v] **35.18** ମୋର ଡାହାଣ ହାତର ପୁଅ ।
[w] **35.21** ଇସ୍ରାଏଲ

[9]ସେୟୀର ପର୍ବତ ଅଞ୍ଚଳର ଇଦୋମ ଗୋଷ୍ଠୀର ପୂର୍ବପୁରୁଷ ଏଷୌଙ୍କ ବଂଶାବଳୀ: [10]ଏଷୌଙ୍କ ପୁଅମାନଙ୍କର ନାମ: ଏଷୌଙ୍କ ସ୍ତ୍ରୀ ଆଦାଙ୍କ ପୁଅ ଇଲୀଫସ ଓ ଏଷୌଙ୍କ ସ୍ତ୍ରୀ ବାମସତ୍‌ଙ୍କ ପୁଅ ରୁୟେଲ । [11]ଇଲିଫସଙ୍କ ପୁଅମାନେ ହେଲେ, ତୈମନ, ଓମାର, ସଫୋ, ଗୟିତମ୍ ଓ କନସ୍ । [12]ଏଷୌଙ୍କ ପୁଅ ଇଲିଫସ୍‌ଙ୍କର ଆଉ ଏକ ଉପପତ୍ନୀ ଥିଲେ, ତାଙ୍କର ନାମ ତିମ୍ନା । ସେ ଇଲିଫସଙ୍କ ପାଇଁ ଏକ ପୁଅ ଜନ୍ମକଲେ, ତାଙ୍କର ନାମ ଅମାଲେକ । ଏମାନେ ଏଷୌଙ୍କ ସ୍ତ୍ରୀ ଆଦାଙ୍କଠାରୁ ଜନ୍ମ ହୋଇଥିବା ଇଲିଫସଙ୍କ ପୁଅମାନେ ।

[13]ରୁୟେଲଙ୍କ ପୁଅମାନେ ହେଲେ: ନହତ୍, ସେରହ, ଶମ୍ମ ଓ ମିସା । ଏମାନେ ଏଷୌଙ୍କ ସ୍ତ୍ରୀ ବାସମତ୍‌ଙ୍କଠାରୁ ଜନ୍ମ ହୋଇଥିବା ପୁଅ ରୁୟେଲଙ୍କ ପୁଅମାନେ ।

[14]ଏଷୌଙ୍କ ସ୍ତ୍ରୀ ଅହଲିବାମା, ଯିଏ ଅନାହଙ୍କ ଝିଅ ଓ ସିବିୟନଙ୍କ ନାତୁଣୀ ଥିଲେ, ତାଙ୍କ ପୁଅମାନେ ହେଲେ: ଯିୟୁଶ୍, ଯାଲମ୍ ଓ କରୋହ ।

[15]ଏଷୌଙ୍କର ବଂଶଧରମାନଙ୍କ ମଧ୍ୟରେ ଏମାନେ ମୁଖ୍ୟ ଥିଲେ । ଏଷୌଙ୍କ ବଡ଼ ପୁଅ ଇଲିଫସଙ୍କ ବଂଶଧରମାନେ: ତେମନ୍, ଓମାର, ସାଫୋ ଓ କନସ୍,
[16]କୋରହ, ଗୟିତମ୍ ଓ ଅମାଲେକ; ଏମାନେ ଇଦୋମ ଦେଶରେ ଇଲିଫସଙ୍କ ବଂଶର ଶାସକ ଥିଲେ । ଏମାନେ ଏଷୌଙ୍କ ସ୍ତ୍ରୀ ଆଦାଙ୍କର ପୁଅମାନେ ।
[17]ଏଷୌଙ୍କ ପୁଅ ରୁୟେଲଙ୍କ ବଂଶଧରମାନେ: ନହତ୍, ସେରହ, ଶମ୍ମ ଓ ମିସା; ଏମାନେ ଇଦୋମ ଦେଶରେ ରୁୟେଲଙ୍କ ବଂଶର ନେତା ଥିଲେ । ଏମାନେ
ଏଷୌଙ୍କ ସ୍ତ୍ରୀ ବାସମତ୍‌ଙ୍କର ପୁଅମାନେ । [18]ଏଷୌଙ୍କ ସ୍ତ୍ରୀ ଅହଲିବାମାଙ୍କ ପୁଅମାନେ: ଯିୟୁଶ୍, ଯାଲମ୍ ଓ କରୋହ । ଏମାନେ ଅନାହଙ୍କ ଝିଅ ଏଷୌଙ୍କ ସ୍ତ୍ରୀ
ଅହଲିବାମାଙ୍କଠାରୁ ଜନ୍ମ ହୋଇଥିବା ବଂଶଧର । [19]ଏମାନେ ଏଷୌ, ଅର୍ଥାତ୍, ଇଦୋମଙ୍କ ପୁଅମାନେ ଓ ଏମାନେ ଏଷୌଙ୍କର ବଂଶଧରମାନଙ୍କର ଶାସକ
ଥିଲେ ।

## ଇଦୋମ ବା ସେୟିରର ମୂଳ ବାସିନ୍ଦା

[20]ହୋରୀୟ ଜାତିର ସେୟୀର ନାମକ ବ୍ୟକ୍ତିଙ୍କର ବଂଶଧରମାନେ, ଯେଉଁମାନେ ସେହି ସମୟରେ ଇଦୋମ ଦେଶରେ ବାସ କରୁଥିଲେ: ଲୋଟନ,
ଶୋବଲ, ସିବିୟନ, ଅନାହ, [21]ଦିଶୋନ, ଏତ୍ସର ଓ ଦିସାନ । ଏମାନେ ଇଦୋମ ଦେଶର ହୋରିୟ ଜାତିର ସେୟୀରଙ୍କ ବଂଶର ଲୋକମାନଙ୍କର ଶାସକ ଥିଲେ ।

[22]ଲୋଟନଙ୍କ ପୁଅମାନେ ହେଲେ, ହୋରି ଓ ହେମମ । ଲୋଟନଙ୍କ ଭଉଣୀଙ୍କ ନାମ ତିମ୍ନା । [23]ଶୋବଲଙ୍କ ପୁଅମାନେ ହେଲେ, ଅଲଭ୍ନ, ମାନହତ,
ଏବଲ, ଶେଫୋ ଓ ଓନାମ । [24]ସିବିୟନଙ୍କ ପୁଅମାନେ ହେଲେ, ଅଇଆ ଓ ଅନାହ । ଏହି ଅନାହ ନିଜ ବାପା ସିବିୟନଙ୍କ ଗଧ ଚରାଉଥିବା ସମୟରେ
ପ୍ରାନ୍ତରରେ ଉଷ୍ଣୁମ ପାଣିର ଝରଗୁଡ଼ିକ ଦେଖିଲେ । [25]ଅନାହଙ୍କ ପୁଅଙ୍କ ନାମ ଦିଶୋନ ଓ ଝିଅଙ୍କ ନାମ ଅହଲିବାମା । [26]ଦିଶୋନଙ୍କ ପୁଅମାନେ ହେଲେ:
ହେମଦାନ, ଇଶବନ, ଇତ୍ରନ ଓ କେରନ । [27]ଏତ୍ସରଙ୍କ ପୁଅମାନେ ହେଲେ: ବିଲହନ୍, ସାବନ୍ ଓ ଆକନ୍ । [28]ଦିଶାନଙ୍କ ପୁଅମାନେ ହେଲେ: ଉଷ ଓ ଅରାନ ।

[29]ହୋରୀୟ ଜାତିର ଲୋକମାନଙ୍କର ଶାସକମାନେ ହେଲେ: ଲୋଟନ୍, ଶୋବଲ୍, ଶିବିୟନ୍, ଅନାହ, [30]ଦିଶୋନ୍, ଏତ୍ସର ଓ ଦୀଶାନ । ଏମାନେ ସେୟୀର ଦେଶର ହୋରିୟ ଜାତିର ଲୋକମାନଙ୍କର ନିଜ ନିଜ ସ୍ଥାନରେ ଜଣେ ଜଣେ ଶାସକ ଥିଲେ ।

## ଇଦୋମ ଦେଶର ଶାସକମାନେ

[31]ଇସ୍ରାଏଲ ଲୋକମାନଙ୍କୁ ରାଜାମାନେ ଶାସନ କରିବା ପୂର୍ବରୁ ଏହି ଶାସକମାନେ ଇଦୋମ ଦେଶରେ ଶାସନ କରୁଥିଲେ । [32]ବିୟୋରଙ୍କ ପୁଅ ବେଲା
ଇଦୋମ ଦେଶରେ ଶାସନ କଲେ, ତାଙ୍କ ନଗରର ନାମ ଦିନ୍‌ହାବା ଥିଲା । [33]ବେଲାଙ୍କ ମୃତ୍ୟୁ ପରେ ବସ୍ରା ଅଞ୍ଚଳର ସେରହଙ୍କ ପୁଅ ଯୋବବ ତାହାଙ୍କ

ପଦରେ ଶାସନ କଲେ । 34ଯୋବବଙ୍କ ମୃତ୍ୟୁ ପରେ, ତୈମନ ଦେଶର ହୂଶମ ତାଙ୍କ ପଦରେ ଶାସନ କଲେ । 35ହୂଶମଙ୍କ ମୃତ୍ୟୁ ପରେ, ବେଦଦଙ୍କ ପୁଅ
ହଦଦ ତାଙ୍କ ପଦରେ ଶାସନ କଲେ; ତାଙ୍କ ନଗରର ନାମ ଅବିଥ ଥିଲା । ସେ ମିଦିୟନ ଜାତିର ଲୋକମାନଙ୍କୁ ମୋୟାବ ଦେଶରେ ପରାସ୍ତ କଲେ ।
36ହଦଦଙ୍କ ମୃତ୍ୟୁ ପରେ ମସ୍ରେକା ଅଞ୍ଚଳର ସମ୍ଲହ ତାଙ୍କ ପଦରେ ଶାସନ କଲେ । 37ସମ୍ଲହଙ୍କ ମୃତ୍ୟୁ ପରେ ଫରାତ୍ ନଦୀ ନିକଟରେ ଥିବା ରେହୋବତ୍
ଅଞ୍ଚଳର ଷାଉଲ ତାଙ୍କ ପଦରେ ଶାସନ କଲେ । 38ଷାଉଲଙ୍କ ମୃତ୍ୟୁ ପରେ ଅକ୍‌ବୋରଙ୍କ ପୁଅ ବାଲ୍‌ହାନନ ତାଙ୍କ ପଦରେ ଶାସନ କଲେ । 39ଅକ୍‌ବୋରଙ୍କ
ପୁଅ ବାଲହାନନଙ୍କ ମୃତ୍ୟୁ ପରେ ହଦର ତାଙ୍କ ପଦରେ ଶାସନ କଲେ । ତାଙ୍କ ରାଜଧାନୀର ନାମ ପାଉ ଥିଲା । ବାଲହାନନଙ୍କ ସ୍ତ୍ରୀଙ୍କର ନାମ
ମେହେଟାବେଲ, ସେ ମଟ୍ରେଦଙ୍କ ଝିଅ ଓ ମେଷାହବଙ୍କ ନାତୁଣୀ ଥିଲେ ।

40ଏଷୌଙ୍କର ବଂଶଧରମାନଙ୍କର ନିଜ ନିଜ ଗୋଷ୍ଠୀ, ବାସସ୍ଥାନ ଓ ନାମ ଅନୁସାରେ ଶାସକ ଥିଲେ । ସେମାନଙ୍କର ନାମ ହେଲା: ତିମ୍ନା, ଅଲ୍‌ବାହ ଓ
ଯିଥେତ୍, 41ଅହଲୀବାମା, ଏଲା, ପୀନନ୍, 42କନସ୍, ତେମନ୍, ମିବ୍‌ସର, 43ମଗ୍‌ଦୀୟେଲ୍ ଓ ଇରମ । ଏମାନେ ଇଦୋମ ଦେଶର ନିଜ ନିଜ ଗୋଷ୍ଠୀର ଶାସକ
ଥିଲେ । ସେମାନେ ତାଙ୍କ ଅଧିକାରରେ ଥିବା ନିଜ ନିଜ ଅଞ୍ଚଳରେ ବାସକରି ଶାସନ କରୁଥିଲେ । ଏମାନେ ସମସ୍ତେ ଇଦୋମ ଗୋଷ୍ଠୀର ଆଦିପିତା ଏଷୌଙ୍କ
ବଂଶଧର ।

# 37

## ଯୋଷେଫଙ୍କ ଦୁଇଟି ସ୍ୱପ୍ନ

1ଯାକୁବ କିଣାନ ଦେଶରେ ବାସକଲେ । ଆଗରୁ ତାଙ୍କ ବାପା ସେହିସ୍ଥାନରେ କିଛି କାଳ ବାସକରିଥିଲେ ।

2ଯାକୁବ ଓ ତାଙ୍କ ପରିବାରର କଥା: ଯୋଷେଫ ସତର ବର୍ଷ ବୟସରେ ତାଙ୍କ ବାପାଙ୍କର ଦାସୀସ୍ତ୍ରୀ ବିଲ୍‌ହା ଓ ସିଲ୍ପାଙ୍କର ପୁଅମାନଙ୍କ ସହିତ ପଶୁପଲ
ଚରାଇବାକୁ ଯାଉଥିଲେ । ଆଉ ସେ ତାଙ୍କ ଭାଇମାନଙ୍କ ସବୁ ମନ୍ଦ କାମର ସମ୍ବାଦ ତାଙ୍କ ବାପାଙ୍କୁ ଜଣାଉଥିଲେ । 3ଯାକୁବ ନିଜର ଅନ୍ୟ ପୁଅମାନଙ୍କଠାରୁ
ଯୋଷେଫଙ୍କୁ ଅଧିକ ପ୍ରେମ କରୁଥିଲେ, ଯେହେତୁ ତାଙ୍କର ବୁଢ଼ା ବୟସରେ ଯୋଷେଫ ଜନ୍ମ ହୋଇଥିଲେ । ପୁଣି ଯାକୁବ ଯୋଷେଫଙ୍କ ପାଇଁ ବିଭିନ୍ନ ରଙ୍ଗର
ଏକ ଅତି ସୁନ୍ଦର ପୋଷାକ[x] ତିଆରି କରି ଦେଇଥିଲେ ।

4କିନ୍ତୁ ଯେତେବେଳେ ଯୋଷେଫଙ୍କ ଭାଇମାନେ ଦେଖିଲେ ଯେ, ଯାକୁବ ତାଙ୍କର ଅନ୍ୟ ସବୁ ପୁଅଙ୍କଠାରୁ ଯୋଷେଫଙ୍କୁ ଅଧିକ ପ୍ରେମ କରୁଛନ୍ତି,
ସେମାନେ ଯୋଷେଫଙ୍କୁ ଘୃଣା କଲେ । ସେଥିପାଇଁ ସେମାନେ ଯୋଷେଫଙ୍କ ସହିତ ଭଲରେ କଥାବାର୍ତ୍ତା କଲେ ନାହିଁ ।

5-7ଦିନେ, ଯୋଷେଫ ଏକ ସ୍ୱପ୍ନ ଦେଖିଲେ ଓ ତାଙ୍କ ଭାଇମାନଙ୍କୁ କହିଲେ, ମୁଁ ଏକ ସ୍ୱପ୍ନ ଦେଖିଅଛି । ମୁଁ ଅନୁରୋଧ କରୁଅଛି, ତାହା ଶୁଣ । ସ୍ୱପ୍ନଟି ଏପରି:
ଆମେ ସମସ୍ତେ କ୍ଷେତରେ ଗହମ ବିଡ଼ା ବାନ୍ଧୁଥିଲୁ । ସେହି ସମୟରେ ମୋର ବିଡ଼ା ଉଠି ସିଧା ଠିଆ ହେଲା, ପୁଣି ତୁମ୍ଭମାନଙ୍କର ବିଡ଼ାସବୁ ମୋ ବିଡ଼ାକୁ
ଚାରିଆଡ଼େ ଘେରି ପ୍ରଣାମ କଲେ । ସେମାନେ ସ୍ୱପ୍ନ ଶୁଣି ତାଙ୍କୁ ଅଧିକ ଘୃଣା କଲେ ।

8ପୁଣି ତାଙ୍କର ଭାଇମାନେ ତାଙ୍କୁ କହିଲେ, ତୁ କଅଣ ସତରେ ଆମ୍ଭମାନଙ୍କର ରାଜା ହେବୁ ? ତୁ କଅଣ ସତରେ ଆମ୍ଭମାନଙ୍କ ଉପରେ ଶାସନ କରିବୁ ?
ତେଣୁ ସେମାନେ ତାଙ୍କର ସ୍ୱପ୍ନ ଓ କଥା ଯୋଗୁଁ ତାଙ୍କୁ ଆହୁରି ଅଧିକ ଘୃଣା କଲେ ।

9ପରେ, ଯୋଷେଫ ଆଉ ଗୋଟିଏ ସ୍ୱପ୍ନ ଦେଖିଲେ ଓ ତାଙ୍କର ଭାଇମାନଙ୍କୁ କହିଲେ, ଦେଖ, ମୁଁ ଆଉ ଏକ ସ୍ୱପ୍ନ ଦେଖିଅଛି, ସୂର୍ଯ୍ୟ, ଚନ୍ଦ୍ର ଏବଂ ଏଗାରଟି
ତାରା ମୋତେ ପ୍ରଣାମ କଲେ ।

10ଯୋଷେଫ ଏହି ସ୍ୱପ୍ନ ତାଙ୍କର ବାପା ଓ ଭାଇମାନଙ୍କୁ କହିବାରୁ, ତାଙ୍କ ବାପା ତାଙ୍କୁ ଗାଳି କରି କହିଲେ, ତୁ ଏ କି ପ୍ରକାର ସ୍ୱପ୍ନ ଦେଖିଲୁ ? ମୁଁ, ତୋର
ମାଆ ଆଉ ତୋର ଭାଇମାନେ, ଆମେ ସମସ୍ତେ କଅଣ ସତରେ ତୋତେ ଭୂମିରେ ପଡ଼ି ପ୍ରଣାମ କରିବୁ ?

---

[x]**37.3** ସୁନା ଓ ରୁପା ଲାଗିଥିବା ବିଭିନ୍ନ ରଙ୍ଗର ସୁନ୍ଦର ପୋଷାକ

[11]ପୁଣି ତାଙ୍କ ଭାଇମାନେ ତାଙ୍କୁ ଈର୍ଷାକଲେ, ମାତ୍ର ତାଙ୍କ ବାପା ସେହି କଥା ମନରେ ରଖିଲେ ।

[12]ଏହାପରେ, ଯୋଷେଫଙ୍କ ଭାଇମାନେ ସେମାନଙ୍କ ବାପାଙ୍କର ପଶୁପଲ ଚରାଇବା ପାଇଁ ଶିଖିମ ଅଞ୍ଚଳକୁ ଗଲେ । [13]ପୁଣି ଯାକୁବ ଯୋଷେଫଙ୍କୁ
କହିଲେ, ତୁମର ଭାଇମାନେ ଶିଖିମ ଅଞ୍ଚଳରେ ପଶୁପଲ ଚରାଉଛନ୍ତି । ତୁମେ ଏବେ ସେମାନଙ୍କ ନିକଟକୁ ଯାଅ । ଯୋଷେଫ କହିଲେ, ହଁ, ମୁଁ ଯିବି । [14]ଏଣୁ
ଯାକୁବ ତାଙ୍କୁ କହିଲେ, ଏବେ ତୁମେ ସେଠାକୁ ଯାଅ ଓ ତୁମର ଭାଇମାନେ ପୁଣି ପଶୁପଲ ଭଲରେ ଅଛନ୍ତି କି ନାହିଁ ତାହା ଦେଖ ଓ ମୋ ନିକଟକୁ ସମ୍ବାଦ
ନେଇଆସ । ଏଣୁ ଯାକୁବ ତାଙ୍କୁ ହିବ୍ରୋଣର ସମତଳ ଅଞ୍ଚଳରୁ ଶିଖିମ ଅଞ୍ଚଳକୁ ପଠାଇଲେ ଓ ଯୋଷେଫ ଯାଇ ସେଠାରେ ପହଞ୍ଚିଲେ ।

[15]ଯୋଷେଫ ସେଠାରେ ଏଣେ ତେଣେ ବୁଲୁଥିବାର ଦେଖି, ଜଣେ ଲୋକ ତାଙ୍କୁ ପଚାରିଲେ, ତୁମେ କାହାକୁ ଖୋଜୁଅଛ ? [16]ଯୋଷେଫ କହିଲେ, ମୁଁ
ମୋର ଭାଇମାନଙ୍କୁ ଖୋଜୁଅଛି । ଦୟାକରି ମୋତେ କୁହନ୍ତୁ, ସେମାନେ କେଉଁଠାରେ ପଶୁପଲ ଚରାଉଛନ୍ତି ? [17]ସେହି ଲୋକ କହିଲେ, ସେମାନେ ଏଠାରୁ
ଚାଲିଗଲେ । କାରଣ ସେମାନେ ଦୋଥନ ଅଞ୍ଚଳକୁ ଯିବେ ବୋଲି କଥା ହେବାର ମୁଁ ଶୁଣିଛି । ତେଣୁ ଯୋଷେଫ ତାଙ୍କ ଭାଇମାନଙ୍କ ପଛେ ପଛେ ଗଲେ
ଏବଂ ସେମାନଙ୍କୁ ଦୋଥନ ଅଞ୍ଚଳରେ ଭେଟିଲେ ।

## ଯୋଷେଫଙ୍କ ଭାଇମାନେ ଯୋଷେଫଙ୍କୁ ବିକିଲେ

[18]ଯୋଷେଫଙ୍କ ଭାଇମାନେ ଯୋଷେଫଙ୍କୁ ଦୂରରୁ ଦେଖିଲେ ପୁଣି ସେ ସେମାନଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ସେମାନେ ଯୋଜନା କଲେ ଯେ,
ସେମାନେ ତାଙ୍କୁ ଜୀବନରେ ମାରିଦେବେ ।

[19]ସେମାନେ ପରସ୍ପରକୁ କହିଲେ, ଦେଖ, ସ୍ୱପ୍ନ ଦେଖିବା ଲୋକ ଆସୁଅଛି । [20]ଏବେ ଆସ, ଆମେ ତାକୁ ମାରି କୌଣସି ଏକ ଗାତରେ ପକାଇଦେବା ।
ଏହାପରେ ଏକ ହିଂସ୍ର ଜନ୍ତୁ ତାକୁ ଖାଇଅଛି ବୋଲି କହିବା, ତାପରେ ତାହାର ସ୍ୱପ୍ନସବୁ କଅଣ ହେବ ତାହା ଦେଖିବା ।

[21]କିନ୍ତୁ ଯେତେବେଳେ ରୁବେନ ଏହି କଥା ଶୁଣିଲେ, ସେ ସେମାନଙ୍କ ହାତରୁ ତାଙ୍କୁ ବଞ୍ଚାଇବାକୁ କହିଲେ, ନା, ଆମ୍ଭେମାନେ ତାକୁ ଜୀବନରେ ମାରିବା
ନାହିଁ । [22]ପୁଣି ରୁବେନ ସେମାନଙ୍କୁ କହିଲେ, ତାକୁ ଜୀବନରେ ମାର ନାହିଁ । ପ୍ରାନ୍ତରର ଏହି ଗାତରେ ତାଙ୍କୁ ପକାଇଦିଅ, କିନ୍ତୁ ତାଙ୍କ ଉପରେ ହାତ ଦିଅ ନାହିଁ
। ଯୋଷେଫଙ୍କୁ ସେମାନଙ୍କ ହାତରୁ ରକ୍ଷାକରି ତାଙ୍କ ବାପାଙ୍କ ନିକଟକୁ ପଠାଇବାକୁ ରୁବେନ ସେମାନଙ୍କୁ ଏପରି କହିଲେ ।

[23]ତେଣୁ ଯୋଷେଫ ନିଜ ଭାଇମାନଙ୍କ ନିକଟରେ ପହଞ୍ଚିବାରୁ ସେମାନେ ସେ ପିନ୍ଧିଥିବା ସେହି ବିଭିନ୍ନ ରଙ୍ଗର ଅତି ସୁନ୍ଦର ପୋଷାକ ତାଙ୍କଠାରୁ ବାହାର
କରିଦେଲେ । [24]ପୁଣି ସେମାନେ ତାଙ୍କୁ ନେଇ ଗୋଟିଏ ଗାତରେ ପକାଇଦେଲେ, ସେହି ଗାତରେ ପାଣି ନ ଥିଲା ।

[25]ଏହାପରେ ସେମାନେ ଖାଇବାକୁ ବସିଲେ । ସେମାନେ ଅନାଇ ଦେଖିଲେ ଯେ, ଗିଲିୟଦ ଦେଶରୁ ଇଶ୍ମାଏଲ ଗୋଷ୍ଠୀର କିଛି ବେପାରୀ ଓଟଗୁଡ଼ିକରେ
ଆସୁଛନ୍ତି । ସେମାନେ ଝୁଣା, ମଲମ ଓ ଗନ୍ଧରସ ଓଟଗୁଡ଼ିକରେ ନେଇ ମିସର ଦେଶକୁ ଯାଉଥିଲେ ।

[26]ସେଥିରେ ଯିହୁଦା ନିଜ ଭାଇମାନଙ୍କୁ କହିଲେ, ଆମ ଭାଇକୁ ମାରି, ସେ କଥା ଲୁଚାଇ ରଖିଲେ, ଆମେ କଅଣ ଲାଭ ପାଇବା ? [27]ଚାଲ, ଆମେ ତାକୁ
ଇଶ୍ମାଏଲ ଗୋଷ୍ଠୀର ଏହି ଲୋକମାନଙ୍କୁ ବିକିଦେବା, ମାତ୍ର ଆମେ ତା ଉପରେ ଆମର ହାତ ଦେବା ନାହିଁ; କାରଣ ସେ ଆମର ଭାଇ, ସେ ଆମର ରକ୍ତ ଓ
ମାଂସ । ପୁଣି ତାଙ୍କର ଭାଇମାନେ ତାଙ୍କ କଥାରେ ରାଜି ହେଲେ ।

[28]ଏହାପରେ ମିଦିୟନ ଦେଶର ସେହି ବେପାରୀମାନେ ଯୋଷେଫଙ୍କ ଭାଇମାନଙ୍କ ନିକଟରେ ପହଞ୍ଚିଲେ । ଯୋଷେଫଙ୍କ ଭାଇମାନେ ଯୋଷେଫଙ୍କୁ
ଗାତରୁ ବାହାରକଲେ ଏବଂ ତାଙ୍କୁ କୋଡ଼ିଏଟି ରୂପା ଟଙ୍କା[y] ପାଇଁ ସେହି ଇଶ୍ମାଏଲ ଗୋଷ୍ଠୀର ବେପାରୀମାନଙ୍କୁ[z] ବିକିଲେ । ସେମାନେ ଯୋଷେଫଙ୍କୁ ମିସର
ଦେଶକୁ ନେଇଗଲେ । [29]ଯେତେବେଳେ ରୁବେନ ଗାତ ନିକଟକୁ ଗଲେ ଓ ଦେଖିଲେ ଯେ, ଯୋଷେଫ ଗାତରେ ନାହିଁ, ସେ ଅତିଶୟ ଦୁଃଖରେ ନିଜର

---

[y]**37.28** ମୂଳ ଭାଷାରେ ଶେକଲ

[z]**37.28** ମିଦିୟନ ଲୋକ

ପୋଷାକ ଚିରି ପକାଇଲେ । 30ପୁଣି ସେ ନିଜ ଭାଇମାନଙ୍କ ନିକଟକୁ ଫେରିଯାଇ ସେମାନଙ୍କୁ କହିଲେ, ଯୋଷେଫ ଗାତରେ ନାହିଁ, ଏବେ ମୁଁ କୁଆଡ଼େ ଯିବି
?

31ଏହାପରେ ସେମାନେ ଗୋଟିଏ ଛେଳି ମାରିଲେ ଓ ତାର ରକ୍ତରେ ଯୋଷେଫଙ୍କ ପୋଷାକ ବୁଡ଼ାଇଲେ । 32ପୁଣି ସେମାନେ ବିଭିନ୍ନ ରଙ୍ଗର ସେହି ଅତି
ସୁନ୍ଦର ପୋଷାକ ସହିତ ଏହି ସମ୍ବାଦ ସେମାନଙ୍କ ବାପା ଯାକୁବଙ୍କ ନିକଟକୁ ପଠାଇଲେ, ଆମେ ଏହା ପାଇଛୁ, ଏହା ତୁମ ପୁଅର ପୋଷାକ କି ନାହିଁ ତାହା
ଦୟାକରି ଚିହ୍ନି ଦେଖ ।

33ସେମାନଙ୍କ ବାପା ସେହି ପୋଷାକ ଦେଖି ଚିହ୍ନି ପାରିଲେ ଏବଂ କହିଲେ, ହଁ, ଏହି ପୋଷାକ ତ ମୋ ପୁଅର । କୌଣସି ହିଂସ୍ର ଜନ୍ତୁ ତାକୁ ଖାଇଅଛି,
ଯୋଷେଫ ନିଶ୍ଚୟ ଖଣ୍ଡ ଖଣ୍ଡ ହୋଇଅଛି । 34ପୁଣି ଯାକୁବ ନିଜ ପୋଷାକ ଚିରିଲେ ଓ ଅଖା ପିନ୍ଧିଲେ, ପୁଣି ନିଜ ପୁଅ ପାଇଁ ଅନେକ ଦିନ ଶୋକ କଲେ ।
35ତାଙ୍କର ସବୁ ପୁଅ ଓ ଝିଅ ତାଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟାକଲେ, କିନ୍ତୁ ସେ ମାନିଲେ ନାହିଁ ଓ ସେମାନଙ୍କୁ କହିଲେ, ମୁଁ କାନ୍ଦି କାନ୍ଦି ମରିବି ଓ ମୋ ପୁଅ
ପାଖକୁ ଯିବି । ସେ ଏହିପରି କାନ୍ଦି କାନ୍ଦି ରହିଲେ ।

36ସେହି ସମୟ ମଧ୍ୟରେ, ମିଦିୟନ ଦେଶର ସେହି ବେପାରୀମାନେ ମିସର ଦେଶରେ ପହଞ୍ଚି ପୋଟିଫରଙ୍କ ନିକଟରେ ଯୋଷେଫଙ୍କୁ ବିକିଲେ ।
ପୋଟିଫର ମିସର ଦେଶର ରାଜା ଫାରୋଙ୍କ ରାଜ ପ୍ରାସାଦର ଜଗୁଆଳିମାନଙ୍କ ସେନାପତି ଥିଲେ ।

# 38

## ଯିହୁଦା ଓ ତାମରଙ୍କ କଥା

1ଏହାର କିଛି ଦିନ ପରେ, ଯିହୁଦା ନିଜର ଭାଇମାନଙ୍କୁ ଛାଡ଼ି ଅଦୁଲ୍ଲାମ ଅଞ୍ଚଳକୁ ଗଲେ ଓ ସେଠାରେ ହୀରା ନାମକ ଜଣେ ଲୋକଙ୍କ ସହିତ ରହିଲେ ।
2ସେଠାରେ ସେ କିଣାନ ଜାତିର ଶୂୟ ନାମକ ଜଣେ ବ୍ୟକ୍ତିଙ୍କ ଝିଅଙ୍କୁ ଦେଖିଲେ । ସେ ତାଙ୍କୁ ବିବାହ କରି ତାଙ୍କ ସହିତ ଶୟନ କଲେ । 3ସେହି ସ୍ତ୍ରୀ ଗର୍ଭବତୀ
ହୋଇ ଏକ ପୁଅ ଜନ୍ମକଲେ, ଆଉ ଯିହୁଦା ସେହି ପୁଅର ନାମ ଏର ଦେଲେ । 4ସେହି ସ୍ତ୍ରୀ ଆଉ ଥରେ ଗର୍ଭବତୀ ହୋଇ, ଆଉ ଏକ ପୁଅ ଜନ୍ମକଲେ ଓ ସେ
ସେହି ପୁଅର ନାମ ଓନନ୍ ଦେଲେ । 5ସେହି ସ୍ତ୍ରୀ ପୁଣି ଥରେ ଗର୍ଭବତୀ ହୋଇ ଆଉ ଏକ ପୁଅ ଜନ୍ମକଲେ, ପୁଣି ସେ ସେହି ପୁଅର ନାମ ଶେଲା ଦେଲେ ।
ଶେଲାଙ୍କ ଜନ୍ମ ସମୟରେ ଯିହୁଦା କଷିବ ନାମକ ଅଞ୍ଚଳରେ ବାସ କରୁଥିଲେ ।

6ଯିହୁଦା ତାଙ୍କ ବଡ଼ ପୁଅ ଏରଙ୍କ ସହିତ ଜଣେ ଯୁବତୀଙ୍କୁ ବିବାହ ଦେଲେ । ସେହି ଯୁବତୀଙ୍କର ନାମ ତାମର । 7ଯିହୋବା ପ୍ରଭୁଙ୍କ ଦୃଷ୍ଟିରେ ଯିହୁଦାଙ୍କ ବଡ଼
ପୁଅ ଏର ଜଣେ ଦୁଷ୍ଟ ଲୋକ ଥିଲା, ତେଣୁ ଯିହୋବା ପ୍ରଭୁ ତାହାର ଜୀବନ ନେଇଗଲେ । 8ଏହାପରେ ଯିହୁଦା ନିଜ ପୁଅ ଅନନଙ୍କୁ କହିଲେ, ତୁମେ ତୁମ ବଡ଼
ଭାଇଙ୍କ ସ୍ତ୍ରୀଙ୍କୁ ବିବାହ କରି ତାଙ୍କ ପ୍ରତି ଦିଅରର କର୍ତ୍ତବ୍ୟ କର ଓ ତୁମ ବଡ଼ ଭାଇ ପାଇଁ ସନ୍ତାନସନ୍ତତି ଜନ୍ମ କରି ତୁମ ଭାଇଙ୍କ ବଂଶ ରକ୍ଷା କର । 9କିନ୍ତୁ ଅନନ
ଜାଣିଥିଲେ ଯେ, ତାଙ୍କ ଦ୍ୱାରା ତାମରଙ୍କଠାରୁ ଯେଉଁ ପିଲାମାନେ ଜନ୍ମ ହେବେ, ସେମାନେ ତାଙ୍କର ନ ହୋଇ ତାଙ୍କ ବଡ଼ ଭାଇଙ୍କର ହେବେ । ତେଣୁ ସେ
ତାମର ସହିତ ସହବାସ କରିବା ସମୟରେ ବୀର୍ଯ୍ୟ ଭୂମିରେ ପକାଇଲା, ଯେପରି ସେ ତାଙ୍କ ବଡ଼ ଭାଇଙ୍କ ପାଇଁ ସନ୍ତାନ ଜନ୍ମ କରିବ ନାହିଁ । 10କିନ୍ତୁ ଅନନ
ଯାହା କଲା ତାହା ଯିହୋବା ପ୍ରଭୁଙ୍କ ଦୃଷ୍ଟିରେ ମନ୍ଦ ଥିଲା; ସେଥିପାଇଁ ସେ ତାହାର ମଧ୍ୟ ଜୀବନ ନେଇଗଲେ ।

11ଏହାପରେ ଯିହୁଦା ନିଜ ପୁଅର ସ୍ତ୍ରୀ ତାମରଙ୍କୁ କହିଲେ, ତୁମେ ତୁମ ବାପାଙ୍କ ଘରକୁ ଯାଅ ଓ ମୋର ପୁଅ ଶେଲା ବଡ଼ ହେବା ଯାଏଁ ସେଠାରେ ବିଧବା
ହୋଇ ରୁହ । କାରଣ ଯିହୁଦା ଭୟକଲେ ଯେ, ଶେଲା ମଧ୍ୟ ନିଜ ଭାଇମାନଙ୍କ ପରି ମରିଯିବ । ତେଣୁ ତାମର ନିଜ ବାପାଙ୍କ ଘରକୁ ଯାଇ ସେଠାରେ ରହିଲେ
।

12କିଛି ବର୍ଷ ପରେ, ଯିହୁଦାଙ୍କ ସ୍ତ୍ରୀ, ଶୂୟଙ୍କ ଝିଅ ମୃତ୍ୟୁବରଣ କଲେ । ପୁଣି ଯିହୁଦା ନିଜ ଦୁଃଖରୁ ସାନ୍ତ୍ୱନା ପାଇବା ପରେ, ତିମ୍ନା ଅଞ୍ଚଳରେ ତାଙ୍କର

ମେଣ୍ଢାଲୋମ କାଟି ଦେଉଥିବା ଲୋକମାନଙ୍କୁ ଦେଖିବାକୁ ଅଦୁଲ୍ଲମ ଅଞ୍ଚଳର ନିଜ ବନ୍ଧୁ ହୀରାଙ୍କ ସହିତ ଗଲେ ।

[13]ସେତେବେଳେ ଜଣେ ଲୋକ ତାମରଙ୍କୁ କହିଲା, ତୁମ ଶ୍ୱଶୁର ମେଣ୍ଢାଲୋମ କାଟିବାକୁ ତିମ୍ନା ଅଞ୍ଚଳକୁ ଯାଉଛନ୍ତି ।

[14]ଏଣୁ ତାମର ନିଜର ବିଧବା ପୋଷାକ ବାହାରକଲେ ଓ ମୁଣ୍ଡରେ ଓଢ଼ଣୀ ଦେଲେ ପୁଣି ଐନମ ଗ୍ରାମକୁ ପଶିବା ସ୍ଥାନରେ ବସି ରହିଲେ, ଯାହା ତିମ୍ନା ଅଞ୍ଚଳକୁ ଯାଇଥିବା ରାସ୍ତାରେ ଥିଲା । କାରଣ ତାମର ଦେଖିଲେ ଯେ, ଶେଲାର ବିବାହ ବୟସ ହୋଇଥିଲେ ମଧ୍ୟ, ଯିହୁଦା ଶେଲା ସହିତ ତାଙ୍କର ବିବାହ କରାଇଲେ ନାହିଁ ।

[15]ଯିହୁଦା ତାଙ୍କୁ ଦେଖି ସେ ଜଣେ ବେଶ୍ୟା ବୋଲି ଭାବିଲେ । କାରଣ ତାମର ନିଜର ମୁହଁ ଘୋଡ଼ାଇଥିଲେ । [16]ସେଥିପାଇଁ ସେ ତାମରଙ୍କୁ ନିଜ ବୋହୂ ବୋଲି ଚିହ୍ନି ପାରିଲେ ନାହିଁ ଓ ତାଙ୍କ ନିକଟକୁ ଯାଇ କହିଲେ, ଆସ, ମୁଁ ତୁମ ସହିତ ଶୟନ କରିବାକୁ ଚାହେଁ । ତାମର ତାଙ୍କୁ କହିଲେ, ତୁମେ ମୋ ସହିତ ଶୟନ କଲେ ମୋତେ କଅଣ ଦେବ ?

[17]ଯିହୁଦା କହିଲେ, ମୋ ପଶୁପଲରୁ ଗୋଟିଏ ଛେଳି ଛୁଆ ପଠାଇଦେବି । ଏହା ଶୁଣି ତାମର ତାଙ୍କୁ କହିଲେ, ତୁମେ ତାହା ମୋ ପାଖକୁ ପଠାଇବା ଯାଏଁ ମୋ ପାଖରେ ଅନ୍ୟ କିଛି ଜିନିଷ ଛାଡ଼ି ଯିବ କି ?

[18]ଯିହୁଦା ପଚାରିଲେ, ତୁମେ ବନ୍ଧକ ରୂପେ କଅଣ ରଖିବାକୁ ଚାହୁଁଅଛ ? ତାମର ତାଙ୍କୁ କହିଲେ, ତୁମେ ତୁମର ପରିଚୟ ଦେଉଥିବା ମୋହର[a], ତାହାର ସୁତା ପୁଣି ତୁମର ବାଡ଼ି ଛାଡ଼ି ଯାଅ । ଏଣୁ ଯିହୁଦା ସେସବୁ ତାଙ୍କୁ ଦେଲେ ଏବଂ ତାଙ୍କ ସହିତ ଶୟନ କଲେ; ପୁଣି ତାମର ଯିହୁଦାଙ୍କ ଦ୍ୱାରା ଗର୍ଭବତୀ ହେଲେ ।

[19]ଏହାପରେ ତାମର ଉଠି ନିଜ ଘରକୁ ଗଲେ ଓ ଓଢ଼ଣୀ ବାହାରକରି ବିଧବା ପୋଷାକ ପିନ୍ଧିଲେ ।

[20]ପରେ ଯିହୁଦା ତାମରଙ୍କ ନିକଟରେ ଛାଡ଼ି ଯାଇଥିବା ମୋହର, ତାହାର ସୁତା ଓ ବାଡ଼ି ଆଣିବା ପାଇଁ ନିଜର ବନ୍ଧୁ ହୀରା ହାତରେ ଗୋଟିଏ ଛେଳି ଛୁଆ ପଠାଇଲେ; ମାତ୍ର ହୀରା ସେହିସ୍ଥାନକୁ ଯାଇ ତାମରଙ୍କୁ ପାଇଲେ ନାହିଁ ।

[21]ଏଣୁ ସେ ସେହି ସ୍ଥାନର ଲୋକମାନଙ୍କୁ ପଚାରିଲେ, ଐନମ ଗ୍ରାମର ରାସ୍ତା କଡ଼ରେ ଯେଉଁ ବେଶ୍ୟା ରହୁଥିଲା, ସେ କେଉଁଆଡ଼େ ଗଲା ? ସେମାନେ ତାଙ୍କୁ କହିଲେ, ଏଠାରେ କୌଣସି ବେଶ୍ୟା ରହେ ନାହିଁ ।

[22]ଏଣୁ ହୀରା ଯିହୁଦାଙ୍କ ପାଖକୁ ଫେରିଯାଇ କହିଲେ, ମୁଁ ସେହି ବେଶ୍ୟାକୁ ପାଇଲି ନାହିଁ; ଆଉ ସେହି ସ୍ଥାନର ଲୋକମାନେ ମଧ୍ୟ ମୋତେ କହିଲେ, ଏଠାରେ କୌଣସି ବେଶ୍ୟା ରହେ ନାହିଁ ।

[23]ଯିହୁଦା କହିଲେ, ଦେଖ, ମୁଁ ତା'ପାଖକୁ ଏକ ଛେଳି ଛୁଆ ପଠାଇଥିଲି କିନ୍ତୁ ତୁମେ ତା'ର ଦେଖା ପାଇଲ ନାହିଁ । ତେଣୁ, ମୁଁ ତାହା ପାଖରେ ଯାହା ଛାଡ଼ି ଆସିଅଛି, ତାହା ସେ ନିଜ ପାଖରେ ରଖୁ । ଆମେ ତାକୁ ଖୋଜିଲେ ଲୋକମାନେ ଆମ୍ଭମାନଙ୍କୁ ହସିବେ ।

[24]ପ୍ରାୟ ତିନି ମାସ ପରେ, କେହି ଜଣେ ଯିହୁଦାଙ୍କୁ କହିଲେ, ତୁମର ବୋହୂ ତାମର ବେଶ୍ୟା କାମ କରି, ଏବେ ଗର୍ଭବତୀ ହୋଇଅଛି । ଏହା ଶୁଣି ଯିହୁଦା କହିଲେ, ତାକୁ ବାହାରକୁ ଆଣି ନିଆଁରେ ପକାଇ ମାରିଦିଅ ।

[25]ଲୋକମାନେ ତାଙ୍କୁ ବାହାରକୁ ଆଣୁଥିବା ସମୟରେ ସେ ନିଜ ଶ୍ୱଶୁର ନିକଟକୁ ଏହି ସମ୍ବାଦ ପଠାଇଲେ, ଏହି ପରିଚୟ ମୋହର, ସୁତା ଓ ବାଡ଼ି ଯାହାର, ସେହି ଲୋକ ଦ୍ୱାରା ମୁଁ ଗର୍ଭବତୀ ହୋଇଅଛି । ଏସବୁ କାହାର ତାହା ଦୟାକରି ଚିହ୍ନନ୍ତୁ ।

[26]ଯିହୁଦା ସେସବୁ ଦେଖି ନିଜର ବୋଲି ଚିହ୍ନିପାରି କହିଲେ, ସେ ମୋଠାରୁ ଅଧିକ ଧାର୍ମିକା ସ୍ତ୍ରୀ ଅଟେ; କାରଣ ମୁଁ ତାଙ୍କୁ ମୋର ପୁଅ ଶେଲା ସହିତ ତାଙ୍କର ବିବାହ କରାଇଲି ନାହିଁ । ଏହାପରେ ଯିହୁଦା ଆଉ ତାମରଙ୍କ ସହିତ ଶୟନ କଲେ ନାହିଁ ।

[27]ପୁଣି ତାମରଙ୍କ ଛୁଆ ଜନ୍ମ କରିବାର ସମୟ ହେଲା ଓ ସେ ଦୁଇଟି ପୁଅ ଜନ୍ମକଲେ ।

[28]ସେ ଛୁଆ ଜନ୍ମ କରୁଥିବା ସମୟରେ ଗୋଟିଏ ପୁଅର ହାତ ବାହାରକୁ ବାହାରିଲା । ଧାଈ ତାହାର ହାତରେ ନାଲି ରଙ୍ଗର ସୁତା ବାନ୍ଧି ଦେଇ କହିଲେ,

---

[a]**38.18** ସିଲ୍

ଇଏ ହେଉଛି ବଡ଼ ପୁଅ ।

[29]କିନ୍ତୁ ସେହି ଛୁଆ ହାତ ଭିତରକୁ ଟାଣି ନେଲା ଓ ତାର ଭାଇ ତା'ଆଗରୁ ଜନ୍ମ ହେଲା । ଏହା ଦେଖି ସେହି ଧାଈ କହିଲେ, ତୁମେ ଏ କିପରି ନିଜେ ନିୟମ
ଭେଦ କରି ଆସିଲ ! ସେଥିପାଇଁ ସେହି ପୁଅର ନାମ ପେରସ୍[b] ହେଲା । [30]ତାପରେ ନାଲି ରଙ୍ଗର ସୂତା ବନ୍ଧା ଯାଇଥିବା ସେହି ପୁଅ ଜନ୍ମ ହେଲା ଓ ତାହାର
ନାମ ସେରହ ଦିଆଗଲା[c] ।

# 39

## ଯୋଷେଫ ପୋଟିଫରଙ୍କର ସେବାକଲେ

[1]ମିଦିୟନ ଦେଶର ଇଶ୍ମାଏଲ ଗୋଷ୍ଠୀର ବେପାରୀମାନେ ଯୋଷେଫଙ୍କୁ ମିସର ଦେଶକୁ ନେଇଗଲେ ଓ ଫାରୋଙ୍କ[d] ରାଜ ପ୍ରାସାଦର ଜଗୁଆଳମାନଙ୍କର
ସେନାପତି ପୋଟିଫରଙ୍କ ନିକଟରେ ତାଙ୍କୁ ବିକିଲେ । [2]ଯିହୋବା ପ୍ରଭୁ ଯୋଷେଫଙ୍କ ସହିତ ଥିଲେ, ଏଣୁ ଯୋଷେଫ ଯେଉଁସବୁ କାମ କଲେ, ସେ ସବୁରେ
ସେ ସଫଳ ହେଲେ, ପୁଣି ସେ ମିସର ଦେଶର ନିଜ କର୍ତ୍ତାଙ୍କ ଘରେ ରହିଲେ ।

[3]ଯୋଷେଫଙ୍କ କର୍ତ୍ତା ଦେଖିଲେ ଯେ, ଯୋଷେଫଙ୍କ ସହିତ ଯିହୋବା ପ୍ରଭୁ ଅଛନ୍ତି ଓ ଯୋଷେଫ ଯାହାସବୁ କରୁଛନ୍ତି, ସେଥିରେ ଯିହୋବା ପ୍ରଭୁ ତାଙ୍କୁ ସଫଳ କରାଉଛନ୍ତି ।

[4]ଏଣୁ ଯୋଷେଫ ତାଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଲେ ଓ ତାଙ୍କର ସେବାକଲେ, ପୁଣି ପୋଟିଫର ଯୋଷେଫଙ୍କୁ ନିଜ ଘରର ଅଧକ୍ଷ କଲେ ଓ ନିଜ ଘରର ସବୁ ବିଷୟର ଭାର ତାଙ୍କ ହାତରେ ଦେଲେ ।

[5]ପୋଟିଫର ଯୋଷେଫଙ୍କୁ ନିଜ ଘରର ଅଧକ୍ଷ କରି ସବୁ ବିଷୟର ଭାର ଦେଲେ । ସେହି ଦିନଠାରୁ, ଯୋଷେଫଙ୍କ ଯୋଗୁଁ ଯିହୋବା ପ୍ରଭୁ ପୋଟିଫରଙ୍କ ଘରକୁ ସବୁ ବିଷୟରେ ଆଶୀର୍ବାଦ କଲେ । ଯିହୋବା ପ୍ରଭୁ ତାଙ୍କ ଘର ଓ କ୍ଷେତର ସବୁ ବିଷୟରେ ଆଶୀର୍ବାଦ କଲେ ।

[6]ତେଣୁ ପୋଟିଫର ନିଜ ଘରର ସବୁଭାର ଯୋଷେଫଙ୍କୁ ଦେଲେ ଓ ନିଜର ଖାଇବା କଥା ଛାଡ଼ି ଅନ୍ୟ କୌଣସି ବିଷୟରେ ଚିନ୍ତାକଲେ ନାହିଁ । ଏହି ଯୋଷେଫ ଗଠନ ଓ ରୂପରେ ବହୁତ ସୁନ୍ଦର ଥିଲେ ।

[7]କିଛି ଦିନ ପରେ, ତାଙ୍କ କର୍ତ୍ତାଙ୍କର ସ୍ତ୍ରୀ ଯୋଷେଫଙ୍କୁ ପାପ ଆଖିରେ ଦେଖିଲା ଓ କହିଲା, ଆସ, ମୋ ସହିତ ଶୟନ କର ।

[8]କିନ୍ତୁ ଯୋଷେଫ ନିଜ କର୍ତ୍ତାଙ୍କ ସ୍ତ୍ରୀଙ୍କୁ ମନାକରି କହିଲେ, ଦେଖ, ମୋ ଯୋଗୁଁ ମୋର କର୍ତ୍ତା ଏହି ଘରର କୌଣସି ବିଷୟରେ ଚିନ୍ତା କରନ୍ତି ନାହିଁ; ପୁଣି ସେ
ତାଙ୍କର ସମସ୍ତ ବିଷୟର ଭାର ମୋତେ ଦେଇଛନ୍ତି । [9]ଏହି ଘରେ ମୋଠାରୁ ବଡ଼ କେହି ନାହିଁ ପୁଣି ମୋ କର୍ତ୍ତା ସମସ୍ତ ବିଷୟ ଉପରେ ମୋତେ ଅଧିକାର
ଦେଇଛନ୍ତି, କିନ୍ତୁ ଆପଣ ତାଙ୍କ ସ୍ତ୍ରୀ ହୋଇଥିବାରୁ, କେବଳ ଆପଣଙ୍କ ଉପରେ ସେ ମୋତେ ଅଧିକାର ଦେଇ ନାହାନ୍ତି । ଏଣୁ ମୁଁ କିପରି ପରମେଶ୍ୱରଙ୍କ
ବିରୁଦ୍ଧରେ ଏତେ ବଡ଼ ମନ୍ଦ କାମ ଓ ପାପ କରି ପାରିବି ?

[10]ଯଦିଓ ସେହି ସ୍ତ୍ରୀଲୋକ ଯୋଷେଫଙ୍କୁ ଦିନକୁ ଦିନ ଏପରି କହିଲା, ତଥାପି ଯୋଷେଫ ତାଙ୍କ ସହିତ ଶୋଇବାକୁ ମନାକରି ତାଙ୍କଠାରୁ ଦୂରରେ ରହୁଥିଲେ ।

[11]କିନ୍ତୁ, ଦିନେ ଯୋଷେଫ ନିଜ କାମ କରିବା ପାଇଁ ଘର ଭିତରକୁ ଗଲେ, ପୁଣି ସେହି ସମୟରେ ସେଠାରେ ସେହି ଘରର କେହି ଦାସମାନେ ନ ଥିଲେ ।
[12]ପୋଟିଫରଙ୍କର ସ୍ତ୍ରୀ ଯୋଷେଫଙ୍କ ଲୁଗା ଟାଣି ଧରି କହିଲା, ଆସ, ମୋ ସହିତ ଶୁଅ; ମାତ୍ର ଯୋଷେଫ ବାହାରକୁ ଧାଇଁ ପଳାଇଗଲେ, କିନ୍ତୁ ତାଙ୍କର ଲୁଗା

---

[b] **38.29** ଭେଦ କରି ବାହାରିବା

[c] **38.30** ନାଲି ରଙ୍ଗ ବା ଉଜ୍ଜ୍ୱଳ ରଙ୍ଗ

[d] **39.1** ମିସର ଦେଶର ରାଜାଙ୍କୁ ଫାରୋ କୁହାଯାଏ

ସେହି ସ୍ତ୍ରୀଲୋକ ହାତରେ ରହିଗଲା ।

13ଯେତେବେଳେ ପୋଟିଫରଙ୍କ ସ୍ତ୍ରୀ ଦେଖିଲେ ଯେ, ଯୋଷେଫ ବାହାରକୁ ପଳାଇଗଲେ, ମାତ୍ର ଯୋଷେଫଙ୍କର ଲୁଗା ତାଙ୍କ ହାତରେ ରହିଗଲା,
14ସେତେବେଳେ ସେହି ସ୍ତ୍ରୀଲୋକ ନିଜ ଘରର ଦାସମାନଙ୍କୁ ପାଟିକରି ଡାକିଲେ ଓ ସେମାନଙ୍କୁ କହିଲେ, ଦେଖ, ମୋ ସ୍ୱାମୀ ଆମକୁ ଅପମାନ ଦେବାକୁ ଆମ
ଘରକୁ ଏହି ହିବ୍ରୁ ଜାତିର ଦାସକୁ ଆଣିଛନ୍ତି । ସେ ମୋ ସହିତ ଶୟନ କରିବାକୁ ଆସିଥିଲା, ମାତ୍ର ମୁଁ ଉଚ୍ଚ ସ୍ୱରରେ ପାଟିକଲି । 15ମୁଁ ଯେତେବେଳେ ପାଟିକରି
ଡାକିଲି, ସେ ଘର ବାହାରକୁ ଧାଇଁ ପଳାଇଗଲା, ମାତ୍ର ତାହାର ଲୁଗା ମୋ ପାଖରେ ରହିଗଲା ।

16ପୁଣି ସେହି ସ୍ତ୍ରୀଲୋକ ତାହାର ସ୍ୱାମୀ ଘରକୁ ଫେରିବା ଯାଏଁ ଯୋଷେଫଙ୍କର ସେହି ଲୁଗା ନିଜ ପାଖରେ ରଖିଲେ । 17ତାହାର ସ୍ୱାମୀ ଘରକୁ ଫେରିବା
ପରେ, ସେହି ସ୍ତ୍ରୀଲୋକ ତାଙ୍କୁ ସେହି ସମାନ କଥା କହିଲେ, ତୁମେ ହିବ୍ରୁ ଜାତିର ଯେଉଁ ଦାସକୁ ଆଣି ଆମ ଘରେ ରଖିଅଛ, ସେ ମୋତେ ପରିହାସ କରି
ଅପମାନ ଦେବାକୁ ଆସିଥିଲା । 18ମାତ୍ର, ମୁଁ ସଙ୍ଗେ ସଙ୍ଗେ ପାଟିକରିବାରୁ ସେ ବାହାରକୁ ଧାଇଁ ପଳାଇଗଲା, ମାତ୍ର ତାହାର ଲୁଗା ମୋ ପାଖରେ ରହିଗଲା ।

### ପୋଟିଫର ଯୋଷେଫଙ୍କୁ ବନ୍ଦୀଶାଳାରେ ରଖିଲେ

19ସେହି ସ୍ତ୍ରୀ ନିଜ ସ୍ୱାମୀଙ୍କୁ କହିଲେ, ତୁମର ଦାସ ମୋ ସହିତ ଏପରି ବ୍ୟବହାର କଲା । ଯୋଷେଫଙ୍କ କର୍ତ୍ତା ନିଜ ସ୍ତ୍ରୀଙ୍କର କଥା ଶୁଣିବା ସଙ୍ଗେ ସଙ୍ଗେ
ବହୁତ ରାଗିଗଲେ ।

20ଆଉ ଯୋଷେଫଙ୍କ କର୍ତ୍ତା ଯୋଷେଫଙ୍କୁ ନେଇ ରାଜ ବନ୍ଦୀମାନଙ୍କୁ ରଖାଯାଉଥିବା ବନ୍ଦୀଶାଳାରେ ବନ୍ଦୀକରି ରଖିଲେ ଓ ଯୋଷେଫ ସେହି ବନ୍ଦୀଶାଳାରେ
ରହିଲେ ।

21ମାତ୍ର ଯିହୋବା ପ୍ରଭୁ ଯୋଷେଫଙ୍କ ସହିତ ଥିଲେ, ପୁଣି ସେ ତାଙ୍କ ପ୍ରତି ମହାପ୍ରେମ ଦେଖାଇଲେ ଓ ବନ୍ଦୀଶାଳାର ରକ୍ଷକଙ୍କ ଦୃଷ୍ଟିରେ ଅନୁଗ୍ରହ ଦେଲେ ।

22ପୁଣି ବନ୍ଦୀଶାଳାର ରକ୍ଷକ ବନ୍ଦୀଶାଳାରେ ଥିବା ସମସ୍ତ ବନ୍ଦୀମାନଙ୍କର ଭାର ଯୋଷେଫଙ୍କୁ ଦେଲେ । ପୁଣି ବନ୍ଦୀଶାଳାର ସମସ୍ତ ବିଷୟ ଯୋଷେଫ
ଚଳାଇଲେ ।

23ଯେଉଁ ସମସ୍ତ ବିଷୟର ଭାର ଯୋଷେଫଙ୍କ ହାତରେ ଥିଲା, ସେ ବିଷୟରେ ବନ୍ଦୀଶାଳାର ରକ୍ଷକ ଆଉ କିଛି ଚିନ୍ତାକଲେ ନାହିଁ, କାରଣ ଯିହୋବା ପ୍ରଭୁ
ଯୋଷେଫଙ୍କ ସହିତ ଥିଲେ । ପୁଣି ଯୋଷେଫ ଯାହା କିଛି କଲେ, ଯିହୋବା ପ୍ରଭୁ ସେସବୁ ସଫଳ କଲେ ।

# 40

### ଯୋଷେଫ ସ୍ୱପ୍ନର ଅର୍ଥ କହିଲେ

1ବନ୍ଦୀଶାଳାର ରକ୍ଷକ ବନ୍ଦୀଶାଳାର ସମସ୍ତ ଭାର ଯୋଷେଫଙ୍କୁ ଦେବାର କିଛି ଦିନ ପରେ, ମିସର ଦେଶର ରାଜାଙ୍କର ପାନପାତ୍ରବାହକ[a] ଏବଂ ସୁପକାର[b]
ସେମାନଙ୍କର କର୍ତ୍ତା ମିସର ଦେଶର ରାଜାଙ୍କୁ ଅପମାନ ଦେବା ପରି କାମ କଲେ ।

2ସେଥିପାଇଁ ଫାରୋ ସେହି ଦୁଇ ଜଣଙ୍କୁ, ମୁଖ୍ୟ ପାନପାତ୍ରବାହକ ଏବଂ ମୁଖ୍ୟ ସୁପକାରଙ୍କ ପ୍ରତି ରାଗିଲେ । 3ପୁଣି ଜଗୁଆଳମାନଙ୍କର ସେନାପତିଙ୍କ
ଯେଉଁ ବନ୍ଦୀ ଗୃହରେ ଯୋଷେଫ ବନ୍ଦୀହୋଇ ଥିଲେ, ସେଠାରେ ସେମାନଙ୍କୁ ବନ୍ଦୀକରି ରଖିଲେ ।

4ଜଗୁଆଳମାନଙ୍କର ସେନାପତି ସେମାନଙ୍କର ଦାୟିତ୍ୱ ଯୋଷେଫଙ୍କୁ ଦେଲେ ଓ ସେ ସେମାନଙ୍କର ଦାୟିତ୍ୱ ନେଲେ । ଏହିପରି ସେମାନେ ବନ୍ଦୀଶାଳାରେ
କିଛି ଦିନ ରହିଲେ ।

---

[a] **40.1** ରାଜାଙ୍କୁ ପିଇବା ଜିନିଷ ଦେଉଥିବା ଲୋକ
[b] **40.1** ରାଜାଙ୍କର ଖାଦ୍ୟ ଦାୟୀତ୍ୱରେ ଥିବା ଲୋକ

5ମିସର ଦେଶର ରାଜାଙ୍କର ପାନପାତ୍ରବାହକ ଏବଂ ସୂପକାର ବନ୍ଦୀଶାଳାରେ ଥିବା ସମୟରେ, ଥରେ, ରାତିରେ ଅଲଗା ଅଲଗା ସ୍ୱପ୍ନ ଦେଖିଲେ, ପୁଣି
ସେମାନଙ୍କର ଉଭୟଙ୍କର ସ୍ୱପ୍ନର ଅର୍ଥ ଭିନ୍ନ ଭିନ୍ନ ଥିଲା ।

6ସକାଳେ ଯୋଷେଫ ସେମାନଙ୍କ ନିକଟକୁ ଆସିବାରୁ ସେମାନେ ଚିନ୍ତିତ ଥିବା ଦେଖିଲେ ।

7ତେଣୁ ଯୋଷେଫ ତାଙ୍କ ସହିତ ତାଙ୍କ କର୍ତ୍ତାଙ୍କ ଘରେ ବନ୍ଦୀହୋଇ ଥିବା ସେହି ଦୁଇ ଜଣଙ୍କୁ ପଚାରିଲେ, ଆଜି ଆପଣମାନଙ୍କର ମନ କାହିଁକି ଏତେ
ଶୁଖିଯାଇଅଛି ? 8ସେମାନେ ତାଙ୍କୁ କହିଲେ, ଆମେ ଦୁଇ ଜଣ ସ୍ୱପ୍ନ ଦେଖିଅଛୁ, କିନ୍ତୁ ସେହି ସ୍ୱପ୍ନର ଅର୍ଥ କହିବା ପାଇଁ କେହି ଏଠାରେ ନାହିଁ । ଏଣୁ
ଯୋଷେଫ ସେମାନଙ୍କୁ କହିଲେ, ସ୍ୱପ୍ନର ଅର୍ଥ କରିବା କଅଣ ପରମେଶ୍ୱରଙ୍କର କାମ ନୁହଁ ? ଏଣୁ ଆପଣମାନଙ୍କର ସ୍ୱପ୍ନଗୁଡ଼ିକ ମୋତେ କୁହନ୍ତୁ ।

9ତେଣୁ, ପାନପାତ୍ରବାହକ ଯୋଷେଫଙ୍କୁ କହିଲେ, ମୁଁ ମୋ ସ୍ୱପ୍ନରେ ଦେଖିଲି ଯେ, ମୋ ଆଗରେ ଗୋଟିଏ ଅଙ୍ଗୁର ଗଛ ଥିଲା । 10ସେହି ଅଙ୍ଗୁର ଗଛରେ
ତିନୋଟି ଡାଳ ଥିଲା ଓ ସେହି ଡାଳରେ କଢ଼ ବାହାରୁ ବାହାରୁ ଫୁଲ ଫୁଟିଲା, ପୁଣି ପ୍ରତି ଡାଳରେ ଅତିଶୀଘ୍ର ପେଣ୍ଡା ପେଣ୍ଡା ହୋଇ ଅଙ୍ଗୁର ଫଳି ପାଚିଲା ।
11ମୋ ହାତରେ ଫାରୋଙ୍କର ପାନପାତ୍ର ଥିଲା; ତେଣୁ ମୁଁ ସେହି ଅଙ୍ଗୁର ନେଇ ଫାରୋଙ୍କ ପାନପାତ୍ରରେ ଚିପୁଡ଼ି ତାହା ତାଙ୍କ ହାତରେ ଦେଲି ।

12ଯୋଷେଫ ତାଙ୍କୁ କହିଲେ, ତାହାର ଅର୍ଥ ଏହିପରି: ସେହି ତିନି ଡାଳ ତିନି ଦିନକୁ ବୁଝାଏ । 13ତିନି ଦିନ ମଧ୍ୟରେ ଫାରୋ ଆପଣଙ୍କର ମସ୍ତକ ଉଠାଇ
ଆପଣଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିବେ ପୁଣି ଆପଣଙ୍କୁ ଆଉ ଥରେ ଆପଣଙ୍କ ପୂର୍ବ କାମରେ ରଖିବେ ଓ ଆପଣ ପୂର୍ବ ପରି ଫାରୋଙ୍କ ପାନପାତ୍ର ତାଙ୍କ
ହାତରେ ଦେବେ । 14ଆପଣଙ୍କର ଏହିପରି ମଙ୍ଗଳ ହେଲେ, ଆପଣ ମୋତେ ଦୟାକରି ମୋ ବିଷୟରେ ଫାରୋଙ୍କୁ କହି ମୋତେ ଏହି ବନ୍ଦୀଶାଳାରୁ ବାହାର
କରନ୍ତୁ । 15କାରଣ ମୋତେ ହିବ୍ରୁ ଜାତିର ଲୋକମାନଙ୍କ ଦେଶରୁ ବଳପୂର୍ବକ ଧରି ଏହି ସ୍ଥାନକୁ ଅଣାଯାଇଅଛି, ପୁଣି ମୁଁ କିଛି ଦୋଷ କରି ନ ଥିଲେ ମଧ୍ୟ
ସେମାନେ ମୋତେ ଏହି ବନ୍ଦୀଶାଳାରେ ରଖିଛନ୍ତି ।

16ଯେତେବେଳେ ମୂଖ୍ୟ ସୂପକାର ଦେଖିଲେ ଯେ, ଯୋଷେଫ ସ୍ୱପ୍ନର ମଙ୍ଗଳଜନକ ଅର୍ଥ କହିଲେ, ସେତେବେଳେ ସେ ମଧ୍ୟ ନିଜ ସ୍ୱପ୍ନ ଯୋଷେଫଙ୍କୁ
କହିଲେ, ମୋ ମୁଣ୍ଡରେ ତିନୋଟି ଟୋକେଇରେ ପିଠା ଥିଲା । 17ସବୁଠାରୁ ଉପର ଟୋକେଇରେ ଫାରୋଙ୍କ ପାଇଁ ବିଭିନ୍ନ ପ୍ରକାର ପିଠା ଥିଲା, କିନ୍ତୁ
ଚଢ଼େଇମାନେ ଆସି ମୋ ମୁଣ୍ଡରେ ଥିବା ଟୋକେଇର ସେହି ପିଠା ଖାଇଲେ ।

18ଯୋଷେଫ ତାଙ୍କୁ ଉତ୍ତର ଦେଇ କହିଲେ, ତାହାର ଅର୍ଥ ଏହିପରି: ସେହି ତିନି ଟୋକେଇ ତିନି ଦିନକୁ ବୁଝାଏ । 19ତିନି ଦିନ ମଧ୍ୟରେ, ଫାରୋ ଆପଣଙ୍କୁ
ବନ୍ଦୀଶାଳାରୁ ବାହାରକରି ନେବେ ଓ ଗଛରେ ଟଙ୍ଗାଇବେ, ପୁଣି ପକ୍ଷୀମାନେ ତୁମର ମାଂସ ଖାଇବେ ।

20ତୃତୀୟ ଦିନରେ, ଫାରୋ ନିଜ ଜନ୍ମ ଦିନରେ, ରାଜ ପ୍ରାସାଦର କର୍ମଚାରୀମାନଙ୍କୁ ଏକ ଭୋଜି ଦେଲେ; ପୁଣି ନିଜ ଦାସମାନଙ୍କ ମଧ୍ୟରୁ ପାନପାତ୍ରବାହକ
ଓ ସୂପକାରଙ୍କ ମସ୍ତକ ଉଠାଇ ବନ୍ଦୀଶାଳାରୁ ବାହାରକଲେ ।

21ସେ ସେହି ମୂଖ୍ୟ ପାନପାତ୍ରବାହକଙ୍କୁ ପୁଣି ଥରେ ତାଙ୍କ କାମରେ ରଖିଲେ । ଏଣୁ ସେ ଫାରୋଙ୍କ ହାତରେ ପୁଣି ଥରେ ପାନପାତ୍ର ଦେଲେ ।

22ମାତ୍ର ଯୋଷେଫ ସ୍ୱପ୍ନର ଅର୍ଥ କରିଥିବା ପରି, ସେ ସୂପକାରଙ୍କୁ ଗଛରେ ଟଙ୍ଗାଇଲେ । 23ତଥାପି ମୂଖ୍ୟ ପାନପାତ୍ରବାହକ ଯୋଷେଫଙ୍କୁ ଆଉ
ମନେପକାଇଲେ ନାହିଁ ।

# 41

### ଫାରୋଙ୍କ ସ୍ୱପ୍ନ

1ଦୁଇ ବର୍ଷ ପରେ, ଫାରୋ ଏକ ସ୍ୱପ୍ନ ଦେଖିଲେ ଯେ, ସେ ନୀଳ ନଦୀ କୂଳରେ ଠିଆ ହୋଇଛନ୍ତି ।

2ସେ ଦେଖିଲେ ଯେ, ନୀଳ ନଦୀ ଭିତରୁ ସାତୋଟି ସୁନ୍ଦର ଓ ମୋଟା ଗୋରୁ ବାହାରି ଆସି, ନଦୀ କୂଳରେ ଥିବା ନଳ ଘାସରେ ଚରିବାକୁ ଲାଗିଲେ ।

3ଏହାପରେ ଅନ୍ୟ ସାତୋଟି ଅସୁନ୍ଦର ଓ ପତଳା ଗୋରୁ ନୀଳ ନଦୀରୁ ବାହାରି ଆସି, ନୀଳ ନଦୀ କୂଳରେ ଥିବା ସେହି ସାତୋଟି ସୁନ୍ଦର ଓ ମୋଟା
ଗୋରୁଙ୍କ ପାଖରେ ଠିଆହେଲେ ।

4ପୁଣି ସେହି ସାତୋଟି ଅସୁନ୍ଦର ଓ ପତଳା ଗୋରୁ, ସେହି ସାତୋଟି ସୁନ୍ଦର ଓ ମୋଟା ଗୋରୁଙ୍କୁ ଗିଳିପକାଇଲେ । ଏହାପରେ ଫାରୋ ନିଦରୁ ଉଠିଲେ ।
5ସେ ପୁଣି ଥରେ ଶୋଇଲେ ଓ ଦ୍ୱିତୀୟ ଥର ଆଉ ଏକ ସ୍ୱପ୍ନ ଦେଖିଲେ: ଗୋଟିଏ ଶସ୍ୟ କେଣ୍ଡାରେ ସାତୋଟି ମୋଟା ଓ ଭଲ ଶିଷା ବାହାରିଲା । 6ପରେ
ଆଉ ସାତୋଟି ଶିଷା ବାହାରିଲା, ସେଗୁଡ଼ିକ ପୂର୍ବ ଦିଗରୁ ବହୁଥିବା ପବନରେ ଶୁଖିଯାଇ ପତଳା ହୋଇଥିଲା । 7ପୁଣି ସେହି ସାତୋଟି ପତଳା ଶିଷା, ସେହି
ସାତୋଟି ସୁନ୍ଦର ଓ ମୋଟା ଶିଷାକୁ ଗିଳିପକାଇଲେ । ଏହାପରେ ଫାରୋ ନିଦରୁ ଉଠିଲେ ଓ ଜାଣି ପାରିଲେ ଯେ ଏହା ଏକ ସ୍ୱପ୍ନ ଥିଲା ।

8ତହିଁଆର ଦିନ ସକାଳେ ଫାରୋଙ୍କର ମନ ଅସ୍ଥିର ହେଲା । ତେଣୁ ସେ ମିସର ଦେଶର ସବୁ ମନ୍ତ୍ରଜ୍ଞ ଓ ପଣ୍ଡିତଙ୍କୁ ନିଜ ପାଖକୁ ଡାକିଲେ ଏବଂ ସେମାନଙ୍କ
ନିକଟରେ ନିଜର ସ୍ୱପ୍ନ କହିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କେହି ମଧ୍ୟ ସେହି ସ୍ୱପ୍ନର ଅର୍ଥ ଫାରୋଙ୍କୁ କହି ପାରିଲେ ନାହିଁ ।

9ଏହାପରେ ମୁଖ୍ୟ ପାନପାତ୍ରବାହକ ଫାରୋଙ୍କୁ କହିଲେ, ମୁଁ ଆଜି ମୋର ଅପରାଧ ମନେପକାଉଅଛି । 10ଆପଣ ମୁଖ୍ୟ ସୂପକାର ଓ ମୋ ଉପରେ ରାଗି
ଆମ ଦୁଇ ଜଣଙ୍କୁ ଜଗୁଆଳମାନଙ୍କର ସେନାପତିଙ୍କ ବନ୍ଦୀ ଗୃହରେ ରଖିଥିଲେ । 11ଦିନେ ରାତିରେ ସେ ଓ ମୁଁ ଉଭୟ ସ୍ୱପ୍ନ ଦେଖିଲୁ ଓ ଆମ ଦୁଇ ଜଣଙ୍କର
ସ୍ୱପ୍ନର ଅର୍ଥ ଭିନ୍ନ ଭିନ୍ନ ଥିଲା । 12ସେଠାରେ ଆମ ସହିତ ଜଗୁଆଳମାନଙ୍କର ସେନାପତିଙ୍କ ଜଣେ ଦାସ ବନ୍ଦୀହୋଇ ଥିଲା; ସେ ଜଣେ ହିବ୍ରୁ ଜାତିର ଯୁବକ ।
ଆମେ ତାଙ୍କୁ ଆମର ସ୍ୱପ୍ନ କହିବାରୁ, ସେ ଆମ ଦୁଇ ଜଣଙ୍କୁ ନିଜ ନିଜ ସ୍ୱପ୍ନର ଅର୍ଥ କହିଲା । 13ସେ ଆମ ଦୁଇ ଜଣଙ୍କ ସ୍ୱପ୍ନର ଅର୍ଥ ଯେପରି କହିଥିଲା,
ସେହିପରି ଆମ ପ୍ରତି ଘଟିଲା । ଆପଣ ମୋତେ ମୋର ପୂର୍ବ କାମରେ ରଖିଲେ ଓ ସୂପକାରକୁ ଗଛରେ ଟଙ୍ଗାଇଲେ ।

14ଏହାପରେ ଫାରୋ ଯୋଷେଫଙ୍କୁ ଡକାଇ ପଠାଇଲେ, ପୁଣି ତାଙ୍କ ଦାସମାନେ ଯୋଷେଫଙ୍କୁ ବନ୍ଦୀଶାଳାରୁ ଶୀଘ୍ର ଆଣିବାକୁ ଗଲେ । ଯୋଷେଫ ଦାଢ଼ି
କାଟିଲେ ଓ ବନ୍ଦୀଗୃହର ପୋଷାକ ବଦଳାଇ ଫାରୋଙ୍କ ନିକଟକୁ ଆସିଲେ ।

15ପୁଣି ଫାରୋ ଯୋଷେଫଙ୍କୁ କହିଲେ, ମୁଁ ଏକ ସ୍ୱପ୍ନ ଦେଖିଅଛି ପୁଣି କେହି ତାହାର ଅର୍ଥ କହି ପାରୁ ନାହିଁ । କିନ୍ତୁ, ମୁଁ ତୁମ ବିଷୟରେ ଶୁଣିଅଛି, ତୁମେ
ସ୍ୱପ୍ନ ଶୁଣି ତାହାର ଅର୍ଥ କହି ପାର ।

16ଯୋଷେଫ ଫାରୋଙ୍କୁ ଉତ୍ତର ଦେଲେ, ସ୍ୱପ୍ନର ଅର୍ଥ କରିବା ଶକ୍ତି ମୋ ଠାରେ ନାହିଁ । କେବଳ ପରମେଶ୍ୱର ଆପଣଙ୍କୁ ମଙ୍ଗଳଜନକ ଉତ୍ତର ଦେବେ ।

17ଏହାପରେ ଫାରୋ ଯୋଷେଫଙ୍କୁ କହିଲେ, ମୁଁ ସ୍ୱପ୍ନରେ ନୀଳ ନଦୀ କୂଳରେ ଠିଆ ହୋଇଥିଲି । 18ସେହି ସମୟରେ ନଦୀ ଭିତରୁ ସାତୋଟି ମୋଟା ଓ
ସୁନ୍ଦର ଗୋରୁ ବାହାରି ଆସିଲେ ଓ ନଦୀ କୂଳରେ ନଳ ଘାସ ଚରିବାକୁ ଲାଗିଲେ । 19ପରେ ସାତୋଟି ରୁଗ୍ଣ, ଅସୁନ୍ଦର ଓ ପତଳା ଗୋରୁ ନଦୀ ଭିତରୁ
ବାହାରି ଆସିଲେ । ମୁଁ ସେହିପରି ଗୋରୁ ସାରା ମିସର ଦେଶରେ କେବେ ଦେଖି ନ ଥିଲି । 20ସେହି ସାତୋଟି ଅସୁନ୍ଦର ଓ ପତଳା ଗୋରୁ ପୂର୍ବର ସେହି
ସାତୋଟି ମୋଟା ଗୋରୁଙ୍କୁ ଗିଳିପକାଇଲେ । 21ମାତ୍ର ସେହି ଅସୁନ୍ଦର ଓ ପତଳା ସାତୋଟି ଗୋରୁ, ସେହି ମୋଟା ସାତୋଟି ଗୋରୁଙ୍କୁ ଗିଳିବା ପରେ ମଧ୍ୟ
ସେଗୁଡ଼ିକର ପେଟ ଖାଇଥିବା ପରି ଜଣାପଡ଼ିଲା ନାହିଁ; କାରଣ ସେଗୁଡ଼ିକ ଆଗ ପରି ଅସୁନ୍ଦର ଦେଖାଗଲେ । ଏହାପରେ ମୁଁ ନିଦରୁ ଉଠିଲି । 22ମୁଁ ପୁଣି
ଥରେ ଶୋଇବା ପରେ, ଆଉ ଏକ ସ୍ୱପ୍ନ ଦେଖିଲି: ଗୋଟିଏ କେଣ୍ଡାରେ ସାତୋଟି ମୋଟା ଓ ଭଲ ଶିଷା ବାହାରିଲା । 23ଏହାପରେ ଆଉ ସାତୋଟି ଶିଷା
ବାହାରିଲା, ସେଗୁଡ଼ିକ ପୂର୍ବ ଦିଗରୁ ବହୁଥିବା ପବନରେ ଶୁଖିଯାଇ ପତଳା ହୋଇଥିଲା । 24ପୁଣି ସେହି ସାତୋଟି ପତଳା ଶିଷା, ସେହି ସାତୋଟି ଭଲ ଶିଷାକୁ
ଗିଳିପକାଇଲା । ମୁଁ ଏହି ସ୍ୱପ୍ନ, ମନ୍ତ୍ରଜ୍ଞମାନଙ୍କୁ କହିଲି ମାତ୍ର କେହି ଏହାର ଅର୍ଥ କହି ପାରିଲେ ନାହିଁ ।

25ଏହାପରେ ଯୋଷେଫ ଫାରୋଙ୍କୁ କହିଲେ, ଆପଣ ଦେଖିଥିବା ଦୁଇଟି ସ୍ୱପ୍ନର ଅର୍ଥ ସମାନ । ପରମେଶ୍ୱର ଯାହା କରିବା ପାଇଁ ଯାଉଅଛନ୍ତି, ତାହା ସେ

ଆଗରୁ ଆପଣଙ୍କୁ ଜଣାଇଛନ୍ତି । 26ସେହି ସାତୋଟି ଭଲ ଗୋରୁ ସାତ ବର୍ଷକୁ ବୁଝାଏ ପୁଣି ସାତୋଟି ଭଲ ଶିଷା ମଧ୍ୟ ସାତ ବର୍ଷକୁ ବୁଝାଏ; ଦୁଇଟି ସ୍ୱପ୍ନର
ଅର୍ଥ ସମାନ । 27ସେଗୁଡ଼ିକ ପରେ ବାହାରି ଆସିଥିବା ସେହି ସାତୋଟି ପତଳା ଓ ଅସୁନ୍ଦର ଗୋରୁ ସାତ ବର୍ଷ ମରୁଡ଼ିକୁ ବୁଝାଏ । ପୁଣି ପୂର୍ବ ଦିଗରୁ ବହୁଥିବା
ପବନରେ ଶୁଖିଯାଇ ପତଳା ହୋଇଥିବା ସାତୋଟି ଶିଷା ମଧ୍ୟ ସାତ ବର୍ଷ ମରୁଡ଼ିକୁ ବୁଝାଏ । 28ମୁଁ ଯେପରି ଆପଣଙ୍କୁ କହିଲି, ଘଟଣାଟି ସେପରି ଅଟେ;
କାରଣ ପରମେଶ୍ୱର ଯାହା କରିବା ପାଇଁ ଯାଉଅଛନ୍ତି, ତାହା ସେ ଆପଣଙ୍କୁ ଜଣାଇଛନ୍ତି । 29ସାତ ବର୍ଷ ସାରା ମିସର ଦେଶରେ ପ୍ରଚୁର ଫସଲ ହେବ ।
30କିନ୍ତୁ ତାପରେ ସାତ ବର୍ଷ ଏପରି ମରୁଡ଼ି ହେବ ଯେ, ମିସର ଦେଶର ଲୋକମାନେ ସାତ ବର୍ଷର ସେହି ପ୍ରଚୁର ଫସଲକୁ ଭୁଲିଯିବେ; ମରୁଡ଼ି ଦେଶକୁ ଧ୍ୱଂସ
କରିବ । 31ସେହି ମରୁଡ଼ି ଏତେ ଭୟଙ୍କର ହେବ ଯେ, ତାହା ଯୋଗୁଁ ମିସର ଦେଶର ଲୋକମାନେ ପୂର୍ବର ସେହି ପ୍ରଚୁରତା ଭୁଲିଯିବେ । 32ଆପଣ ଦୁଇଟି
ସ୍ୱପ୍ନ ଦେଖିବାର ଅର୍ଥ ଏହା ଯେ, ଏହା କରିବା ପାଇଁ ପରମେଶ୍ୱର ସ୍ଥିର କରିଅଛନ୍ତି, ପୁଣି ସେ ଏହା ଶୀଘ୍ର ଘଟାଇବେ । 33ସେଥିପାଇଁ ଏବେ ଆପଣ ଜଣେ
ବୁଦ୍ଧିମାନ ଏବଂ ଜ୍ଞାନିଲୋକକୁ ଖୋଜନ୍ତୁ ଓ ମିସର ଦେଶର ସବୁଭାର ତାଙ୍କୁ ଦିଅନ୍ତୁ । 34ଆଉ ଦେଶରେ ଅଧ୍ୟକ୍ଷମାନଙ୍କୁ ନିଯୁକ୍ତ କରନ୍ତୁ ଓ ସେମାନେ ଦେଶରେ
ସାତ ବର୍ଷ ପ୍ରଚୁର ଫସଲ ସମୟରେ ଲୋକମାନଙ୍କଠାରୁ ପାଞ୍ଚ ଭାଗରୁ ଏକ ଭାଗ ଶସ୍ୟ ସଂଗ୍ରହ କରନ୍ତୁ । 35ସେମାନେ ଆଗାମି ଭଲ ଫସଲ ହେବାର
ବର୍ଷଗୁଡ଼ିକରେ ସେହି ଶସ୍ୟ ଜମା କରି ପରେ ତାହା ଖାଦ୍ୟ ରୂପରେ ବ୍ୟବହାର କରିବାକୁ ଆପଣଙ୍କ ଅଧିନରେ ନଗରଗୁଡ଼ିକରେ ରଖନ୍ତୁ । 36ଏପରି କଲେ,
ମିସର ଦେଶରେ ଘଟିବାକୁ ଯାଉଥିବା ସାତ ବର୍ଷର ମରୁଡ଼ି ସମୟ ପାଇଁ ଦେଶରେ ଖାଦ୍ୟ ଜମା ହୋଇ ରହିବ, ଏଣୁ ମରୁଡ଼ି ସମୟରେ ମିସର ଦେଶ ବିନଷ୍ଟ ହେବ ନାହିଁ ।

## ଯୋଷେଫ ମିସର ଦେଶର କର୍ତ୍ତା ହେଲେ

37ଯୋଷେଫଙ୍କର ଏହି କଥା ଫାରୋ ଓ ତାଙ୍କର ସମସ୍ତ କର୍ମଚାରୀଙ୍କୁ ଭଲ ଲାଗିଲା ।

38ଏଣୁ ଫାରୋ ନିଜ କର୍ମଚାରୀମାନଙ୍କୁ ପଚାରିଲେ, ଆମ୍ଭେମାନେ କଅଣ ଯୋଷେଫଙ୍କ ଛଡ଼ା, ପରମେଶ୍ୱରଙ୍କ ଆତ୍ମାରେ ପୂର୍ଣ୍ଣ ଅନ୍ୟ କାହାକୁ ପାଇ ପାରିବା ?

39ଏହାପରେ ଫାରୋ ଯୋଷେଫଙ୍କୁ କହିଲେ, ଏହିସବୁ ବିଷୟ ପରମେଶ୍ୱର ତୁମକୁ ଜଣାଇଛନ୍ତି, ତେଣୁ, ତୁମ ପରି ବୁଦ୍ଧିମାନ ଓ ଜ୍ଞାନୀ ଲୋକ ଆଉ କେହି
ନାହିଁ । 40ଏଣୁ ଆମ୍ଭେ ତୁମକୁ ଆମ୍ଭ ରାଜ ପ୍ରାସାଦର ଦାୟିତ୍ୱ ଦେଉଅଛୁ । ଦେଶର ସବୁଲୋକ ତୁମର ଆଦେଶ ମାନିବେ; କିନ୍ତୁ କେବଳ ଆମ୍ଭେ ରାଜା ହୋଇଥିବାରୁ ତୁମଠାରୁ ବଡ଼ ପଦବୀରେ ରହିବା ।

41ପୁଣି ଫାରୋ ଯୋଷେଫଙ୍କୁ କହିଲେ, ଆମ୍ଭେ ତୁମକୁ ସାରା ମିସର ଦେଶ ଉପରେ ନିଯୁକ୍ତ କରୁଅଛୁ ।

42ଏହାପରେ ଫାରୋ ତାଙ୍କର ମୋହର ଥିବା ମୁଦି ନିଜ ହାତରୁ ବାହାରକଲେ ଓ ତାହା ଯୋଷେଫଙ୍କ ଆଙ୍ଗୁଠିରେ ପିନ୍ଧାଇଲେ, ପୁଣି ତାସହିତ ବହୁମୂଲ୍ୟ
ପୋଷାକ ଓ ବେକରେ ସୁନା ହାର ପିନ୍ଧାଇଲେ । 43ପୁଣି, ନିଜର ଦ୍ୱିତୀୟ ରଥ ଯୋଷେଫଙ୍କୁ ବ୍ୟବହାର କରିବାକୁ ଦେଲେ, ପୁଣି ଯୋଷେଫ ଯେଉଁ ଯେଉଁ ସ୍ଥାନକୁ ଗଲେ, ଲୋକମାନେ ପାଟିକରି କହିଲେ, ଆଣ୍ଠୁ ପାତ, ଆଣ୍ଠୁ ପାତ । ଏହିପରି ଫାରୋ ସାରା ମିସର ଦେଶ ଉପରେ ତାଙ୍କୁ ନିଯୁକ୍ତ କଲେ ।

44ପୁଣି ଫାରୋ ଯୋଷେଫଙ୍କୁ କହିଲେ, ଆମ୍ଭେ ଫାରୋ ଅଟୁ, ଆମ୍ଭେ ତୁମକୁ ଅଧିକାର ଦେଉଅଛୁ, ତୁମର ବିନା ଅନୁମତିରେ ମିସର ଦେଶରେ କେହି ମଧ୍ୟ କିଛି କରି ପାରିବ ନାହିଁ ।

45ଏହାପରେ ଫାରୋ ଯୋଷେଫଙ୍କୁ ସାଫନତ୍-ପାନେହ[g] ନାମ ଦେଲେ । ପୁଣି ଫାରୋ ଯୋଷେଫଙ୍କ ସହିତ ଓନ[h] ନଗରର ପୂଜାରି ପୋଟିଫେରାଙ୍କ ଝିଅ

---

[g]**41.45** ଈଶ୍ୱର କଥା କହନ୍ତି ଓ ସେ ଜୀବିତ ଅଟନ୍ତି

ଆସନତଙ୍କୁ ବିବାହ କରାଇଲେ । ପୁଣି, ଯୋଷେଫ ସାରା ମିସର ଦେଶକୁ ବୁଲି ଦେଖିଲେ ।

[46]ମିସର ଦେଶର ରାଜା, ଫାରୋଙ୍କ ଅଧିନରେ କାମ ଆରମ୍ଭ କରିବା ସମୟରେ ଯୋଷେଫଙ୍କର ବୟସ ତିରିଶ ବର୍ଷ ହୋଇଥିଲା । ସେ ଦେଶର ଦାୟିତ୍ୱ
ନେବା ପରେ ଫାରୋଙ୍କ ନିକଟରୁ ବାହାରିଗଲେ ଓ ସାରା ମିସର ଦେଶରେ ବୁଲି ବୁଲି କାମ ଦେଖିଲେ ।

[47]ପୁଣି ପ୍ରଥମ ସାତ ବର୍ଷ ପ୍ରଚୁର ଫସଲର ସମୟରେ ଭୂମିରେ ବହୁତ ଭଲ ଫସଲ ହେଲା । [48]ଯୋଷେଫ ମିସର ଦେଶରେ ସେହି ସାତ ବର୍ଷ ଅମଳ
ହୋଇଥିବା ଫସଲ ଲୋକମାନଙ୍କଠାରୁ ସଂଗ୍ରହ କରି ନଗରଗୁଡ଼ିକରେ ଜମା କରି ରଖିଲେ । ପୁଣି ପ୍ରତି ନଗରର ଚାରିଆଡ଼େ ଯେତେ ଶସ୍ୟ ଆଦାୟ ହେଲା,
ତାହାସବୁ ସେ ସେହି ନଗରରେ ସଞ୍ଚୟ କରି ରଖିଲେ । [49]ପୁଣି ଯୋଷେଫ ସମୁଦ୍ରର ବାଲି ପରି ପ୍ରଚୁର ଅମଳ ହୋଇଥିବା ସେହି ଶସ୍ୟକୁ ଗଦା କରି
ରଖିଲେ । ଶେଷରେ ସେ ଆଉ ସେହି ଶସ୍ୟ ମାପିଲେ ନାହିଁ, କାରଣ ତାହା ମାପି ହେଲା ନାହିଁ । [50]ମରୁଡ଼ି ହେବା ଆଗରୁ ଯୋଷେଫଙ୍କ ଦୁଇ ପୁଅ ଜନ୍ମ
ହୋଇଥିଲେ । ଓନ ନଗରର ପୂଜାରି ପୋଟିଫେରାଙ୍କ ଝିଅ ଆସନତ ସେମାନଙ୍କୁ ଜନ୍ମ କରିଥିଲେ ।

[51]ଯୋଷେଫ ନିଜ ବଡ଼ ପୁଅର ନାମ ମନଃଶି[i] ଦେଲେ; କାରଣ ଯୋଷେଫ କହିଲେ, ମୁଁ ପରମେଶ୍ୱରଙ୍କ ଯୋଗୁଁ ମୋର ଦୁଃଖ ଓ ମୋ ବାପାଙ୍କ ଘରକୁ
ଭୁଲିଯାଇଅଛି ।

[52]ଯୋଷେଫ ତାଙ୍କ ଦ୍ୱିତୀୟ ପୁଅର ନାମ ଇଫ୍ରୟିମ[j] ଦେଲେ; କାରଣ ସେ କହିଲେ, ଯେଉଁ ଦେଶରେ ଥାଇ ମୁଁ ଦୁଃଖଭୋଗ କରୁଥିଲି, ସେଠାରେ
ପରମେଶ୍ୱର ମୋତେ ଫଳବାନ କରିଛନ୍ତି ।

[53]ମିସର ଦେଶରେ ସାତ ବର୍ଷ ପ୍ରଚୁର ଶସ୍ୟ ଅମଳ ଶେଷ ହେବା ପରେ, [54]ଯୋଷେଫ କହିଥିବା ପରି, ସାତ ବର୍ଷ ମରୁଡ଼ିର ସମୟ ଆରମ୍ଭ ହେଲା ।
ମିସର ଦେଶର ଚାରିପଟେ ଥିବା ସବୁ ଦେଶରେ ମରୁଡ଼ି ହେଲା, ମାତ୍ର ସାରା ମିସର ଦେଶରେ ଖାଦ୍ୟ ଥିଲା । [55]ଯେତେବେଳେ ମିସର ଦେଶର
ଲୋକମାନଙ୍କର ଖାଦ୍ୟ ସରିଗଲା, ସେମାନେ ଫାରୋଙ୍କ ନିକଟକୁ ଯାଇ ଖାଦ୍ୟ ମାଗିବାକୁ ଡାକ ପକାଇଲେ । ଫାରୋ ମିସର ଦେଶର ସମସ୍ତ ଲୋକଙ୍କୁ
କହିଲେ, ତୁମ୍ଭେମାନେ ଯୋଷେଫଙ୍କ ନିକଟକୁ ଯାଅ, ପୁଣି ସେ ତୁମ୍ଭମାନଙ୍କୁ ଯେପରି କରିବା ପାଇଁ କହିବେ, ସେପରି କର । [56]ସେହି ସମୟରେ ସାରା
ଦେଶରେ ମରୁଡ଼ି ହୋଇଥିବାରୁ ଯୋଷେଫ ଦେଶର ଖାଦ୍ୟ ରଖାଯାଇଥିବା ଘରଗୁଡ଼ିକ ଫିଟାଇଲେ ଓ ମିସର ଦେଶର ଲୋକମାନଙ୍କୁ ଖାଦ୍ୟ ବିକିଲେ,
କାରଣ ମିସର ଦେଶରେ ଭୟଙ୍କର ମରୁଡ଼ି ହୋଇଥିଲା ।

[57]ଆହୁରି, ମିସର ଦେଶର ଚାରିପଟେ ଥିବା ଦେଶଗୁଡ଼ିକର ଲୋକମାନେ ମଧ୍ୟ ଖାଦ୍ୟ କିଣିବା ପାଇଁ ଯୋଷେଫଙ୍କ ନିକଟକୁ ଆସିଲେ । ଯେହେତୁ, ସେହି
ସମୟରେ ସାରା ପୃଥିବୀରେ ଭୟଙ୍କର ମରୁଡ଼ି ହୋଇଥିଲା ।

# 42

## ଯୋଷେଫଙ୍କ ଭାଇମାନେ ଖାଦ୍ୟ କିଣିବାକୁ ମିସର ଦେଶକୁ ଗଲେ

[1]ଯେତେବେଳେ ଯାକୁବ ଶୁଣିଲେ ଯେ, ମିସର ଦେଶରେ ଶସ୍ୟ ବିକ୍ରି ହେଉଅଛି, ସେ ନିଜ ପୁଅମାନଙ୍କୁ କହିଲେ, ତୁମ୍ଭେମାନେ କାହିଁକି ଜଣେ ଜଣକୁ
ଅନାଇ ରହିଅଛ ? [2]ମୁଁ ଶୁଣିବାକୁ ପାଇଛି, ମିସର ଦେଶରେ ଶସ୍ୟ ବିକ୍ରି ହେଉଅଛି । ଏଣୁ, ତୁମ୍ଭେମାନେ ସେଠାକୁ ଯାଅ ଓ ଆମ ପାଇଁ କିଛି ଶସ୍ୟ କିଣି ଆଣ,
ଯାହା ଦ୍ୱାରା ଆମ୍ଭେମାନେ ନ ମରି ବଞ୍ଚିବା । [3]ତେଣୁ ଯୋଷେଫଙ୍କର ଦଶ ଜଣ ବଡ଼ ଭାଇ ଶସ୍ୟ କିଣିବାକୁ ମିସର ଦେଶକୁ ଗଲେ । [4]କିନ୍ତୁ ଯାକୁବ
ଯୋଷେଫଙ୍କ ସାନ ଭାଇ ବିନ୍ୟାମିନଙ୍କୁ ସେମାନଙ୍କ ସହିତ ପଠାଇଲେ ନାହିଁ, କାରଣ ତାଙ୍କ ପ୍ରତି କିଛି ବିପଦ ଘଟିପାରେ ବୋଲି ସେ ଡରିଲେ ।

---

[h]**41.45** ହେଲିଓ ପଲିସ୍

[i]**41.51** ଭୁଲି ଯିବା

[j]**41.52** ଦୁଇଗୁଣ ଫଳବାନ

5କିଣାନ ଦେଶରେ ମରୁଡ଼ି ହୋଇଥିବାରୁ, ଯାକୁବଙ୍କର[k] ପୁଅମାନେ ମଧ୍ୟ ଅନ୍ୟମାନଙ୍କ ସହିତ ଖାଦ୍ୟ କିଣିବାକୁ ମିସର ଦେଶକୁ ଗଲେ ।

6ସେହି ସମୟରେ ଯୋଷେଫ ମିସର ଦେଶର ଶାସନକର୍ତ୍ତା ଥିଲେ ପୁଣି ଦେଶର ସମସ୍ତ ଲୋକଙ୍କୁ ଶସ୍ୟ ବିକିବାର ଭାର ତାଙ୍କ ହାତରେ ଥିଲା । ଏଣୁ
ଯୋଷେଫଙ୍କ ଭାଇମାନେ ତାଙ୍କ ଆଗକୁ ଯାଇ ଭୂମିରେ ମୁହଁମାଡ଼ି ତାଙ୍କୁ ପ୍ରଣାମ କଲେ ।

7ଯୋଷେଫ ନିଜ ଭାଇମାନଙ୍କୁ ଦେଖି ଚିହ୍ନି ପାରିଲେ, କିନ୍ତୁ ନ ଚିହ୍ନିଲା ପରି ସେମାନଙ୍କୁ କଡ଼ା ସ୍ୱରରେ ପଚାରିଲେ, ତୁମ୍ଭେମାନେ କେଉଁଠାରୁ ଆସିଅଛ ?
ସେମାନେ ତାଙ୍କୁ ଉତ୍ତର ଦେଲେ, ଆମେ କିଣାନ ଦେଶରୁ ଖାଦ୍ୟ କିଣିବା ପାଇଁ ଆସିଅଛୁ । 8ଯୋଷେଫ ନିଜ ଭାଇମାନଙ୍କୁ ଚିହ୍ନିଲେ କିନ୍ତୁ ସେମାନେ ତାଙ୍କୁ
ଚିହ୍ନିଲେ ନାହିଁ ।

9ପୁଣି ଯୋଷେଫ ସେମାନଙ୍କ ବିଷୟରେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ତାଙ୍କର ମନେପଡ଼ିଲା । ଏଣୁ ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଗୁପ୍ତଚର[l] ।
ତୁମ୍ଭେମାନେ ଆମ ଦେଶର ଗୁପ୍ତ ବିଷୟ ଜାଣିବାକୁ ଆସିଅଛ ।

10ସେମାନେ କହିଲେ, ନାହିଁ ପ୍ରଭୁ, ଆମେ ଆପଣଙ୍କ ଦାସମାନେ, ଆମେ ଖାଦ୍ୟ କିଣିବା ପାଇଁ ଆସିଅଛୁ । 11ଆମେ ସମସ୍ତେ ଜଣେ ବାପାଙ୍କର ପୁଅ ।
ଆମେ ସଚ୍ଚୋଟ ଲୋକ । ଆମେ ଆପଣଙ୍କ ଦାସମାନେ, ଆମେ କଦାପି ଗୁପ୍ତଚର ନୋହୁଁ । 12କିନ୍ତୁ ସେ ସେମାନଙ୍କୁ କହିଲେ, ନାହିଁ, ତୁମ୍ଭେମାନେ ପ୍ରକୃତରେ
ଏହି ଦେଶର ଗୁପ୍ତ କଥା ଜାଣିବା ପାଇଁ ଆସିଅଛ । 13ସେମାନେ କହିଲେ, ଆମେ ଆପଣଙ୍କ ଦାସମାନେ, ଆମେ ବାର ଭାଇ ଓ ଆମେ କିଣାନ ଦେଶରେ
ଥିବା ଜଣେ ଲୋକର ପୁଅ । ଦେଖନ୍ତୁ, ଆମର ସବୁଠାରୁ ସାନ ଭାଇ ବାପାଙ୍କ ସହିତ ଅଛି ଓ ଜଣେ ଭାଇ ଆଉ ନାହିଁ ।

14କିନ୍ତୁ ଯୋଷେଫ ସେମାନଙ୍କୁ କହିଲେ, ମୁଁ ଯାହା କହିଲି, ତୁମ୍ଭେମାନେ ତାହା ହିଁ ଅଟ । ତୁମ୍ଭେମାନେ ନିଶ୍ଚୟ ଗୁପ୍ତଚର । 15ମୁଁ ତୁମ୍ଭମାନଙ୍କୁ ପରୀକ୍ଷା
କରିବାକୁ ଚାହେଁ । ମୁଁ ଫାରୋଙ୍କ ନାମରେ ଶପଥକରି କହୁଅଛି, ତୁମର ସାନ ଭାଇ ଏଠାକୁ ନ ଆସିଲେ, ତୁମ୍ଭେମାନେ ଏହି ସ୍ଥାନରୁ ଆଉ ଯାଇପାରିବ ନାହିଁ ।
16ତୁମ୍ଭମାନଙ୍କ ମଧ୍ୟରୁ ଜଣେ ଯାଅ ଓ ତୁମର ସବୁଠାରୁ ସାନ ଭାଇକୁ ଏଠାକୁ ନେଇଆସ । ସେ ଏଠାକୁ ଆସିବା ଯାଏଁ ତୁମ୍ଭେମାନେ ଏଠାରେ ବନ୍ଦୀଶାଳାରେ
ରହିବ । ତାପରେ ତୁମର କଥା ସତ କି ନାହିଁ ତାହା ଜଣାପଡ଼ିବ । ଯଦି ତୁମର କଥା ମିଛ ବୋଲି ଜଣାପଡ଼ିବ, ତେବେ ମୁଁ ଫାରୋଙ୍କ ନାମରେ ଶପଥ
କରୁଅଛି ଯେ, ତୁମ୍ଭେମାନେ ନିଶ୍ଚୟ ଗୁପ୍ତଚର ଅଟ । 17ଏହା କହି ଯୋଷେଫ ସେସମସ୍ତଙ୍କୁ ତିନି ଦିନ ବନ୍ଦୀଶାଳାରେ ରଖିଲେ । 18ତୃତୀୟ ଦିନରେ ଯୋଷେଫ
ସେମାନଙ୍କୁ କହିଲେ, ମୁଁ ପରମେଶ୍ୱରଙ୍କୁ ଭୟକରେ । ଏଣୁ ମୁଁ ଯେପରି କହୁଅଛି, ତୁମ୍ଭେମାନେ ସେପରି କର, ତେବେ ବଞ୍ଚିବ । 19ଯଦି ତୁମ୍ଭେମାନେ ସଚ୍ଚୋଟ
ଲୋକ, ତେବେ ତୁମ୍ଭମାନଙ୍କ ମଧ୍ୟରୁ ଜଣେ ବନ୍ଦୀହୋଇ ରହୁ ଓ ଅନ୍ୟ ସମସ୍ତେ ଦୁର୍ଭିକ୍ଷରେ ଥିବା ତୁମ୍ଭମାନଙ୍କର ପରିବାରର ଲୋକମାନଙ୍କ ପାଇଁ ଶସ୍ୟ ନେଇ
ଫେରିଯାଆନ୍ତୁ । 20ପୁଣି ତୁମର ସବୁଠାରୁ ସାନ ଭାଇକୁ ମୋ ପାଖକୁ ଆଣନ୍ତୁ । ତେବେ ତୁମ୍ଭମାନଙ୍କର କଥା ସତ ବୋଲି ଜଣାପଡ଼ିବ ଓ ତୁମ୍ଭେମାନେ ମରିବ
ନାହିଁ । ପୁଣି ସେମାନେ ଯୋଷେଫଙ୍କ କହିବା ଅନୁସାରେ କଲେ ।

21ତାପରେ ସେମାନେ ନିଜ ନିଜ ଭିତରେ କଥା ହେଲେ, ଆମେ ଆମ ଭାଇ ପ୍ରତି ଯାହା କରିଥିଲୁ, ଏବେ ତାର ଦଣ୍ଡ ପାଉଅଛୁ । ଯେତେବେଳେ ସେ ନିଜ
ଜୀବନ ରକ୍ଷା କରିବାକୁ ଆମକୁ ଅନୁରୋଧ କଲା, ସେତେବେଳେ, ଆମେ ତାହାର ଦୁଃଖ ଦେଖିଲେ ମଧ୍ୟ, ତାହାର କଥା ଶୁଣିଲୁ ନାହିଁ । ସେଥିପାଇଁ ଆମ ପ୍ରତି
ଏହି ଅମଙ୍ଗଳ ଘଟିଅଛି । 22ରୁବେନ ସେମାନଙ୍କୁ କହିଲେ, ତୁମେ ତା’ ବିରୁଦ୍ଧରେ ପାପ କର ନାହିଁ ବୋଲି, ମୁଁ କଅଣ ତୁମ୍ଭମାନଙ୍କୁ କହିଲି ନାହିଁ ? କିନ୍ତୁ
ତୁମ୍ଭେମାନେ ମୋର କଥା ଶୁଣିଲ ନାହିଁ । ଏଣୁ ଏବେ ତାହାର ରକ୍ତର ହିସାବ ଆମ୍ଭମାନଙ୍କୁ ଦେବାକୁ ପଡୁଅଛି । 23ଯୋଷେଫ ସେମାନଙ୍କ କଥା ବୁଝି ପାରୁଛନ୍ତି
ବୋଲି ସେମାନେ ଜାଣି ପାରିଲେ ନାହିଁ, କାରଣ, ଯୋଷେଫ ଜଣେ ଅନୁବାଦକଙ୍କ[m] ସାହାଯ୍ୟରେ ସେମାନଙ୍କ ସହିତ କଥା ହେଉଥିଲେ ।

---

[k] **42.5** ଇସ୍ରାଏଲ

[l] **42.9** ଯିଏ ଅନ୍ୟର ବିଷୟ ଗୁପ୍ତରେ ଜାଣିବାକୁ କାମ କରେ

[m] **42.23** ଯିଏ ଗୋଟିଏ ଭାଷାର କଥାକୁ ଅନ୍ୟ ଭାଷାରେ କହନ୍ତି

24ଏହାପରେ ଯୋଷେଫ ସେମାନଙ୍କ ନିକଟରୁ ଅଲଗା ଯାଇ କାନ୍ଦିଲେ । ଆଉ ସେ ଫେରିଆସି ସେମାନଙ୍କ ସହିତ କଥା ହେଲେ । ପୁଣି ସେ ଶିମିୟନଙ୍କୁ
ସେମାନଙ୍କଠାରୁ ନେଇଗଲେ ଓ ସେମାନଙ୍କ ଆଖି ଆଗରେ ବାନ୍ଧିଲେ । 25ଆଉ ଯୋଷେଫ ନିଜ ଦାସମାନଙ୍କୁ ଆଦେଶ ଦେଲେ, ସେମାନଙ୍କ ବସ୍ତାଗୁଡ଼ିକୁ
ଶସ୍ୟରେ ଭର୍ତ୍ତି କରିଦିଅ, ପୁଣି ସେମାନେ ଶସ୍ୟ କିଣିବା ପାଇଁ ଦେଇଥିବା ଟଙ୍କା ସେମାନଙ୍କ ବସ୍ତାରେ ରଖି ଫେରାଇ ଦିଅ । ତାସହିତ ସେମାନଙ୍କୁ ରାସ୍ତାରେ
ଖାଇବା ପାଇଁ ଖାଦ୍ୟ ମଧ୍ୟ ଦିଅ । ଏଣୁ ଦାସମାନେ ତାଙ୍କ ଆଜ୍ଞା ଅନୁସାରେ କଲେ ।

26ଏହାପରେ ଯୋଷେଫଙ୍କ ଭାଇମାନେ ନିଜ ନିଜ ଗହମ ବସ୍ତା ଗଧରେ ନେଇ ଘରକୁ ଫେରିବାକୁ ବାହାରିଲେ ।

27ସେମାନେ ରାତିରେ ରହିବା ସ୍ଥାନରେ ସେମାନଙ୍କ ମଧ୍ୟରୁ ଜଣେ ନିଜ ଗଧକୁ ଖାଇବାକୁ ଦେବାକୁ ବସ୍ତା ଫିଟାଇଲେ, ଆଉ ସେ ବସ୍ତା ମୁହଁରେ ନିଜର
ଟଙ୍କା ଦେଖିଲେ । 28ସେ ନିଜ ଭାଇମାନଙ୍କୁ କହିଲେ, ମୋ ବସ୍ତାରେ ମୋର ଟଙ୍କା ଫେରି ଆସିଛି ! ଏହା ଶୁଣି ସେମାନଙ୍କ ହୃଦୟ ବିଚଳିତ ହେଲା ଓ
ସେମାନେ ଭୟରେ ଥରି ଥରି ନିଜ ନିଜ ମଧ୍ୟରେ କହିଲେ, ପରମେଶ୍ୱର ଆମ୍ଭମାନଙ୍କ ପ୍ରତି ଏ କଅଣ କଲେ ?

29ସେମାନେ କିଣାନ ଦେଶରେ ଥିବା ସେମାନଙ୍କ ବାପାଙ୍କ ନିକଟରେ ପହଞ୍ଚି, ସେମାନଙ୍କ ପ୍ରତି ଯାହା ଯାହା ଘଟିଥିଲା ସେହି ସବୁକଥା ତାଙ୍କୁ କହିଲେ ।
30ସେହି ଦେଶର ଶାସନକର୍ତ୍ତା ଆମ୍ଭମାନଙ୍କୁ କଡ଼ା ଭାଷାରେ କଥା କହି ଆମକୁ ଗୁପ୍ତଚର ବୋଲି କହିଲେ । 31କିନ୍ତୁ, ଆମେ ତାଙ୍କୁ କହିଲୁ, ଆମେ ସଚ୍ଚୋଟ
ଲୋକ, ଆମେ କଦାପି ଗୁପ୍ତଚର ନୋହୁଁ । 32ଆମେ ବାର ଭାଇ, ଆମେ ଜଣେ ବାପାର ପୁଅ । ଆମ ମଧ୍ୟରୁ ଜଣେ ଭାଇ ଆଉ ନାହିଁ ଓ ସବୁଠାରୁ ସାନ ଭାଇ
ବାପାଙ୍କ ସହିତ କିଣାନ ଦେଶରେ ଅଛି ।

33ଏହାପରେ ସେହି ଦେଶର ଶାସନକର୍ତ୍ତା ଆମ୍ଭମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ପ୍ରକୃତରେ ସଚ୍ଚୋଟ ଲୋକ, ତେବେ ତୁମ୍ଭମାନଙ୍କ ମଧ୍ୟରୁ ଜଣକୁ ମୋ
ପାଖରେ ଛାଡ଼ି ଅନ୍ୟ ସମସ୍ତେ ଦୁର୍ଭିକ୍ଷରେ ଥିବା ତୁମ୍ଭମାନଙ୍କର ପରିବାରର ଲୋକମାନଙ୍କ ପାଇଁ ଶସ୍ୟ ନେଇ ଫେରିଯାଅ । 34ପୁଣି ତୁମର ସାନ ଭାଇକୁ ମୋ
ପାଖକୁ ଆଣ । ତାହା ହେଲେ ମୁଁ ଜାଣିବି ଯେ, ତୁମ୍ଭେମାନେ ଗୁପ୍ତଚର ନୁହଁ, ମାତ୍ର ସଚ୍ଚୋଟ ଲୋକ । ଆଉ ମୁଁ ତୁମ୍ଭମାନଙ୍କର ଭାଇକୁ ଛାଡ଼ିଦେବି ଓ
ତୁମ୍ଭେମାନେ ଆମ ଦେଶରେ କିଣାବିକା କରି ପାରିବ ।

35ସେମାନେ ନିଜ ନିଜର ବସ୍ତା ଫିଟାଇ ଖାଲି କରିବା ସମୟରେ, ସେମାନେ ଶସ୍ୟ ପାଇଁ ଯେଉଁ ଟଙ୍କା ଦେଇଥିଲେ, ତାହା ନିଜ ନିଜ ବସ୍ତାରେ ପାଇଲେ ।
ସେହି ଟଙ୍କା ଦେଖି ସେମାନେ ଓ ସେମାନଙ୍କର ବାପା ବହୁତ ଭୟକଲେ । 36ପୁଣି ସେମାନଙ୍କ ବାପା ଯାକୁବ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ଯୋଗୁଁ ମୁଁ
ମୋର ପୁଅମାନଙ୍କୁ ଜଣକ ପରେ ଜଣକୁ ହରାଉଅଛି । ଯୋଷେଫ ଆଉ ନାହିଁ, ଶିମିୟନ ମଧ୍ୟ ନାହିଁ; ପୁଣି ଏବେ ତୁମ୍ଭେମାନେ ବିନ୍ୟାମିନକୁ ମଧ୍ୟ ନେବା ପାଇଁ
ଇଚ୍ଛା କରୁଅଛ । ସବୁକିଛି ମୋ ବିରୁଦ୍ଧରେ ହେଉଅଛି ।

37ରୁବେନ ନିଜ ବାପାଙ୍କୁ କହିଲେ, ଯଦି ମୁଁ ବିନ୍ୟାମିନକୁ ତୁମ ପାଖକୁ ଫେରାଇ ଆଣିବି ନାହିଁ, ତାହା ହେଲେ ତୁମେ ମୋର ଦୁଇ ପୁଅଙ୍କୁ ଜୀବନରେ ମାର
। ବିନ୍ୟାମିନକୁ ମୋ ହାତରେ ଛାଡ଼, ମୁଁ ତାକୁ ତୁମ ନିକଟକୁ ଫେରାଇ ଆଣିବି ।

38କିନ୍ତୁ ଯାକୁବ କହିଲେ, ମୋ ପୁଅ ତୁମ୍ଭମାନଙ୍କ ସହିତ ଯିବ ନାହିଁ । କାରଣ ତାହାର ଭାଇ ଯୋଷେଫ ମରିଯାଇଛି ଓ ଏବେ ସେ ଜଣେ ମାତ୍ର ବଞ୍ଚିଅଛି ।
ଯଦି ତୁମେ ଯିବା ରାସ୍ତାରେ ତାହା ପ୍ରତି କିଛି ବିପଦ ଘଟେ, ତାହା ହେଲେ ତୁମ୍ଭମାନଙ୍କ ଯୋଗୁଁ ମୁଁ ଏହି ବୁଢ଼ା ବୟସରେ କାନ୍ଦି କାନ୍ଦି ସମାଧିକୁ ଯିବି ।

# 43

### ଯୋଷେଫଙ୍କ ଭାଇମାନେ ଶସ୍ୟ ଆଣିବାକୁ ପୁଣି ଥରେ ମିସର ଦେଶକୁ ଗଲେ

1କିଣାନ ଦେଶରେ ମରୁଡ଼ି ଅତି ଭୟଙ୍କର ହେଲା ।

2ଯାକୁବଙ୍କ ପୁଅମାନେ ମିସର ଦେଶରୁ ଆଣିଥିବା ଶସ୍ୟ ସରିଯିବାରୁ, ସେମାନଙ୍କ ବାପା ଯାକୁବ ସେମାନଙ୍କୁ କହିଲେ, ତୁମ୍ଭେମାନେ ପୁଣି ଥରେ ମିସର

ଦେଶକୁ ଯାଇ, ଆମ ପାଇଁ ଆଉ କିଛି ଖାଦ୍ୟ କିଣି ଆଣ ।

[3]କିନ୍ତୁ ଯିହୁଦା ତାଙ୍କୁ କହିଲେ, ସେହି ଲୋକ ଆମକୁ ଦୃଢ଼ ଭାବରେ ସତର୍କ କରାଇ କହିଛନ୍ତି, ତୁମ୍ଭମାନଙ୍କ ସହିତ ତୁମର ସାନ ଭାଇ ନ ଥିଲେ, ତୁମ୍ଭେମାନେ
ମୋର ମୁହଁ ଆଉ ଦେଖି ପାରିବ ନାହିଁ । [4]ଯଦି ତୁମେ ଆମ ସହିତ ବିନ୍ୟାମିନକୁ ପଠାଇବ, ତାହା ହେଲେ ହିଁ ଆମ୍ଭେମାନେ ଯାଇ ଖାଦ୍ୟ କିଣି ଆଣିବୁ । [5]କିନ୍ତୁ
ତୁମେ ବିନ୍ୟାମିନକୁ ଆମ ସହିତ ନ ପଠାଇଲେ, ଆମ୍ଭେମାନେ ସେଠାକୁ ଯିବୁ ନାହିଁ । କାରଣ ସେହି ଲୋକ ଆମକୁ କହିଛନ୍ତି, ତୁମ୍ଭମାନଙ୍କ ସହିତ ତୁମର ସାନ
ଭାଇ ନ ଥିଲେ, ତୁମ୍ଭେମାନେ ମୋର ମୁହଁ ଆଉ ଦେଖି ପାରିବ ନାହିଁ ।

[6]ଯାକୁବ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କର ଆଉ ଜଣେ ଭାଇ ଅଛି ବୋଲି ସେହି ଲୋକଙ୍କୁ କହି, ତୁମ୍ଭେମାନେ ମୋତେ କାହିଁକି ଦୁଃଖ ଦେଲ ?

[7]ସେମାନେ ତାଙ୍କୁ କହିଲେ, ସେହି ଲୋକ ଆମକୁ ଆମ ବିଷୟରେ ଓ ଆମ ପରିବାର ବିଷୟରେ ବହୁତ କଥା ପଚାରିଲେ । ସେ ଆମ୍ଭମାନଙ୍କୁ ପଚାରିଲେ,
ତୁମ୍ଭମାନଙ୍କର ବାପା ଆଜି ଯାଏଁ ବଞ୍ଚିଛନ୍ତି କି ? ତୁମ୍ଭମାନଙ୍କର ଆଉ ଜଣେ ଭାଇ ଅଛି କି ? ତେଣୁ ସେ ପଚାରିବା ଅନୁସାରେ ଆମେ ତାଙ୍କୁ ଉତ୍ତର ଦେଲୁ ।
ତୁମ୍ଭମାନଙ୍କର ଭାଇକୁ ଏଠାକୁ ଆଣ, ଏହି କଥା ସେ କହିବେ ବୋଲି ଆମେ କିପରି ଜାଣିଥାଆନ୍ତୁ ?

[8]ଏହାପରେ ଯିହୁଦା ତାଙ୍କ ବାପା ଯାକୁବଙ୍କୁ କହିଲେ, ବିନ୍ୟାମିନକୁ ମୋ ସହିତ ପଠାଅ । ପୁଣି ଆମ୍ଭେମାନେ ଉଠି ମିସର ଦେଶକୁ ଯିବୁ, ଯେପରି ତୁମେ,
ଆମ୍ଭେମାନେ ଓ ଆମ୍ଭମାନଙ୍କର ପିଲାମାନେ ନ ମରି ବଞ୍ଚିବା । [9]ମୁଁ ନିଜେ ତାହାର ସୁରକ୍ଷା ପାଇଁ ବନ୍ଧା ପଡୁଅଛି । ତୁମେ ତାକୁ ମୋ ହାତରୁ ନେଇଯିବ । ଯଦି
ମୁଁ ତାକୁ ତୁମ ପାଖକୁ ପୁଣି ଥରେ ଫେରାଇ ଆଣି ଠିଆ କରାଇବି ନାହିଁ, ତାହା ହେଲେ ତୁମ ଆଗରେ ସବୁଦିନ ପାଇଁ ଦୋଷି ହୋଇ ରହିବି । [10]ଯଦି ଆମେ
ବିଳମ୍ବ ନ କରି ଯାଇଥାଆନ୍ତୁ, ତେବେ ଏହି ସମୟ ଭିତରେ ଦୁଇ ଥର ଯାଇ ଫେରି ଆସିଥାଆନ୍ତୁ ।

[11]ଏଣୁ ଯାକୁବ ସେମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ତାକୁ ନ ନେଇ ମିସର ଦେଶକୁ ଯାଇପାରିବ ନାହିଁ, ତେବେ ଗୋଟିଏ କାମ କର । ତୁମ୍ଭେମାନେ
ତୁମ୍ଭମାନଙ୍କ ବସ୍ତାରେ ଏହି ଦେଶର ବଛା ବଛା ଫଳ ପୁଣି ତାସହିତ କିଛି ମଲମ[a], ମହୁ, ମସଲା ଜିନିଷ, ସୁଗନ୍ଧି ଜିନିଷ, ପିସ୍ତାବାଦାମ ଓ ବାଦାମ ସେହି
ଲୋକଙ୍କ ପାଇଁ ନେଇଯାଅ । [12]ଆହୁରି ମଧ୍ୟ ତୁମ ଅଖା ମୁହଁରେ ଯେତିକି ଟଙ୍କା ଫେରି ଆସିଥିଲା, ତାର ଦୁଇଗୁଣ ଟଙ୍କା ନେଇଯାଅ, କାରଣ ତାହା କେହି
ଜଣେ ଭୁଲ୍‌ରେ ରଖି ଦେଇଥିବ । [13]ପୁଣି ତୁମର ଭାଇକୁ ତୁମ ସହିତ ନେଇ ସେହି ଲୋକଙ୍କ ପାଖକୁ ପୁଣି ଥରେ ଯାଅ । [14]ସର୍ବଶକ୍ତିମାନ ପରମେଶ୍ୱର ତାଙ୍କ
ଆଗରେ ତୁମକୁ ଦୟା କରନ୍ତୁ, ଯେପରି ସେ ଶିମିୟନକୁ ଛାଡ଼ିଦେବେ ଓ ବିନ୍ୟାମିନ ମଧ୍ୟ ତୁମ ସହିତ ଫେରିଆସିବ । କିନ୍ତୁ ମୋର ଯଦି ସେମାନଙ୍କୁ
ହରାଇବାର ଥାଏ, ତେବେ ମୁଁ ସେମାନଙ୍କୁ ହରାଇବି ।

[15]ଏହାପରେ ସେମାନେ ସେହିସବୁ ଉପହାର, ଦୁଇଗୁଣ ଟଙ୍କା ଏବଂ ବିନ୍ୟାମିନକୁ ସାଥିରେ ନେଇ ମିସର ଦେଶକୁ ଗଲେ ଓ ଯୋଷେଫଙ୍କ ଆଗରେ
ଠିଆହେଲେ ।

[16]ଯେତେବେଳେ ଯୋଷେଫ ସେମାନଙ୍କ ସହିତ ବିନ୍ୟାମିନକୁ ଦେଖିଲେ, ନିଜ ଘର ଦାୟିତ୍ୱରେ ଥିବା ଲୋକକୁ କହିଲେ, ଏହି ଲୋକମାନେ ଆଜି
ଦିନବେଳେ ମୋ ସହିତ ଖାଇବେ । ସେମାନଙ୍କୁ ମୋ ଘରକୁ ନେଇଯାଅ ଓ ଗୋଟିଏ ପଶୁ[b] ମାରି ରୋଷେଇ କର ।

[17]ଯୋଷେଫ ଯେପରି କହିଲେ ସେହି ଲୋକ ସେପରି କଲେ ଏବଂ ସେମାନଙ୍କୁ ଯୋଷେଫଙ୍କ ଘରକୁ ନେଇଗଲେ ।

[18]ସେହି ଦାସ ସେମାନଙ୍କୁ ଯୋଷେଫଙ୍କ ଘରକୁ ନେଇଯିବାରୁ ସେମାନେ ଭୟକଲେ । ପୁଣି ସେମାନେ ପରସ୍ପର କହିଲେ, ଆମ୍ଭେମାନେ ପ୍ରଥମ ଥର
ଆସିଥିବା ସମୟରେ ଆମ ଅଖାରେ ଟଙ୍କା ରହି ଯାଇଥିବାରୁ, ସେ ଆମକୁ ଏହି ସ୍ଥାନକୁ ଆଣିଛନ୍ତି, ଯେପରି ସେ ଆମକୁ ଆକ୍ରମଣ କରି ତାଙ୍କର ଚାକର କରି
ରଖିବେ ଓ ଆମର ଗଧଗୁଡ଼ିକ ନେଇ ଯିବେ ।

[19]ତେଣୁ ସେମାନେ ଯୋଷେଫଙ୍କ ଘର ଦାୟିତ୍ୱରେ ଥିବା ଲୋକ ପାଖକୁ ଗଲେ ଏବଂ ଘରର ଦ୍ୱାର ନିକଟରେ ତାଙ୍କ ସହିତ କଥା ହେଲେ ।

---

[a]**43.11** ରୋଗ ଭଲ ହେବା ପାଇଁ ଦେହରେ ଲଗାଇବା ଔଷଧ

[b]**43.16** ଛେଳି ଜାତୀୟ

20ସେମାନେ ତାଙ୍କୁ କହିଲେ, ପ୍ରଭୁ, ଆମେ ଆଗରୁ ଥରେ ଶସ୍ୟ କିଣିବା ପାଇଁ ଆସିଥିଲୁ । 21ଆମେ ଖାଦ୍ୟ ନେଇ ଘରକୁ ଫେରିଯାଉଥିବା ସମୟରେ,
ରାତିରେ ଗୋଟିଏ ଜାଗାରେ ରହିଲୁ । ସେଠାରେ ଆମର ବସ୍ତାଗୁଡ଼ିକ ଫିଟାଇଲୁ, ପୁଣି ଦେଖିଲୁ ଯେ, ଆମେ ଖାଦ୍ୟ ପାଇଁ ପ୍ରତି ଜଣ ଯେତିକି ଟଙ୍କା
ଦେଇଥିଲୁ, ଠିକ୍ ସେତିକି ଟଙ୍କା ଆମ୍ଭମାନଙ୍କ ପ୍ରତି ଜଣଙ୍କ ବସ୍ତା ମୁହଁରେ ଥିଲା । ଏବେ ଆମ୍ଭେମାନେ ସେହି ଟଙ୍କା ପୁଣି ଥରେ ଆଣିଅଛୁ । 22ତାହା ସହିତ
ଆମେ ଖାଦ୍ୟ କିଣିବା ପାଇଁ ଆଉ ଟଙ୍କା ଆଣିଅଛୁ । କିନ୍ତୁ କିଏ ଆମ୍ଭମାନଙ୍କ ବସ୍ତାଗୁଡ଼ିକ ଭିତରେ ସେହି ଟଙ୍କା ରଖିଥିଲା, ତାହା ଆମେ ଜାଣି ନାହୁଁ ।

23ସେହି ଲୋକ ସେମାନଙ୍କୁ କହିଲେ, ଠିକ୍ ଅଛି, ଭୟ କର ନାହିଁ । ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ବାପାଙ୍କର ପରମେଶ୍ୱର ତୁମ୍ଭମାନଙ୍କ ପାଇଁ ତୁମ୍ଭମାନଙ୍କ
ବସ୍ତା ଭିତରେ ସେହି ଟଙ୍କା ରଖିଦେଇଥିବେ । କିନ୍ତୁ ମୁଁ ତୁମ୍ଭମାନଙ୍କର ଟଙ୍କା ପାଇଅଛି । ଏହାପରେ ସେ ଶିମିୟନଙ୍କୁ ବାହାରକରି ସେମାନଙ୍କ ପାଖକୁ
ଆଣିଲେ ।

24ପୁଣି ସେହି ଲୋକ ସେମାନଙ୍କୁ ଯୋଷେଫଙ୍କ ଘରକୁ ଆଣିଲେ, ପୁଣି ସେମାନଙ୍କୁ ପାଣି ଦେବାରୁ ସେମାନେ ପାଦ ଧୋଇଲେ ଓ ସେ ସେମାନଙ୍କ
ଗଧଗୁଡ଼ିକ ପାଇଁ ଖାଦ୍ୟ ଦେଲେ । 25ଯୋଷେଫ ମଧ୍ୟାହ୍ନ ସମୟରେ ଘରକୁ ଆସିବା ଆଗରୁ ସେମାନେ କିଣାନ ଦେଶରୁ ତାଙ୍କ ପାଇଁ ନେଇଯାଇଥିବା
ଉପହାର ନିଜ ନିଜ ପାଖରେ ପ୍ରସ୍ତୁତକରି ରଖିଲେ । କାରଣ ସେମାନେ ସେହିଦିନ ସେଠାରେ ଖାଇବେ ବୋଲି ଶୁଣିଥିଲେ ।

26ଯେତେବେଳେ ଯୋଷେଫ ଘରକୁ ଆସିଲେ, ସେମାନେ ନିଜ ନିଜ ପାଖରେ ରଖିଥିବା ଉପହାର ଘର ଭିତରକୁ ଆଣି ତାଙ୍କୁ ଦେଲେ ଓ ଭୂମିରେ
ମୁହଁମାଡ଼ି ତାଙ୍କୁ ପ୍ରଣାମ କଲେ ।

27ପୁଣି ଯୋଷେଫ ସେମାନଙ୍କ ଭଲମନ୍ଦ ପଚାରି ବୁଝିଲେ, ପୁଣି ସେ ସେମାନଙ୍କୁ ପଚାରିଲେ, ତୁମ୍ଭମାନଙ୍କର ଯେଉଁ ବୁଢ଼ା ବାପାଙ୍କ ବିଷୟରେ ତୁମ୍ଭେମାନେ
କହୁଥିଲ, ସେ ଭଲ ଅଛନ୍ତି କି ? ସେ କଅଣ ଆଜି ଯାଏଁ ବଞ୍ଚିଛନ୍ତି ?

28ସେମାନେ କହିଲେ, ହଁ, ଆପଣଙ୍କ ଦାସ, ଆମର ବାପା ଭଲ ଅଛନ୍ତି, ସେ ଆଜି ଯାଏଁ ବଞ୍ଚିଛନ୍ତି । ଏହାପରେ ସେମାନେ ଭୂମିରେ ମୁହଁମାଡ଼ି ଆଉ ଥରେ
ତାଙ୍କୁ ପ୍ରଣାମ କଲେ ।

29ଯୋଷେଫ ଅନାଇ ନିଜ ଭାଇ, ନିଜ ମାଆର ପୁଅ ବିନ୍ୟାମିନଙ୍କୁ ଦେଖି ପଚାରିଲେ, ଇଏ କଅଣ ତୁମ୍ଭମାନଙ୍କର ସବୁଠାରୁ ସାନ ଭାଇ, ଯାହା ବିଷୟରେ
ତୁମ୍ଭେମାନେ ମୋତେ କହୁଥିଲ ? ଏହାପରେ ଯୋଷେଫ ବିନ୍ୟାମିନଙ୍କୁ କହିଲେ, ମୋର ପୁଅ, ପରମେଶ୍ୱର ତୁମକୁ ଅନୁଗ୍ରହ କରନ୍ତୁ ।

30ତାଙ୍କ ଭାଇଙ୍କୁ ଦେଖି ଯୋଷେଫଙ୍କର ହୃଦୟ ତରଳିଗଲା ଓ ସେ କାନ୍ଦିବା ପାଇଁ ଜାଗା ଖୋଜିଲେ; ତେଣୁ ସେ ନିଜ ବଖରା ଭିତରକୁ ଯାଇ କାନ୍ଦିଲେ ।
31ଏହାପରେ ସେ ନିଜ ମୁହଁ ଧୋଇ ବାହାରକୁ ଆସିଲେ । ପୁଣି ନିଜକୁ ସମ୍ଭାଳି ଖାଦ୍ୟ ବାଢ଼ିବା ପାଇଁ ଦାସମାନଙ୍କୁ ଆଦେଶ ଦେଲେ । 32ପୁଣି ଦାସମାନେ
ଯୋଷେଫଙ୍କ ପାଇଁ ତାଙ୍କ ନିଜ ମେଜରେ ଓ ଭାଇମାନଙ୍କ ପାଇଁ ଅଲଗା ଏକ ମେଜରେ ଖାଇବା ବାଢ଼ିଦେଲେ । ମାତ୍ର ମିସର ଦେଶର ଲୋକମାନେ ଅନ୍ୟ
ଏକ ମେଜରେ ବସି ଖାଇଲେ, କାରଣ ସେମାନେ ଏବ୍ରୀ ଜାତିର ଲୋକମାନଙ୍କ ସହିତ ମିଶି ଖାଇବାକୁ ଘୃଣା କରୁଥିଲେ ।

33ତାଙ୍କର ଭାଇମାନେ କିଏ କେଉଁ ସ୍ଥାନରେ ବସିବ, ତାହା ଯୋଷେଫ ସେମାନଙ୍କୁ କହିଲେ । ସେ ସେମାନଙ୍କୁ ବଡ଼ରୁ ସାନ ଅନୁସାରେ ବସାଇବା ଦେଖି
ସେମାନେ ଆଶ୍ଚର୍ଯ୍ୟ ହୋଇ ପରସ୍ପରକୁ ଅନାଇଲେ ।

34ଯୋଷେଫ ନିଜ ମେଜରୁ ତାଙ୍କ ଭାଇମାନଙ୍କୁ ଖାଦ୍ୟ ଦେଲେ । ସେ ବିନ୍ୟାମିନଙ୍କୁ ତାଙ୍କର ଅନ୍ୟ ଭାଇମାନଙ୍କଠାରୁ ପାଞ୍ଚଗୁଣ ଅଧିକ ଖାଦ୍ୟ ଦେଲେ ।
ଏହିପରି, ସେମାନେ ତାଙ୍କ ସହିତ ଆନନ୍ଦରେ ଖିଆପିଆ କଲେ ।

# 44

1ଏହାପରେ ଯୋଷେଫ ନିଜ ଘର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଆଦେଶ ଦେଇ କହିଲେ, ଏହି ଲୋକମାନେ ଯେତିକି ଗହମ ନେଇ ପାରିବେ ସେତିକି
ସେମାନଙ୍କ ବସ୍ତାଗୁଡ଼ିକରେ ଭର୍ତ୍ତି କରିଦିଅ, ପୁଣି ସେମାନେ ପ୍ରତି ଜଣ ଖାଦ୍ୟ ଶସ୍ୟ କିଣିବା ପାଇଁ ତୁମକୁ ଦେଇଥିବା ଟଙ୍କା ମଧ୍ୟ ସେମାନଙ୍କର ନିଜ ନିଜ ବସ୍ତା
ଭିତରେ ମୁହଁରେ ରଖିଦିଅ । 2ଆଉ ସବୁଠାରୁ ସାନ ଭାଇର ବସ୍ତା ମୁହଁରେ, ତାଙ୍କ ଟଙ୍କା ସହିତ ମୋର ରୂପାର ପାନପାତ୍ର ରଖିଦିଅ । ଏଣୁ ସେହି ବ୍ୟକ୍ତି

ଯୋଷେଫ କହିବା ଅନୁସାରେ କଲେ ।

[3]ତହିଁଆର ଦିନ ଅତି ସକାଳେ ଯୋଷେଫଙ୍କ ଭାଇମାନେ ନିଜ ଦେଶକୁ ଯିବାକୁ ନିଜ ନିଜର ଗଧ ନେଇ ବାହାରିଲେ ।

[4]ସେମାନେ ନଗରରୁ ଅଳ୍ପ ଦୂର ଯିବା ପରେ, ଯୋଷେଫ ତାଙ୍କ ଘରେ କାମ କରୁଥିବା ସେହି ବ୍ୟକ୍ତିଙ୍କୁ କହିଲେ, ତୁମେ ସେହି ଲୋକମାନଙ୍କ ପଛେ ପଛେ
ଯାଅ, ପୁଣି ସେମାନଙ୍କ ନିକଟରେ ପହଞ୍ଚିଲେ, ସେମାନଙ୍କୁ ଅଟକାଇ ଏହିପରି କୁହ, ମୁଁ ତୁମ୍ଭମାନଙ୍କର ଭଲ କଲି, ମାତ୍ର ତାହା ବଦଳରେ ତୁମ୍ଭେମାନେ କାହିଁକି
ମନ୍ଦ କଲ ? [5]ମୋର ମାଲିକ ଯେଉଁ ରୂପା ପାତ୍ରରେ ପାନ କରନ୍ତି ଓ ଯାହା ସାହାଯ୍ୟରେ ଭବିଷ୍ୟତର ସବୁକଥା ଜାଣି ପାରନ୍ତି, ଏହା କଅଣ ସେହି ପାନପାତ୍ର
ନୁହେଁ ? ଏପରି କାମ କରି ତୁମ୍ଭେମାନେ ମନ୍ଦ କରିଅଛ । [6]ଯେତେବେଳେ ସେହି ବ୍ୟକ୍ତି ସେମାନଙ୍କ ନିକଟରେ ପହଞ୍ଚିଲେ, ସେମାନଙ୍କୁ ସେପରି କହିଲେ ।

[7]ସେମାନେ ତାଙ୍କୁ କହିଲେ, ପ୍ରଭୁ, ଆପଣ କାହିଁକି ଏପରି କହୁଛନ୍ତି ? ଆମେ ଆପଣଙ୍କର ଦାସମାନେ, ତେଣୁ ଆମେ ଏପରି କାମ କଦାପି କରି ପାରିବୁ
ନାହିଁ । [8]ଆମେ ଗତ ଥର ଗହମ ପାଇଁ ଆପଣଙ୍କୁ ଦେଇଥିବା ଟଙ୍କା ନିଜ ବସ୍ତା ମୁହଁରେ ପାଇବାରୁ, ତାହା ପୁଣି ଥରେ ଆଣି ଆପଣଙ୍କୁ ଫେରାଇଲୁ । ତେବେ
ଆମେ କାହିଁକି ଆପଣଙ୍କ ମାଲିକଙ୍କ ଘରର ରୂପା ବା ସୁନା ଚୋରି କରିବୁ ? [9]ଆମ୍ଭମାନଙ୍କ ମଧ୍ୟରୁ ଯାହା ପାଖରେ ତାହା ମିଳିବ, ସେ ଅବଶ୍ୟ ମରିବ, ପୁଣି
ଆମ୍ଭେମାନେ ସମସ୍ତେ ମଧ୍ୟ ଆପଣଙ୍କର ଦାସ ହେବୁ ।

[10]ସେହି ବ୍ୟକ୍ତି କହିଲେ, ତୁମ୍ଭେମାନେ ଯେପରି କହିଲ ସେପରି ହେଉ । ତୁମ୍ଭମାନଙ୍କ ମଧ୍ୟରୁ ଯାହା ପାଖରେ ତାହା ମିଳିବ, କେବଳ ସେ ମୋର ଦାସ
ହୋଇ ରହିବ, ମାତ୍ର ଅନ୍ୟମାନେ ନିର୍ଦ୍ଦୋଷରେ ନିଜ ନିଜ ଘରକୁ ଯାଇପାରିବ । [11]ଏଣୁ ସେମାନେ ସମସ୍ତେ ନିଜ ନିଜ ବସ୍ତା ଅତିଶୀଘ୍ର ତଳକୁ ଓହ୍ଲାଇ
ଫିଟାଇଲେ ।

[12]ଆଉ ସେହି ଲୋକ, ଯୋଷେଫଙ୍କ ବଡ଼ ଭାଇଙ୍କ ବସ୍ତାରୁ ଆରମ୍ଭ କରି ସାନ ଭାଇଙ୍କ ବସ୍ତା ଯାଏଁ ଖୋଜିଲେ । ଆଉ ସେହି ପାନପାତ୍ର ସବୁଠାରୁ ସାନ
ଭାଇ ବିନ୍ୟାମିନର ବସ୍ତାରେ ପାଇଲେ । [13]ଏହା ଦେଖି, ସେମାନେ ପ୍ରତି ଜଣ ନିଜ ନିଜର ଲୁଗା ଚିରି ପକାଇଲେ ଓ ନିଜ ନିଜର ବସ୍ତା ଗଧଗୁଡ଼ିକ ଉପରେ
ଧରି ନଗରକୁ ଫେରିଗଲେ ।

[14]ଯେତେବେଳେ ଯିହୁଦା ଓ ତାଙ୍କର ଭାଇମାନେ ଯୋଷେଫଙ୍କ ଘରକୁ ଆସିଲେ, ସେତେବେଳେ ଯାଏଁ ସେ ନିଜ ଘରେ ଥିଲେ, ପୁଣି ସେମାନେ ଭୂମିରେ
ମୁହଁମାଡ଼ି ତାଙ୍କୁ ପ୍ରଣାମ କଲେ ।

[15]ଯୋଷେଫ ସେମାନଙ୍କୁ କହିଲେ, ତୁମ୍ଭେମାନେ ଏ କଅଣ କଲ ? ତୁମ୍ଭେମାନେ କଅଣ ଜାଣି ନାହଁ ଯେ, ମୋ ପରି ଜଣେ ଲୋକ ଗଣକତାକରି ଏପରି
ବିଷୟ ଜାଣିପାରେ ?

[16]ଯିହୁଦା ଉତ୍ତର ଦେଲେ, ହେ ପ୍ରଭୁ, ଆମେ ଆପଣଙ୍କୁ କି ଉତ୍ତର ଦେବୁ ? ଆମେ ଆପଣଙ୍କୁ କଅଣ କହିବୁ ? ଆମେ କିଛି ଦୋଷ କରି ନାହୁଁ ବୋଲି
କିପରି ପ୍ରମାଣ କରି ପାରିବୁ ? ପରମେଶ୍ୱର ଆମର ଅପରାଧ ଯୋଗୁଁ ଆମକୁ ଦଣ୍ଡ ଦେଉଛନ୍ତି । ହେ ପ୍ରଭୁ, ଆପଣଙ୍କର ପାତ୍ର ଯାହାଠାରୁ ମିଳିଅଛି, କେବଳ
ସେ ଯେ ଆପଣଙ୍କର ଦାସ ହେବାକୁ ଆସିଅଛି ସେ କଥା ନୁହେଁ, ମାତ୍ର ଆମ୍ଭେମାନେ ସମସ୍ତେ ଆପଣଙ୍କର ଦାସ ହେବାକୁ ଆସିଅଛୁ ।

[17]ଯୋଷେଫ କହିଲେ, ମୁଁ ଏପରି କଦାପି କରିବି ନାହିଁ । ମୋର ପାତ୍ର ଯାହାଠାରୁ ମିଳିଲା, କେବଳ ସେ ମୋର ଦାସ ହେବ; କିନ୍ତୁ, ଅନ୍ୟ ସମସ୍ତେ ନିଜ
ବାପାଙ୍କ ନିକଟକୁ ଶାନ୍ତିରେ ଫେରିଯାଅ ।

## ଯିହୁଦା ବିନ୍ୟାମିନଙ୍କ ତରଫରୁ ଯୋଷେଫଙ୍କୁ କହିଲେ

[18]ଯିହୁଦା ଅଳ୍ପ ଆଗକୁ ଯାଇ ଯୋଷେଫଙ୍କୁ କହିଲେ, ହେ ମୋର ପ୍ରଭୁ, ଆପଣଙ୍କୁ ପଦେ କଥା କହିବାକୁ ଆପଣଙ୍କର ଏହି ଦାସକୁ ଦୟାକରି ଅନୁମତି
ଦିଅନ୍ତୁ । ଆପଣ ଫାରୋଙ୍କ ସହିତ ସମାନ ଅଟନ୍ତି, ତଥାପି ଆପଣଙ୍କ ଏହି ଦାସକୁ ରାଗନ୍ତୁ ନାହିଁ । [19]ହେ ମୋର ପ୍ରଭୁ, ଆଗରୁ ଆପଣ ଆପଣଙ୍କର ଏହି

ଦାସମାନଙ୍କୁ ପଚାରିଥିଲେ, ତୁମ୍ଭମାନଙ୍କର ବାପା କିମ୍ବା ଆଉ ଭାଇ ଅଛନ୍ତି କି ? [20]ଆମେ ଆପଣଙ୍କୁ କହିଥିଲୁ ଯେ, ଆମର ବାପା ଅଛନ୍ତି, ମାତ୍ର ସେ ଅତି
ବୁଢ଼ା ହୋଇଛନ୍ତି । ପୁଣି ଆମର ଆଉ ଜଣେ ସାନ ଭାଇ ଅଛି, ଯିଏ ଆମ ବାପାଙ୍କର ବୁଢ଼ା ବୟସରେ ତାଙ୍କଠାରୁ ଜନ୍ମ ହୋଇଅଛି, ପୁଣି ଆମର ସେହି
ଭାଇଙ୍କର ଆଉ ଜଣେ ଭାଇ ମରିଯାଇଛି । ଏଣୁ ଏବେ, ସେ ନିଜ ମାଆର ଏକ ମାତ୍ର ପୁଅ ଅଛି ପୁଣି ଆମର ବାପା ସେହି ଭାଇକୁ ବହୁତ ଭଲ ପାଆନ୍ତି ।
[21]ତାପରେ ଆପଣ ଆପଣଙ୍କର ଏହି ଦାସମାନଙ୍କୁ କହିଲେ, ତୁମ୍ଭମାନଙ୍କର ସେହି ଭାଇକୁ ମୋ ନିକଟକୁ ନେଇଆସ, ଯେପରି ମୁଁ ତାଙ୍କୁ ନିଜ ଆଖିରେ ଦେଖି
ପାରବି । [22]ମାତ୍ର ଆମେ ଆପଣଙ୍କୁ କହିଲୁ, ପ୍ରଭୁ, ସେ ନିଜ ବାପାଙ୍କୁ ଛାଡ଼ି ଆସି ପାରିବ ନାହିଁ । ଯଦି ସେ ଆମ ବାପାଙ୍କୁ ଛାଡ଼ି ଆସିବ, ତେବେ ଆମ ବାପା
ମରିଯିବେ । [23]ମାତ୍ର ଆପଣ ଆମକୁ କହିଲେ, ତୁମ୍ଭେମାନେ ତୁମର ସବୁଠାରୁ ସାନ ଭାଇକୁ ତୁମ୍ଭମାନଙ୍କ ସହିତ ନ ଆଣିଲେ, ମୋର ମୁହଁ ଆଉ ଦେଖିବ ନାହିଁ
। [24]ଯେତେବେଳେ ଆମେ ଆପଣଙ୍କ ଦାସ ଆମ ବାପାଙ୍କ ନିକଟକୁ ଫେରିଗଲୁ, ମୋର ପ୍ରଭୁ, ଆପଣ ଆମକୁ ଯେଉଁ କଥା କହିଥିଲେ ତାହା ଆମେ ତାଙ୍କୁ
କହିଲୁ । [25]କିଛି ଦିନ ପରେ, ଆମ ବାପା କହିଲେ, ତୁମ୍ଭେମାନେ ପୁଣି ଥରେ ମିସର ଦେଶକୁ ଯାଅ ଓ ଆଉ କିଛି ଖାଦ୍ୟ କିଣି ଆଣ । [26]ସେତେବେଳେ ଆମେ
ତାଙ୍କୁ କହିଲୁ, ଆମେ ଯାଇ ପାରିବୁ ନାହିଁ । ଯଦି ଆମ ସହିତ ଆମ ସାନ ଭାଇ ଯିବ, ତେବେ ଆମେ ଯାଇ ପାରିବୁ । କାରଣ ଆମର ସାନ ଭାଇ ଆମ ସହିତ
ନ ଗଲେ ଆମେ ସେହି ବ୍ୟକ୍ତିଙ୍କର ମୁହଁ ଆଉ ଦେଖି ପାରିବୁ ନାହିଁ ।

[27]ଏହାପରେ ଆପଣଙ୍କ ଦାସ ଆମ ବାପା ଆମକୁ କହିଲେ, ତୁମ୍ଭେମାନେ ଜାଣ ଯେ, ମୋ ସ୍ତ୍ରୀ ମୋ ପାଇଁ ଦୁଇଟି ପୁଅ ଜନ୍ମ କରିଥିଲେ । [28]ସେମାନଙ୍କ
ମଧ୍ୟରୁ ଜଣେ ମୋତେ ଛାଡ଼ି ଚାଲିଗଲା, ପୁଣି ମୁଁ କହିଲି, ସେ ନିଶ୍ଚୟ ଖଣ୍ଡ ଖଣ୍ଡ ହୋଇ ବିଦୀର୍ଣ୍ଣ ହୋଇଅଛି, ସେହି ଦିନଠାରୁ ମୁଁ ଆଉ ତାକୁ ଦେଖିଲି ନାହିଁ ।
[29]ଯଦି ଏବେ ତୁମ୍ଭେମାନେ ମୋର ସାନ ପୁଅକୁ ମଧ୍ୟ ମୋଠାରୁ ନେଇଯିବ ଏବଂ ତାହା ପ୍ରତି କିଛି ବିପଦ ଘଟିବ, ତେବେ ତୁମ୍ଭମାନଙ୍କ ଯୋଗୁଁ ମୁଁ ଏହି ବୁଢ଼ା
ବୟସରେ କାନ୍ଦି କାନ୍ଦି ସମାଧିକୁ ଯିବି । [30]ଏହାପରେ ଯିହୁଦା ପୁଣି କହିଲେ, ହେ ପ୍ରଭୁ, ଆମ ବାପାଙ୍କର ଜୀବନ ଆମର ଏହି ଭାଇର ଜୀବନ ସହିତ ବାନ୍ଧି
ହୋଇରହିଛି । ତେଣୁ ଏବେ ମୁଁ ଆପଣଙ୍କ ଦାସ ମୋ ବାପାଙ୍କ ନିକଟକୁ ଯିବା ସମୟରେ, ଏହି ଭାଇ ମୋ ସହିତ ନ ଥିଲେ, [31]ଏହି ଭାଇ ଆମ ସହିତ ନ
ଥିବାର ଦେଖି ସେ ମରିଯିବେ । ଯଦି ଆମ ପାଇଁ ଆମର ବାପା ବୁଢ଼ା ବୟସରେ ମରିଯାଆନ୍ତି, ତେବେ ଆମେ ଆପଣଙ୍କ ଦାସମାନେ ତାଙ୍କୁ ବୁଢ଼ା ବୟସର
ଦୁଃଖରେ ସମାଧିକୁ ପଠାଇବୁ । [32]ଏହି ଭାଇଟିର ସୁରକ୍ଷା ପାଇଁ ମୁଁ ମୋ ବାପାଙ୍କ ପାଖରେ ବନ୍ଧାପଡ଼ିଛି । ମୁଁ ତାଙ୍କୁ କଥା ଦେଇଛି, ମୁଁ ଯଦି ଏହି ଭାଇକୁ ତୁମ
ନିକଟକୁ ଫେରାଇ ନ ଆଣେ, ତେବେ ମୁଁ ମୋର ସାରା ଜୀବନ ତୁମ ଆଗରେ ଦୋଷି ହୋଇ ରହିବି । [33]ତେଣୁ, ମୁଁ ଆପଣଙ୍କୁ ଅନୁରୋଧ କରୁଅଛି, ଏହି
ଭାଇ ବଦଳରେ ଆପଣ ମୋତେ ଆପଣଙ୍କର ଦାସ ହୋଇ ରହିବାକୁ ଅନୁମତି ଦିଅନ୍ତୁ, ମାତ୍ର ଆପଣ ଏହି ଭାଇକୁ ମୋର ଭାଇମାନଙ୍କ ସହିତ ଫେରିଯିବାକୁ
ଛାଡ଼ି ଦିଅନ୍ତୁ । [34]କାରଣ ଏହି ଭାଇକୁ ମୋ ସହିତ ନ ନେଇ ମୁଁ କିପରି ମୋ ବାପାଙ୍କ ନିକଟକୁ ଫେରିଯାଇ ପାରିବି ? କାରଣ ଏହା ଯୋଗୁଁ ମୋ ବାପାଙ୍କ
ପ୍ରତି ଯେଉଁ ଦୁଃଖ ଘଟିବ, ମୁଁ ତାହା ଦେଖି ସହି ପାରିବି ନାହିଁ ।

# 45

## ଯୋଷେଫ ନିଜ ଭାଇମାନଙ୍କୁ ନିଜର ପରିଚୟ ଦେଲେ

[1]ଯିହୁଦାଙ୍କ କଥା ଶୁଣି, ତାଙ୍କ ପାଖରେ ଠିଆ ହୋଇଥିବା ଲୋକମାନଙ୍କ ଆଗରେ ଯୋଷେଫ ଆଉ ସମ୍ଭାଳି ପାରିଲେ ନାହିଁ । ତେଣୁ ସେ ପାଟିକରି ନିଜ
ଦାସମାନଙ୍କୁ କହିଲେ, ସମସ୍ତଙ୍କୁ ଏଠାରୁ ବାହାରକର । ଯୋଷେଫଙ୍କ ଭାଇମାନଙ୍କୁ ଛାଡ଼ି ଅନ୍ୟ ସମସ୍ତେ ବାହାରକୁ ଯିବା ପରେ ଯୋଷେଫ ନିଜ ଭାଇମାନଙ୍କ
ଆଗରେ ନିଜର ପରିଚୟ ଦେଲେ ।

[2]ପୁଣି ଯୋଷେଫ ଏପରି ପାଟିକରି କାନ୍ଦିଲେ ଯେ, ବାହାରେ ଥିବା ମିସର ଦେଶର ଲୋକମାନେ ପୁଣି ଫାରୋଙ୍କ ପରିବାରର ଲୋକମାନେ ମଧ୍ୟ ତାହା
ଶୁଣିଲେ ।

3ପୁଣି ଯୋଷେଫ ନିଜ ଭାଇମାନଙ୍କୁ କହିଲେ, ମୁଁ ହେଉଛି ଯୋଷେଫ ! ମୋ ବାପା କଅଣ ଆଜି ଯାଏଁ ବଞ୍ଚିଛନ୍ତି ? କିନ୍ତୁ ତାଙ୍କ ଭାଇମାନେ ଯୋଷେଫଙ୍କୁ
ସେମାନଙ୍କ ଆଗରେ ଦେଖି ଆଶ୍ଚର୍ଯ୍ୟ ହେବାରୁ ଓ ଭୟ କରିବାରୁ କିଛି କଥା କହି ପାରିଲେ ନାହିଁ ।

4ତେଣୁ ଯୋଷେଫ ନିଜ ଭାଇମାନଙ୍କୁ କହିଲେ, ମୋ ପାଖକୁ ଆସ । ପୁଣି ସେମାନେ ତାଙ୍କ ପାଖକୁ ଗଲେ । ଏହାପରେ ସେ ସେମାନଙ୍କୁ କହିଲେ, ମୁଁ
ହେଉଛି ଯୋଷେଫ, ତୁମ୍ଭମାନଙ୍କର ଭାଇ । ତୁମେ ମୋତେ ଯେଉଁମାନଙ୍କୁ ବିକିଲ, ସେମାନେ ମୋତେ ମିସର ଦେଶକୁ ଆଣି ବିକିଲେ । 5ମୋତେ ବିକିଥିବା
ଯୋଗୁଁ ଏବେ ଦୁଃଖ କର ନାହିଁ କିମ୍ବା ନିଜକୁ ରାଗ ନାହିଁ । ପରମେଶ୍ୱର ହିଁ ଅନେକ ଲୋକଙ୍କର ଜୀବନ ବଞ୍ଚାଇବାକୁ ତୁମ୍ଭମାନଙ୍କ ଆଗେ ଆଗେ ମୋତେ ଏହି
ସ୍ଥାନକୁ ପଠାଇଛନ୍ତି । 6ଏବେ ମରୁଡ଼ି ହୋଇ ମାତ୍ର ଦୁଇ ବର୍ଷ ବିତିଯାଇଛି, ପୁଣି ଆହୁରି ପାଞ୍ଚ ବର୍ଷ ମରୁଡ଼ି ହେବ ଓ ସେହି ସମୟରେ ଦେଶରେ ଚାଷ ହେବ
ନାହିଁ କି ଶସ୍ୟ ଅମଳ ହେବ ନାହିଁ । 7ତୁମ୍ଭମାନଙ୍କୁ ବଞ୍ଚାଇ ରଖିବାକୁ ପରମେଶ୍ୱର ତୁମ୍ଭମାନଙ୍କ ଆଗେ ଆଗେ ମୋତେ ଏହି ସ୍ଥାନକୁ ପଠାଇଛନ୍ତି, ଯେପରି
ତୁମ୍ଭମାନଙ୍କର ବଂଶ ରକ୍ଷା ପାଇବ । 8ତେଣୁ ତୁମ୍ଭେମାନେ ମୋତେ ଏହି ସ୍ଥାନକୁ ପଠାଇଅଛ ସେ କଥା ନୁହେଁ, ମାତ୍ର ପରମେଶ୍ୱର ହିଁ ମୋତେ ଏହି ସ୍ଥାନକୁ
ପଠାଇଛନ୍ତି । ପୁଣି ଫାରୋଙ୍କୁ ତାଙ୍କ ବାପାଙ୍କ ପରି ପରାମର୍ଶ ଦେବାକୁ, ତାଙ୍କ ଘରର ସବୁକଥା ବୁଝିବାକୁ ଓ ସାରା ମିସର ଦେଶକୁ ଶାସନ କରିବାକୁ
ପରମେଶ୍ୱର ମୋତେ ଭାର ଦେଇଛନ୍ତି । 9ଏଣୁ, ଏବେ ତୁମ୍ଭେମାନେ ମୋ ବାପାଙ୍କ ନିକଟକୁ ଶୀଘ୍ର ଫେରିଯାଅ ଓ ତାଙ୍କୁ ଏହିପରି କୁହ, ତୁମ ପୁଅ ଯୋଷେଫ
ଏହି କଥା କହି ପଠାଇଅଛି: ପରମେଶ୍ୱର ମୋତେ ସାରା ମିସର ଦେଶର କର୍ତ୍ତା କରିଛନ୍ତି, ତେଣୁ ତୁମେ ବିଳମ୍ବ ନ କରି ମୋ ନିକଟକୁ ଶୀଘ୍ର ଆସ । 10ତୁମେ
ଗୋଶନ ପ୍ରଦେଶରେ ବାସ କରିବ । ତେଣୁ ତୁମେ ତୁମର ପିଲାମାନଙ୍କୁ, ତୁମର ନାତିନାତୁଣୀ, ତୁମର ସବୁ ଗୋରୁଗାଈ, ତୁମର ପଶୁପଲ ଓ ଯାହା ଯାହା
ତୁମର ଅଛି, ସେସବୁ ନେଇ ଏଠାକୁ ଆସ ଓ ମୋ ପାଖରେ ବାସକର । 11ମୁଁ ତୁମର ଯତ୍ନ ନେବି, କାରଣ ଆହୁରି ପାଞ୍ଚ ବର୍ଷ ଯାଏଁ ମରୁଡ଼ି ହେବ । ତେଣୁ
ତୁମ ପାଇଁ, ତୁମର ପରିବାର ଓ ତୁମର ସବୁ ପଶୁପଲ ପାଇଁ ଖାଦ୍ୟର ଅଭାବ ହେବ ନାହିଁ । 12ଯୋଷେଫ ଆହୁରି ନିଜ ଭାଇମାନଙ୍କୁ କହିଲେ, ଦେଖ, ମୁଁ
ଯୋଷେଫ ନିଜେ ତୁମ୍ଭମାନଙ୍କୁ ଏହା କହୁଅଛି, ତାହା ତୁମ୍ଭେମାନେ ନିଜ ଆଖିରେ ଦେଖୁଅଛ ପୁଣି ମୋର ନିଜ ଭାଇ ବିନ୍ୟାମିନ ମଧ୍ୟ ଦେଖୁଅଛି ।
13ତୁମ୍ଭେମାନେ ମିସର ଦେଶରେ ମୋର ଯେଉଁସବୁ ସମ୍ମାନ ଓ ଯାହା ଯାହା ଦେଖୁଅଛ, ସେହିସବୁ ମୋର ବାପାଙ୍କୁ ନିଶ୍ଚୟ କହିବ । ଏବେ ଅତିଶୀଘ୍ର ଯାଇ
ମୋ ପିତାଙ୍କୁ ଏହି ସ୍ଥାନକୁ ନେଇଆସ ।

14ଏହାପରେ ସେ ନିଜ ଭାଇ ବିନ୍ୟାମିନଙ୍କୁ କୁଣ୍ଢାଇଧରି କାନ୍ଦିଲେ ଓ ବିନ୍ୟାମିନ ମଧ୍ୟ ଯୋଷେଫଙ୍କୁ କୁଣ୍ଢାଇଧରି କାନ୍ଦିଲେ ।

15ପୁଣି ଯୋଷେଫ ନିଜର ସବୁ ଭାଇଙ୍କୁ ଚୁମ୍ବନ କଲେ ଓ ସେମାନଙ୍କୁ ଧରି କାନ୍ଦିଲେ । ଏହାପରେ ସେମାନେ ତାଙ୍କ ସହିତ ଖୋଲା ମନରେ କଥା ହେଲେ
।

## ଫାରୋ ଯାକୁବଙ୍କୁ ମିସର ଦେଶକୁ ଡାକିଲେ

16ଯେତେବେଳେ ଫାରୋଙ୍କ ରାଜପ୍ରାସାଦରେ ଖବର ପହଞ୍ଚିଲା ଯେ, ଯୋଷେଫଙ୍କ ଭାଇମାନେ ଆସିଛନ୍ତି, ତାହା ଶୁଣି ଫାରୋ ଓ ରାଜ ପ୍ରାସାଦର
କର୍ମଚାରୀମାନେ ଖୁସି ହେଲେ ।

17ପୁଣି ଫାରୋ ଯୋଷେଫଙ୍କୁ କହିଲେ, ତୁମର ଭାଇମାନଙ୍କୁ କୁହ, ସେମାନେ ନିଜ ନିଜ ପଶୁଗୁଡ଼ିକ ଉପରେ ଶସ୍ୟ ଲଦି କିଣାନ ଦେଶକୁ ଫେରିଯାଆନ୍ତୁ ।
18ପୁଣି ସେମାନେ ତୁମର ବାପାଙ୍କୁ ଓ ସେମାନଙ୍କ ପରିବାରର ସବୁଲୋକଙ୍କୁ ନେଇ ମୋ ନିକଟକୁ ଆସନ୍ତୁ । ମୁଁ ମିସର ଦେଶର ସବୁଠାରୁ ଭଲ ଭୂମି
ସେମାନଙ୍କୁ ଦେବି ଓ ସେମାନେ ଦେଶର ସବୁଠାରୁ ଭଲ ଭୂମିର ଫସଲ ଭୋଗ କରିବେ । 19ଫାରୋ ଯୋଷେଫଙ୍କୁ କହିଲେ, ତୁମର ଭାଇମାନଙ୍କୁ କୁହ,
ସେମାନେ ମିସର ଦେଶରୁ ଘୋଡ଼ାଗାଡ଼ିଗୁଡ଼ିକ ନେଇଯାଆନ୍ତୁ ଓ ସେଥିରେ ସେମାନଙ୍କର ପିଲାମାନଙ୍କୁ, ସ୍ତ୍ରୀମାନଙ୍କୁ ଓ ତୁମର ବାପାଙ୍କୁ ନେଇ ଆସନ୍ତୁ ।
20ସେମାନେ ସେମାନଙ୍କର ଜିନିଷପତ୍ର ବିଷୟରେ କୌଣସି ଚିନ୍ତା ନ କରନ୍ତୁ, କାରଣ ସାରା ମିସର ଦେଶର ସବୁଠାରୁ ଉତ୍ତମ ବିଷୟ ସେମାନଙ୍କର ହେବ ।

21ଯୋଷେଫ ସେସବୁ କଥା ତାଙ୍କ ଭାଇମାନଙ୍କୁ କହିଲେ ଓ ସେମାନେ ସେପରି କଲେ । ଫାରୋଙ୍କ ଆଜ୍ଞା ଅନୁସାରେ ଯୋଷେଫ ନିଜର ଭାଇମାନଙ୍କୁ
ଘୋଡ଼ାଗାଡ଼ିଗୁଡ଼ିକ ଦେଲେ, ପୁଣି ରାସ୍ତାରେ ଖାଇବା ନିମନ୍ତେ ସେମାନଙ୍କୁ ଖାଦ୍ୟ ଦେଲେ ।

22ଆଉ ଯୋଷେଫ ନିଜର ଭାଇମାନଙ୍କୁ ପ୍ରତି ଜଣଙ୍କୁ ଏକ ଏକ ହଳ ନୂଆ ଲୁଗା ଦେଲେ, ମାତ୍ର ସେ ବିନ୍ୟାମିନଙ୍କୁ ତିନି ଶହ ରୂପା ଟଙ୍କା ଓ ପାଞ୍ଚ ହଳ ନୂଆ
ପୋଷାକ ଦେଲେ ।

23ଆହୁରି ସେ ନିଜ ବାପାଙ୍କ ପାଇଁ ଏହିସବୁ ଜିନିଷ ପଠାଇଲେ: ମିସର ଦେଶରେ ମିଳୁଥିବା ଭଲ ଭଲ ଜିନିଷ ଦଶଟି ଗଧରେ ଏବଂ ଗହମ, ରୋଟୀ ଓ
ତାଙ୍କ ବାପା ମିସରକୁ ଆସିବା ସମୟରେ ରାସ୍ତାରେ ଖାଇବା ନିମନ୍ତେ ଖାଦ୍ୟ ଦଶଟି ମାଈ ଗଧରେ ପଠାଇଲେ । 24ଏହାପରେ ସେ ନିଜ ଭାଇମାନଙ୍କୁ କିଣାନ
ଦେଶକୁ ପଠାଇଲେ ଓ ସେମାନେ ଯିବା ସମୟରେ କହିଲେ, ତୁମ୍ଭେମାନେ ରାସ୍ତାରେ ନିଜ ନିଜ ମଧ୍ୟରେ ଝଗଡ଼ା କର ନାହିଁ ।

25ସେମାନେ ମିସର ଦେଶରୁ ବାହାରିଲେ ଓ କିଣାନ ଦେଶରେ ଥିବା ସେମାନଙ୍କ ବାପା ଯାକୁବଙ୍କ ନିକଟକୁ ଆସିଲେ ।

26ସେମାନେ ତାଙ୍କ ବାପାଙ୍କୁ କହିଲେ, ଯୋଷେଫ ଆଜି ଯାଏଁ ବଞ୍ଚିଛି, ପୁଣି ଏବେ ସେ ସାରା ମିସର ଦେଶର ଶାସନକର୍ତ୍ତା ହୋଇଅଛି । ଯାକୁବ ଏହି କଥା
ଶୁଣି ମୂର୍ଚ୍ଛା ହେବା ପରି ହେଲେ, କାରଣ ସେ ସେମାନଙ୍କ କଥାକୁ ବିଶ୍ୱାସ କରି ପାରିଲେ ନାହିଁ ।

27ମାତ୍ର ଯେତେବେଳେ ସେମାନେ ଯୋଷେଫ କହିଥିବା ସବୁକଥା ଯାକୁବଙ୍କୁ କହିଲେ, ପୁଣି ଯୋଷେଫ ନିଜ ବାପାଙ୍କୁ ନେବା ପାଇଁ ପଠାଇଥିବା
ଘୋଡ଼ାଗାଡ଼ିଗୁଡ଼ିକ ଦେଖିଲେ, ତାପରେ ତାଙ୍କର ପ୍ରାଣ ସତେଜ ହେଲା ।

28ଏହାପରେ ଯାକୁବ କହିଲେ, ମୋ ପୁଅ ଯୋଷେଫ ଏ ଯାଏଁ ବଞ୍ଚିଛି ତାହା ମୋ ପାଇଁ ଯଥେଷ୍ଟ ! ମୁଁ ନିଶ୍ଚୟ ତାହା ପାଖକୁ ଯିବି ଓ ମୁଁ ମରିବା ଆଗରୁ
ତାକୁ ଦେଖିବି ।

# 46

## ଯାକୁବ ନିଜ ପରିବାର ସହ ମିସର ଦେଶକୁ ଗଲେ

1ଯାକୁବ[p] ନିଜର ଯାହା ଧନସମ୍ପତ୍ତି ଥିଲା, ତାହା ନେଇ ମିସର ଦେଶକୁ ଯିବାକୁ ବାହାରି ବେରଶେବା ନାମକ ସ୍ଥାନରେ ପହଞ୍ଚିଲେ । ସେଠାରେ ସେ ନିଜର
ବାପା ଇସ୍ହାକଙ୍କ ପରମେଶ୍ୱରଙ୍କ ନିକଟରେ ବଳି ଉତ୍ସର୍ଗ କଲେ ।

2ପୁଣି ପରମେଶ୍ୱର ରାତିରେ ଦର୍ଶନ ଦେଇ ଯାକୁବଙ୍କୁ ଡାକିଲେ, ହେ ଯାକୁବ, ହେ ଯାକୁବ ! ଯାକୁବ ଉତ୍ତର ଦେଲେ, ହେ ପ୍ରଭୁ, କୁହନ୍ତୁ, ମୁଁ ଶୁଣୁଅଛି ।

3ଏହାପରେ ପରମେଶ୍ୱର କହିଲେ, ଆମ୍ଭେ ପରମେଶ୍ୱର ଅଟୁ, ତୁମ ବାପାଙ୍କର ପରମେଶ୍ୱର । ତୁମେ ମିସର ଦେଶକୁ ଯିବା ପାଇଁ ଭୟ କର ନାହିଁ, କାରଣ
ଆମ୍ଭେ ସେଠାରେ ତୁମକୁ ଏକ ମହାନ ଦେଶ କରିବା । 4ଆମ୍ଭେ ନିଜେ ତୁମ ସହିତ ମିସର ଦେଶକୁ ଯିବା, ପୁଣି ଆମ୍ଭେ ତୁମକୁ ପୁଣି ଥରେ କିଣାନ ଦେଶକୁ
ଫେରାଇ ଆଣିବା, ପୁଣି ତୁମେ ଯୋଷେଫ ନିକଟରେ ଥାଇ ମୃତ୍ୟୁବରଣ କରିବ ।

5ଏହାପରେ ଯାକୁବ ବେରଶେବା ନାମକ ସ୍ଥାନରୁ ବାହାରିଲେ; ପୁଣି ଯାକୁବଙ୍କ ପୁଅମାନେ ନିଜ ବାପା ଯାକୁବଙ୍କୁ, ସେମାନଙ୍କର ପିଲାମାନଙ୍କୁ ଓ
ସେମାନଙ୍କର ସ୍ତ୍ରୀମାନଙ୍କୁ ଫାରୋ ପଠାଇଥିବା ଘୋଡ଼ାଗାଡ଼ିଗୁଡ଼ିକରେ ବସାଇ ମିସର ଦେଶକୁ ନେଇଗଲେ ।

6ସେମାନେ ଯାକୁବ ଓ ତାଙ୍କ ପରିବାରର ଲୋକମାନଙ୍କୁ, ସେମାନେ କିଣାନ ଦେଶରେ ଲାଭ କରିଥିବା ସବୁ ପଶୁପଲ ଓ ଧନସମ୍ପତ୍ତି ନିଜ ସହିତ ନେଇ
ମିସର ଦେଶକୁ ଗଲେ ।

7ଯାକୁବଙ୍କର ସବୁ ପୁଅ ଓ ନାତି, ଝିଅ ଓ ନାତୁଣୀମାନଙ୍କୁ ଓ ନିଜ ଗୃହର ସବୁଲୋକଙ୍କୁ ନେଇ ମିସର ଦେଶକୁ ଗଲେ । ଏହିପରି ଯାକୁବ ନିଜର ସବୁ

---

[p]**46.1** ଇସ୍ରାଏଲ

ବଂଶଧରଙ୍କୁ ନେଇ ମିସରକୁ ଗଲେ ।

8ଯାକୁବ ଓ ତାଙ୍କର ଯେଉଁ ପୁଅମାନେ ମିସର ଦେଶକୁ ଗଲେ, ସେମାନଙ୍କର ନାମ ହେଲା: ଯାକୁବଙ୍କର ବଡ଼ ପୁଅ ରୁବେନ, 9ରୁବେନଙ୍କର ପୁଅମାନେ
ହେଲେ: ହାନୋକ, ପାଲ୍ଲୁ, ହିସ୍ରୋଣ ଓ କର୍ମି ।

10ଶିମିୟୋନଙ୍କ ପୁଅମାନେ ହେଲେ: ଯିମୂଏଲ, ଯାମୀନ, ଓହଦ୍, ଯକିନ, ସୋହର ଓ ଶୌଲ୍ୟ । ଏହି ଶୌଲ୍ୟଙ୍କର ମାଆ କିଣାନ ଦେଶର ଥିଲେ ।

11ଲେବୀଙ୍କର ପୁଅମାନେ ହେଲେ: ଗେର୍ଶୋନ୍, କହାତ୍ ଓ ମରାରି ।

12ଯିହୁଦାଙ୍କ ପୁଅମାନେ ହେଲେ: ଏର୍, ଓନନ୍, ଶେଲା, ପେରସ୍ ଓ ସେରହ । (ଏର୍ ଓ ଓନନ୍ କିଣାନ ଦେଶରେ ମରିଥିଲେ) । ପେରସଙ୍କର ପୁଅମାନେ
ହେଲେ: ହିସ୍ରୋଣ ଓ ହାମୁଲ ।

13ଇଷାଖରଙ୍କ ପୁଅମାନେ ହେଲେ: ତଲୟ, ପୁବ୍‌ହା, ୟୋବ ଓ ଶିମ୍ରୋନ ।

14ସବଲୁନଙ୍କ ପୁଅମାନେ ହେଲେ: ସେରଦ, ଏଲୋନ୍ ଓ ଯହଲିଲ ।

15ଏମାନେ ହେଉଛନ୍ତି ଯାକୁବ ଓ ଲେୟାଙ୍କଠାରୁ ପଦ୍ଦନ ଅରାମରେ ଜନ୍ମ ହୋଇଥିବା ପୁଅମାନଙ୍କର ବଂଶଧର । ଏମାନଙ୍କ ସହିତ ଜଣେ ଝିଅ, ଦୀଣା ମଧ୍ୟ
ସେଠାରେ ଜନ୍ମ ହୋଇଥିଲେ । ଲେୟାଙ୍କଠାରୁ ଜନ୍ମ ହୋଇଥିବା ଯାକୁବଙ୍କର ବଂଶଧରମାନେ, ପୁଅଝିଅ ସମସ୍ତେ ମିଶି ତେତିଶି ଜଣ ।

16ଗାଦ୍‌ଙ୍କ ପୁଅମାନେ ହେଲେ: ଶିଫୋନ, ହାଗି, ଶୂନି, ଇଷୋବନ, ଏରି, ଅରୋଦି ଓ ଅରେଲି । 17ଆଶେରଙ୍କ ପୁଅମାନେ ହେଲେ: ଇମ୍‌ନାହ, ଇଶ୍‌ବାହ,
ଇଶ୍‌ଭି ଓ ବିରିଅ । ସେମାନଙ୍କର ଭଉଣୀଙ୍କ ନାମ ସେରହ । ବରିହଙ୍କ ପୁଅମାନେ ହେଲେ: ହେବର ଓ ମଲ୍‌କୀଏଲ ।

18ଲାବନ ନିଜ ଝିଅ, ଲେୟାଙ୍କୁ ଦେଇଥିବା ଦାସୀ, ଶିଳ୍ପା ଜନ୍ମ କରିଥିବା ଯାକୁବଙ୍କ ପୁଅମାନଙ୍କର ପିଲାମାନେ ଷୋହଳ ଜଣ ।

19ଯାକୁବ ଓ ତାଙ୍କ ସ୍ତ୍ରୀ ରାହେଲଙ୍କଠାରୁ ଜନ୍ମ ହୋଇଥିବା ପୁଅମାନେ ହେଲେ: ଯୋଷେଫ ଓ ବିନ୍ୟାମିନ ।

20ମିସର ଦେଶରେ ଯୋଷେଫ ଓ ତାଙ୍କ ସ୍ତ୍ରୀ ଆସନତଙ୍କଠାରୁ ଜନ୍ମ ହୋଇଥିବା ପୁଅମାନେ ହେଲେ: ମନଃଶି ଓ ଇଫ୍ରିୟମ । ଏହି ଆସନତ, ଓନ୍ ନଗରର
ପୂଜାରୀ ପୋଟିଫେରାଙ୍କ ଝିଅ ଥିଲେ ।

21ବିନ୍ୟାମିନଙ୍କ ପୁଅମାନେ ହେଲେ: ବେଲା, ବେଖର, ଅସ୍ବେଲ, ଗେରା, ନାମନ, ଏହୀ, ରୋଶ, ମୁପ୍‌ପିମ, ହୁପ୍‌ପିମ ଓ ଅର୍ଦ୍ଦ ।

22ଏ ସମସ୍ତେ ହେଲେ ରାହେଲ ଓ ଯାକୁବଙ୍କଠାରୁ ଜନ୍ମ ହୋଇଥିବା ପୁଅମାନେ । ଯାକୁବଙ୍କର ଏହି ବଂଶଧରମାନେ ଚଉଦ ଜଣ । 23ଦାନଙ୍କ ପୁଅଙ୍କ ନାମ
ହୁଶିମ ।

24ନପ୍ତାଲିଙ୍କ ପୁଅମାନେ ହେଲେ: ଯହସିୟେଲ, ଗୁନି, ଯେଜର ଓ ଶିଲେମ ।

25ଲାବନ ନିଜ ଝିଅ ରାହେଲଙ୍କୁ ଦେଇଥିବା ଦାସୀ ବିଲ୍‌ହା ଓ ଯାକୁବଙ୍କଠାରୁ ଜନ୍ମ ହୋଇଥିବା ପୁଅମାନଙ୍କର ପିଲାମାନେ ସାତ ଜଣ ।

26ଯାକୁବଙ୍କ ଯେଉଁ ବଂଶଧରମାନେ ତାଙ୍କ ସହିତ ମିସର ଦେଶକୁ ଗଲେ, ସେମାନଙ୍କର ସ୍ତ୍ରୀମାନଙ୍କୁ ନ ମିଶାଇ, କେବଳ ପୁରୁଷମାନଙ୍କ ସଂଖ୍ୟା ଛଅଷଠି
ଥିଲା । 27ଏମାନଙ୍କ ସହିତ ଯୋଷେଫଙ୍କର ଦୁଇ ପୁଅ ମିସର ଦେଶରେ ଜନ୍ମ ହୋଇଥିଲେ । ଏହି ଦୁଇ ଜଣଙ୍କୁ ମିଶାଇ ଯାକୁବଙ୍କର ସମୁଦାୟ ସତୁରି ଜଣ
ବଂଶଧର ମିସର ଦେଶରେ ରହିଲେ ।

## ଯାକୁବଙ୍କ ପରିବାର ମିସର ଦେଶରେ ପହଞ୍ଚିଲେ

28ଯାକୁବ ନିଜ ପରିବାର ସହିତ ମିସର ଦେଶରେ ପହଞ୍ଚିଲେ । ଏହାପରେ ସେ ଯିହୁଦାଙ୍କୁ ତାଙ୍କ ଆଗେ ଆଗେ ଯୋଷେଫଙ୍କ ନିକଟକୁ ପଠାଇଲେ,
ଯେପରି ଯୋଷେଫ ସେମାନଙ୍କୁ ଗୋଶନ ଅଞ୍ଚଳକୁ ଯିବାର ପଥ ଦେଖାଇବେ । ଏହାପରେ ସେମାନେ ଗୋଶନ ପ୍ରଦେଶକୁ ଗଲେ । 29ଏହାପରେ

ଯୋଷେଫ ନିଜର ରଥ ସଜାଇଲେ ଏବଂ ନିଜ ବାପା ଯାକୁବଙ୍କୁ ଭେଟିବା ପାଇଁ ଗୋଶନ ପ୍ରଦେଶକୁ ଗଲେ । ଯୋଷେଫ ସେଠାରେ ପହଞ୍ଚି, ତାଙ୍କ ବାପାଙ୍କୁ
କୁଣ୍ଢାଇଧରି ବହୁତ ସମୟ ଯାଏଁ କାନ୍ଦିଲେ । [30]ଯାକୁବ ଯୋଷେଫଙ୍କୁ କହିଲେ, ଏବେ ମୋର ମୃତ୍ୟୁ ହେଲେ ମଧ୍ୟ ମୋର କିଛି ଦୁଃଖ ନାହିଁ । କାରଣ ମୁଁ ତୁମକୁ
ଆଉ ଥରେ ଦେଖିଲି ଏବଂ ଜାଣିଲି ଯେ ତୁମେ ଏ ଯାଏଁ ବଞ୍ଚିଅଛ ।

[31]ପୁଣି, ଯୋଷେଫ ନିଜ ଭାଇମାନଙ୍କୁ ଓ ନିଜ ବାପାଙ୍କ ପରିବାରର ସବୁଲୋକଙ୍କୁ କହିଲେ, ମୁଁ ଫାରୋଙ୍କ ନିକଟକୁ ଯିବି ଏବଂ ତାଙ୍କୁ କହିବି, କିଣାନ
ଦେଶରୁ ମୋର ଭାଇମାନେ ଏବଂ ମୋ ବାପାଙ୍କର ପରିବାରର ସବୁଲୋକ ମୋ ନିକଟକୁ ଆସିଛନ୍ତି । [32]ସେମାନେ ସମସ୍ତେ ପଶୁପାଳକ ହୋଇଥିବାରୁ
ପଶୁପାଳନ କରନ୍ତି । ସେମାନେ ନିଜ ସହିତ ଗୋରୁପଲ, ମେଣ୍ଢାପଲ ଓ ସେମାନଙ୍କର ଯାହାସବୁ ଥିଲା ସେସବୁ ନେଇ ଆସିଛନ୍ତି ।

[33]ଏହାପରେ ଯୋଷେଫ ନିଜର ବାପା ଓ ଭାଇମାନଙ୍କୁ କହିଲେ, ଯଦି ଫାରୋ ତୁମ୍ଭମାନଙ୍କୁ ଡାକି ପଚାରନ୍ତି, ତୁମ୍ଭମାନଙ୍କର ଜୀବିକା[a] କଅଣ ? [34]ତେବେ,
ତୁମ୍ଭେମାନେ ତାଙ୍କୁ କହିବ, ଆମ୍ଭେମାନେ, ଆପଣଙ୍କର ଦାସମାନେ, ଆମ୍ଭମାନଙ୍କର ପିତୃପୁରୁଷମାନଙ୍କ ପରି ପଶୁପାଳକ ଅଟୁ । ତୁମ୍ଭେମାନେ ତାଙ୍କୁ ଏହି କଥା
କହିଲେ, ସେ ତୁମ୍ଭମାନଙ୍କୁ ଏହି ଗୋଶନ ପ୍ରଦେଶ ବାସ କରିବାକୁ ଦେବେ, କାରଣ ପଶୁପାଳକମାନଙ୍କୁ ମିସର ଦେଶର ଲୋକମାନେ ଘୃଣା କରନ୍ତି ।

# 47

## ଯାକୁବ ଫାରୋଙ୍କୁ ଆଶୀର୍ବାଦ କଲେ

[1]ଯୋଷେଫ ଫାରୋଙ୍କ ନିକଟକୁ ଗଲେ ଏବଂ କହିଲେ, ମୋର ବାପା ଏବଂ ଭାଇମାନେ କିଣାନ ଦେଶରୁ ଆସିଛନ୍ତି । ସେମାନେ ନିଜର ସବୁ ଗାଈଗୋରୁ,
ମେଣ୍ଢା ଓ ସେମାନଙ୍କର ଯାହା ଧନସମ୍ପତ୍ତି ଥିଲା, ସେସବୁ ନେଇ ଆସିଛନ୍ତି । ଏବେ ସେମାନେ ଗୋଶନ ପ୍ରଦେଶରେ ଅଛନ୍ତି ।

[2]ପୁଣି ଯୋଷେଫ ନିଜ ଭାଇମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କୁ ନେଇ ଫାରୋଙ୍କ ନିକଟକୁ ଗଲେ ।

[3]ଫାରୋ ଯୋଷେଫଙ୍କ ଭାଇମାନଙ୍କୁ ପଚାରିଲେ, ତୁମ୍ଭମାନଙ୍କର ଜୀବିକା କଅଣ ? ସେମାନେ ଉତ୍ତର ଦେଲେ, ଆମ୍ଭେମାନେ, ଆପଣଙ୍କ ଦାସମାନେ,
ଆମ୍ଭମାନଙ୍କ ପିତୃପୁରୁଷମାନଙ୍କ ପରି ପଶୁପାଳନ କରୁ ।

[4]ସେମାନେ ଫାରୋଙ୍କୁ କହିଲେ, ଆମ୍ଭେମାନେ ଆପଣଙ୍କ ଦେଶରେ କିଛି କାଳ ବାସ କରିବାକୁ ଆସିଅଛୁ, କାରଣ କିଣାନ ଦେଶରେ ବହୁତ ମରୁଡ଼ି
ହୋଇଅଛି ଓ ସେଠାରେ ଆମ୍ଭମାନଙ୍କର ପଶୁପଲ ଚରିବା ପାଇଁ ଘାସ ମଧ୍ୟ ମିଳୁ ନାହିଁ । ତେଣୁ ଆପଣ ଦୟାକରି ଆମ୍ଭମାନଙ୍କୁ ଗୋଶନ ପ୍ରଦେଶରେ ବାସ
କରିବାକୁ ଅନୁମତି ଦିଅନ୍ତୁ ।

[5]ଫାରୋ ଯୋଷେଫଙ୍କୁ କହିଲେ, ତୁମର ବାପା ଓ ଭାଇମାନେ ତୁମ୍ଭ ନିକଟକୁ ଆସିଛନ୍ତି, [6]ମିସର ଦେଶ ତୁମ ଆଗରେ ଅଛି । ତୁମେ ତୁମର ବାପା ଓ
ଭାଇମାନଙ୍କୁ ସବୁଠାରୁ ଭଲ ଜାଗାରେ ବାସ କରାଅ । ସେମାନେ ଗୋଶନ ପ୍ରଦେଶରେ ବାସ କରନ୍ତୁ । ପୁଣି ଯଦି ତୁମେ ସେମାନଙ୍କ ମଧ୍ୟରୁ ଦକ୍ଷ
ପଶୁପାଳକମାନଙ୍କୁ ଜାଣ, ତେବେ ସେମାନଙ୍କୁ ଆମ୍ଭର ପଶୁପଲର ଭାର ଦିଅ ।

[7]ଏହାପରେ ଯୋଷେଫ ନିଜ ବାପା ଯାକୁବଙ୍କୁ ଫାରୋଙ୍କ ନିକଟକୁ ନେଇଗଲେ ଓ ଯାକୁବ ଫାରୋଙ୍କୁ ଆଶୀର୍ବାଦ କଲେ ।

[8]ଫାରୋ ଯାକୁବଙ୍କୁ ପଚାରିଲେ, ଆପଣଙ୍କର ବୟସ କେତେ ?

[9]ଯାକୁବ ଉତ୍ତର ଦେଲେ, ମୋର ବୟସ ଏକ ଶହ ତିରିଶ ବର୍ଷ । ମୋର ପିତୃପୁରୁଷମାନଙ୍କର ଜୀବନକାଳ ଅଧିକ ଥିଲା, କିନ୍ତୁ ସେମାନଙ୍କ ତୁଳନାରେ
ମୋର ଜୀବନକାଳ କମ୍ ଓ ଦୁଃଖରେ ପୂର୍ଣ୍ଣ ।

[10]ଏହାପରେ ଯାକୁବ ପୁଣି ଥରେ ଫାରୋଙ୍କୁ ଆଶୀର୍ବାଦ କଲେ ଓ ତାଙ୍କ ନିକଟରୁ ବାହାରି ଆସିଲେ ।

---

[a]**46.33** ଯେଉଁ କାମ କରି ଜଣେ ବଞ୍ଚେ

[11]ତେଣୁ ଫାରୋଙ୍କ ଆଜ୍ଞା ଅନୁସାରେ, ଯୋଷେଫ, ନିଜ ବାପା ଓ ଭାଇମାନଙ୍କୁ ମିସର ଦେଶର ଗୋଶନ ପ୍ରଦେଶର ସବୁଠାରୁ ଭଲ ରାମିଷେଷ୍ ଅଞ୍ଚଳରେ ବାସ କରିବାକୁ ଦେଲେ ।

[12]ଯୋଷେଫ ତାଙ୍କ ବାପାଙ୍କୁ, ତାଙ୍କ ଭାଇମାନଙ୍କୁ ଓ ତାଙ୍କ ବାପାଙ୍କର ସବୁ ପରିବାର ଏବଂ ପିଲାମାନଙ୍କର ସଂଖ୍ୟା ଅନୁସାରେ ସେମାନଙ୍କୁ ଖାଦ୍ୟ ଯୋଗାଇଲେ ।

[13]ସେହି ସମୟରେ ମରୁଡ଼ି ଅତି ପ୍ରବଳ ହେବାରୁ, ସମଗ୍ର ଦେଶରେ ଖାଦ୍ୟ ସରିଗଲା । ତେଣୁ କିଣାନ ଦେଶ ଓ ମିସର ଦେଶର ସମସ୍ତ ଲୋକ ମରୁଡ଼ି ଯୋଗୁଁ ଖାଇବାକୁ ପାଇଲେ ନାହିଁ ।

[14]ଯୋଷେଫ ଲୋକମାନଙ୍କୁ ଶସ୍ୟ ବିକି କିଣାନ ଦେଶ ଓ ମିସର ଦେଶର ସବୁ ଟଙ୍କା ସଂଗ୍ରହ କଲେ । ପୁଣି ସେ ସେହି ସମସ୍ତ ଟଙ୍କା ଫାରୋଙ୍କ ରାଜକୋଷକୁ ଆଣିଲେ ।

[15]ଯେତେବେଳେ କିଣାନ ଦେଶ ଓ ମିସର ଦେଶର ଲୋକମାନଙ୍କର ସବୁ ଟଙ୍କା ସରିଗଲା, ମିସର ଦେଶର ଲୋକମାନେ ଯୋଷେଫଙ୍କ ନିକଟକୁ ଯାଇ କହିଲେ, ଆମ୍ଭମାନଙ୍କୁ ଖାଦ୍ୟ ଦିଅନ୍ତୁ । ଆମ୍ଭେମାନେ କାହିଁକି ଆପଣଙ୍କ ଆଖି ଆଗରେ ମରିବୁ ? କାରଣ ଆମ୍ଭମାନଙ୍କର ସବୁ ଟଙ୍କା ସରିଯାଇଛି ।

[16]ଯୋଷେଫ ସେମାନଙ୍କୁ କହିଲେ, ଯଦି, ତୁମ୍ଭମାନଙ୍କର ଟଙ୍କା ସରିଯାଇଛି, ତେବେ ତୁମ୍ଭମାନଙ୍କର ପଶୁଧନ ଦିଅ, ମୁଁ ସେଗୁଡ଼ିକ ବଦଳରେ ତୁମ୍ଭମାନଙ୍କୁ ଖାଦ୍ୟ ଦେବି ।

[17]ତେଣୁ ସେମାନେ ସେମାନଙ୍କ ପଶୁଧନ ଯୋଷେଫଙ୍କ ନିକଟକୁ ଆଣିଲେ । ପୁଣି, ଯୋଷେଫ ଘୋଡ଼ା, ଛେଳିମେଣ୍ଢା, ଗୋରୁଗାଈ ଓ ଗଧ ବଦଳରେ ସେମାନଙ୍କୁ ସେହି ବର୍ଷ ଖାଦ୍ୟ ଦେଲେ ।

[18]ସେହି ବର୍ଷ ଶେଷ ହେବା ପରେ, ତାହାର ପର ବର୍ଷ ସେମାନେ ପୁଣି ଯୋଷେଫଙ୍କ ନିକଟକୁ ଆସି କହିଲେ, ହେ ପ୍ରଭୁ, ଆମ୍ଭମାନଙ୍କର ସବୁ ଟଙ୍କା ସରିଯାଇଛି ଏବଂ ଆମ୍ଭମାନଙ୍କର ପଶୁଧନ ମଧ୍ୟ ଆପଣଙ୍କୁ ଦେଇସାରିଛୁ, ଏହି କଥା ଆମ୍ଭେମାନେ ଆପଣଙ୍କଠାରୁ ଲୁଚାଇବାକୁ ଚାହୁଁ ନାହୁଁ । ଏବେ କେବଳ ଆମ୍ଭେମାନେ ଅଛୁ ଓ ଆମ୍ଭମାନଙ୍କ ଜମି ଅଛି । ତାହା ଛଡ଼ା ଆପଣଙ୍କୁ ଦେବା ପାଇଁ ଅନ୍ୟ କିଛି ଆମ୍ଭମାନଙ୍କ ପାଖରେ ଆଉ ନାହିଁ ।

[19]ଆମ୍ଭମାନଙ୍କର ଭୂମି ଚାଷ ନ ହୋଇ କାହିଁକି ପଡ଼ି ରହିବ ଓ ଆମ୍ଭେମାନେ କାହିଁକି ଆପଣଙ୍କ ଆଖି ଆଗରେ ମରିବୁ ? ଆପଣ ଆମ୍ଭମାନଙ୍କୁ ଓ ଆମ୍ଭମାନଙ୍କ ଜମି କିଣି ତା ବଦଳରେ ଖାଦ୍ୟ ଦିଅନ୍ତୁ । ଆମ୍ଭେମାନେ ଫାରୋଙ୍କର ଦାସ ହେବୁ ଓ ଆମ୍ଭମାନଙ୍କର ଜମି ଫାରୋଙ୍କର ହେବ । ଆପଣ ଆମ୍ଭମାନଙ୍କୁ ବିହନ ଦିଅନ୍ତୁ, ଯେପରି ଆମ୍ଭେମାନେ ନ ମରି ବଞ୍ଚିବୁ । ପୁଣି, ଏହା ଦ୍ୱାରା ଏହି ଦେଶ ଲୋକଶୂନ୍ୟ ହେବ ନାହିଁ ।

[20]ତେଣୁ, ଯୋଷେଫ ମିସର ଦେଶର ସବୁ ଜମି ଫାରୋଙ୍କ ପାଇଁ କିଣିଲେ । ମିସର ଦେଶର ସବୁଲୋକ ନିଜ ନିଜର ଜମି ବିକିଲେ, କାରଣ ମରୁଡ଼ି ସେମାନଙ୍କ ପ୍ରତି ଭୟଙ୍କର ଥିଲା । ଏହିପରି ସବୁ ଜମି ଫାରୋଙ୍କର ହେଲା ।

[21]ତେଣୁ ଯୋଷେଫ ମିସର ଦେଶର ଗୋଟିଏ ସୀମାଠାରୁ ଆଉ ଗୋଟିଏ ସୀମା ଯାଏଁ, ସବୁଲୋକଙ୍କୁ ଫାରୋଙ୍କର ଦାସ କଲେ ।

[22]ମାତ୍ର ସେ ପୂଜାରୀମାନଙ୍କର ଜମି କିଣିଲେ ନାହିଁ, କାରଣ ସେମାନଙ୍କ ପାଇଁ ସ୍ଥିର କରାଯାଇଥିବା ଖାଦ୍ୟ ଭତ୍ତା ଫାରୋ ଯୋଗାଇଲେ । ତେଣୁ ସେମାନେ ଜମି ବିକିଲେ ନାହିଁ ।

[23]ଏହାପରେ ଯୋଷେଫ ଲୋକମାନଙ୍କୁ କହିଲେ, ଦେଖ, ଆଜି ଦିନ ମୁଁ ତୁମ୍ଭମାନଙ୍କୁ ଓ ତୁମ୍ଭମାନଙ୍କର ଜମି ଫାରୋଙ୍କ ପାଇଁ କିଣିଲି । ମୁଁ ତୁମ୍ଭମାନଙ୍କୁ ବିହନ ଦେବି ଆଉ ତୁମ୍ଭେମାନେ ତାହା ଜମିରେ ବୁଣିବ ।

[24]ପୁଣି ଯାହା ଶସ୍ୟ ଅମଳ ହେବ, ତାହାର ପାଞ୍ଚ ଭାଗରୁ ଏକ ଭାଗ ଫାରୋଙ୍କୁ ଦେବ, ଯେଉଁ ଚାରିଭାଗ ରହିବ ତାହା ତୁମର ହେବ । ସେଥିରୁ ତୁମ୍ଭେମାନେ କ୍ଷେତରେ ବୁଣିବ ପୁଣି ତୁମ୍ଭମାନଙ୍କ ସହିତ ତୁମ୍ଭମାନଙ୍କ ପରିବାର ଓ ତୁମ୍ଭମାନଙ୍କ ପିଲାମାନେ ଖାଇବେ ।

[25]ସେମାନେ କହିଲେ, ହେ ପ୍ରଭୁ, ଆପଣ ଆମ୍ଭମାନଙ୍କର ଜୀବନ ରକ୍ଷାକଲେ; ତେଣୁ ଯଦି ଆପଣ ଆମ୍ଭମାନଙ୍କୁ ଅନୁଗ୍ରହ କରିବେ ତେବେ, ଆମ୍ଭେମାନେ ଫାରୋଙ୍କର ଦାସଦାସୀ ହୋଇ ରହିବୁ ।

26ତେଣୁ ଯୋଷେଫ ମିସର ଦେଶରେ ଜମି ବିଷୟରେ ଏକ ନିୟମ ସ୍ଥିର କଲେ । ତାହା ହେଲା ସବୁ ଅମଳର ପାଞ୍ଚ ଭାଗରୁ ଏକ ଭାଗ ଫାରୋଙ୍କର ହେବ
। ଏହି ନିୟମ ଏବେ ଯାଏଁ ମିସର ଦେଶରେ ଅଛି । ମାତ୍ର ପୂଜାରୀମାନଙ୍କର ଜମି ଫାରୋଙ୍କର ହେଲା ନାହିଁ ।

27ଇସ୍ରାଏଲ ଲୋକମାନେ ମିସର ଦେଶର ଗୋଶନ ପ୍ରଦେଶରେ ବାସକଲେ । ସେମାନେ ସେଠାରେ ବହୁ ଧନସମ୍ପତ୍ତି ଲାଭ କଲେ ପୁଣି ଫଳବନ୍ତ ହେଲେ
ଓ ବହୁ ସଂଖ୍ୟାରେ ବୃଦ୍ଧିପାଇଲେ ।

28ଯାକୁବ ମିସର ଦେଶରେ ସତର ବର୍ଷ ବାସକଲେ । ସେ ସମୁଦାୟ ୧୪୭ ବର୍ଷ ବଞ୍ଚିଲେ ।

29ଯାକୁବ, ତାଙ୍କ ମରଣ ଦିନ ନିକଟ ହେବାରୁ, ନିଜ ପୁଅ ଯୋଷେଫଙ୍କୁ ଡକାଇ ପଠାଇଲେ ଏବଂ ତାଙ୍କୁ କହିଲେ, ମୋ ଜଙ୍ଘ ତଳେ ତୁମର ହାତ ରଖି
ଶପଥ କର, ତୁମେ ମୋର କଥା ରଖି ମୋତେ ଦୟା ଦେଖାଇବ ଏବଂ ମୋ ପ୍ରତି ବିଶ୍ୱସ୍ତ ହେବ । ମୋର ମରଣ ହେଲେ ତୁମେ ମୋତେ ମିସର ଦେଶରେ
ସମାଧି ଦେବ ନାହିଁ । 30ମାତ୍ର ତୁମେ ମୋର ମୃତ ଶରୀର ମିସର ଦେଶରୁ କିଣାନ ଦେଶକୁ ନେଇଯିବ ଏବଂ ଯେଉଁଠାରେ ମୋର ପିତୃପୁରୁଷମାନଙ୍କୁ ସମାଧି
ଦିଆଯାଇଅଛି, ସେଠାରେ ମୋତେ ସମାଧି ଦେବ । ଯୋଷେଫ କହିଲେ, ତୁମେ ଯେପରି କହିଲ, ମୁଁ ସେପରି କରିବି ।

31ଯାକୁବ କହିଲେ, ତୁମେ ଏପରି କରିବ ବୋଲି ମୋ ନିକଟରେ ଶପଥ କର । ତେଣୁ ଯୋଷେଫ ସେପରି କରିବାକୁ ଶପଥ କଲେ । ପୁଣି ଯାକୁବ ନିଜ
ଶଯ୍ୟାରେ ମୁଣ୍ଡ ନୁଆଁଇ ପରମେଶ୍ୱରଙ୍କୁ ପ୍ରଣାମ କଲେ ।

# 48

## ଯାକୁବ ମନଃଶି ଓ ଇଫ୍ରୟିମଙ୍କୁ ଆଶୀର୍ବାଦ କଲେ

1ଏହାର କିଛି ଦିନ ପରେ, ଯୋଷେଫ ଖବର ପାଇଲେ ଯେ, ତାଙ୍କ ବାପା ଅସୁସ୍ଥ ଅଛନ୍ତି । ତେଣୁ ସେ ତାଙ୍କର ଦୁଇ ପୁଅ ଇଫ୍ରୟିମ ଓ ମନଃଶିଙ୍କୁ ନେଇ
ଯାକୁବଙ୍କ ପାଖକୁ ଗଲେ ।

2ଯାକୁବ ଶୁଣିଲେ ଯେ, ତାଙ୍କ ପୁଅ ଯୋଷେଫ ତାଙ୍କୁ ଦେଖିବାକୁ ଆସିଛନ୍ତି । ତେଣୁ ସେ ନିଜର ବଳ ଏକାଠି କଲେ ଓ ଶଯ୍ୟାରେ ଉଠି ବସିଲେ ।

3ଯାକୁବ ଯୋଷେଫଙ୍କୁ କହିଲେ, କିଣାନ ଦେଶର ଲୁସ୍ ଅଞ୍ଚଳରେ ସର୍ବଶକ୍ତିମାନ ପରମେଶ୍ୱର ମୋତେ ଦର୍ଶନ ଦେଇ ଆଶୀର୍ବାଦ କଲେ । 4ପୁଣି ସେ
ମୋତେ କହିଲେ, ଆମ୍ଭେ ତୁମକୁ ଫଳବନ୍ତ ଓ ସଂଖ୍ୟାରେ ବୃଦ୍ଧି କରିବା ଓ ତୁମଠାରୁ ବହୁ ଗୋଷ୍ଠୀ ଜାତ କରିବା । ଆମ୍ଭେ ତୁମ ପରେ ତୁମ ବଂଶଧରଙ୍କୁ ଏହି
କିଣାନ ଦେଶ ଚିରକାଳ ପାଇଁ ଅଧିକାର କରିବାକୁ ଦେବା ।

5ପୁଣି ଯାକୁବ ଯୋଷେଫଙ୍କୁ କହିଲେ, ରୁବେନ ଓ ଶିମିୟନ ପରି, ତୁମର ଦୁଇ ପୁଅ ଇଫ୍ରୟିମ ଓ ମନଃଶି ମୋହର ପୁଅ ହେବେ, ଯେଉଁମାନେ ମୁଁ ମିସର
ଦେଶକୁ ଆସିବା ଆଗରୁ ଏହି ମିସର ଦେଶରେ ତୁମଠାରୁ ଜନ୍ମ ହୋଇଛନ୍ତି । 6ଏମାନଙ୍କ ପରେ ତୁମଠାରୁ ଜନ୍ମ ହେବା ପିଲାମାନେ ତୁମର ହେବେ । ପୁଣି
ସେମାନେ ଇଫ୍ରୟିମ ଓ ମନଃଶି, ଏହି ଦୁଇ ଭାଇଙ୍କ ମଧ୍ୟରେ ଭାଗ ପାଇବେ । 7ମୁଁ ପଦ୍ଦନ-ଅରାମ ଦେଶରୁ କିଣାନ ଦେଶକୁ ଫେରୁଥିବା ସମୟରେ, ଇଫ୍ରାଥା
ନଗରରେ, ଯାହାକୁ ବେଥଲିହିମ ନଗର କୁହାଯାଏ, ସେଠାରେ ପହଞ୍ଚିବାକୁ ଅଳ୍ପମାତ୍ର ବାଟ ଥିଲା, ସେଠାରେ ରାହେଲଙ୍କର ମୃତ୍ୟୁ ହେଲା । ମୁଁ ବହୁତ
ଦୁଃଖରେ ତାଙ୍କୁ ଇଫ୍ରାଥାକୁ ଯିବା ବାଟରେ ସମାଧି ଦେଲି । 8ଏହାପରେ ଯାକୁବ ଯୋଷେଫଙ୍କର ଦୁଇ ପୁଅଙ୍କ ଆଡ଼କୁ ଦେଖି ପଚାରିଲେ, ଏମାନେ କିଏ ?

9ଯୋଷେଫ ଉତ୍ତର ଦେଲେ, ଏମାନେ ହେଉଛନ୍ତି ମୋର ପୁଅ, ଏମାନଙ୍କୁ ପରମେଶ୍ୱର ମୋତେ ଏହି ମିସର ଦେଶରେ ଦେଇଛନ୍ତି । ଯାକୁବ କହିଲେ,
ଦୟାକରି ସେମାନଙ୍କୁ ମୋ ପାଖକୁ ଆଣ, ମୁଁ ସେମାନଙ୍କୁ ଆଶୀର୍ବାଦ କରିବି ।

10ଯାକୁବଙ୍କର ବୟସ ଅଧିକ ହୋଇଥିବାରୁ, ସେ ଭଲରେ ଦେଖିପାରୁ ନ ଥିଲେ । ତେଣୁ ଯୋଷେଫ ସେମାନଙ୍କୁ ଯାକୁବଙ୍କ ପାଖକୁ ନେଲେ, ପୁଣି ଯାକୁବ
ସେମାନଙ୍କୁ ଚୁମ୍ବନ କଲେ ଓ କୁଣ୍ଢାଇଧରିଲେ ।

[11]ଏହାପରେ ଯାକୁବ ଯୋଷେଫଙ୍କୁ କହିଲେ, ମୁଁ ତୁମକୁ ଆଉ ଥରେ ଦେଖି ପାରିବି ବୋଲି କେବେ ଆଶା କରି ନ ଥିଲି, ମାତ୍ର ଦେଖ, ପରମେଶ୍ୱର ଏବେ ତୁମର ପୁଅମାନଙ୍କୁ ମଧ୍ୟ ମୋତେ ଦେଖାଇଲେ ।

[12]ଏହାପରେ ଯୋଷେଫ ନିଜ ଦୁଇ ପୁଅଙ୍କୁ ନିଜ ବାପାଙ୍କ ଆଣ୍ଠୁ ପାଖରୁ ଆଣିଲେ ଓ ନିଜେ ଭୂମିରେ ମୁହଁମାଡ଼ି ତାଙ୍କୁ ପ୍ରଣାମ କଲେ ।

[13]ଏହାପରେ ଯୋଷେଫ ନିଜ ଦୁଇ ପୁଅଙ୍କୁ ନେଇ, ଇଫ୍ରୟିମଙ୍କୁ ନିଜ ଡାହାଣ ହାତରେ ଧରି ଯାକୁବଙ୍କର ବାମ ହାତରେ ଦେଲେ ଓ ମନଃଶିଙ୍କୁ ନିଜ ବାମ ହାତରେ ଧରି ଯାକୁବଙ୍କ ଡାହାଣ ହାତରେ ଦେଲେ । ଏହିପରି ସେ ଦୁଇ ପୁଅଙ୍କୁ ନେଇ ଯାକୁବଙ୍କ ପାଖରେ ଠିଆ କରାଇଲେ ।

[14]କିନ୍ତୁ, ଯାକୁବ ନିଜ ଡାହାଣ ହାତ ନେଇ ଯୋଷେଫଙ୍କ ସାନ ପୁଅ ଇଫ୍ରୟିମଙ୍କ ମୁଣ୍ଡ ଉପରେ ରଖିଲେ ଓ ବାମ ହାତ ନେଇ ବଡ଼ ପୁଅ ମନଃଶିର ମୁଣ୍ଡ ଉପରେ ରଖିଲେ ।

[15]ଏହାପରେ ସେ ଯୋଷେଫଙ୍କୁ ଆଶୀର୍ବାଦ କରି କହିଲେ, ହେ ଯୋଷେଫ,

ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ:
  ଯେଉଁ ପରମେଶ୍ୱରଙ୍କ କଥା ମାନି,
ମୋର ଜେଜେ ବାପା ଅବ୍ରାହାମ ଓ
  ମୋର ବାପା ଇସ୍‌ହାକ ଚାଲୁଥିଲେ,
ଯେଉଁ ପରମେଶ୍ୱର ମୋର ସାରା ଜୀବନ,
  ଆଜି ଯାଏଁ ମୋତେ ପାଳନ କରି ଆସିଛନ୍ତି,

[16]ଯେଉଁ ଦୂତ ସବୁ ବିପଦରୁ ମୋତେ ଉଦ୍ଧାର କରିଛନ୍ତି,
  ସେ ଏହି ପିଲାମାନଙ୍କୁ ଆଶୀର୍ବାଦ କରନ୍ତୁ ।
ଏମାନେ ମୋର ନାମ,
  ମୋର ଜେଜେ ବାପା ଅବ୍ରାହାମଙ୍କ ନାମ ଓ
ମୋର ବାପା ଇସ୍‌ହାକଙ୍କ ନାମରେ ପରିଚିତ ହୁଅନ୍ତୁ ।
  ପୁଣି ଏମାନଙ୍କର ବଂଶଧରମାନେ
ପୃଥିବୀରେ ବହୁ ସଂଖ୍ୟାରେ ବୃଦ୍ଧି ପାଆନ୍ତୁ ।

[17]ଯାକୁବ ନିଜର ଡାହାଣ ହାତ ଇଫ୍ରୟିମଙ୍କ ମୁଣ୍ଡରେ ରଖିଥିବା ଦେଖି ଯୋଷେଫ ଅସନ୍ତୁଷ୍ଟ ହେଲେ । ତେଣୁ ସେ ଯାକୁବଙ୍କର ହାତ ଇଫ୍ରୟିମଙ୍କ ମୁଣ୍ଡରୁ ଉଠାଇ ନେଇ ମନଃଶିଙ୍କ ମୁଣ୍ଡ ଉପରେ ରଖିଦେଲେ ।

[18]ପୁଣି ଯୋଷେଫ ତାଙ୍କ ବାପାଙ୍କୁ କହିଲେ, ନାହିଁ, ବାପା ସେପରି ନୁହେଁ । ଇଏ ହେଉଛି ମୋର ବଡ଼ ପୁଅ ମନଃଶି । ତୁମର ଡାହାଣ ହାତ ଏହାର ମୁଣ୍ଡ ଉପରେ ରଖ ।

[19]ମାତ୍ର ଯାକୁବ ମନାକରି କହିଲେ, ପୁଅ, ମୁଁ ସେ କଥା ଜାଣେ । ମନଃଶି ମଧ୍ୟ ଜଣେ ମହାନ ବ୍ୟକ୍ତି ହେବ, ମାତ୍ର ତାହାର ସାନ ଭାଇ ତାଠାରୁ ଅଧିକ ମହାନ ହେବ ଓ ତାହାର ବଂଶଧରଙ୍କଠାରୁ ଅନେକ ଗୋଷ୍ଠୀ ଜନ୍ମ ହେବେ ।

[20]ସେହିଦିନ ଯାକୁବ ସେମାନଙ୍କୁ ଆଶୀର୍ବାଦ କରି କହିଲେ, ଇସ୍ରାଏଲ ଲୋକମାନେ ଆଶୀର୍ବାଦ କରିବା ସମୟରେ ତୁମର ନାମ ଧରି କହିବେ, ପରମେଶ୍ୱର ତୁମକୁ ଇଫ୍ରୟିମ ଓ ମନଃଶିଙ୍କ ପରି ଆଶୀର୍ବାଦ କରନ୍ତୁ । ଏହିପରି ଯାକୁବ ଇଫ୍ରୟିମଙ୍କୁ ମନଃଶିଙ୍କଠାରୁ ଆଗରେ ରଖିଲେ ।

[21]ଏହାପରେ ଯାକୁବ, ଯୋଷେଫଙ୍କୁ କହିଲେ, ଦେଖ, ମୋର ମୃତ୍ୟୁ ଯେକୌଣସି ସମୟରେ ହୋଇପାରେ, ମାତ୍ର ପରମେଶ୍ୱର ତୁମ୍ଭମାନଙ୍କ ସହିତ ରହିବେ

ଓ ତୁମ୍ଭମାନଙ୍କୁ ଆଉ ଥରେ ତୁମ ପୂର୍ବପୁରୁଷଙ୍କ କିଣାନ ଦେଶକୁ ନେଇ ଯିବେ । [22]ପୁଣି ଦେଖ, ମୁଁ ତୁମ ଭାଇମାନଙ୍କୁ ଯେତିକି ଭାଗ ଦେଇଅଛି, ତାଠାରୁ
ଅଧିକ ତୁମକୁ ଦେଉଅଛି । ମୁଁ ଇମୋର ବଂଶର ଲୋକମାନଙ୍କ ସହିତ ମୋର ଖଣ୍ଡା ଓ ଧନୁରେ ଯୁଦ୍ଧ କରି ଯେଉଁ ପର୍ବତ ଅଞ୍ଚଳ ପାଇଅଛି, ମୁଁ ତାହା ତୁମକୁ ଦେଉଅଛି ।

# 49

## ଯାକୁବଙ୍କ ପୁଅମାନଙ୍କ ବଂଶଧରମାନଙ୍କର ଭବିଷ୍ୟତ କଥା

1 ଏହାପରେ ଯାକୁବ ନିଜର ପୁଅମାନଙ୍କୁ ଡାକି କହିଲେ, ତୁମ୍ଭେମାନେ ମୋ ଚାରି ପାଖରେ ଏକାଠି ହୁଅ । ତୁମ ପ୍ରତ୍ୟେକ ଜଣ ପ୍ରତି ଆଗକୁ ଯାହାସବୁ
ଘଟିବ, ତାହା ମୁଁ ତୁମ୍ଭମାନଙ୍କୁ ଜଣାଇବି ।

2 ହେ ମୋର ପୁଅମାନେ,

ମୁଁ ଯାକୁବ, ତୁମ୍ଭମାନଙ୍କର ବାପା, ଇସ୍ରାଏଲ କହୁଅଛି,
ତୁମ୍ଭେମାନେ ମୋ ପାଖକୁ ଆସ ଓ ମୋ କଥା ଶୁଣ ।

3 ହେ ରୁବେନ,

ତୁମେ ହେଉଛ ମୋର ପ୍ରଥମ ଜାତ ପୁଅ,
ମୋର ଯୁବା ସମୟର ବଳ ଓ
ଶକ୍ତିରୁ ଜନ୍ମ ହୋଇଥିବା ପୁଅ ।
ତୁମେ ପ୍ରଥମ ପୁଅର ସମ୍ମାନ ପାଇବା ଯୋଗ୍ୟ,
ତୁମର ବଳ ମଧ୍ୟ ଅନ୍ୟମାନଙ୍କ ବଳଠାରୁ ଅଧିକ ।

4 କିନ୍ତୁ ତୁମେ ବନ୍ୟା ପାଣି ପରି ଅସ୍ଥିର,

ତୁମର ଆଉ ସେହି ସମ୍ମାନ ରହିବ ନାହିଁ ।
କାରଣ ତୁମେ ମୋ ସ୍ତ୍ରୀଙ୍କ ପ୍ରତି ଦୁଷ୍କର୍ମ କଲ ଓ
ମୋ ଶଯ୍ୟାକୁ ଅଶୁଚି କଲ,

5 ହେ ଶିମିୟନ ଓ ଲେବୀ,

ତୁମେ ଦୁଇ ଭାଇ ଏକ ପ୍ରକାରର ।
ତୁମର ଅସ୍ତ୍ର ହିଂସାର କାମ କଲା ।

6 ମୁଁ ତୁମର ମନ୍ଦ କାମରେ ରାଜି ନୁହେଁ,

ତୁମର ମନ୍ଦ ଯୋଜନାରେ ମୋର କୌଣସି ଭାଗ ନାହିଁ ।
ତୁମେ ରାଗରେ ଲୋକମାନଙ୍କୁ ହତ୍ୟାକଲ,
କେବଳ ତୁମର ଖୁସି ପାଇଁ ତୁମେ ବଳଦଗୁଡ଼ିକୁ ପଙ୍ଗୁ କରିପକାଇଲ ।

7 ତୁମେ ରାଗରେ ଯେଉଁ କାମ କଲ ତାହା ତୁମ ପାଇଁ ଅଭିଶାପ ଆଣିବ,

କାରଣ ତୁମର ରାଗ ଅତି ଭୟଙ୍କର ଓ ନିଷ୍ଠୁର[a] ।
ଏଣୁ ମୋ ବଂଶଧରଙ୍କ ମଧ୍ୟରେ ତୁମେ ଛିନ୍ନଭିନ୍ନ ହୋଇ ବାସ କରିବ,
ଇସ୍ରାଏଲ ଗୋଷ୍ଠୀ ମଧ୍ୟରେ ତୁମେ ବାଣ୍ଟି ହୋଇ ରହିବ ।

8 ହେ ଯିହୁଦା,

ତୁମର ଭାଇମାନେ ତୁମକୁ ପ୍ରଶଂସା କରିବେ,
ପୁଣି ତୁମେ ତୁମର ଶତ୍ରୁମାନଙ୍କୁ ଜୟ କରିବ ।
ତୁମର ଭାଇମାନେ ତୁମକୁ ପ୍ରଣାମ କରିବେ

---

[a] **49.7** ଦୟା ଶୂନ୍ୟ

9 ହେ ଯିହୁଦା, ମୋର ପୁଅ,
ଶିକାର କରି ଫେରିଥିବା ଯୁବା ସିଂହ ପରି ତୁମେ ବଳବାନ ।
କୌଣସି ଭୟ ନ ଥାଇ ବିଶ୍ରାମ କରିବାକୁ ଯାଉଥିବା ସିଂହ ପରି ତୁମେ ଅଟ;
ଶୋଇଥିବା ମାଈ ସିଂହକୁ ଉଠାଇବାକୁ ଯେପରି କେହି ସାହସ କରେ ନାହିଁ,
ସେହିପରି ସମସ୍ତେ ତୁମକୁ ଭୟ କରିବେ ।

10 ହେ ଯିହୁଦା,
ଯାହାଙ୍କର ଶାସନ କରିବାର ଅଧିକାର ଅଛି,
ପୁଣି ଯାହାଙ୍କଠାରେ ପୃଥିବୀର ସବୁ ଗୋଷ୍ଠୀର ଲୋକ ବଶୀଭୂତ ହେବେ,
ସେ ଆସିବା ଯାଏଁ,
ତୁମର ବଂଶଧରମାନେ ଶାସନ କରିବେ ଏବଂ
ଶାସନ ବାଡ଼ି ସେମାନଙ୍କଠାରେ ରହିବ ।

11 ତୁମ କ୍ଷେତରେ ଅଙ୍ଗୁର ଏତେ ପ୍ରଚୁର ଫଳିବ ଯେ,
ତାହା ଖାଇବା ପାଇଁ ତୁମେ ସେଠାରେ ଗଧ ଓ ଗଧ ଛୁଆଗୁଡ଼ିକ ମଧ୍ଯ ବାନ୍ଧି ପାରିବ,
ପୁଣି ତୁମର ଅଙ୍ଗୁର ରସ ଏତେ ପ୍ରଚୁର ହେବ ଯେ,
ତାହା ନଦୀର ପାଣି ପରି ବହିଯିବ ।

12 ତୁମର ଅଙ୍ଗୁର ରସ ଏତେ ପ୍ରଚୁର ହେବ ଯେ,
ତାହା ପିଇ ତୁମର ଆଖି ଲାଲ ଦେଖାଯିବ,
ତୁମେ ପିଇବା ପାଇଁ କ୍ଷୀର ଏତେ ପ୍ରଚୁର ପାଇବ ଯେ,
ତାହା ପିଇ ତୁମର ଦାନ୍ତ କ୍ଷୀରଠାରୁ ମଧ୍ଯ ଅଧିକ ଧଳା ଦେଖାଯିବ ।

13 ହେ ସବୂଲୂନ,
ତୁମେ ସମୁଦ୍ର କୂଳରେ ବାସ କରିବ,
ତୁମର ବାସସ୍ଥାନ ପାଣି ଜାହାଜର ବନ୍ଦର[s] ହେବ ।
ପୁଣି ତୁମର ସୀମା ସୀଦୋନ ନଗର ଯାଏଁ ବୃଦ୍ଧିପାଇବ ।

14 ହେ ଇଷାଖର,
ତୁମେ ବଳବାନ ଗଧ ପରି ବୋଝ ବୋହିପାର,
ମାତ୍ର ପିଠିର ଦୁଇପଟେ ବୋଝ ବୋହି
ଶୋଇଥିବା ଗଧ ପରି ତୁମେ ଅଳସୁଆ ଅଟ ।

15 ତୁମେ ଉତ୍ତମ ବାସସ୍ଥାନ ଓ ଉର୍ବର ଭୂମି ଦେଖିଲେ ମଧ୍ଯ,
ତାହା ଅଧିକାର କରିବାକୁ ଇଚ୍ଛା କରିବ ନାହିଁ,
ମାତ୍ର ବୋଝ ବୋହିବାକୁ ନିଜର କାନ୍ଧ ଦେଖାଇବ,
ପୁଣି ବେଠି ଖଟିବା ଲୋକ ପରି କାମ କରିବ ।
କଠିନ ପରିଶ୍ରମ କରିବାକୁ ତୁମେ ଇଚ୍ଛା କରିବ ।

16 ହେ ଦାନ,
ଇସ୍ରାଏଲର ଅନ୍ୟ ଗୋଷ୍ଠୀଗୁଡ଼ିକ ପରି

---

[s] **49.13** ପାଣି ଜାହାଜ ରହିବା ସ୍ଥାନ

ତୁମେ ମଧ୍ୟ ନିଜ ଲୋକମାନଙ୍କୁ ବିଚାର କରି ନ୍ୟାୟ ଦେବ ।

[17] ହେ ଦାନ,

ତୁମେ ତୁମ ଶତ୍ରୁମାନଙ୍କ ପାଇଁ
ରାସ୍ତାରେ ଥିବା ଏକ ନାଗ ସାପ ପରି,
ଯାହା ଘୋଡ଼ାର ଖୁରାରେ ଚୋଟ ମାରି
ତା' ପିଠିରେ ବସି ଯାଉଥିବା ଲୋକକୁ ତଳେ ପକାଇଦିଏ ।

[18] ଏହାପରେ ଯାକୁବ କହିଲେ, ହେ ଯିହୋବା ପ୍ରଭୁ, ତୁମ୍ଭଠାରୁ ପରିତ୍ରାଣ ପାଇବା ପାଇଁ ମୁଁ ଅପେକ୍ଷା କରୁଅଛି ।

[19] ଯାକୁବ ପୁଣି ଥରେ ନିଜର ପୁଅମାନଙ୍କୁ କହିଲେ,

ହେ ଗାଦ,
ଲୁଟେରା ଦଳ ତୁମକୁ ଆକ୍ରମଣ କଲେ,
ତୁମେ ଫେରି ସେମାନଙ୍କୁ ଆକ୍ରମଣ କରି ଘଉଡ଼ାଇବ ।

[20] ହେ ଆଶେର,

ତୁମେ ଅତି ଉତ୍ତମ ଖାଦ୍ୟ ଖାଇବ,
ପୁଣି ରାଜାମାନେ ଖାଉଥିବା ଉତ୍ତମ ଖାଦ୍ୟ ତୁମେ ଅମଳ କରିବ ।

[21] ହେ ନପ୍ତାଲି,

ତୁମେ ହେଉଛ ଖୋଲାରେ ବୁଲୁଥିବା ମାଇ ହରିଣ ପରି,
ଯାହା ସୁନ୍ଦର ଛୁଆ ଜନ୍ମ କରେ ।

[22] ହେ ଯୋଷେଫ,

ତୁମେ ପାଣି ଝର ନିକଟରେ ଥିବା
ଫଳରେ ପୂର୍ଣ୍ଣ ଅଙ୍ଗୁର ଲତା[t] ପରି,
ଯାହାର ଡାଳ ଉଚ୍ଚ ପ୍ରାଚୀର ଉପରେ ମାଡ଼ିଯାଏ ।

[23] ଧନୁଧରିଥିବା ଶତ୍ରୁମାନେ ତୁମକୁ ଭୟଙ୍କର ଆକ୍ରମଣ କଲେ,

ସେମାନେ ତୁମକୁ ତୀର ମାରିଲେ,
ସେମାନେ ତୁମ ପ୍ରତି ବହୁତ ନିଷ୍ଠୁର[u] ବ୍ୟବହାର କଲେ ।

[24] ମାତ୍ର ମୋର ସର୍ବଶକ୍ତିମାନ[v] ପରମେଶ୍ୱର,

ଯିଏ ମୋର ପାଳକ ଓ ଇସ୍ରାଏଲର ସୁରକ୍ଷା[w] ସ୍ଥାନ,
ସେ ନିଜ ହସ୍ତରେ ତୁମ ବାହୁକୁ ବଳ ଦେଲେ,
ତେଣୁ ତୁମର ଧନୁ ଅଟଳ ହୋଇ ରହିଲା ।

[25] ମୋର ସେହି ପରମେଶ୍ୱର ତୁମକୁ ସାହାଯ୍ୟ କରନ୍ତୁ,
ସେହି ସର୍ବଶକ୍ତିମାନ ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ,

---

[t] **49.22** କେତେକ ଅନୁବାଦରେ ‘ବଣର ଗଧ ପରି’ ଉଲ୍ଲେଖ କରାଯାଇଅଛି

[u] **49.23** ବିନା ଦୟାରେ

[v] **49.24** ସବୁଠାରୁ ବଳବାନ

[w] **49.24** ମୂଳ ଭାଷାରେ ‘ଇସ୍ରାଏଲର ଶୈଳ’

ତୁମ ଭୂମିକୁ ଆକାଶରୁ ବର୍ଷା ଦିଅନ୍ତୁ,
    ତୁମ ଭୂମିରେ ଝରଣା ଓ ନଦୀ ବହୁଥାଉ ଏବଂ
ସେ ତୁମକୁ ବହୁ ପୁଅଝିଅ ଓ ପଶୁପଲ ଦେଇ ଆଶୀର୍ବାଦ କରନ୍ତୁ[x] ।

26 ମୋର ପିତୃପୁରୁଷମାନେ ପାଇଥିବା ଆଶୀର୍ବାଦଠାରୁ
    ମୁଁ ତୁମକୁ ଦେଉଥିବା ଆଶୀର୍ବାଦ ଅଧିକ ହେଉ ।
ସେହି ଆଶୀର୍ବାଦ ଚିରସ୍ଥାୟୀ ପାହାଡ଼ରୁ ମିଳୁଥିବା ଉତ୍ତମ ବିଷୟଠାରୁ ମଧ୍ୟ ଅଧିକ ହେଉ ।
ଏସମସ୍ତ ଆଶୀର୍ବାଦ ତୁମକୁ ମିଳୁ,
    କାରଣ ହେ ଯୋଷଫ ତୁମେ ତୁମ ଭାଇମାନଙ୍କଠାରୁ ବହୁତ ଭିନ୍ନ ଅଟ ।

27 ହେ ବିନ୍ୟାମିନ,

ତୁମେ ହେଉଛ ବିଦୀର୍ଣ୍ଣକାରୀ[y] ହେଟାବାଘ ପରି ।
    ତୁମେ ସକାଳେ ତୁମର ଶତ୍ରୁମାନଙ୍କୁ ପରାସ୍ତ କରିବ,
ପୁଣି, ସେମାନଙ୍କଠାରୁ ଲାଭ କରିଥିବା ଜିନିଷ
    ନିଜ ନିଜ ମଧ୍ୟରେ ସନ୍ଧ୍ୟାରେ ବାଣ୍ଟିବ ।

28 ଏମାନେ ହେଉଛନ୍ତି ଇସ୍ରାଏଲର ବାର ଗୋଷ୍ଠୀ । ସେମାନଙ୍କ ବାପା ସେମାନଙ୍କୁ ଆଶୀର୍ବାଦ କରିବା ସମୟରେ, ଯାହାକୁ ଯାହା ଉପଯୁକ୍ତ, ସେ ଅନୁସାରେ ଆଶୀର୍ବାଦ କଲେ ।

### ଯାକୁବଙ୍କ ମୃତ୍ୟୁ ଓ ସମାଧି

29 ଏହାପରେ ଯାକୁବ ନିଜର ପୁଅମାନଙ୍କୁ ଆଦେଶ ଦେଇ କହିଲେ, ମୁଁ ଅଳ୍ପ ସମୟ ମଧ୍ୟରେ ମୋର ପିତୃପୁରୁଷମାନଙ୍କ ସହିତ ମିଶିବି । ତୁମ୍ଭେମାନେ
ମୋତେ ମୋର ବାପା ଓ ଜେଜେବାପାଙ୍କୁ ସମାଧି ଦିଆଯାଇଥିବା ହିତ୍ତିୟ ବଂଶର ଇଫ୍ରୋଣଙ୍କ ଜମିରେ ଥିବା ଗୁମ୍ଫାରେ ସମାଧି ଦେବ । 30 ଅବ୍ରାହାମ ଏହି
ଗୁମ୍ଫାକୁ ସ୍ଥାୟୀଭାବରେ ସମାଧି ସ୍ଥାନ କରିବା ପାଇଁ, ହିତ୍ତିୟ ବଂଶର ଇଫ୍ରୋଣଙ୍କଠାରୁ କିଣିଥିଲେ । ସେହି ଗୁମ୍ଫା କିଣାନ ଦେଶର ମମ୍ରି ନାମକ ସ୍ଥାନର ପୂର୍ବ
ଦିଗରେ ମକ୍‌ପେଲା ଜମିରେ ଅଛି । 31 ମୋର ଜେଜେ ବାପା ଅବ୍ରାହାମ ଓ ତାଙ୍କ ସ୍ତ୍ରୀ ସାରାଙ୍କୁ ସେଠାରେ ସମାଧି ଦିଆଯାଇଛି । ପୁଣି ମୋର ବାପା ଇସ୍‌ହାକ
ଓ ମାଆ ରିବିକାଙ୍କୁ ମଧ୍ୟ ସେଠାରେ ସମାଧି ଦିଆଯାଇଛି । ମୁଁ ମୋର ସ୍ତ୍ରୀ ଲେୟାଙ୍କୁ ମଧ୍ୟ ସେଠାରେ ସମାଧି ଦେଇଛି । 32 ସେହି ଜମି ଓ ଗୁମ୍ଫାକୁ ମୋର
ଜେଜେ ବାପା ଅବ୍ରାହାମ ହିତ୍ତିୟ ବଂଶର ଲୋକମାନଙ୍କଠାରୁ କିଣିଥିଲେ ।

33 ଯାକୁବ ନିଜ ପୁଅମାନଙ୍କୁ ଏହି ଆଜ୍ଞାସବୁ ଦେବା ପରେ, ଖଟ ଉପରକୁ ପାଦ ଉଠାଇ ଶୋଇଲେ ଓ ଶେଷ ନିଶ୍ୱାସ ତ୍ୟାଗ କରି ନିଜର ପିତୃପୁରୁଷମାନଙ୍କ ସହିତ ସଂଗୃହିତ ହେଲେ ।

# 50

1 ଯୋଷେଫ ନିଜ ବାପାଙ୍କ ଶରୀର ଧରି କାନ୍ଦିଲେ ଓ ଚୁମ୍ବନ କଲେ ।

2 ପୁଣି, ମୃତ ଶରୀର ସଢ଼ି ନଷ୍ଟ ନ ହୋଇ ବେଶି ଦିନ ରହିବା ପାଇଁ ମିସର ଦେଶର ଲୋକମାନେ ଯେଉଁ ଉପାୟରେ ତାହା ସାଇତି ରଖୁଥିଲେ, ନିଜ ବାପାଙ୍କର ମୃତ ଶରୀର ସେହି ଉପାୟରେ ସାଇତି ରଖିବାକୁ ଯୋଷେଫ ରାଜ ପ୍ରସାଦର ବୈଦ୍ୟମାନଙ୍କୁ ଆଦେଶ ଦେଲେ । ଏଣୁ ସେମାନେ ସେହି ମୃତ

---

[x] **49.25** ସ୍ତନ ଓ ଗର୍ଭର ଫଳ ଦେଇ ଆଶୀର୍ବାଦ କରନ୍ତୁ ।

[y] **49.27** ଖଣ୍ଡବିଖଣ୍ଡ କରିବା

ଶରୀରରେ ମଲମ[*] ଲଗାଇ ସେହି ଉପାୟରେ ସାଇତି ରଖିଲେ ।

3 ଏପରି କରିବା ପାଇଁ ପ୍ରାୟ ଚାଳିଶ ଦିନ ଲାଗିଲା । ପୁଣି ମିସର ଦେଶର ଲୋକମାନେ ଯାକୁବଙ୍କ ପାଇଁ ସତୁରି ଦିନ କାନ୍ଦିଲେ ।

4 ଶୋକ କରିବାର ଦିନସବୁ ଶେଷ ହେବା ପରେ, ଯୋଷେଫ ଫାରୋଙ୍କୁ ପରାମର୍ଶ ଦେଉଥିବା କର୍ମଚାରୀମାନଙ୍କୁ କହିଲେ, ଯଦି ମୁଁ ଆପଣମାନଙ୍କ ଦୃଷ୍ଟିରେ
ଅନୁଗ୍ରହ ପାଇଥାଏ, ତେବେ ଆପଣମାନେ ଦୟାକରି, ମୋ ପାଇଁ ଫାରୋଙ୍କୁ ଏହି କଥା ଜଣାଇଦିଅନ୍ତୁ,
5 ମୋ ବାପା ମୋତେ ଶପଥ କରାଇ କହିଥିଲେ ଯେ,
ମୋର ମୃତ୍ୟୁ ଯେକୌଣସି ସମୟରେ ହୋଇପାରେ, ମୁଁ ମରିବା ପରେ, ମୋର ଶରୀରକୁ କିଣାନ ଦେଶକୁ ନେଇଯିବ । ପୁଣି ମୁଁ ମୋ ପାଇଁ ଯେଉଁ ସମାଧି ଗୁମ୍ଫା ଖୋଳିଅଛି, ସେଠାରେ ମୋତେ ସମାଧି ଦେବ" । ତେଣୁ ଦୟାକରି ମୋତେ ଅନୁମତି ଦିଅନ୍ତୁ, ଯେପରି ମୁଁ ଯାଇ ମୋ ବାପାଙ୍କୁ ସମାଧି ଦେବି ଓ ଫେରି ଆସିବି ।

6 ସେମାନେ ଯୋଷେଫଙ୍କ କଥା ଫାରୋଙ୍କୁ ଜଣାଇଲେ, ପୁଣି ସେ ଯୋଷେଫଙ୍କୁ ଅନୁମତି ଦେଇ କହିଲେ, ତୁମର ବାପା ଯେପରି ତୁମକୁ ଶପଥ କରାଇଛନ୍ତି, ସେପରି ତୁମେ ଯାଅ ଏବଂ ତାଙ୍କୁ ସମାଧି ଦେଇ ଫେରିଆସ ।

7 ଏଣୁ ଯୋଷେଫ ନିଜ ବାପାଙ୍କୁ ସମାଧି ଦେବାକୁ ଗଲେ । ଫାରୋଙ୍କର ସବୁ କର୍ମଚାରୀ, ଫାରୋଙ୍କ ପରିବାରର ପ୍ରାଚୀନମାନେ ଏବଂ ମିସର ଦେଶର ପ୍ରାଚୀନମାନେ ମଧ୍ୟ ଯୋଷେଫଙ୍କ ସହିତ ଗଲେ ।

8 ଯୋଷେଫଙ୍କ ପରିବାର, ତାଙ୍କ ଭାଇମାନେ ଓ ତାଙ୍କ ବାପାଙ୍କ ପରିବାରର ସବୁଲୋକ ମଧ୍ୟ ଗଲେ । କେବଳ ଛୋଟ ପିଲାମାନେ ଓ ସେମାନଙ୍କ ପଶୁପଲ
ଗୋଶନ ପ୍ରଦେଶରେ ରହିଲେ ।
9 ରଥ ଓ ଘୋଡ଼ାଗୁଡ଼ିକରେ ବହୁ ସଂଖ୍ୟାରେ ଲୋକମାନେ ଯୋଷେଫଙ୍କ ସହିତ ଗଲେ ।

10 ଯେତେବେଳେ ସେମାନେ ଯର୍ଦ୍ଦନ ନଦୀର ଆରପଟେ ଥିବା ଅଟାଦ ନାମକ ସ୍ଥାନର ଖଳାରେ ପହଞ୍ଚିଲେ, ସେମାନେ ସେଠାରେ ବହୁତ ଦୁଃଖରେ ଉଚ୍ଚ ସ୍ୱରରେ କାନ୍ଦିଲେ । ପୁଣି ସେଠାରେ ଯୋଷେଫ ନିଜ ବାପାଙ୍କ ପାଇଁ ସାତ ଦିନ ଶୋକ କଲେ ।

11 ଯେତେବେଳେ କିଣାନ ଦେଶର ସେହି ଅଞ୍ଚଳର ଲୋକମାନେ ସେମାନେ ଅଟାଦ ଖଳାରେ ଏପରି କାନ୍ଦିବାର ଦେଖିଲେ, ସେମାନେ କହିଲେ, ପ୍ରକୃତରେ ଏହା ମିସର ଦେଶର ଲୋକମାନଙ୍କର ବହୁତ ଦୁଃଖର କ୍ରନ୍ଦନ । ସେହି କାରଣରୁ ସେହି ସ୍ଥାନର ନାମ ଆବଲ-ମିସ୍ରଇମ ହେଲା । ଏହା ଯର୍ଦ୍ଦନ ନଦୀର ଆରପଟେ ଅଛି ।

12 ଯାକୁବ ନିଜର ପୁଅମାନଙ୍କୁ ଯେପରି କହିଥିଲେ, ସେମାନେ କିଣାନ ଦେଶରେ ପହଞ୍ଚି ସେପରି କଲେ ।

13 ସେମାନେ ତାଙ୍କ ଶରୀରକୁ କିଣାନ ଦେଶକୁ ନେଇ ମମ୍ରି ନାମକ ସ୍ଥାନର ପୂର୍ବ ଦିଗରେ ମକ୍‌ପେଲା ନାମକ କ୍ଷେତରେ ଥିବା ଗୁମ୍ଫାରେ ସମାଧି ଦେଲେ । ଅବ୍ରାହାମ ଏହି ଜମିକୁ ସ୍ଥାୟୀ ସମାଧି ସ୍ଥାନ କରିବା ପାଇଁ ହିତ୍ତୀୟ ବଂଶର ଇଫ୍ରୋଣ ନାମକ ବ୍ୟକ୍ତିଙ୍କଠାରୁ କିଣିଥିଲେ ।

## ଯୋଷେଫ ନିଜର ଭାଇମାନଙ୍କୁ ଆଶ୍ୱାସନା ଦେଲେ

14 ଯୋଷେଫ ନିଜ ବାପାଙ୍କୁ ସମାଧି ଦେବା ପରେ, ନିଜର ଭାଇମାନେ ଓ ଯେଉଁମାନେ ତାଙ୍କ ବାପାଙ୍କୁ ସମାଧି ଦେବାକୁ ତାଙ୍କ ସହିତ କିଣାନ ଦେଶକୁ ଯାଇଥିଲେ, ସେମାନଙ୍କ ସହିତ ମିସର ଦେଶକୁ ଫେରିଲେ ।

15 ସେମାନଙ୍କ ବାପା ମରିଯାଇଥିବାରୁ ଯୋଷେଫଙ୍କ ଭାଇମାନେ ପରସ୍ପର କହିବାକୁ ଲାଗିଲେ, ଏବେ ଯୋଷେଫ ଆମ୍ଭମାନଙ୍କୁ ଘୃଣା କରିପାରେ, ପୁଣି ଆମ୍ଭେମାନେ ତା ପ୍ରତି ଯେପରି ମନ୍ଦ ବ୍ୟବହାର କରିଥିଲୁ, ତା ବଦଳରେ ସେ ମଧ୍ୟ ଆମର ପ୍ରତିଶୋଧ ନେଇପାରେ ।

16 ତେଣୁ, ସେମାନେ ଯୋଷେଫଙ୍କ ନିକଟକୁ ଏହା କହି ପଠାଇଲେ, " ଆପଣଙ୍କର ବାପା ମରିବା ଆଗରୁ, ଏହି ଆଦେଶ ଦେଇଥିଲେ,
17 'ତୁମ୍ଭେମାନେ
ଯୋଷେଫଙ୍କୁ ଏହି କଥା କହିବ, ତୁମର ଭାଇମାନେ ତୁମ ପ୍ରତି ମନ୍ଦ ବ୍ୟବହାର କରି ତୁମ ବିରୁଦ୍ଧରେ ଯେଉଁ ଅପରାଧ ଓ ପାପ କରିଛନ୍ତି, ସେଥିପାଇଁ ସେମାନଙ୍କୁ ଦୟାକରି କ୍ଷମା କର ।'

---

[*] **50.2** ଔଷଧଯୁକ୍ତ ମଲମ

ଆମ୍ଭେମାନେ ଆପଣଙ୍କ ବାପାଙ୍କ ପରମେଶ୍ୱରଙ୍କର ଦାସମାନେ, ଆମ୍ଭେମାନେ ଆପଣଙ୍କୁ ଅନୁରୋଧ କରୁଅଛୁ, ଏବେ ଆପଣ ଆମ୍ଭମାନଙ୍କୁ କ୍ଷମା କରନ୍ତୁ ।" ଯେତେବେଳେ ଯୋଷେଫ ଏହି ସମ୍ବାଦ ପାଇଲେ, ସେତେବେଳେ ସେ କାନ୍ଦି ପକାଇଲେ ।

[18]ଏହାପରେ ଯୋଷେଫଙ୍କ ଭାଇମାନେ ନିଜେ ତାଙ୍କ ନିକଟକୁ ଆସିଲେ ଏବଂ ଭୂମିରେ ମୁହଁମାଡ଼ି ତାଙ୍କୁ ପ୍ରଣାମ କଲେ ଓ କହିଲେ, ଆମ୍ଭେମାନେ ଆପଣଙ୍କର ଦାସ ।

[19]ମାତ୍ର ଯୋଷେଫ ସେମାନଙ୍କୁ କହିଲେ, ତୁମ୍ଭେମାନେ ଭୟ କର ନାହିଁ । ମୁଁ କଅଣ ପରମେଶ୍ୱରଙ୍କ ସ୍ଥାନରେ ଅଛି ? [20]ତୁମ୍ଭେମାନେ ମୋର କ୍ଷତି କରିବାକୁ ଯୋଜନା କଲ, ମାତ୍ର ପରମେଶ୍ୱର ସେ ସବୁରେ ମଙ୍ଗଳ କଲେ, ଯେପରି ଅନେକ ଲୋକଙ୍କ ଜୀବନ ରକ୍ଷା ପାଇବ । ତାହାର ପ୍ରମାଣ ଆଜି ତୁମ୍ଭେମାନେ ଦେଖୁଅଛ । [21]ତେଣୁ ଭୟ କର ନାହିଁ । ମୁଁ ନିଜେ ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପିଲାମାନଙ୍କର ମଧ୍ୟ ଯତ୍ନ ନେବି । ଏହିପରି, ଯୋଷେଫ ସେମାନଙ୍କୁ ସାନ୍ତ୍ୱନାର କଥା କହିଲେ ଓ ଆଶ୍ୱାସନା[a] ଦେଲେ ।

## ଯୋଷେଫ ମୃତ୍ୟୁବରଣ କଲେ

[22]ଏହିପରି, ଯୋଷେଫ ଓ ତାଙ୍କ ବାପାଙ୍କର ସମସ୍ତ ପରିବାର ମିସର ଦେଶରେ ବାସକଲେ । ପୁଣି ଯୋଷେଫ ୧୧୦ ବର୍ଷ ବଞ୍ଚିଲେ । [23]ସେ ନିଜ ପୁଅ ଇଫ୍ରିୟମଙ୍କ ନାତି ନାତୁଣୀମାନଙ୍କୁ ଦେଖିଲେ ଏବଂ ମନଃଶିଙ୍କ ପୁଅ ମାକିରଙ୍କ ପିଲାମାନଙ୍କୁ ସେ ନିଜର ପୁଅଝିଅ ରୂପେ ଗ୍ରହଣ କଲେ ।

[24]ପୁଣି ଯୋଷେଫ ନିଜ ଭାଇମାନଙ୍କୁ କହିଲେ, ମୋର ମରିବା ସମୟ ନିକଟ ହୋଇ ଆସିଲାଣି । ମାତ୍ର ପରମେଶ୍ୱର ନିଶ୍ଚୟ ତୁମ୍ଭମାନଙ୍କୁ ସାହାଯ୍ୟ କରିବେ ଏବଂ ଏହି ମିସର ଦେଶରୁ ବାହାରକରି, ଅବ୍ରାହାମ, ଇସ୍ହାକ ଓ ଯାକୁବଙ୍କୁ ଯେଉଁ ଦେଶ ଦେବା ପାଇଁ ଶପଥ କରିଥିଲେ, ସେହି ଦେଶକୁ ତୁମ୍ଭମାନଙ୍କୁ ନେଇ ଯିବେ ।

[25]ଏହାପରେ ଯୋଷେଫ ଇସ୍ରାଏଲ ବଂଶକୁ ଶପଥ କରାଇ କହିଲେ, ଯେତେବେଳେ ପରମେଶ୍ୱର ତୁମ୍ଭମାନଙ୍କୁ ସାହାଯ୍ୟ କରିବାକୁ ଆସିବେ ଓ ତୁମ୍ଭମାନଙ୍କୁ କିଣାନ ଦେଶକୁ ଫେରାଇନେବେ, ସେତେବେଳେ ତୁମ୍ଭେମାନେ ମୋର ହାଡ଼ ତୁମ୍ଭମାନଙ୍କ ସହିତ ନିଶ୍ଚୟ ନେଇଯିବ । [26]ଯୋଷେଫ ୧୧୦ ବର୍ଷ ବୟସରେ ମୃତ୍ୟୁବରଣ କଲେ । ମୃତ ଶରୀର ସଢ଼ି ନଷ୍ଟ ନ ହୋଇ ବେଶି ଦିନ ରହିବା ପାଇଁ ମିସର ଦେଶର ଲୋକମାନେ ଯେଉଁ ଉପାୟରେ ତାହା ସାଇତି ରଖୁଥିଲେ, ଯୋଷେଫଙ୍କ ମୃତ ଶରୀର ସେହି ଉପାୟରେ ସାଇତି ରଖିବାକୁ ବୈଦ୍ୟମାନେ ସେଥିରେ ମଲମ ଲଗାଇଲେ ଓ ତାହା ପେଡ଼ିରେ ମିସର ଦେଶରେ ରଖିଲେ ।

---

[a]50.21 ଭରସା